ଧରିତ୍ରୀ
DHARITRI

ସମ୍ବଲପୁର, ରବିବାର, ନଭେମ୍ବର ୧୧/୨୦୧୮ (୧୬ ପୃଷ୍ଠା+ ଛୁଟିଦିନ) Sambalpur, Sunday, November 11/ 2018 | ★★

୧୪ଶ ଭାଗ ୩୨୩ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୫/-



ବଜରଙ୍ଗ ନମ୍ବର ୱାନ

ଭାରତର ଷ୍ଟାର ରେସ୍‌ଲର ବଜରଙ୍ଗ ପୁନିଆ ୬୫ କେଜି ଶ୍ରେଣୀରେ ବିଶ୍ୱର ନମ୍ବର ୱାନ ର୍ୟାଙ୍କିଙ୍ଗ ହାସଲ କରିଛନ୍ତି।

୧୪

ଭୁଲ୍ ବଟନ ଦବାଇଦେଲେ ପାଇଲଟ

ବିମାନ ଅପହରଣ ଆତଙ୍କ

ନୂଆଦିଲ୍ଲୀ,୧୦।୧୧(ପି.ଟି.)

ନୂଆଦିଲ୍ଲୀସ୍ଥିତ ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦରରୁ ଶନିବାର ଆଫଗାନିସ୍ତାନର କାନ୍ଦାହାର ଅଭିମୁଖେ ଯାତ୍ରା କରିବାକୁ ଥିବା ଏକ ବିମାନରେ ଅପହରଣ ଆତଙ୍କ ସୃଷ୍ଟି ହୋଇଛି। ବିମାନ ଉଡାଣ ଆରମ୍ଭ କରିବାବେଳେ ପାଇଲଟ ଜଣକ ଭୁଲବଶତଃ 'ହାଇଜାକ୍ ବଟନ୍' ଦବାଇଦେବାରୁ ଏଭଳି ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା। ସୁରକ୍ଷା ଯାଞ୍ଚ ପରେ ବିମାନ ସ୍ୱାଭାବିକ ଭାବେ ଯାତ୍ରା ଆରମ୍ଭ କରିଥିଲା।

ଆରିଆନା ଆଫ୍‌ଗାନ୍ ଏୟାରଲାଇନ୍ସର ବିମାନ ଏଫ୍‌ଜି–୩୧୨ ଶନିବାର ଅପରାହ୍ନ ୩ଟା ୩୦ରେ ଦିଲ୍ଲୀରୁ ୧୨୪ ଯାତ୍ରୀ, ଜଣେ ଶିଶୁ ଓ ୯ ବିମାନ କର୍ମଚାରୀଙ୍କୁ ନେଇ କାନ୍ଦାହାର ଯାତ୍ରା କରିବାକୁ ଥାଏ। ଏହା ଠିକ୍ ଉଡାଣ ଆରମ୍ଭ କରିବାବେଳେ ପାଇଲଟ ଭୁଲ୍‌ରେ ବିମାନର 'ହାଇଜାକ୍ ବଟନ୍' ଦବାଇଦେଇଥିଲେ। ଫଳରେ ଯାତ୍ରୀମାନେ ବିମାନ ଅପହରଣ ହୋଇଥିବା ମନେକରି ଆତଙ୍କିତ ହୋଇପଡ଼ିଥିଲେ। ଆତଙ୍କବାଦୀ ନିରୋଧୀ ବଳ ଜାତୀୟ ସୁରକ୍ଷା ଗାର୍ଡ (ଏନ୍‌ଏସ୍‌ଜି) କମାଣ୍ଡୋ ଓ ଅଧିକାରୀମାନେ ଏହାକୁ ନେଇ ତତ୍ପର ହୋଇଉଠିଥିଲେ। ସେମାନେ ୨ ଘଣ୍ଟା ଧରି ବିମାନକୁ ଯାଞ୍ଚ କରିବା ପରେ କୌଣସି ବିପଦ ନାହିଁ ବୋଲି ଜଣାପଡ଼ିଥିଲା। ପରେ ଉକ୍ତ ବିମାନକୁ ଯାତ୍ରା ପାଇଁ ଅନୁମତି ଦିଆଯାଇଥିଲା।

ଆପଣଙ୍କ ଏହି କପି ସହିତ ପାଇବେ ଛୁଟିଦିନ

ହକର ଭାଇଙ୍କଠାରୁ ମାଗି ନିଅନ୍ତୁ

ଆଜିଠୁ ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ

ଭୁବନେଶ୍ୱର,୧୦।୧୧(ବ୍ୟୁରୋ)

- ଯୋଗଦେବେ ୮୦୦ ପ୍ରତିନିଧି
- ଉଦ୍‌ଘାଟନ କରିବେ ମୁଖ୍ୟମନ୍ତ୍ରୀ
- ପୂର୍ବ ଭାରତର ପ୍ରଥମ ବୃହତ୍ କନ୍‌କ୍ଲେଭ
- ପ୍ରଦର୍ଶିତ ହେବ ସଂସ୍କୃତି, କଳା, ପର୍ଯ୍ୟଟନ
- ପ୍ରଥମ ଥର ପାଇଁ ଓଡ଼ିଶା ସିଏସ୍‌ଆର ପୁରସ୍କାର

ରାଜ୍ୟ ସରକାରଙ୍କ ଦ୍ୱିତୀୟ ବାର୍ଷିକ ବିଜ୍‌ନେସ ମେଗା ଇଭେଣ୍ଟ 'ମେକ୍ ଇନ ଓଡିଶା କନ୍‌କ୍ଲେଭ' ରବିବାରଠାରୁ ସ୍ମାର୍ଟ ସିଟି ଭୁବନେଶ୍ୱରରେ ଅନୁଷ୍ଠିତ ହେଉଛି। ଏହି କନ୍‌କ୍ଲେଭକୁ ଐତିହାସିକ କରିବା ପାଇଁ ରାଜ୍ୟ ସରକାରଙ୍କ ସମସ୍ତ ବିଭାଗ ଦିନରାତି ଏକ କରି ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଦେଶବିଦେଶର ପ୍ରାୟ ୮୦୦ ପ୍ରତିନିଧି ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ମୁକେଶ ଅମ୍ବାନୀ, ଟାଟା ସନ୍ସର ଚେୟାରମ୍ୟାନ ନଟରାଜନ ଚନ୍ଦ୍ରଶେଖରନ, ବିର୍ଲା ଗ୍ରୁପ୍‌ର କୁମାରମଙ୍ଗଳମ୍ ବିର୍ଲା, ଆଦିତ୍ୟ ବିର୍ଲା ଗ୍ରୁପ, ବେଦାନ୍ତ ମୁଖ୍ୟ ଅନିଲ ଅଗ୍ରୱାଲଙ୍କ ସମେତ ଦକ୍ଷିଣ କୋରିଆ, ଜାପାନ, ଫ୍ରାନ୍ସ, ସୌଦି ଆରବ ଏବଂ ୟୁଏଇ ଆଦି ୬ ଦେଶର ପ୍ରତିନିଧିମାନେ ଏହି କନ୍‌କ୍ଲେଭରେ ଯୋଗ ଦେବେ। ମହିନ୍ଦ୍ରା ଗ୍ରୁପ ଚେୟାରମ୍ୟାନ ଆନନ୍ଦ ମହିନ୍ଦ୍ରା, ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାର ଲିମିଟେଡର ନବୀନ ଜିନ୍ଦଲ ଏବଂ ଆଦାନୀ ଗ୍ରୁପ ମୁଖ୍ୟ ଗୌତମ ଆଦାନୀ ଆସନ୍ତା ୧୫ ତାରିଖ ଉଦ୍‌ଯାପନୀ ଉତ୍ସବରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହାଛଡା କେତେକ ଦେଶର ରାଷ୍ଟ୍ରଦୂତମାନେ ମଧ୍ୟ ଯୋଗଦେବେ। ଓଡିଶାର ବିଶିଷ୍ଟ ଉଦ୍ୟୋଗୀ ଅମରେନ୍ଦ୍ର ସାହୁ, ନେଷ୍ଟ ଆଣ୍ଡ୍ରେର ସିଇଓ ରାହୁଲ ଦାସ ପ୍ୟାନେଲ ଆଲୋଚନାରେ ଭାଗନେବେ।

ଶିଳ୍ପମନ୍ତ୍ରୀ ଅନନ୍ତ ଦାସ କହିଛନ୍ତି, ଏହି ମେଗା ଇଭେଣ୍ଟକୁ ରବିବାର ଅପରାହ୍ନ ୫ଟାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିବେ। ନଭେମ୍ବର ୧୨ ତାରିଖ ☞ ପୃଷ୍ଠା–୪

ପ୍ରଥମ ବିଶ୍ୱଯୁଦ୍ଧର ୧୦୦ ବର୍ଷ ପୂର୍ତ୍ତି ଅବସରରେ ଫ୍ରାନ୍ସର ଭିଲ୍ଲେର୍ସ ଗୁଇସ୍ଲାଇନ୍ ସହରରେ ଭାରତ ପକ୍ଷରୁ ନିର୍ମିତ ଯୁଦ୍ଧ ସ୍ମାରକୀ ଉଦ୍‌ଘାଟନ ଅବସରରେ ଉପରାଷ୍ଟ୍ରପତି ଏମ୍. ଭେଙ୍କାୟା ନାଇଡୁଙ୍କ ସହ ସେନା ଅଧିକାରୀମାନେ। (ରିପୋର୍ଟ ପୃଷ୍ଠା–୨)

ଦାରିଙ୍ଗବାଡ଼ିରେ ଭୂକମ୍ପ ଆତଙ୍କ

ଦାରିଙ୍ଗବାଡ଼ି,୧୦।୧୧ (ଡି.ଏନ.ଏ)

କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ବ୍ଲକ ଅଞ୍ଚଳରେ ଶନିବାର ପୂର୍ବାହ୍ନ ୧୦ଟା ୩୧ ମିନିଟରେ ମୃଦୁ ଭୂକମ୍ପ ଅନୁଭୂତ ହୋଇଥିବା ଲୋକମାନେ ଆଶଙ୍କା କରିଥିଲେ। ଏହାକୁ ନେଇ ଲୋକେ ଭୟଭୀତ ହୋଇ ଘରୁ ପଦାକୁ ବାହାରି ଆସିଥିଲେ। ତେବେ କୌଣସି କ୍ଷୟକ୍ଷତି ହୋଇ ନାହିଁ। କିନ୍ତୁ ବିପଦ ଆଶଙ୍କା କରି ଲୋକମାନେ ବହୁ ସମୟ ଧରି ବାହାରେ ରହିଥିଲେ। ଏନେଇ ଅଞ୍ଚଳରେ ଆତଙ୍କ ଦେଖାଦେଇଥିଲା। ତେବେ ଭୂକମ୍ପ ନେଇ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ନିକଟରେ କୌଣସି ସୂଚନା ନାହିଁ ବୋଲି ନିର୍ଦ୍ଦେଶକ ଏଚ୍.ଆର. ବିଶ୍ୱାସ କହିଛନ୍ତି।

ଆଜିର ସମ୍ପାଦକୀୟ

ବ୍ୟକ୍ତି ସ୍ୱାଧୀନତା

ଆଜିର ମନ୍ତବ୍ୟ

ଭାରତ ସବୁବେଳେ ଶାନ୍ତି ଓ ଅହିଂସାର ବାର୍ତ୍ତାବହ ହୋଇ ରହିଆସିଛି।

–ଏମ୍.ଭେଙ୍କାୟା ନାଇଡୁ, ଉପରାଷ୍ଟ୍ରପତି

କିଛି ତଥ୍ୟ

ଚଳିତ ବର୍ଷ ରବି ଋତୁରେ ମୋଟ୍ ୧୫.୧୯ ଲକ୍ଷ ହେକ୍ଟର ଜମିରେ ଗହମ ଚାଷ ହୋଇଛି। ଏହା ଗତ ବର୍ଷ ତୁଳନାରେ ୨୦% ଅଧିକ।

– କୃଷି ମନ୍ତ୍ରଣାଳୟ

ଘୋଷଣାରେ ସୀମିତ ଇକୋଟୁରିଜମ୍ ପ୍ରକଳ୍ପ

ସମ୍ବଲପୁର,୧୦।୧୧(ବ୍ୟୁରୋ)

ଅନୁଦାନ ଆସିବାରେ ବିଳମ୍ବ

- ଦୁଇଟି ପର୍ଯ୍ୟାୟରେ ମୋଟ ୯୪ ଲକ୍ଷ ଟଙ୍କା ମଞ୍ଜୁର
- ପର୍ଯ୍ୟଟନ ଋତୁରେ ନିରାଶ ହେବେ ପର୍ଯ୍ୟଟକ

ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକରେ ରହିଛି ଦେବଝରନ ଜଳପ୍ରପାତ ଓ ଡ୍ୟାମ। ପ୍ରତିବର୍ଷ ରାଜ୍ୟର ବିଭିନ୍ନ ସ୍ଥାନରୁ ବହୁ ସଂଖ୍ୟାକ ପର୍ଯ୍ୟଟକ ଏଠାକୁ ଆସିଥାନ୍ତି। ସବୁଜିମା ଓ ପ୍ରାକୃତିକ ଶୋଭାରାଜିରେ ବିମଣ୍ଡିତ ଏହି ଅଞ୍ଚଳକୁ ଇକୋଟୁରିଜମ୍ ମାନ୍ୟତା ଦେବା ସହ ଏହାର ଆନୁଷଙ୍ଗିକ ବିକାଶ ଦାବି ହୋଇଥିଲା। ଜିଲା ପ୍ରଶାସନ ଓ ସ୍ଥାନୀୟ ବିଧାୟକ ରୋହିତ ପୂଜାରୀ ଏ ସଂକ୍ରାନ୍ତରେ ରାଜ୍ୟ ପର୍ଯ୍ୟଟନ ବିଭାଗର ଦୃଷ୍ଟି ଆକର୍ଷଣ କରିଥିଲେ। ୨୦୧୮ ଫେବୃୟାରୀରେ ଦେବଝରନକୁ ପର୍ଯ୍ୟାବରଣ ପର୍ଯ୍ୟଟନସ୍ଥଳର ସ୍ୱୀକୃତି ମିଳିଲା। ତଦନୁଯାୟୀ, ଉଭୟ ଜଳପ୍ରପାତ ଓ ଡ୍ୟାମ ସନ୍ନିବେଶିତ ପାଦଦେଶକୁ ବିକଶିତ କରିବା ପାଇଁ ବିଭାଗ ପକ୍ଷରୁ ଦୁଇଟି ପର୍ଯ୍ୟାୟରେ ୫୦ ଓ ୪୬ ଲକ୍ଷ ଟଙ୍କାର ଅନୁଦାନ ମଞ୍ଜୁର ହୋଇଥିବା ଘୋଷଣା କରାଯାଇଥିଲା। ଏ ସମ୍ପର୍କିତ ଚିଠିର ନକଲ ସ୍ଥାନୀୟ ବିଧାୟକ ପୂଜାରୀ ସୋସିଆଲ ମିଡ଼ିଆରେ ଅପ୍‌ଲୋଡ୍ ମଧ୍ୟ କରିଥିଲେ। ଏଥିପାଇଁ ବିଧାୟକଙ୍କୁ ଜିଲାର ପ୍ରକୃତିପ୍ରେମୀମାନେ ସାଧୁବାଦ ଜଣାଇଥିଲେ। ଯଥାଶୀଘ୍ର ଅନୁଦାନ ରାଶିରେ କାମ ଆରମ୍ଭ ହେବ ବୋଲି ଆଶା ବାନ୍ଧିଥିଲେ। ବିଧାୟକ ପୂଜାରୀ ଏ ନେଇ ସବୁଜ ସଙ୍କେତ ମଧ୍ୟ ଦେଇଥିଲେ। ବନବିଭାଗ ଓ ପ୍ରଶାସନ ପକ୍ଷରୁ ବିଶେଷଜ୍ଞଙ୍କ ଦ୍ୱାରା ପ୍ରକଳ୍ପର ମ୍ୟାପ୍ ପ୍ରସ୍ତୁତ କରାଯାଇ ଦାଖଲ ହୋଇଛି। ମାତ୍ର ଏହାକୁ ୮ ମାସ ଅତିକ୍ରାନ୍ତ ହୋଇସାରିଛି। ☞ ପୃଷ୍ଠା–୪

NCCC NATIONAL EGG CO-ORDINATION COMMITTEE 10.11.2018 Venkobb CHICKEN

Dist	Farm Gate/Kg	With Skin/Kg	Skinless /Kg
BBSR	60	106	116
CTC	61	107	117
DKL	62	109	119
BDK	60	106	116
BLS	60	106	116
ANG	64	111	121

Eggs Retail Price- 51/-Dozen
Issued in the Interest of Consumers
*Conditions Apply

କଂଗ୍ରେସ ସହ ମିଶି ୧୦-୧୫ ବର୍ଷ କାମ କରିସାରିଛି। ଭାଜପା କ୍ଷମତାରେ ରହିଲେ ଏହି ଦଳ ସହ ୧୫-୨୦ ବର୍ଷ କାମ କରିବି। କିନ୍ତୁ ପବନ ଅନ୍ୟ ଦିଗକୁ ବହିଲେ ମୁଁ ବି ପଟପରିବର୍ତ୍ତନ କରିବି।
- ରାମଦାସ ଅଠାୱଲେ, କେନ୍ଦ୍ରମନ୍ତ୍ରୀ ତଥା ଆର୍‌ପିଆଇ ଅଧ୍ୟକ୍ଷ

ସଂକ୍ଷେପରେ

କାଲିଫର୍ନିଆରେ ନିଆଁ ୯ ଦଗ୍ଧ, ୩୫ ନିଖୋଜ

ସାନ୍ ଫ୍ରାନ୍ସିସ୍କୋ,୧୦।୧୧(ଆଇଏଏନ୍‌ଏସ୍): ଆମେରିକାର ଦକ୍ଷିଣ କାଲିଫର୍ନିଆସ୍ଥିତ ସିଏରା ପାର୍ବତ୍ୟାଞ୍ଚଳରେ ଭୀଷଣ ଅଗ୍ନିକାଣ୍ଡ ଘଟିଛି। ଏଥରେ ୯ ଜୀବନ୍ତ ଦଗ୍ଧ ଓ ୩୫ ଜଣ ନିଖୋଜ ହୋଇଯାଇଛନ୍ତି। ଜଙ୍ଗଲରୁ ଚତୁର୍ଦ୍ଦିଗକୁ ନିଆଁ ବ୍ୟାପିବା ପରେ ପାରାଡାଇଜ୍‌ରେ ୬,୩୧୭ଟି ଘର ଓ ଦୋକାନ ଗୃହ ଜଳିପୋଡ଼ି ଧ୍ୱଂସ ହୋଇଯାଇଛି। ୨୨ ବର୍ଗ ମାଇଲ ବ୍ୟାପୀ ଅଞ୍ଚଳରେ ୩୦ ହଜାରରୁ ଊର୍ଦ୍ଧ୍ୱ ଲୋକ ବାସହରା ହୋଇ ସୁରକ୍ଷିତ ସ୍ଥାନକୁ ପଳାୟନ କରିଛନ୍ତି। ସେହିପରି ସାନ୍ତା ମୋନିକା ପାର୍ବତ୍ୟମାଳାରୁ ମାଲିବୁ ଅଞ୍ଚଳକୁ ମଧ୍ୟ ନିଆଁ ମାଡ଼ିଯାଇଛି। ୨୦୧୭ ଅକ୍ଟୋବର ପରେ ଏହା ହେଉଛି କାଲିଫର୍ନିଆରେ ସବୁଠୁ ବଡ଼ଧରଣର ଅଗ୍ନିକାଣ୍ଡ। ଜଙ୍ଗଲ ବିଭାଗର ଅପାରଗତା ଯୋଗୁ ନିଆଁକୁ ଆୟତ୍ତ କରାଯାଇ ପାରି ନାହିଁ ବୋଲି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଟୁଇଟର୍‌ରେ ସମାଲୋଚନା କରିଛନ୍ତି।

ପୋଲିସ-ଲୁଟେରା ଗୁଳି ବିନିମୟ: ୧୧ ନିହତ

ରିଓ-ଡି-ଜେନିରୋ,୧୦।୧୧(ଏ.ଏଫ୍.ପି.): ବ୍ରାଜିଲର ପେର୍ନାମ୍ବୁକୋ ରାଜ୍ୟର ଅଗୁଆସ୍ ବେଲାସ୍‌ସ୍ଥିତ ଏକ ବ୍ୟାଙ୍କ ଲୁଟ୍ ବେଳେ ଗୁଳିକାଣ୍ଡ ଘଟିଛି। ପୋଲିସ ଓ ଲୁଟେରାଙ୍କ ମଧ୍ୟରେ ଗୁରୁବାର ରାତିରେ ଗୁଳି ବିନିମୟ ହୋଇଛି। ଏଥିରେ ୧୧ ଅପରାଧୀ ନିହତ ହୋଇଛନ୍ତି। ମୃତକଙ୍କ ବିରୋଧରେ ବ୍ୟାଙ୍କ ଡକାୟତି ସମେତ ବିଭିନ୍ନ ଆପରାଧିକ ମାମଲା ଥିଲା ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

■ ଛତିଶଗଡ଼ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପ୍ରଚାର ଥମିଲା

ଏଥର କଡ଼ା ମୁକାବିଲା

ନୂଆଦିଲ୍ଲୀ,୧୦।୧୧

ଛତିଶଗଡ଼ର ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଲାଗି ୧୮ ଆସନରେ ଶନିବାର ସନ୍ଧ୍ୟାରେ ପ୍ରଚାରରେ ପୂର୍ଣ୍ଣଚ୍ଛେଦ ପଡ଼ିଛି। ଶାସକ ଭାଜପା ଓ ବିରୋଧୀ କଂଗ୍ରେସ ସମେତ ସମସ୍ତ ଦଳ ପକ୍ଷରୁ ହାଇଭୋଲ୍ଟେଜ୍ ପ୍ରଚାର ଶେଷ ହୋଇଛି। ଭାଜପା ପକ୍ଷରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହ ଷ୍ଟାର୍ କ୍ୟାମ୍ପେନର ଭାବେ ପ୍ରଚାର ମଙ୍ଗ ଧରିଥିବାବେଳେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ନିଜ ଦଳର ପ୍ରାର୍ଥୀଙ୍କ ସପକ୍ଷରେ ମତଦାତାଙ୍କୁ ଭୋଟ ମାଗିଛନ୍ତି। ଏଥର ମୋଟାମୋଟି ଭାବେ ଦୁଇ ଦଳ ମଧ୍ୟରେ ପୁଣିଥରେ କଡ଼ା ଟକ୍କର ହେବ ବୋଲି ଏକାଧିକ ଜନମତ ସର୍ବେକ୍ଷଣ ସଂସ୍ଥା ପକ୍ଷରୁ ଭବିଷ୍ୟବାଣୀ କରାଯାଇଛି।

ଛତିଶଗଡ଼ର ମାଓବାଦୀ ପ୍ରଭାବିତ ୧୮ ନିର୍ବାଚନମଣ୍ଡଳୀରେ ସୋମବାର ଭୋଟ ଗ୍ରହଣ କରାଯିବ। ଅବଶିଷ୍ଟ ୭୨ ଆସନରେ ନଭେମ୍ବର ୨୦ରେ ମତଦାନ ହେବ। ଦୁଇ ପର୍ଯ୍ୟାୟର ଭୋଟ ଗଣତି ଡିସେମ୍ବର ୧୧ରେ କରାଯିବ। ତେବେ ଚଳିତ ନିର୍ବାଚନରେ ଭାଜପା ଓ କଂଗ୍ରେସ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ପୂର୍ବାପେକ୍ଷା ଅଧିକ ତୀବ୍ରତର ହେବ ବୋଲି ଏବିପି-ସି ଭୋଟର, ଟାଇମ୍ସ ନାଓ କ୍ରୋମ୍ ଡିଏମ୍ ଏବଂ ଟାଇମ୍ସ ନାଓ-ୱାର୍‌ରୁମ୍ ପକ୍ଷରୁ କରାଯାଇଥିବା ସର୍ଭେ ରିପୋର୍ଟଗୁଡ଼ିକୁ ବିଶ୍ଳେଷଣ କଲେ ଜଣାପଡ଼େ। ପୂର୍ବତନ ମୁଖ୍ୟମନ୍ତ୍ରୀ ଅଜିତ୍ ଯୋଗୀଙ୍କ ନେତୃତ୍ୱାଧୀନ ଜନତା କଂଗ୍ରେସ ଛତିଶଗଡ଼ (ସିଜେସି), ମାୟାବତୀଙ୍କ ବହୁଜନ ସମାଜ ପାର୍ଟି (ବିଏସ୍‌ପି) ଏବଂ ଭାରତର କମ୍ୟୁନିଷ୍ଟ ପାର୍ଟି (ସିପିଆଇ) ମଧ୍ୟରେ ପ୍ରାକ୍ ନିର୍ବାଚନୀ ମେଣ୍ଟ ହୋଇଛି। ଏହି ମେଣ୍ଟ ଦୁଇ ପର୍ଯ୍ୟାୟ ନିର୍ବାଚନରେ ଏକ ନୂଆ ଦିଗ ଯୋଡ଼ିଛି। ଛତିଶଗଡ଼ ଭାଜପା ଏବଂ କଂଗ୍ରେସର ପାରମ୍ପରିକ ରଣଭୂମି ହୋଇଥିବାବେଳେ ଏହି ନବଗଠିତ ମେଣ୍ଟ ମତଦାତାଙ୍କୁ କିଭଳି ଆକର୍ଷିତ କରିପାରିବ ତାହା ସ୍ପଷ୍ଟ ହୋଇନାହିଁ। କିନ୍ତୁ ନୂଆ ମେଣ୍ଟ ପ୍ରତିଦ୍ୱନ୍ଦ୍ୱିତାକୁ ତ୍ରିମୁଖୀ କରାଇବ। ଏଥିରେ ଭାଜପା ଓ କଂଗ୍ରେସ ଆଗରେ ରହିବେ ବୋଲି ଏକ୍‌ଜିଟ୍ ପୋଲ୍ ଅନୁମାନ କରିଛି। ୯୦ ଆସନ ବିଶିଷ୍ଟ ବିଧାନସଭାରେ କୌଣସି ଦଳ ବା ମେଣ୍ଟକୁ ସରକାର ଗଠନ ପାଇଁ ୪୫ ଆସନ ଦଖଲ କରିବା ଜରୁରୀ। ଏବିପି- ସି ଭୋଟରର ସର୍ଭେ ଅନୁସାରେ କଂଗ୍ରେସ ୪୦% ଭୋଟ ପାଇ ୪୭ ଆସନ ଅକ୍ତିଆର କରିବାକୁ ସଫଳ ହେବ। ଭାଜପାକୁ ୪୦ ନିର୍ବାଚନମଣ୍ଡଳୀରେ ସନ୍ତୁଷ୍ଟ ହୋଇ ବିରୋଧୀ ଦଳ ଆସନରେ ବସିବାକୁ ପଡ଼ିବ। ଅନ୍ୟ ଦଳଗୁଡ଼ିକୁ ୩ଟି ଆସନ ମିଳିବ। ସେହିପରି ଟାଇମ୍ସ ନାଓ କ୍ରୋମ୍ ଡିଏମ୍ ଏବଂ ଟାଇମ୍ସ ନାଓ ୱାର୍‌ରୁମ୍ ଷ୍ଟ୍ରାଟେଜିକ୍ ସର୍ଭେର ବିଶ୍ଳେଷଣ ମୁତାବକ, ଭାଜପା ୪୭ ଆସନ ଦଖଲ କରିବ। କଂଗ୍ରେସ ୩୩ ଓ ଅନ୍ୟଦଳର ପ୍ରାର୍ଥୀ ୧୦ ଆସନ ଦଖଲ କରିବେ। ଅନ୍ୟପକ୍ଷରେ ନ୍ୟୁକ୍ ନେଶନ୍‌ର ସର୍ଭେ ଅନୁସାରେ, ଭାଜପା ୪୩-୪୭ ଆସନ ଏବଂ କଂଗ୍ରେସ ୩୬ରୁ ୪୦ ନିର୍ବାଚନମଣ୍ଡଳୀରେ ସଫଳତା ପାଇବ। ଭାଜପା ଯଦି ୪୩ ଆସନ ଦଖଲ କରେ ତେବେ ଏହାକୁ ସରକାର ଗଢ଼ିବା ପାଇଁ ବାହ୍ୟ ସମର୍ଥନ ଆବଶ୍ୟକ ହେବ।

■ ଫ୍ରାନ୍ସରେ ଯୁଦ୍ଧ ସ୍ମାରକୀ ଉଦ୍‌ଘାଟନ କଲେ ଉପରାଷ୍ଟ୍ରପତି

ପ୍ରଥମ ବିଶ୍ୱଯୁଦ୍ଧର ଭାରତୀୟ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି

ପ୍ୟାରିସ୍,୧୦।୧୧(ପି.ଟି.)

ପ୍ରଥମ ବିଶ୍ୱଯୁଦ୍ଧକୁ ପୂରିଛି ୧୦୦ ବର୍ଷ। ଏହି ଅବସରରେ ଉତ୍ତର ଫ୍ରାନ୍ସରେ ଭାରତ ପକ୍ଷରୁ ନିର୍ମିତ ପ୍ରଥମ ଯୁଦ୍ଧ ସ୍ମାରକୀକୁ ଶନିବାର ଉପରାଷ୍ଟ୍ରପତି ଏମ୍.ଭେଙ୍କାୟା ନାଇଡୁ ଉଦ୍‌ଘାଟନ କରିଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ନାଇଡୁ ପ୍ରଥମ ବିଶ୍ୱଯୁଦ୍ଧରେ ପ୍ରାଣବଳି ଦେଇଥିବା ଭାରତୀୟ ଯବାନମାନଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଛନ୍ତି। ଫ୍ରାନ୍ସର ରାଜଧାନୀ ପ୍ୟାରିସ୍‌କୁ ତିନିଦିନିଆ ଗସ୍ତ କରିଥିବା ଉପରାଷ୍ଟ୍ରପତି ନାଇଡୁ ଭିଲ୍ଲେର୍ସ ଗୁଇସ୍ନାଇନ୍ ଠାରେ ଭାରତୀୟ ଯୁଦ୍ଧ ସ୍ମାରକୀକୁ ଉଦ୍‌ଘାଟନ କରିଛନ୍ତି। ସେ ସେଠାକାର ସଶସ୍ତ୍ର ବଳର ଅବସରପ୍ରାପ୍ତ ଅଧିକାରୀ ଓ ସ୍ଥାନୀୟ ଛାତ୍ରୀଛାତ୍ରଙ୍କ ସହ ଭାବବିନିମୟ କରିଛନ୍ତି। ଏହି ଅବସରରେ ନାଇଡୁ କହିଛନ୍ତି, ହଜାର ହଜାର ଭାରତୀୟ ଯବାନ ସେମାନଙ୍କ ତ୍ୟାଗ ପାଇଁ ସାରା ବିଶ୍ୱରେ ସ୍ୱୀକୃତି ଲାଭ କରିଛନ୍ତି। ସେମାନଙ୍କୁ ଶ୍ରଦ୍ଧାଞ୍ଜଳି ଦେଇ ସେ ଆନନ୍ଦିତ। ବିଶ୍ୱଯୁଦ୍ଧ ବେଳେ ସାରା ବିଶ୍ୱର ଯୁଦ୍ଧଭୂଇଁରେ ବିଶେଷକରି ଫ୍ରାନ୍ସ, ବେଲ୍‌ଜିୟମ୍, ଏଡେନ୍, ଆରବ, ପୂର୍ବ ଆଫ୍ରିକା, ଇଜିପ୍ଟ, ମେସୋପଟାମିଆ, ପାଲେଷ୍ଟାଇନ୍ ଏବଂ ପର୍ସିଆରେ ଭାରତ ଉଭୟ ସୈନ୍ୟବଳ ଓ ସାମଗ୍ରୀ ଯୋଗାଇଦେଇଥିଲା। ତେଣୁ ଫ୍ରାନ୍ସର ମାଟି ଓ ସମାଜ ସହ ଭାରତ ତ୍ୟାଗର ବନ୍ଧନରେ ଯୋଡ଼ିହୋଇ ରହିଛି ବୋଲି ନାଇଡୁ ଟୁଇଟ୍ କରିଛନ୍ତି। ପ୍ରକାଶ ଯେ, ଫ୍ରାନ୍ସରେ ଭାରତ ପକ୍ଷରୁ ପ୍ରଥମଥର ପାଇଁ ଏଭଳି ସ୍ମାରକୀ ନିର୍ମାଣ କରାଯାଇଛି। ଗତ ଜୁନ୍‌ରେ ବହିର୍ବ୍ୟାପାର ମନ୍ତ୍ରୀ ସୁଷମା ସ୍ୱରାଜ ପ୍ୟାରିସ୍ ଗସ୍ତ ବେଳେ ଏହି ସ୍ମାରକୀ ପ୍ରତିଷ୍ଠା ପାଇଁ ଘୋଷଣା କରିଥିଲେ।

ବିସ୍ଫୋରଣରେ ୪୧ ନିହତ

ମୋଗାଡ଼ିଶୁ,୧୦।୧୧

ସୋମାଲିଆର ରାଜଧାନୀ ମୋଗାଡ଼ିଶୁ ସ୍ଥିତ ବିଳାସପୂର୍ଣ୍ଣ ହୋଟେଲ ଶାହାଫି ନିକଟରେ ଅଲ୍-ଶବାବ୍ ଆତଙ୍କବାଦୀମାନେ କାର୍ ବିସ୍ଫୋରଣ ଘଟାଇଛନ୍ତି । ଏଥିରେ ୪୧ ନିହତ ଓ ୧୦୬ ଆହତ ହୋଇଛନ୍ତି। ନିହତଙ୍କ ମଧ୍ୟରେ ହୋଟେଲ ମାଲିକ ଅବ୍‌ଦିଫତାହ ଅବ୍‌ଦିରଶିଦ୍ ଅଛନ୍ତି। ୩ ବର୍ଷ ପୂର୍ବେ ଅନୁରୂପ ଆକ୍ରମଣରେ ତାଙ୍କ ବାପା ନିହତ ହୋଇଥିଲେ। ପ୍ରକାଶ ଯେ, ମୋଗାଡ଼ିଶୁରେ ଆତଙ୍କବାଦୀ ସଙ୍ଗଠନ ଅଲ୍-କାଏଦା ସହ ଅନୁବନ୍ଧିତ ଅଲ୍-ଶବାବ୍ ଗୋଷ୍ଠୀ ଅନ୍ତର୍ଜାତୀୟ ସମୁଦାୟ ସମର୍ଥିତ ସୋମାଲିଆ ସରକାରଙ୍କ ପାଇଁ ୧ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ଚ୍ୟାଲେଞ୍ଜ ସାଜିଛି।

୨ ଆତଙ୍କବାଦୀ ନିହତ, ଯବାନ ଶହୀଦ

ଶ୍ରୀନଗର,୧୦।୧୧(ପି.ଟି.)

ଜମ୍ମୁ-କଶ୍ମୀରର ପୁଲୱାମାରେ ସୁରକ୍ଷା ବଳର ଏନ୍‌କାଉଣ୍ଟରରେ ୨ ହିଜ୍‌ବୁଲ ମୁଜାହିଦ୍ଦିନ ଆତଙ୍କବାଦୀ ନିହତ ହୋଇଛନ୍ତି। ସେହିପରି ରାଜୌରି ସେକ୍ଟର ସଂଲଗ୍ନ ନିୟନ୍ତ୍ରଣରେଖା (ଏଲ୍‌ଓସି)ରେ ପାକିସ୍ତାନୀ ସେନାର ସ୍ନାଇପର ଆକ୍ରମଣରେ ଜଣେ ଯବାନ ଶହୀଦ ହୋଇଛନ୍ତି। ପୁଲୱାମାର ଟିକ୍କେନ୍ ଅଞ୍ଚଳରେ ଆତଙ୍କବାଦୀଙ୍କ ଉପସ୍ଥିତି ନେଇ ସୁରକ୍ଷା ବଳକୁ ଗୋଇନ୍ଦା ସୂଚନା ମିଳିଥିଲା। ଶନିବାର ସକାଳେ ଯବାନମାନେ ସମ୍ପୃକ୍ତ ଅଞ୍ଚଳକୁ ଘେରି ତଲାସି ଅଭିଯାନ ଚଳାଉଥିବାବେଳେ ଆତଙ୍କବାଦୀମାନେ ସେମାନଙ୍କ ଉପରକୁ ଆଖିବୁଜା ଗୁଳିବର୍ଷା କରିଥିଲେ। ଯବାନଙ୍କ ଜବାବୀ କାର୍ଯ୍ୟାନୁଷ୍ଠାନରେ ୨ ହିଜ୍‌ବୁଲ ଆତଙ୍କବାଦୀ ନିହତ ହୋଇଛନ୍ତି। ସେମାନେ ହେଲେ ପୁଲୱାମାର ଦର୍ଗୁଣ୍ଡା ବାସିନ୍ଦା ଲିୟାକତ ମୁନିର୍ ୱାନି ଓ ବଭାର ନିବାସୀ ୱାଜିଦ୍ ଉଲ୍ ଇସ୍‌ଲାମ୍। ଆତଙ୍କବାଦୀଙ୍କ ମୃତଦେହ ନିକଟରୁ ଗୋଟିଏ ଲେଖାଏ ଏକେ ୪୭ ଏବଂ ଆଇଏନ୍‌ଏସ୍‌ଏଏସ୍ ରାଇଫଲ ସମେତ ବିପୁଳ ଅସ୍ତ୍ରଶସ୍ତ୍ର ଜବତ ହୋଇଛି। ଅନ୍ୟପକ୍ଷରେ ରାଜୌରି ଜିଲା ସଂଲଗ୍ନ ଏଲ୍‌ଓସିରେ ପାକିସ୍ତାନୀ ସୈନ୍ୟ ଅସ୍ତ୍ରବିରତି ଉଲ୍ଲଂଘନ କରିଛନ୍ତି। ସ୍ନାଇପର ଆକ୍ରମଣରେ ଜଣେ ଯବାନ ଶହୀଦ ହୋଇଛନ୍ତି। ଭାରତୀୟ ସେନା ମଧ୍ୟ ଏହାର ମୁହଁତୋଡ଼ ଜବାବ ଦେଉଥିବା ଜଣେ ଅଧିକାରୀ କହିଛନ୍ତି।

ଫୁରସତ

କୁହୁଡ଼ି ଏଡ଼ାଇବ 'ଫଗ୍ ପାସ୍' ଡିଭାଇସ୍

ଗୁଆହାଟୀ: ନର୍ଥ ଇଷ୍ଟ ଫ୍ରଣ୍ଟିୟର ରେଲୱେ (ଏନ୍‌ଏଫ୍‌ଆର) ଟ୍ରେନ୍‌ରେ ଏକ ଛୋଟ 'ଫଗ୍ ପାସ୍' ଡିଭାଇସ୍ ବ୍ୟବହାର କରିବାକୁ ଯାଉଛି। ଏହାଦ୍ୱାରା ଡ୍ରାଇଭର ଶୀତଦିନେ କୁହୁଡ଼ିକୁ ଭେଦକରି କିଛିଦୂର ପର୍ଯ୍ୟନ୍ତ ଦେଖିବାକୁ ସକ୍ଷମ ହୋଇପାରିବ। ଏନ୍‌ଏଫ୍‌ଆର ମୁଖ୍ୟ ମୁଖପାତ୍ର ପ୍ରଣବ ଜ୍ୟୋତିଶର୍ମାଙ୍କ କହିବାନୁଯାୟୀ, ଏହା ସ୍ୱଳ୍ପ ମୂଲ୍ୟର ଗ୍ଲୋବାଲ ପୋଜିଶନିଂ ସିଷ୍ଟମ୍ (ଜିପିଏସ୍)। ଏହି ଉପକରଣ ସହାୟତାରେ ସମ୍ମୁଖ ଟ୍ରେନ୍‌ଲାଇନ୍ ଦୃଶ୍ୟମାନ ହେବା ସହିତ ଦ୍ରୁତଗାମୀ ଟ୍ରେନ୍‌ର ଦୁର୍ଘଟଣା ଆଶଙ୍କାକୁ ହ୍ରାସ କରାଯାଇ ପାରିବ। ଉକ୍ତ ଡିଭାଇସ୍‌ରେ ଅଡିଓ ଭିଜୁଆଲ୍ ନ୍ୟାଭିଗେଶନ୍ ସିଷ୍ଟମ୍ ରହିଛି। ଟ୍ରେନ୍ ଯାତ୍ରା କରିବା ବେଳେ ସିଗ୍‌ନାଲ୍, ଟ୍ରାକ୍ ପାର୍ଶ୍ୱସ୍ଥ ଭୂଭାଗର ସୁସ୍ପଷ୍ଟ ଚିତ୍ର, ଲେଭଲ କ୍ରସିଂ ଗେଟ୍ ଆଦି ଦୃଶ୍ୟମାନ ହୋଇପାରିବ ବୋଲି ଶର୍ମା ପ୍ରକାଶ କରିଛନ୍ତି। ଏହି ଯନ୍ତ୍ରାଂଶକୁ ସ୍ଥାୟୀ ଭାବରେ ବ୍ୟବହାର କରାଯିବ ନାହିଁ। ବରଂ ଆବଶ୍ୟକ ସମୟରେ ଡ୍ରାଇଭରମାନେ ଏହାକୁ ବ୍ୟବହାର କରିପାରିବେ।

ଚୋରି ହୋଇପାରେ ସ୍ମୃତିଶକ୍ତି

ୱାଶିଂଟନ୍: ଅଧୁନା ପ୍ରଯୁକ୍ତି ଓ ଜ୍ଞାନକୌଶଳ ପ୍ରୟୋଗ କରି ମାନବ ମସ୍ତିଷ୍କକୁ ଅପବ୍ୟବହାର କରାଯିବା ସହିତ ଏହାକୁ ଅଦଳବଦଳ କରାଯାଇପାରେ ବୋଲି ବୈଜ୍ଞାନିକମାନେ ସତର୍କ କରାଇ ଦେଇଛନ୍ତି। ମାସାଚୁସେଟ୍ସ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଏମ୍‌ଆଇଟି)ର ନ୍ୟୁରୋ ବୈଜ୍ଞାନିକମାନେ ଏକ ଗବେଷଣାମୂଳକ ପ୍ରଦର୍ଶନ ମାଧ୍ୟମରେ ଦର୍ଶାଇଛନ୍ତି, ସେମାନେ ମୂଷାର ମସ୍ତିଷ୍କରେ ପ୍ରତାରଣାପୂର୍ଣ୍ଣ ସ୍ମୃତିଶକ୍ତି ପ୍ରତିରୋପଣ କରିପାରିବେ। ଉକ୍ତ ଜ୍ଞାନକୌଶଳ ପ୍ରୟୋଗ କରି ଦୁଃଖ ଓ ଯନ୍ତ୍ରଣା ସହ ଜଡ଼ିତ ସ୍ମୃତିକୁ ମଧ୍ୟ ଲିଭାଇ ଦିଆଯାଇପାରିବ। ତେବେ କେତେକ ଖଳ ପ୍ରକୃତିର ବ୍ୟକ୍ତି ଏହି ପଦ୍ଧତି ଦ୍ୱାରା ମାନବଠାରେ ଅବାସ୍ତବ ସ୍ମୃତିଶକ୍ତି ପ୍ରତିରୋପଣ କରିବା ସହିତ ବୁଦ୍ଧିମାନ ବ୍ୟକ୍ତିଙ୍କ ଜ୍ଞାନକୁ ମଧ୍ୟ ଅପହରଣ କରି ନେଇପାରିବେ। ସାଇବର ଆକ୍ରମଣକାରୀମାନେ ମାନବ ସ୍ମୃତିଶକ୍ତିକୁ ଚୋରାଇନେଇ ଏଥିସହ ଗୁପ୍ତଚର ବୃତ୍ତିକରିବା ସହିତ ମାନବର ସ୍ମୃତିଶକ୍ତିକୁ ନିୟନ୍ତ୍ରଣ ମଧ୍ୟ କରିପାରିବେ। ଏହା ଆଉ କିଛି ଦଶନ୍ଧି ମଧ୍ୟରେ ବାସ୍ତବତାରେ ପରିଣତ ହେବାକୁ ଯାଉଥିବା ବେଳେ ଏଥିପାଇଁ ଆବଶ୍ୟକ ଜ୍ଞାନକୌଶଳ ଉଦ୍‌ଭାବନ ହୋଇସାରିଲାଣି, ଯାହାକୁ ମସ୍ତିଷ୍କରେ ପ୍ରତିରୋପଣ କରାଯାଇପାରିବ। ଅକ୍ସଫୋର୍ଡ ଫଙ୍କ୍ସନାଲ୍ ନ୍ୟୁରୋସର୍ଜରୀ ଗ୍ରୁପ୍ ୟୁନିଭର୍ସିଟି ଏବଂ କାସ୍‌ପରସ୍କି ଲାବ୍‌ର ଗବେଷକଙ୍କ ଦ୍ୱାରା ନଭେମ୍ବର ୧ରେ ଏ ସମ୍ପର୍କିତ ଏକ ରିପୋର୍ଟ ପ୍ରକାଶ ପାଇଛି। ପ୍ରତିରୋପଣଯୋଗ୍ୟ ପଲ୍ସ ଜେନେରେଟର ବା ନ୍ୟୁରୋଷ୍ଟିମୁଲେଟର ଦ୍ୱାରା ମସ୍ତିଷ୍କର ଏକ ସ୍ୱତନ୍ତ୍ର ସ୍ଥାନକୁ ବୈଦ୍ୟୁତିକ ପଦ୍ଧତିରେ ଉତ୍ତେଜିତ କରି ପାର୍କିନ୍‌ସନ୍, ବାତ, ମାନସିକ ଚାପ ଏବଂ ପୃଥୁଳତା ଭଳି ସମସ୍ୟାକୁ ଦୂର କରାଯାଇ ପାରୁଛି।

ଇତିହାସର ଆଇନାରେ

ନଭେମ୍ବର ୧୧ର ପ୍ରମୁଖ ଘଟଣା

୧୯୪୦ ନଭେମ୍ବର ୧୧ରେ ଟରଣ୍ଟୋଠାରେ ବ୍ରିଟିଶ୍ ନୌସେନା ଏବଂ ଇଟାଲୀୟ ନୌସେନା ମଧ୍ୟରେ ଯୁଦ୍ଧ ହୋଇଥିଲା। ବ୍ରିଟିଶ୍ ନୌସେନା ଆଡମିରାଲ୍ କୁନିଙ୍ଗହାମଙ୍କ କହିବାନୁଯାୟୀ ଟରଣ୍ଟୋ ଏବଂ ୧୯୪୦ ନଭେମ୍ବର ୧୧-୧୨ ରାତ୍ରୀ ଅବିସ୍ମରଣୀୟ ହୋଇ ରହିବ। କାରଣ ବ୍ରିଟିଶ୍ ନୌସେନା ଏହି ସମୟରେ ଅତି ଧ୍ୱଂସାତ୍ମକ ଅସ୍ତ୍ରଶସ୍ତ୍ର ବ୍ୟବହାର କରିଥିଲା।

୧୯୭୫ ନଭେମ୍ବର ୧୧ରେ ରିପବ୍ଲିକ୍ ଅଫ ଆଙ୍ଗୋଲା ସ୍ୱାଧୀନତା ଲାଭ କରିଥିଲା। ଏହା ଦକ୍ଷିଣ-କେନ୍ଦ୍ରୀୟ ଆଫ୍ରିକାର ପଶ୍ଚିମ ଉପକୂଳସ୍ଥ ଏକ ଦେଶ। ଏହା ଆଫ୍ରିକା ମହାଦେଶର ସପ୍ତମ ବୃହତ୍ତମ ଦେଶ। ଏହାର ଦକ୍ଷିଣକୁ ନାମିବ୍ୟା, ଉତ୍ତରକୁ ଡେମୋକ୍ରାଟିକ୍ ରିପବ୍ଲିକ ଅଫ୍ କଙ୍ଗୋ, ପୂର୍ବରେ ଜାମ୍ବିଆ ଏବଂ ପଶ୍ଚିମକୁ ଆଟଲାଣ୍ଟିକ୍ ମହାସାଗର ରହିଛି। ଲୁଆଣ୍ଡା ହେଉଛି ଏହାର ରାଜଧାନୀ ତଥା ବୃହତ୍ ନଗରୀ।



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

କେମିତି ରହିବ ଆଜିର ପାଗ

ରାଜ୍ୟ-ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

ସ୍ଥାନୀୟ ଅଞ୍ଚଳ- ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ଆଂଶିକ ମେଘାଚ୍ଛନ୍ନ ରହିବ। ରବିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୨ ଡିଗ୍ରୀ ଏବଂ ସର୍ବନିମ୍ନ ୨୧ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଶନିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

ସ୍ଥାନ	ସର୍ବୋଚ୍ଚ ତାପମାତ୍ରା	ସର୍ବନିମ୍ନ ତାପମାତ୍ରା
ବାଲେଶ୍ୱର	୩୧.୧	୧୮.୪
ଚାନ୍ଦବାଲି	୩୦.୨	୧୯.୭
କଟକ	୩୦.୪	୧୯.୨
ପାରାଦ୍ୱୀପ	୨୯.୫	୨୧.୮
ଭୁବନେଶ୍ୱର	୩୧.୯	୨୦.୬
ଗୋପାଳପୁର	୩୨.୬	୨୨.୨
ପୁରୀ	୩୧.୨	୨୨.୫
ଅନୁଗୋଳ	୨୭.୧	୧୬.୦
ବାରିପଦା	୨୮.୦	୧୮.୬
ଝାରସୁଗୁଡ଼ା	୩୧.୦	୧୪.୧
କେନ୍ଦୁଝର	୨୭.୮	୧୫.୪
ସମ୍ବଲପୁର	୩୨.୦	୧୬.୯
ସୁନ୍ଦରଗଡ଼	୩୦.୦	୧୫.୦
ହୀରାକୁଦ	୩୧.୬	୧୬.୯
ତାଲଚେର	---	୧୮.୫
ଭବାନୀପାଟଣା	---	୧୮.୬
ବଲାଙ୍ଗୀର	୩୧.୫	୧୭.୫
କୋରାପୁଟ	୨୮.୫	୧୬.୦
ଫୁଲବାଣୀ	୨୯.୫	୧୧.୦
ଟିଟିଲାଗଡ଼	---	୧୬.୦
ମାଲକାନଗିରି	---	---
ସୋନପୁର	୩୧.୪	୧୮.୦
ଦାରିଙ୍ଗିବାଡ଼ି	---	୧୮.୦
ଢେଙ୍କାନାଳ	---	୧୩.୦

ଡିଗ୍ରୀ ସେଲ୍‌ସିୟସ୍

ବିବାହ ପାଇଁ ଇଟାଲୀ

ଗୋଡ଼ ହଲାଇବା ଏକ ରୋଗର ଲକ୍ଷଣ ବୋଲି କହିଛନ୍ତି ମିଚିଗାନ୍ ୟୁନିଭର୍ସିଟିର ଗବେଷକ । ଶରୀରରେ ଆଇରନ୍‌ର ମାତ୍ରା କମ୍ ହେଲେ ଏପରି ଲକ୍ଷଣ ଦେଖାଦେଇଥାଏ । ବିଶେଷ କରି ୩୫ ବର୍ଷରୁ ଊର୍ଦ୍ଧ୍ୱ ବୟସର ବ୍ୟକ୍ତିଙ୍କ ପାଖରେ ଏପରି ଲକ୍ଷଣ ଦେଖାଯାଏ । ଏହା ରେଷ୍ଟଲେସ୍ ସିଣ୍ଡ୍ରୋମର ଲକ୍ଷଣ ହୋଇଥାଇ ପାରେ ବୋଲି ଗବେଷକମାନେ କହିଛନ୍ତି । ଏହା ସ୍ନାୟୁ ସଂସ୍ଥାନ ସହ ଯୋଡି ହୋଇଥାଏ । ଗୋଡ଼ ହଲାଇବା ଦ୍ୱାରା ଡୋପାମାଇନ୍ ହର୍ମୋନ୍ ନିର୍ଗତ ହୋଇଥାଏ । ଯାହାକି ବାରମ୍ବାର ଗୋଡ଼ ହଲାଇବାକୁ ଇଚ୍ଛା ପ୍ରକାଶ କରାଏ ବୋଲି ଗବେଷଣାରୁ ଜଣାପଡ଼ିଛି ।

DSPL-244

ODISHA INDIA'S BEST KEPT SECRET | ODISHA HOCKEY MEN'S WORLD CUP BHUBANESWAR 2018

#HWC2018 #Odisha2018

ସୁଖବିନ୍ଦର୍ ସିଂହଙ୍କ ଦ୍ୱାରା ରଙ୍ଗାରଙ୍ଗ ସଙ୍ଗୀତ କାର୍ଯ୍ୟକ୍ରମ

ଓଡିଶା ସ୍ପୋର୍ଟ୍ସ; ଉତ୍କର୍ଷ ପାଇଁ ସହଭାଗିତା

ହାଇ ପର୍ଫମାନ୍ସ ସେଣ୍ଟର୍ ପ୍ରତିଷ୍ଠା ପାଇଁ ବୁଝାମଣାପତ୍ର ସ୍ୱାକ୍ଷର
ଏବଂ ଓଡିଶା ହକି ପୁରୁଷ ବିଶ୍ୱକପ ଭୁବନେଶ୍ୱର ୨୦୧୮ର ଟ୍ରଫି ଉନ୍ମୋଚନ

ନିଃଶୁଳ୍କ ପ୍ରବେଶ
(ସୀମିତ ପାସ୍ ଉପଲବ୍ଧ)

କଳିଙ୍ଗ ହକି ଷ୍ଟାଡିୟମ୍
୧୨ ନଭେମ୍ବର ୨୦୧୮, ସନ୍ଧ୍ୟା ୫:୩୦ ଘଟିକା

www.hockey.sportsodisha.gov.in Sports_odisha sports.odisha

ପାସ୍ ଉପଲବ୍ଧ ସ୍ଥାନ ଓ ସମୟ :
୧୧ ନଭେମ୍ବର, ୨୦୧୮ (ସକାଳ ୧୦ରୁ ସନ୍ଧ୍ୟା ୫ ଘଟିକା)
୧୨ ନଭେମ୍ବର, ୨୦୧୮ (ସକାଳ ୧୦ରୁ ଅପରାହ୍ନ ୧ ଘଟିକା)
ଗେଟ୍ ନଂ-୪, କଳିଙ୍ଗ ଷ୍ଟାଡିୟମ୍

29001/13/0059/1819

ସଂକ୍ଷେପରେ

ଗ୍ରାମ୍ୟ ବ୍ୟାଙ୍କରୁ ୨କୋଟି ଋଣ ଠକେଇ

ପୂର୍ବତନ ବ୍ରାଞ୍ଚ ମ୍ୟାନେଜରଙ୍କ ସମେତ ୪ ଗିରଫ

ଭୁବନେଶ୍ୱର, ୧୦।୧୧(ବ୍ୟୁରୋ): ଭୁବନେଶ୍ୱର ରସୁଲଗଡ ଗ୍ରାମ୍ୟ ବ୍ୟାଙ୍କ୍ ଶାଖାରୁ ଜାଲ କାଗଜପତ୍ର ଦେଇ ୨କୋଟି ଋଣ ଠକେଇ ଘଟଣାରେ କ୍ରାଇମବ୍ରାଞ୍ଚ ଇଓଡବ୍ଲ୍ୟୁ ପୂର୍ବତନ ବ୍ରାଞ୍ଚ ମ୍ୟାନେଜର ସମେତ ୪ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ପୂର୍ବତନ ମ୍ୟାନେଜର ପ୍ରସନ୍ନ କୁମାର ଜେନା, ବିକ୍ରମ କେଶରୀ ପ୍ରଧାନ, ଗଙ୍ଗୋତ୍ରୀନଗରର ରାଜଲକ୍ଷ୍ମୀ ପ୍ରଧାନ ଓ ଶିଶୁପାଳଗଡର ମଦନମୋହନ ପ୍ରଧାନ। ସେମାନଙ୍କ ବିରୋଧରେ ଦଫା ୪୨୦, ୪୦୬, ୪୬୭, ୪୬୮, ୪୭୧ ଓ ୧୨୦(ବି)ରେ ଏକ ମାମଲା(୨୩/୧୮) ରୁଜୁ ହୋଇଛି। ସୂଚନା ଅନୁଯାୟୀ, ୨୦୧୭-୧୮ରେ ପ୍ରସନ୍ନ ରସୁଲଗଡ ଗ୍ରାମ୍ୟ ବ୍ୟାଙ୍କ୍ ଶାଖାର ମ୍ୟାନେଜର ଥିଲେ। ତାଙ୍କୁ ୩ଜଣ ଅଭିଯୁକ୍ତ ହାତ କରି ଜାଲ କାଗଜପତ୍ର ଦେଇ ଋଣ ନେଇଥିଲେ। ଅଭିଯୁକ୍ତ ବିକ୍ରମ ବ୍ୟାଙ୍କ୍ ମ୍ୟାନେଜରଙ୍କ ଶଳା। ତେଣୁ ସେ ଜାଲ କାଗଜପତ୍ର ଦେଇ ଦୁଇଟି ଭାରିଯାନ ପାଇଁ ଋଣ ନେଇଥିଲେ। ପ୍ରଥମେ ସେ ୪୧.୭୦ ଲକ୍ଷ ଟଙ୍କା ନେଇଥିବା ବେଳେ ଦ୍ୱିତୀୟ ଥର ୩୬ ଲକ୍ଷ ଟଙ୍କା ନେଇଥିଲେ। ସେହିଭଳି ତାଙ୍କ ସ୍ତ୍ରୀ ରାଜଲକ୍ଷ୍ମୀ ପ୍ରଧାନ ସ୍କର୍ପିଓ ଗାଡି ପାଇଁ ୯ଲକ୍ଷ ଟଙ୍କା ଋଣ ନେଇଥିଲେ। ସେହିଭଳି ମଦନମୋହନ ପ୍ରଧାନ ଦୁଇଟି ଭାରି ଯାନ ପାଇଁ ୪୦ ଲକ୍ଷ ଟଙ୍କା ଋଣ ନେଇଥିଲେ। ସେମାନେ ବ୍ୟାଙ୍କ୍‌କୁ ଜାଲ ଆରସି ବୁକ୍ ଓ ଇନ୍ସୁରାନ୍ସ କାଗଜପତ୍ର ଦେଇଥିଲେ। ଗ୍ରାମ୍ୟବ୍ୟାଙ୍କ ପିପିଲି ଶାଖାର ମ୍ୟାନେଜର ଦେବଦତ୍ତ ନନ୍ଦଙ୍କର ଏ ନେଇ ସନ୍ଦେହ ହୋଇଥିଲା। ସେ ଇଓଡବ୍ଲ୍ୟୁରେ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗ ଆଧାରରେ ଇଓଡବ୍ଲ୍ୟୁ ଏକ ମାମଲା ରୁଜୁ କରି ତଦନ୍ତ କରୁଥିବା ବେଳେ ଶନିବାର ୪ଜଣଙ୍କୁ ଗିରଫ କରିଛି। ବ୍ୟାଙ୍କରୁ ଏହିଭଳି ଅନ୍ୟ କେଉଁମାନେ ଋଣ ନେଇଛନ୍ତି ସେନେଇ ମଧ୍ୟ ଇଓଡବ୍ଲ୍ୟୁ ତଦନ୍ତ କରୁଥିବା ଜଣାପଡିଛି।

ଅବପାତ ଘୂର୍ଣ୍ଣିଝଡ଼ ରୂପ ନେଉଛି

ଭୁବନେଶ୍ୱର,୧୦।୧୧(ବ୍ୟୁରୋ)

- ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମନା
- ଓଡ଼ିଶା ଉପରେ ପ୍ରଭାବ ନାହିଁ
- ପାରଦ ତଳକୁ ଖସିଲା
- ଫୁଲବାଣୀ ୧୧ ଡିଗ୍ରୀ

ଦକ୍ଷିଣ ପୂର୍ବ ବଙ୍ଗୋପ ସାଗର ଆଣ୍ଡାମାନ ନିକଟରେ ସୃଷ୍ଟି ହୋଇଥିବା ଲଘୁଚାପ ଶନିବାର ଡିପ୍ରେସନ(ଅବପାତ)ରେ ପରିଣତ ହୋଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଏହା ଡିପ୍ ଡିପ୍ରେସନ(ଭୟଙ୍କର ଅବପାତ) ରୂପ ନେବା ୭୨ ଘଣ୍ଟା ମଧ୍ୟରେ ଏହା ସାମୁଦ୍ରିକ ଝଡରେ ପରିଣତ ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଲଘୁଚାପ ପୋର୍ଟବ୍ଲେୟାରଠାରୁ ୨୦ କିଲୋମିଟର ଏବଂ ପୂର୍ବ ଦକ୍ଷିଣ ପୂର୍ବ ଚେନ୍ନାଇଠାରୁ ୧୩୦୦ କିଲୋମିଟର ଦୂରରେ ରହିଛି। ଏହା ଧୀରେ ଧୀରେ ଘନୀଭୂତ ହେବାରେ ଲାଗିଛି। ଆସନ୍ତା ୪୮ ଘଣ୍ଟା ମଧ୍ୟରେ ଏହା ପଶ୍ଚିମ ଉତ୍ତର ପଶ୍ଚିମ ଦିଗ ଏବଂ ପରେ ଏହା ଗତି ବଦଳାଇ ପଶ୍ଚିମ ଦକ୍ଷିଣ ପଶ୍ଚିମ ଦିଗ ଦେଇ ଉତ୍ତର ତାମିଲନାଡୁ ଓ ଦକ୍ଷିଣ ଆନ୍ଧ୍ରପ୍ରଦେଶ ମୁହାଁ ହେବ। ୧୧ ତାରିଖରେ ଦକ୍ଷିଣ ପଶ୍ଚିମ ଓ କେନ୍ଦ୍ରୀୟ ବଙ୍ଗୋପସାଗରରେ ସମୁଦ୍ର ଅଶାନ୍ତ ରହିବା ସହ ଘଣ୍ଟାକୁ ୪୫ରୁ ୫୫ କିଲୋମିଟର ବେଗରେ ପବନ ବହିବ। ସମୁଦ୍ରକୁ ନ ଯିବା ଲାଗି ମତ୍ସ୍ୟଜୀବୀମାନଙ୍କୁ ପରାମର୍ଶ ଦିଆଯାଇଛି। ୧୨ ତାରିଖରେ ଲଘୁଚାପର ବେଗ ବଢିବ। ଘଣ୍ଟାକୁ ୫୦ରୁ ୬୦ ଓ ବେଳେ ବେଳେ ୭୦ କିମି ବେଗରେ ପବନ ବହିବ। ଗଭୀର ସମୁଦ୍ରରେ ଯେଉଁ ମତ୍ସ୍ୟଜୀବୀମାନେ ଅଛନ୍ତି ସେମାନେ ତୁରନ୍ତ କୂଳକୁ ଫେରି ଆସିବାକୁ ପାଣିପାଗ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି। ୧୩ ତାରିଖରେ ଲଘୁଚାପ ସାମୁଦ୍ରିକ ଝଡ଼ରେ ପରିଣତ ହେବ। ପୂର୍ବ କେନ୍ଦ୍ରୀୟ ବଙ୍ଗୋପ ସାଗରରେ ତାଣ୍ଡବ କରିବ। ଘଣ୍ଟାକୁ ୯୦ରୁ ୧୦୦ କିଲୋମିଟର ବେଗରେ ପବନ ବହିବ। ୧୪ ତାରିଖରେ ଝଡ ଭୟଙ୍କର ରୂପ ଧାରଣ କରି ଘଣ୍ଟାକୁ ୧୦୦ରୁ ୧୧୦ କିଲୋମିଟର ବେଗରେ ଗତି କରିବ। ଏହି ସମୟରେ ସମୁଦ୍ରରେ ଉଚ୍ଚ ଲହଡି ଉଠିବା ସହ ଅଶାନ୍ତ ରହିବ। ସମୁଦ୍ରକୁ ନ ଯିବା ଲାଗି ମତ୍ସ୍ୟଜୀବୀମାନଙ୍କୁ ସତର୍କ କରାଯାଇଛି। ଏହାର ପ୍ରଭାବ ତାମିଲନାଡୁ ଓ ଦକ୍ଷିଣ ଆନ୍ଧ୍ର ପ୍ରଦେଶ ଉପରେ କିଛିମାତ୍ରାରେ ପଡିବ ବୋଲି ଅନୁମାନ କରାଯାଇଛି। ତେବେ ଓଡିଶା ଉପରେ ଝଡ଼ର ପ୍ରଭାବ ସେପରି କିଛି ପଡିବ ନାହିଁ। ତେବେ ଆସନ୍ତା ଦିନେ ଦୁଇ ଦିନ ମଧ୍ୟରେ ଏ ନେଇ ସ୍ପଷ୍ଟ କରାଯିବ ବୋଲି ଆଞ୍ଚଳିକ ପାଣିପାଗ ନିର୍ଦ୍ଦେଶକ ଏଚ.ଆର. ବିଶ୍ୱାସ କହିଛନ୍ତି। ତେବେ ଝଡ଼ର ପ୍ରଭାବରେ ଦକ୍ଷିଣ ଓଡିଶାର କେତେକ ସ୍ଥାନରେ ଆକାଶ ମେଘାଚ୍ଛନ୍ନ ରହିବା ସହ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବା ସମ୍ଭାବନା ରହିଛି। ଆସନ୍ତା ୪ ଦିନ ଯାଏ ରାଜ୍ୟରେ ପାଗ ଶୁଖିଲା ରହିବ। ଶୀତର ପ୍ରକୋପ ବଢିବ। ଶନିବାର ରାଜ୍ୟରେ ସର୍ବନିମ୍ନ ତାପମାତ୍ରା ୩ରୁ ୪ ଡିଗ୍ରୀ ସେଲସିୟସ ଯାଏ ତଳକୁ ଖସି ଯାଇଛି। ଫୁଲବାଣୀରେ ସର୍ବନିମ୍ନ ତାପମାତ୍ରା ୧୧ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ ଦାରିଙ୍ଗବାଡି ୧୩, ଝାରସୁଗୁଡା ୧୪.୧, ସୁନ୍ଦରଗଡ ୧୫, କେନ୍ଦୁଝର ୧୫.୪, ଅନୁଗୋଳ ୧୬, କୋରାପୁଟ ୧୬ ଏବଂ ହୀରାକୁଦରେ ସର୍ବନିମ୍ନ ୧୬.୯ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି।

୮୦. ୯୬ କୁଇଣ୍ଟାଲ ଚାଉଳ ଜବତ

ପାରଳାଖେମୁଣ୍ଡି, ୧୦।୧୧(ସ୍ୱ.ପ୍ର.)

ଗଜପତି ଜିଲା ପାରଳାଖେମୁଣ୍ଡି ସହର ଉପକଣ୍ଠସ୍ଥ କତଲକଇଠା ଗ୍ରାମରୁ ଏକ ମିନି ଟ୍ରକ ଯୋଗେ ୮୦କୁଇଣ୍ଟାଲ ୯୬କେଜି ଚାଉଳ ଚାଲାଣ ହେଉଥିବାବେଳେ ଯୋଗାଣ ବିଭାଗ ଏହାକୁ ଜବତ କରିଛି। ଏଥିସହ ଗାଡ଼ିଟିକୁ ପୋଲିସ ଜିମା ଦେଇଛି। ଜବତ ଚାଉଳ କେଉଁଠୁ ସଂଗ୍ରହ ହୋଇଛି ସେନେଇ ଅନୁସନ୍ଧାନ ଜାରି ରହିଛି। ଏହା ରିଲିଫ ଚାଉଳ ହୋଇଥାଇପାରେ ବୋଲି ସନ୍ଦେହ କରାଯାଉଛି। ସୂଚନା ଅନୁଯାୟୀ, ଶୁକ୍ରବାର ରାତିରେ କତଲକଇଠା ଗ୍ରାମରୁ ଗୋଟିଏ ମିନି ଟ୍ରକ୍ (ନଂ. ଏପି ୩୦ଏକ୍ସ -୦୧୧୧) ଯୋଗେ ରାୟଗଡା ଜିଲା କାଶୀପୁର ଅଞ୍ଚଳର ସୁନୀତା ଏଜେନ୍ସି ଷ୍ଟୋରକୁ ଚାଉଳ ଚାଲାଣ କରାଯାଉଥିଲା। କୌଣସି ସୂତ୍ରରୁ ଏହି ଖବର ପାଇ ଅତିରିକ୍ତ ଜିଲା ଯୋଗାଣ ଅଧିକାରୀ ପ୍ରସନ୍ନ କୁମାର ନାୟକ ଏବଂ ଯୋଗାଣ ନିରୀକ୍ଷକ ସଞ୍ଜୟ ମଲ୍ଲିକ ଘଟଣାସ୍ଥଳରେ ପହଞ୍ଚି ଗାଡ଼ିକୁ ଅଟକାଇ ତଲାସି କରିଥିଲେ। ଗାଡ଼ିଟିରେ ଜରିଅଖାରେ ବନ୍ଧାଯାଇ ୮୦କୁଇଣ୍ଟାଲ ୯୬କେଜି ଚାଉଳ ରହିଥିବା ଜଣାପଡ଼ିଥିଲା। ଅଧିକାରୀ ଦ୍ୱୟ ଚାଉଳ ଜବତ କରିବା ସହ ଗାଡ଼ିଟିକୁ ପାରଳାଖେମୁଣ୍ଡି ପୋଲିସ ଜିମା ଦେଇଥିଲେ । ଗାଡ଼ିଟିକୁ ପୋଲିସ ଶନିବାର ଥାନା ପରିସରକୁ ଆଣି ଅଟକ ରଖିଛି। ଅନୁସନ୍ଧାନ ପରେ ସବୁକିଛି ସ୍ପଷ୍ଟ ହେବ ବୋଲି ଯୋଗାଣ ବିଭାଗ ପକ୍ଷରୁ କୁହାଯାଇଛି।

ଆଲ୍ଲାହାବାଦ ବ୍ୟାଙ୍କ

ଭୁବନେଶ୍ୱର ମୁଖ୍ୟ ଶାଖା,
୧୫୯, ବାପୁଜୀ ନଗର, ଭୁବନେଶ୍ୱର - ୭୫୧୦୦୯,
ଫୋନ୍ - (୦୬୭୪) ୨୫୯୭୭୪୫ / ୨୫୯୭୦୮୭

ଦଖଲ ନୋଟିସ୍
(ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ଆଲ୍ଲାହାବାଦ ବ୍ୟାଙ୍କ**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୩ ଅନୁଯାୟୀ କ୍ଷମତା ପ୍ରୟୋଗ କରି ନିମ୍ନଲିଖିତ ଋଣଗ୍ରହୀତା ଓ ଜାମିନଦାରମାନଙ୍କୁ କଥିତ ଆକ୍ଟର ଧାରା ୧୩(୨) ଅନୁଯାୟୀ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ ଦର୍ଶିତ ବକେୟା ରାଶି ଏବଂ ସେବାବଦ ସୁଧ ଓ ଆଇନଗତ ଖର୍ଚ୍ଚ ନୋଟିସ୍ ପାଇବାର ୬୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା ।

ଯେହେତୁ ଋଣଗ୍ରହୀତା / ଜାମିନ୍‌ଦାରମାନେ ସେମାନଙ୍କର ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ ମାଧ୍ୟମରେ ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ନିୟମର ଧାରା ୧୩(୪) ସହିତ କଥିତ ରୁଲ୍‌ର ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ଗୁଡିକୁ ଦଖଲକୁ ନେଇଛନ୍ତି । ଏତଦ୍‌ଦ୍ୱାରା ବିଶେଷ କରି ଋଣଗ୍ରହୀତା / ଜାମିନ୍‌ଦାର(ମାନେ) ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ଓ ଆଇନଗତ ଖର୍ଚ୍ଚ ନିମନ୍ତେ **ଆଲ୍ଲାହାବାଦ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ ।

ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଛି ସେମାନେ ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ର ଧାରା ୧୩ର ଉପଧାରା (୮) ଅନୁସାରେ ସେମାନଙ୍କର ସୁରକ୍ଷିତ ସମ୍ପତ୍ତିକୁ ସମୟମତେ ବନ୍ଧକମୁକ୍ତ କରନ୍ତୁ ।

ଋଣଗ୍ରହୀତା/ ଜାମିନ୍‌ଦାରମାନଙ୍କ ନାମ ଓ ଠିକଣା	ନୋଟିସ୍‌ରେ ପ୍ରଦତ୍ତ ବକେୟା ପରିମାଣ	ଡିମାଣ୍ଡ ନୋଟିସ୍ / ଦଖଲ ନୋଟିସ୍ ତାରିଖ	ସ୍ଥାବର ସମ୍ପତ୍ତିର ସମ୍ପୂର୍ଣ୍ଣ ବିବରଣୀ
ଋଣଗ୍ରହୀତା: ମେସର୍ସ ଚିତ୍ରା ବିଲ୍ଡରସ୍ ପ୍ରା.ଲିଃ., ନିର୍ଦ୍ଦେଶକ: ଶ୍ରୀ ସୁନିଲ୍ କୁମାର ଶାହ, ପିତା: ଶ୍ରୀ ସୀତାରାମ ଶାହ, ଠିକଣା: ରୁମ୍ ନଂ.: ୪୦୫, ୪ଥି ମହଲା, ସେଣ୍ଟର୍ ପଏଣ୍ଟ ବିଲ୍ଡିଂ, ୨୧, ହେମନ୍ତ ବସୁ ସରଣୀ, କୋଲକାତା- ୭୦୦୦୦୧, ଅନ୍ୟ ଠିକଣା - ୭-ଡି, ମନୋରମା ଇଷ୍ଟେଟ୍, ରସୁଲଗଡ଼, ଭୁବନେଶ୍ୱର / **ଜାମିନ୍‌ଦାରମାନେ: ୧) ଶ୍ରୀ ସୁନିଲ୍ କୁମାର ଶାହ (ନିର୍ଦ୍ଦେଶକ),** ପିତା: ଶ୍ରୀ ସୀତାରାମ ଶାହ, **୨) ଶ୍ରୀମତୀ ରାଖୀ ଶାହ (ନିର୍ଦ୍ଦେଶକ),** ସ୍ୱାମୀ: ଶ୍ରୀ ସୁନିଲ୍ କୁମାର ଶାହ, ଉଭୟଙ୍କ ଠିକଣା : ୨୫୭, ଥଣ୍ଡାମୁଥୁର ରୋଡ଼, ୱାନ୍ ପ୍ଲେ ଆମ୍ଷପ୍, କୋଏମ୍ବାଟୁର, ତାମିଲ୍‌ନାଡୁ - ୬୪୧୧୦୮	୨୮.୦୮.୨୦୧୮ ସୁଦ୍ଧା ଟ.୩,୧୩,୩୧,୫୧୨/- + ସେବାବଦ ସୁଧ ଏବଂ ଆଇନ୍‌ଗତ ଖର୍ଚ୍ଚ	୨୮.୦୮.୨୦୧୮ / ୦୮.୧୧.୨୦୧୮	୧) ଘର ବାରି ଜମି, ଜିଲ୍ଲା - ଯାଜପୁର, ସବ୍ ରେଜିଷ୍ଟର: ଧର୍ମଶାଳା, ତହସିଲ.: ଧର୍ମଶାଳା, ସବ୍ ଡିଭିଜନ: ଯାଜପୁର, ଥାନା.: ଜେନାପୁର, ଗ୍ରାମ.: ରଣସିଂହବାଟି, ଥାନା ନଂ.: ୨୪୮, ଖାତା ନଂ.: ୭୯, ପ୍ଲଟ୍ ନଂ.: ୯୮, କ୍ଷେତ୍ର.: ଏକର ୦.୩୭ ଡିସିମିଲି, ୨) ଖାତା ନଂ.: ୪୦, ପ୍ଲଟ୍ ନଂ.: ୨୧, କ୍ଷେତ୍ର.: ଏକର୦.୦୪ ଡିସିମିଲି, ପ୍ଲଟ୍ ନଂ.: ୬୨, କ୍ଷେତ୍ର.: ଏକର୦.୧୦ ଡିସିମିଲି, ପ୍ଲଟ୍ ନଂ.: ୬୩, କ୍ଷେତ୍ର: ଏକର୦.୧୬ ଡିସିମିଲି, ପ୍ଲଟ୍ ନଂ.: ୬୪, କ୍ଷେତ୍ର.: ଏକର୦.୨୦ ଡିସିମିଲି, ପ୍ଲଟ୍ ନଂ.: ୬୪, କ୍ଷେତ୍ର.: ଏକର୦.୦୩ ଡିସିମିଲି, ପ୍ଲଟ୍ ନଂ.: ୬୧/୪୩୦, କ୍ଷେତ୍ର: ଏକର୦.୦୨ ଡିସିମିଲି, ପ୍ଲଟ୍ ନଂ.: ୬୪/୪୩୧, କ୍ଷେତ୍ର: ଏକର୦.୦୩ ଡିସିମିଲି, ପ୍ଲଟ୍ ନଂ.: ୬୨/୪୩୨, କ୍ଷେତ୍ର: ଏକର୦.୧୦ ଡିସିମିଲି, ପ୍ଲଟ୍ ନଂ.: ୨୧/୪୨୮, କ୍ଷେତ୍ର: ଏକର୦.୦୪ ଡିସିମିଲି, ପ୍ଲଟ୍ ନଂ.: ୨୧/୪୨୯, କ୍ଷେତ୍ର: ଏକର୦.୦୨ ଡିସିମିଲି, ପ୍ଲଟ୍ ନଂ.: ୬୬, କ୍ଷେତ୍ର: ଏକର୦.୦୮ ଡିସିମିଲି, ପ୍ଲଟ୍ ନଂ.: ୬୭, କ୍ଷେତ୍ର: ଏକର୦.୦୬ ଡିସିମିଲି, ୩) ଖାତା ନଂ.: ୪୧, ପ୍ଲଟ୍ ନଂ.: ୫୯, କ୍ଷେତ୍ର: ଏକର୦.୦୬ ଡିସିମିଲି, ପ୍ଲଟ୍ ନଂ.: ୬୮, କ୍ଷେତ୍ର: ଏକର୦.୨୨ ଡିସିମିଲି, ପ୍ଲଟ୍ ନଂ.: ୮୮, କ୍ଷେତ୍ର: ଏକର୦.୬୪ ଡିସିମିଲି, ପ୍ଲଟ୍ ନଂ.: ୯୨, କ୍ଷେତ୍ର: ଏକର୦.୧୫ ଡିସିମିଲି, ପ୍ଲଟ୍ ନଂ.: ୯୩, କ୍ଷେତ୍ର: ଏକର୦.୨୫ ଡିସିମିଲି, ପ୍ଲଟ୍ ନଂ.: ୯୬, କ୍ଷେତ୍ର: ଏକର୦.୨୪ ଡିସିମିଲି, ୪) ଖାତା ନଂ.: ୮୨, ପ୍ଲଟ୍ ନଂ.: ୮୫/୪୫୮, କ୍ଷେତ୍ର: ଏକର୦.୨୯ ଡିସିମିଲି, ୫) ଖାତା ନଂ.: ୫, ପ୍ଲଟ୍ ନଂ.: ୭୩/୪୫୫, କ୍ଷେତ୍ର: ଏକର୦.୨୦ ଡିସିମିଲି, ପ୍ଲଟ୍ ନଂ.: ୧୨୦/୪୫୬, କ୍ଷେତ୍ର: ଏକର୦.୧୦ ଡିସିମିଲି, ପ୍ଲଟ୍ ନଂ.: ୧୨୨/୪୫୭, କ୍ଷେତ୍ର: ଏକର୦.୩୪ ଡିସିମିଲି, ୬) ଖାତା ନଂ.: ୪, ପ୍ଲଟ୍ ନଂ.: ୮୭, କ୍ଷେତ୍ର: ଏକର୦.୫୦ ଡିସିମିଲି ।			

ସ୍ଥାନ : ଭୁବନେଶ୍ୱର
ତାରିଖ : ୦୯.୧୧.୨୦୧୮

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ଆଲ୍ଲାହାବାଦ ବ୍ୟାଙ୍କ

ଏଟିଏମ୍‌ରେ ଟଙ୍କା ଭରିବା ଆଳରେ ୭୦ ଲକ୍ଷ ହେର୍‌ଫେର

ଭୁବନେଶ୍ୱର, ୧୦।୧୧(ବ୍ୟୁରୋ)

- ଥାନା ଦ୍ୱାରସ୍ଥ ହେଲେ ବ୍ୟାଙ୍କ ମ୍ୟାନେଜର
- ୪ ଅଟକ, ଟଙ୍କା ନେଉଥିବା ଗାଡ଼ି ଜବତ

ଏଟିଏମ୍‌ରେ ଟଙ୍କା ଭର୍ତ୍ତି କରିବା ଆଳରେ ୭୦ ଲକ୍ଷ ଟଙ୍କା ହରିଲୁଟ ହୋଇଛି। ଟଙ୍କାର ହିସାବ ମିଳୁ ନ ଥିବା ବ୍ୟାଙ୍କ୍ ମ୍ୟାନେଜର ଏ ନେଇ କ୍ୟାପିଟାଲ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଟଙ୍କା ଭର୍ତ୍ତି କରିବା ଦାୟିତ୍ୱରେ ଥିବା ସଂସ୍ଥାର ୪ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ତେବେ ଅଭିଯୁକ୍ତମାନେ ଟଙ୍କା ଫେରାଇଦେଲେ ପୋଲିସ ସେମାନଙ୍କୁ ଛାଡ଼ିଦେବ ବୋଲି କହିଛି।

ସୂଚନା ଅନୁଯାୟୀ, କ୍ୟାପିଟାଲ ଥାନା ନିକଟରେ ଥିବା ଏସ୍‌ବିଆଇ ମୁଖ୍ୟ ଶାଖା ପକ୍ଷରୁ ବିଭିନ୍ନ ଏସ୍‌ବିଆଇ ଏଟିଏମ୍‌ରେ ଟଙ୍କା ଭର୍ତ୍ତି କରିବା ପାଇଁ ଚନ୍ଦ୍ରଶେଖରପୁର ଅଞ୍ଚଳରେ ଥିବା ଏକ ସଂସ୍ଥାକୁ ଦାୟିତ୍ୱ ଦିଆଯାଇଛି। ଏହି ସଂସ୍ଥା ବ୍ୟାଙ୍କ ମ୍ୟାନେଜରଙ୍କ ସମ୍ମୁଖରେ ଟଙ୍କା ଗଣି ଏଟିଏମ୍‌ରେ ଭରିବା ପାଇଁ ନେଇଥାଏ। ଗତ ସୋମବାର ଟଙ୍କା ଭରିବା ଦାୟିତ୍ୱରେ ଥିବା କର୍ମଚାରୀମାନେ ବ୍ୟାଙ୍କ୍ ମ୍ୟାନେଜରଙ୍କଠାରୁ ଠିକ୍ ଟଙ୍କା ଆଣିଥିଲେ ମଧ୍ୟ ବିଭିନ୍

ଜମ୍ମୁ-କଶ୍ମୀରରେ ଗତ ସପ୍ତାହରେ ହୋଇଥିବା ଅତ୍ୟଧିକ ତୁଷାରପାତକୁ ରାଜ୍ୟ ସରକାର ପ୍ରାକୃତିକ ବିପର୍ଯ୍ୟୟ ବା ସ୍ପେଶାଲ ନାଚୁରାଲ କାଲାମିଟି ଘୋଷଣା କରିଛନ୍ତି । ଷ୍ଟେଟ ଏକ୍‌ଜିକ୍ୟୁଟିଭ କମିଟି(ଏସ୍‌ଇସି)ର ଷ୍ଟେଟ ଡିଜାଷ୍ଟର ରେସପନ୍ସ ଫଣ୍ଡ(ଏସ୍‌ଡିଆର୍‌ଏଫ୍)ମୁଖ୍ୟ ସଚିବ ବି ଭି ଆର୍ ସୁବ୍ରମଣ୍ୟମଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ବୈଠକରେ ଏହି ଘୋଷଣା କରାଯାଇଛି ।

ଜନ୍ମଦିନର ଶୁଭେଚ୍ଛା

ନାମ: .....
ବୟସ:.....
ଜନ୍ମ ତାରିଖ: .....

ଆଦ୍ୟାଶା
ପରିବାରବର୍ଗ

ଅର୍ପିତ
ପରିବାରବର୍ଗ

ଲକି
ପରିବାରବର୍ଗ


ଶିବା
ପରିବାରବର୍ଗ

ଜଗନ୍ନାଥ
ପରିବାରବର୍ଗ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ । ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ ।

ଶ୍ରୀମନ୍ଦିରରେ ପଡି ମହିଳା ଭକ୍ତ ଗୁରୁତର

ପୁରୀ ଅଫିସ, ୧୦।୧୧: ଦ୍ୱିତୀୟ ଶନିବାର ଛୁଟି ଯୋଗୁ ଶ୍ରୀମନ୍ଦିର ଦିନତମାମ ଭକ୍ତଙ୍କ ପ୍ରବଳ ଭିଡ଼ ଲାଗି ରହିଥିଲା । ବେଙ୍ଗାଲୁରୁର ଜଣେ ମହିଳା ପ୍ରୀତି ଭାନ(୪୩) ମଧ୍ୟାହ୍ନ ପ୍ରାୟ ୧୨ଟା ବେଳେ ଦର୍ଶନ ପାଇଁ ଆସିଥିଲେ । ଦର୍ଶନ ସାରି ଫେରୁଥିବା ବେଳେ ଶ୍ରୀମନ୍ଦିର ଭିତରେ ଗହଳି ମଧ୍ୟରେ ସେ ଝୁଣ୍ଟି ପଡି ଯାଇଥିଲେ । ତାଙ୍କ ଡାହାଣ ଗୋଡ଼ରେ ଶକ୍ତ ଆଘାତ ଲାଗିଥିଲା । ସଙ୍ଗେ ସଙ୍ଗେ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ତାଙ୍କୁ ଭର୍ତ୍ତି କରାଯାଇଥିଲା ।

ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

ମେଷ
ଆଜି ଧର୍ମଭାବରେ ଶନି ସହ ଚନ୍ଦ୍ରଙ୍କ ସଂଯୋଗ ଧର୍ମୀୟ ଭାବନାଯୁକ୍ତ କରାଇବ । ତୃତୀୟଭାବକୁ ଅବଲୋକନ କରୁଥିବାରୁ ବନ୍ଧୁଙ୍କ ସ୍ମୃତିଚାରଣ, ଆନୁଷ୍ଠାନିକ କାମ ସକାଶେ ଉତ୍ସାହିତ ରହିବେ । କିନ୍ତୁ ପାରିବାରିକ କ୍ଷେତ୍ର, ପରିବହନ ଦିଗରୁ ବ୍ୟତିକ୍ରମର ସାମ୍ନା କରିବାକୁ ପଡିପାରେ । ସରକାରୀ ସ୍ତରରୁ ସାହାଯ୍ୟ ଆଶାୟୀ ହୋଇପାରନ୍ତି ।

ବୃଷ
ରାଶିପ୍ରତି ବୃହସ୍ପତି ଓ ବୁଧଙ୍କ ପ୍ରତ୍ୟକ୍ଷ ଦୃଷ୍ଟି ଅର୍ଥଲାଭ ଓ କାର୍ଯ୍ୟସିଦ୍ଧି ପାଇଁ ଅନୁକୂଳ ପରିସ୍ଥିତି ସୃଷ୍ଟି କରିବ । ବନ୍ଧୁମିଳନ ଜନିତ ଆନନ୍ଦମୁଖର ପରିବେଶରେ ସାମୟିକ ମସ୍‌ଗୁଲ୍ ରହିପାରନ୍ତି । ସ୍ୱଗୃହୀରୁ ଶୁକ୍ର ପ୍ରଭାବରୁ ସ୍ୱାସ୍ଥ୍ୟରେ କ୍ରମଶଃ ଉନ୍ନତି ପରିଲକ୍ଷିତ ହେବ । ପାରିବାରିକ କ୍ଷେତ୍ରରେ ପ୍ରତ୍ୟେକ ପ୍ରତିବନ୍ଧକକୁ ଦୃଢ଼ତାର ସହ ସମ୍ମୁଖୀନ ହେବାରେ ଅସୁବିଧା ହେବ ନାହିଁ ।

ମିଥୁନ
ଅଷ୍ଟମାଧିପ ଶନି ଧନାଧିପ ସାନ୍ନିଧ୍ୟରେ ଅର୍ଥ ଓ ମତ ମନ୍ତବ୍ୟକୁ କେନ୍ଦ୍ରକରି ସମସ୍ୟା ସୃଷ୍ଟି କରିପାରେ । କୌଣସି ଦୁଃଖାନ୍ତକ ଖବର ମନକୁ ସାମୟିକ ନିସ୍ତେଜ କରିଦେବାର ଆଶଙ୍କାର ସୂଚନା ରହିଛି । ଅବଶ୍ୟ ପୂର୍ବ ଯୋଜନା ଅନୁଯାୟୀ କୌଣସି କର୍ମ କରିବାରେ ସମର୍ଥ ହେବେ । ପାରିବାରିକ ସ୍ତରରେ ଫୁଟୁଣା କଥାକୁ ବେଶି ଦୋହରାଇବା ଠିକ୍ ହେବନି ।

କର୍କଟ
ଚନ୍ଦ୍ର ଓ ସପ୍ତମାଧିପ ରୋଗ, ରଣ ଓ ଶତ୍ରୁ ଭାବସ୍ଥ ହେତୁ ସ୍ୱାସ୍ଥ୍ୟର ଅବନତି ଜନିତ ଦୁଶ୍ଚିନ୍ତା ମନକୁ ବିବ୍ରତ କରିବ । ନିଜର ଭଳି ବ୍ୟବହାର ଦେଖାଉଥିବା ବନ୍ଧୁ ଓ ସ୍ୱଜନମାନେ ବ୍ୟକ୍ତିକେନ୍ଦ୍ରିକ ଚିନ୍ତାଧାରା ଗ୍ରହଣ କରିବେ । ତଥାପି ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଲାଭ ପାଇବେ । ଆଜିର ନୂତନ କର୍ମାରମ୍ଭ ପ୍ରୀତିପଦ ହେବ ।

ସିଂହ
ରବିଙ୍କ ଦୁର୍ବଳତାକୁ ଶୁକ୍ରସମ୍ପର୍କ ପ୍ରଭାବରୁ କୌଣସି ପଡୋଶିନୀ କିମ୍ବା ହିତୈଷୀ ମହିଳାଙ୍କ ସାହାଯ୍ୟ ଅବିସ୍ମରଣୀୟ ରହିବ । କୌଣସି କାମରେ ପଛକୁ ଫେରି ଚାହିଁବା ପରିସ୍ଥିତି ମଧ୍ୟ ସୃଷ୍ଟି ହେବନାହିଁ । ତଥାପି କୌଣସି ବିଭ୍ରାନ୍ତିକର ଖବର ପାଇ ମାନସିକ ଅସ୍ଥିରତା ସୃଷ୍ଟି ହେବାର ବହୁତ ସମ୍ଭାବନା ରହିଛ ।

କନ୍ୟା
ଚତୁର୍ଥକେନ୍ଦ୍ରସ୍ଥ ଚନ୍ଦ୍ର ଓ ଶନି କର୍ମକ୍ଷେତ୍ରକୁ ପ୍ରଭାବିତ କରୁଥିବାରୁ କାମଗୁଡିକ କଚ୍ଛପଗତିରେ ଚାଲିବ । ସମସ୍ତ ପ୍ରକାରର ସୁବିଧାଥିଲେ ମଧ୍ୟ ଖର୍ଚ୍ଚାନ୍ତ ହୋଇ କାମ ହାସଲ କରିବେ । ପ୍ରତ୍ୟେକ କ୍ଷେତ୍ରରେ ବିଳମ୍ବରେ କାମ ସମ୍ପନ୍ନ ହେବାରୁ ସାମୟିକ ବ୍ୟସ୍ତତା ବୃଦ୍ଧି ପାଇପାରେ । ଆଜି ଅଜଣା ବ୍ୟକ୍ତିମାନଙ୍କ ଦ୍ୱାରା ପ୍ରଭାବିତ ହୋଇ କାମ କରିବା ଠିକ୍ ହେବନି ।

ତୁଳା
ଆଜିର ଗ୍ରହଯୋଗ ଆପଣଙ୍କୁ ଅର୍ଥ ଓ ସମ୍ମାନ ଜନକ ସ୍ଥିତିରେ ରଖିବ । କର୍ମକ୍ଷେତ୍ରରେ ଦୀର୍ଘଦିନରୁ ଲାଗି ରହିଥିବା ସମସ୍ୟା ସମାଧାନ ହେବ । ପରୋକ୍ଷ ଶତ୍ରୁତା ସାମୟିକ ବାଧା ସୃଷ୍ଟି କରିପାରେ ଅବଶ୍ୟ ଖର୍ଚ୍ଚାନ୍ତ ହୋଇ କାମକୁ ବଢାଇ ନେଇପାରନ୍ତି । ପରିବାରରେ କାହାର ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରିତ ହେବାରୁ ସାମୟିକ ଆଶ୍ୱସ୍ତି ଲାଭ କରିବେ ।

ବିଛା
ଭାଗ୍ୟାଧିପ ଓ ବଳବାନ୍ ରାଶ୍ୟାଧିପଙ୍କ ସ୍ଥିତି ପ୍ରଭାବରେ ବହୁବିଧ ଉନ୍ନତମାନର ଯୋଜନାକୁ ବାସ୍ତବରୂପ ପ୍ରଦାନ କରିବାର ନକ୍ସା ପ୍ରସ୍ତୁତ କରିପାରନ୍ତି । ଆବଶ୍ୟକତା ଅନୁଯାୟୀ ଆପଣଙ୍କ ମନ୍ତବ୍ୟ ଶାଳୀନତାପୂର୍ଣ୍ଣ ରହିବ । ଦୀର୍ଘଦିନରୁ ପ୍ରତୀକ୍ଷିତ କୌଣସି ଶୁଭ ଖବର ପାଇ ଖୁସି ହେବେ । ସାଙ୍ଗସାଥୀଙ୍କ ସହ କିଛି ନୂଆ ସ୍ଥାନକୁ ପରିଦର୍ଶନରେ ଯାଇପାରନ୍ତି ।

ଧନୁ
ପ୍ରତ୍ୟେକ ପରିସ୍ଥିତିକୁ ସାମ୍ନା କରିବାର ଧୈର୍ଯ୍ୟଧାରଣ କରି କର୍ମ କ୍ଷେତ୍ରରେ ପ୍ରବୃତ୍ତ ହେବେ । କେତେକ କ୍ଷେତ୍ରରେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହୋଇପାରନ୍ତି । ଆତ୍ମୀୟମାନଙ୍କ ଜରିଆରେ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବାର ସମ୍ଭାବନା ରହିଛି । ଆଇନ ଅଦାଲତ କ୍ଷେତ୍ରରେ ପରାମର୍ଶ ପାଇଁ ବାରମ୍ବାର ଦୌଡିବାକୁ ପଡିପାରେ ।

ମକର
ଦ୍ୱାଦଶସ୍ଥ ଗ୍ରହମାନେ ଆପଣଙ୍କୁ ଦୂରଯାତ୍ରା ଓ ବ୍ୟୟଭାର ବୋଝରେ ଚିନ୍ତିତ କରାଇପାରନ୍ତି । ତଥାପି ଧନଭାବସ୍ଥ ମଙ୍ଗଳ ପରିବାରର ଆନ୍ତରିକ ସହଯୋଗ ଲାଭରେ ପରିସ୍ଥିତି ଲାଘବ ହେବ । ଦୀର୍ଘଦିନରୁ ଦେଖି ନ ଥିବା କୌଣସି ଶିଳ୍ପ, ବାଣିଜ୍ୟ କ୍ଷେତ୍ରରେ ନୂତନ ଦିଗନ୍ତ ସୃଷ୍ଟି ହେବ । ଚେଷ୍ଟା କରୁଥିବା ସମସ୍ତ କାମରେ ସମସ୍ୟା ସମାଧାନ ହୋଇଯିବ ।

କୁମ୍ଭ
ଉଦ୍ୟମ ବଳରେ ପ୍ରତ୍ୟେକ ସମସ୍ୟାକୁ ସମାଧାନ କରିବାରେ ସଫଳ ହେବେ । ବନ୍ଧୁଙ୍କ ସହ ବିଚାରବିମର୍ଶ ମାନସିକ ଶାନ୍ତି ଫେରାଇ ଆଣିବାରେ ସହାୟକ ହେବ । ଆର୍ଥିକ ଅନଟନ ଭରଣା କରିବାକୁ ନୂଆ ନୂଆ ଯୋଜନା କରିପାରନ୍ତି । ପାରିବାରିକ ଶୃଙ୍ଖଳା ରକ୍ଷା କରିବାରେ ନିକଟ ସମ୍ପର୍କୀୟମାନଙ୍କ ସହାୟତା ନେବାକୁ ପଡିପାରେ ।

ମୀନ
ବୃହସ୍ପତିଙ୍କ ସ୍ନେହପୂର୍ଣ୍ଣ ଦୃଷ୍ଟିରେ ପାରିପାର୍ଶ୍ୱିକ ସୁନ୍ଦର ପରିବେଶ ମନକୁ ଉତ୍ସାହିତ କରିବ । ପୂର୍ବଭାଦ୍ରପଦ ନକ୍ଷତ୍ରର ଅଫିସ କାମରେ କିମ୍ବା ରାଜନୈତିକ ସ୍ତରରେ ସମସ୍ୟା ବୃଦ୍ଧି ପାଇବା କାରଣରୁ ସାମୟିକ ମାନସିକ ସୁସ୍ଥତା ରହି ନ ପାରେ । ଆପଣଙ୍କ ସୁପରାମର୍ଶ ଓ ପ୍ରସ୍ତାବକୁ ବନ୍ଧୁମାନଙ୍କ ସମର୍ଥନ ପୂର୍ଣ୍ଣମାତ୍ରାରେ ରହିବ ।

ଆଜି କାର୍ତ୍ତିକ ଶୁକ୍ଳପକ୍ଷର ନାଗ ଚତୁର୍ଥୀ ରବିବାର, ନଭେମ୍ବର ୧୧ ତାରିଖ, ରାଷ୍ଟ୍ରୀୟ ଶିକ୍ଷା ଦିବସ, ରାଶି ନକ୍ଷତ୍ର-ମୂଳା/ଧନୁ, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ମେଷରାଶିର ଘାତବାର, ସକାଳ ଘ୭।୧୨ମି. ଗତେ ଘା ।୪୭ମି. ମଧ୍ୟେ, ଘ୧୦।୨୨ମି. ଗତେ ଘ୨ ।୩୨ମି. ମଧ୍ୟେ, ଘ୨ ।୩୨ମି. ଗତେ ଘ୩।୦୨ମି. ମଧ୍ୟେ ମାହେନ୍ଦ୍ରବେଳା । ଦିବା ଘ୩।୪୧ମି. ଗତେ ଘ୫।୦୪ମି. ମଧ୍ୟେ ରାହୁ କାଳ ।

ପ୍ରଥମ ପୃଷ୍ଠାରୁ...

ଆଜିଠୁ ମେକ୍ ଇନ...

ସକାଳ ୧୦ଟା ୩୦ ମିନିଟରେ କନ୍‌କ୍ଲେଭ ଆରମ୍ଭ ହେବ । ଏଥିରେ ଦେଶ ଓ ବିଦେଶରୁ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିବେ । ପୂର୍ବ ଭାରତରେ ଏଭଳି ଏକ ବୃହତ୍ କାର୍ଯ୍ୟକ୍ରମ କେବେ ହୋଇ ନାହିଁ । ଓଡିଶା ପାଇଁ ଏହା ଗର୍ବର ମୁହୂର୍ତ୍ତ ବୋଲି ମନ୍ତ୍ରୀ କହିଛନ୍ତି । ଶିଳ୍ପ ସଚିବ ସଞ୍ଜୀବ ଚୋପ୍ରା କହିଛନ୍ତି, ଶିଳ୍ପାୟନ କ୍ଷେତ୍ରରେ ଏହି ମେଗା ଇଭେଣ୍ଟ ଅବିସ୍ମରଣୀୟ ହୋଇ ରହିବ । ସୂଚନା ଆଦାନପ୍ରଦାନରେ ଦୂରତ୍ୱ ଯୋଗୁ ଓଡ଼ିଶା ସମ୍ପର୍କରେ ବାହାର ଲୋକମାନେ ବିଶେଷ କିଛି ଜାଣନ୍ତି ନାହିଁ । ଏହି କାର୍ଯ୍ୟକ୍ରମରେ କେବଳ ପୁଞ୍ଜିନିବେଶ କିମ୍ବା ଶିଳ୍ପାୟନ ସମ୍ପର୍କରେ ଆଲୋଚନା ହେବ ନାହିଁ ବରଂ ଓଡିଶାର ଅର୍ଥନୈତିକ ପ୍ରଗତିକୁ ଆହୁରି ଆଗକୁ ନେବାରେ ସହାୟକ ହେବ । ଏହି କନ୍‌କ୍ଲେଭ ବ୍ୟବସାୟୀଙ୍କୁ ସେମାନଙ୍କ ନେଟ୍‌ୱର୍କ ବୃଦ୍ଧି ଓ ଅଂଶୀଦାର ପାଇଁ ସୁଯୋଗ ସୃଷ୍ଟି କରିବ । ଗତ କନ୍‌କ୍ଲେଭରେ ୨ ଲକ୍ଷ କୋଟି ଟଙ୍କାର ବିଭିନ୍ନ କ୍ଷେତ୍ରର ୧୨୪ଟି ପ୍ରସ୍ତାବ ଆସିଥିଲା । ସେଥିରୁ ୬୫% ପ୍ରସ୍ତାବ କାର୍ଯ୍ୟକାରୀ ହେବା ପାଇଁ ବିଭିନ୍ନ ସ୍ତରରେ ରହିଛି । ନଭେମ୍ବର ୧୧ ତାରିଖରେ ମେକ୍ ଇନ ଓଡିଶା କନ୍‌କ୍ଲେଭର ଆଲୋଚନାଚକ୍ରରେ ବିଜ୍‌ନେସ ଲିଡରଶିପ୍ ସବ୍‌ମିଟ୍‌ରେ ମୁକେଶ ଅମ୍ବାନୀ ମୁଖ୍ୟବକ୍ତା ଭାବେ ଯୋଗ ଦେବେ । ଏଥିରେ ଆଗାମୀ ପିଢ଼ିର ନେତୃତ୍ୱଙ୍କୁ ପ୍ରେରଣା ଦେବା ସକାଶେ ଶିଳ୍ପ କ୍ୟାପ୍‌ଟେନମାନେ ଲିଡରଶିପ୍ ଦିଗ ଉପରେ ଆଲୋଚନା କରିବେ । ଏଥିରେ ସ୍ଥାନୀୟ ଶିଳ୍ପପତି ଓ ଉଦ୍ୟୋଗପତିଙ୍କ ସମେତ ବହୁରାଷ୍ଟ୍ରୀୟ ଓ ସ୍ଥାନୀୟ ଶିଳ୍ପାନୁଷ୍ଠାନର ମୁଖ୍ୟମାନେ ଉପସ୍ଥିତ ରହିବେ । ଏହି କାର୍ଯ୍ୟକ୍ରମକୁ ଅଧିକ ଆକର୍ଷିତ କରିବା ପାଇଁ ଏବଂ ରାଜ୍ୟର ସମୃଦ୍ଧ ସଂସ୍କୃତି ଓ ଐତିହ୍ୟକୁ ପରିଚିତ କରାଇବା ଉଦ୍ଦେଶ୍ୟରେ କୋଷ୍ଟାଲ ଫନ ରନ, ହେରିଟେଜ ୱାକ, ଗଲ୍ଫ ଟୁର୍ନାମେଣ୍ଟ ଏବଂ ଆଦିବାସୀ ସଂଗ୍ରହାଳୟ ଓ କଳାଭୂମି(ଓଡିଶା ହସ୍ତତନ୍ତ ସଂଗ୍ରହାଳୟ) ପରିଦର୍ଶନ ଆଦି ଯୋଜନା କରାଯାଇଛି । ନଭେମ୍ବର ୧୨ ଅଧିବେଶନ ଉଦ୍‌ଯାପନ ବେଳେ ପ୍ରଖ୍ୟାତ ଓଡିଶୀ ନୃତ୍ୟଶିଳ୍ପୀ ଅରୁଣା ମହାନ୍ତି ଏବଂ ତାଙ୍କ ଟିମ୍‌ଙ୍କ ଦ୍ୱାରା ରାଜ୍ୟର ଇତିହାସ ଓ ସଂସ୍କୃତି ଉପରେ କଳାତ୍ମକ ଅନୁବାଦ ପ୍ରଦର୍ଶିତ ହେବ । ରାଉରକେଲା ଜିନ୍ଦଲ ଏବଂ ଆମେରିକାର ପ୍ରଖ୍ୟାତ ଫ୍ୟାଶନ ଡିଜାଇନର ବିଭୁ ମହାପାତ୍ର କ୍ରିଏଟିଭ ଅର୍ଥନୀତି ଉପରେ ଅଭିଭାଷଣ ପ୍ରଦାନ କରିବେ । ଟେକ୍ ଟକ୍ କାର୍ଯ୍ୟକ୍ରମରେ ମିସ୍ ୟେଭେତ କନୌଫ ଆମେରିକାର ପ୍ରଗତିଶୀଳ ଟେକ୍ନୋଲୋଜି ଉପରେ ଏକ ଅଭିଭାଷଣ ଦେବେ । ଏହି କାର୍ଯ୍ୟକ୍ରମରେ ପ୍ରଥମ ଥର ଲାଗି ରାଜ୍ୟରେ ଓଡିଶା ସିଏସ୍‌ଆର ପୁରସ୍କାର ପ୍ରଦାନ କରାଯିବ । ରାଜ୍ୟର ସାମାଜିକ ଓ ଆର୍ଥିକ କ୍ଷେତ୍ରର ବିକାଶ ଦିଗରେ ଓଡିଶାରେ ଥିବା କମ୍ପାନୀଗୁଡିକର ଉଲ୍ଲେଖନୀୟ ଅବଦାନ ପାଇଁ ଏହି ସମ୍ମାନ ଦିଆଯିବ । ନଭେମ୍ବର ୧୨ରେ ୩ଟି ଶ୍ରେଷ୍ଠ କମ୍ପାନୀକୁ ଶ୍ରେଷ୍ଠ ଷ୍ଟଲ୍ ପାଇଁ ପୁରସ୍କୃତ କରାଯିବ । ଏଥିସହିତ ସୋସିଆଲ ମିଡିଆରେ ଆଇ ଆମ ଓଡିଶା ଅଭିଯାନ ସଫଳତା ପୂର୍ବକ ଶେଷ ହେବା ପରେ ଓଡ଼ିଶାଭିତ୍ତିକ ୭ ଜଣ ସଫଳ ଉଦ୍ୟୋଗୀ ସେମାନଙ୍କ କେସ୍ ଷ୍ଟଡି ପ୍ରଦାନ କରିବେ । ୩ ଜଣ ବିଜେତାଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା 'ଓଡିଶା ଗୌରବ' ଭାବେ ସମ୍ମାନିତ କରାଯିବ । ମେକ୍ ଇନ ଓଡିଶା କନ୍‌କ୍ଲେଭରେ ଜାପାନ କଣ୍ଟ୍ରି ପାର୍ଟନର ରହିଛି । ନଭେମ୍ବର ୧୨ରେ ଜାପାନ କମ୍ପାନୀଗୁଡିକ ପାଇଁ ଏକ ସ୍ୱତନ୍ତ୍ର ସେମିନାର ଆୟୋଜନ କରାଯାଇଛି । ଜାପାନ କମ୍ପାନୀଗୁଡିକ ଏହି କର୍ମଶାଳାରେ ଓଡିଶାର ମାନୁଫାକ୍ଚରିଂ କ୍ଷେତ୍ରରେ ରହିଥିବା ନିବେଶ ସୁଯୋଗ ସମ୍ପର୍କରେ ପ୍ରଦର୍ଶନ କରିବେ । ରାଜ୍ୟରେ ପ୍ରଥମ ଥର ପାଇଁ ସ୍ମାର୍ଟ ଓଡିଶା ହାକାଥନ ଆୟୋଜନ କରାଯିବ । ଏଥିପାଇଁ ୨୯୩ ଜଣ ଛାତ୍ରୀଛାତ୍ରଙ୍କୁ ଚୟନ କରାଯାଇଛି । ସେମାନଙ୍କୁ ୯୩ଟି ଟିମ୍‌ରେ ବିଭକ୍ତ କରାଯାଇଛି । ୩୬ ଘଣ୍ଟିଆ ସ୍ମାର୍ଟ ଓଡିଶା ହାକାଥନ ବିଜେତାଙ୍କୁ ନଭେମ୍ବର ୧୫ରେ ପୁରସ୍କୃତ କରାଯିବ । ଓଡିଶା ଥିମ୍ ପାଭେଲିୟନ ଦେଓମାଳି ହେବ ଏହି କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ । କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଆସୁଥିବା ଅତିଥିମାନଙ୍କୁ ଆକୃଷ୍ଟ କରିବା ସକାଶେ ରାଜଧାନୀକୁ ବିଭିନ୍ନ ଚିତ୍ରରେ ଚିତ୍ରାୟିତ କରାଯାଇଛି ।

ଘୋଷଣାରେ ସୀମିତ...


ଦେବଝରନ ଜଳପ୍ରପାତ ।

ପର୍ଯ୍ୟଟନ ବିଭାଗରୁ ଅନୁଦାନ ଆସି ନ ଥିବାରୁ କାମ ଆରମ୍ଭ ହୋଇପାରିନାହିଁ । ଇକୋଟୁରିଜମ୍ ପ୍ରକଳ୍ପ ଘୋଷଣାରେ ହିଁ ସୀମିତ ରହିଛି । ଏପରିସ୍ଥଳେ ଚଳିତ ମାସରୁ ଆସନ୍ତା ଫେବୃୟାରୀ ପର୍ଯ୍ୟଟନ ଋତୁକୁ ନେଇ ସାଧାରଣରେ ନାନା କଳ୍ପନାଜଳ୍ପନା ପ୍ରକାଶ ପାଇଛି । ନଭେମ୍ବରରୁ ହିଁ ଦେବଝରନ ଅଞ୍ଚଳକୁ ପର୍ଯ୍ୟଟକଙ୍କ ଆଗମନ ହୋଇଥାଏ । ଯଦି ଅନୁଦାନ ଆସିଥାନ୍ତା ଓ ସେଥିରେ ଶୌଚାଳୟ, ରୋଷେଇଘର, ଷ୍ଟିଲ୍ ରେଲିଂ, ବୋଟିଂ ଆଦି ପ୍ରାଥମିକ ପର୍ଯ୍ୟାୟ କାର୍ଯ୍ୟ କରାଯାଇଥାଆନ୍ତା, ପର୍ଯ୍ୟଟକମାନେ ଉପକୃତ ହୋଇପାରିଥାନ୍ତେ । ପର୍ଯ୍ୟଟକଙ୍କ ସଂଖ୍ୟାରେ ମଧ୍ୟ ବୃଦ୍ଧି ହୋଇଥାନ୍ତା । ବର୍ତ୍ତମାନ ଅନୁଦାନରେ ବିଳମ୍ବ ଘଟିଥିବାରୁ ଅଞ୍ଚଳବାସୀ ନିରାଶ ହୋଇଥିବାବେଳେ ଏହାକୁ ପ୍ରସଙ୍ଗ କରି ରାଜନୈତିକ ଫାଇଦା ଉଠାଇବାକୁ ବିରୋଧୀ ଦଳଙ୍କୁ ମୌକା ମିଳିଯାଇଛି । ଆସନ୍ନ ନିର୍ବାଚନକୁ ଦୃଷ୍ଟିରେ ରଖି ସ୍ଥାନୀୟ ଲୋକଙ୍କୁ ଖୁସି କରିବା ପାଇଁ ଅନୁଦାନ ମଞ୍ଜୁର ହୋଇଥିବା ଏବେ ଚର୍ଚ୍ଚା ଆରମ୍ଭ ହେଲାଣି । ସ୍ଥାନୀୟ ବିଧାୟକ ପୂଜାରୀ ଅଯଥାରେ ପ୍ରକଳ୍ପର ପ୍ରଚାରପ୍ରସାର କରୁଥିବା ଅଭିଯୋଗ ହେଉଛି । ଏ ସମ୍ପର୍କରେ ଜିଲାପାଳ ସମର୍ଥ ବର୍ମାଙ୍କୁ ପଚାରିବାରେ ପ୍ରକଳ୍ପର ଚୂଡ଼ାନ୍ତ ମ୍ୟାପ୍, ବ୍ୟୟ ଅଟକଳ ଚିଠା ପର୍ଯ୍ୟଟନ ବିଭାଗ ସଚିବଙ୍କୁ ପ୍ରଦାନ କରାଯାଇଛି । ମଞ୍ଜୁର ଅର୍ଥ ଆସିବାରେ ବିଳମ୍ବ ଯୋଗୁ ୨ ଥର ରିମାଇଣ୍ଡ୍ କରାଯାଇଛି । ଟଙ୍କା ଆସିଲେ ତୁରନ୍ତ କାମ ଆରମ୍ଭ ହେବ ବୋଲି ସେ କହିଛନ୍ତି ।

■ ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ: ବିରୋଧୀଙ୍କ ଅଭିଯୋଗ

ଶିଳ୍ପାୟନ ବାହାନାରେ ନିର୍ବାଚନୀ ପାଣ୍ଠି ସଂଗ୍ରହ ମୂଳ ଲକ୍ଷ୍ୟ

ଭୁବନେଶ୍ୱର,୧୦।୧୧(ବ୍ୟୁରୋ)
ମେକ୍ ଇନ୍ ଓଡ଼ିଶାର ଦ୍ୱିତୀୟ ସଂସ୍କରଣ ରବିବାରଠାରୁ ଆରମ୍ଭ ହେବାକୁ ଯାଉଛି । ଏଥିପାଇଁ ରାଜ୍ୟ ସରକାରଙ୍କ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି । ଅପରପକ୍ଷରେ ବିରୋଧୀ କଂଗ୍ରେସ ଏବଂ ଭାଜପା ପକ୍ଷରୁ କନ୍‌କ୍ଲେଭର ଉଦ୍ଦେଶ୍ୟକୁ ନେଇ ଶାସକ ଦଳକୁ ସମାଲୋଚନା ଜାରି ରହିଛି ।

ପ୍ରଦେଶ କଂଗ୍ରେସ କମିଟି (ପିସିସି) ଗଣମାଧ୍ୟମ ପ୍ରମୁଖ ସତ୍ୟପ୍ରକାଶ ନାୟକ ଶନିବାର ଏକ ଖବରଦାତା ସମ୍ମିଳନୀ କରି ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି । ସେ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ମେକ୍ ଇନ୍ ଓଡିଶା କନ୍‌କ୍ଲେଭ ନାଁରେ ଗୋଟିଏ ଗୁଳିରେ ଦୁଇଟି ଶିକାର କରୁଛନ୍ତି । ପ୍ରଥମତଃ ସାଢେ ଅଠର ବର୍ଷର ଶିଳ୍ପାୟନରେ ବିଫଳତାକୁ ଲୁଚାଇବାର ଶେଷ ପ୍ରୟାସ । ଦ୍ୱିତୀୟରେ ସାଧାରଣ ନିର୍ବାଚନ ପୂର୍ବରୁ ଶିଳ୍ପ ଉତ୍ସବ ଆଳରେ ଶିଳ୍ପପତିଙ୍କଠାରୁ ନିର୍ବାଚନ ପାଣ୍ଠି ଯୋଗାଡ କରିବା । ୨୦୧୫-୧୭ ମଧ୍ୟରେ ରାଜ୍ୟ ସରକାର ଅନୁମୋଦନ କରିଥିବା ୨୭୯ ଶିଳ୍ପ ପ୍ରକଳ୍ପ ମଧ୍ୟରୁ ୨୨୦ଟି କାର୍ଯ୍ୟକ୍ଷମ ହୋଇ ନାହିଁ । ୭ଟି ସଂସ୍ଥା ନିବେଶରୁ ଓହରି ଯାଇଛନ୍ତି । କେଉଁ କମ୍ପାନୀ କେତେ ବିନିଯୋଗ କରିଛନ୍ତି, ତାହାର ତଥ୍ୟ ରାଜ୍ୟ ପାଖରେ ନ ଥିବା ସତ୍ୟପ୍ରକାଶ ଅଭିଯୋଗ କରିଛନ୍ତି ।

ଭାଜପା ସମ୍ପାଦକ ଭୃଗୁବକ୍ସିପାତ୍ର କହିଛନ୍ତି ଯେ, ଇଜ୍ ଅଫ୍ ଡୁଇଙ୍ଗ୍ ବିଜନେସ ତାଲିକାରେ ଓଡ଼ିଶାର ସୂଚୀ ହ୍ରାସ ପାଇଛି । ଏହା ହିଁ ରାଜ୍ୟ ସରକାରଙ୍କ ଉପଲବ୍ଧ



କଟନ୍ ବା କପାତୁଳାର ସୂତା ସାଧାରଣତଃ ପିନ୍ଧିବା ପାଇଁ ପୋଷାକ ଆକାରରେ ବ୍ୟବହାର କରାଯାଇଥାଏ । ହେଲେ ଏବେ ଏହି କଟନ୍‌କୁ ଖାଇହେବ ବୋଲି କହିଛି ଆମେରିକା । କାରଣ ସେଠାରେ ଏବେ ଉଭୟ ଖାଇବା ଓ ପିନ୍ଧିବାର କଟନ୍ ଚାଷ କରାଯିବ । ୟୁଏସ୍ ଡିପାର୍ଟମେଣ୍ଟ ଅଫ୍ ଏଗ୍ରିକଲଚର, କଟନ୍ ପ୍ଲାଣ୍ଟର ବାୟୋପିକ୍ ଭର୍ସନକୁ ବ୍ୟବସାୟିକ କରିବାକୁ ଗ୍ରୀନ୍ ସିଗ୍‌ନାଲ ଦେଇଛି । ଟେକ୍ସାସ୍ ୟୁନିଭର୍ସିଟିର ସୂଚନା ଅନୁଯାୟୀ, ଏହି ଗଛର ଫଳକୁ ଖାଇହେବ ।

Mitesh Khimji
Entrepreneur
PLEDGE 'PLASTIC-FREE' ODISHA
#PlasticFreeOdisha
ଧରିତ୍ରୀ DHARITRI TEAM

ସଂକ୍ଷେପରେ

ନୀଳଗିରିମୁହାଁ ୧୦୮ରୁ ଊର୍ଦ୍ଧ୍ୱ ଝାଡ଼ଖଣ୍ଡ ହାତୀ

ରାସଗୋବିନ୍ଦପୁର, ୧୦।୧୧(ଡି.ଏନ.ଏ.): ବାଲେଶ୍ୱର ଜିଲା ନୀଳଗିରି ଅଞ୍ଚଳକୁ ୧୦୮ରୁ ଊର୍ଦ୍ଧ୍ୱ ଝାଡ଼ଖଣ୍ଡ ହାତୀ ମାଡ଼ିଆସୁଥିବା ସୂଚନା ମିଳିଛି। ପଡ଼ୋଶୀ ପଶ୍ଚିମବଙ୍ଗ ଦେଇ ଆସିଥିବା ୭୩ରୁ ଊର୍ଦ୍ଧ୍ୱ ଝାଡ଼ଖଣ୍ଡ ହାତୀ ଶୁକ୍ରବାର ରାତିରେ ମୟୂରଭଞ୍ଜର ଦେଉଳି, ରାସଗୋବିନ୍ଦପୁର ରେଞ୍ଜରେ ପହଞ୍ଚିଥିଲେ। ଏହି ହାତୀପଲ ଶନିବାର ପୂର୍ବାହ୍ନ ୬ଟାରେ ମୋରଡ଼ା ବ୍ଲକରେ ପହଞ୍ଚି ନୀଳଗିରି ମୁହାଁଉଛନ୍ତି। ଏହି ଦଳରେ ଛୁଆହାତୀଙ୍କ ସଂଖ୍ୟା ଅଧିକ ଥିବା ବେଳେ ୧୦ରୁ ଊର୍ଦ୍ଧ୍ୱ ଦନ୍ତା ରହିଥିବା ଜଣାପଡ଼ିଛି। ଗତ ଅକ୍ଟୋବର ୩୦ ତାରିଖରେ ନୀଳଗିରିକୁ ଆସିଥିବା ୩୫ରୁ ଊର୍ଦ୍ଧ୍ୱ ହାତୀ ୪ଦିନ ରହି ଫେରିଯାଇଥିଲେ। ରହିଣି ସମୟରେ ଜଙ୍ଗଲକୁ ଲାଗି ରହିଥିବା ଚାଷ ଜମିରେ ବ୍ୟାପକ ଫସଲ ନଷ୍ଟ କରିପକାଇଥିଲେ। ଏବେ ଧାନରେ ଥୋଡ଼ ବାହାରୁଛି। ପୂର୍ବବର୍ଷଠାରୁ ୧ମାସ ପୂର୍ବରୁ ଅଚାନକ ଝାଡ଼ଖଣ୍ଡ ହାତୀଙ୍କର ଅନୁପ୍ରବେଶ ଯୋଗୁ ପ୍ରଶାସନ ଓ ବନାଞ୍ଚଳବାସୀ ଚିନ୍ତାରେ ପଡ଼ିଥିଲେ। ଉକ୍ତ ହାତୀପଲ ଏବେ ବେତନଟୀ ରେଞ୍ଜରେ ରହି ଆତଙ୍କ ଖେଳାଉଛନ୍ତି। ନୂଆ କରି ଆସୁଥିବା ହାତୀଙ୍କ ସହ ମିଶି ଏହି ହାତୀପଲ ନୀଳଗିରିକୁ ପୁଣି ମାଡ଼ି ଆସିବେ ବୋଲି ବନବିଭାଗ ପକ୍ଷରୁ ଆଶଙ୍କା କରାଯାଇଛି। ପୁଣି ୧୦୮ରୁ ଊର୍ଦ୍ଧ୍ୱ ହାତୀ ନୀଳଗିରି ମୁହାଁଉଥିବା ଖବରପାଇ ବନାଞ୍ଚବାସୀ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ହାତୀପଲ ପ୍ରବେଶକୁ ନେଇ ନୀଳଗିରି ରେଞ୍ଜର ସୁକୁମାର ଦାସ, କୁଲଡ଼ିହା ରେଞ୍ଜର ଏସିଏଫ୍‌ଓ ଲକ୍ଷ୍ମଣ ପ୍ରଧାନଙ୍କ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି।

ପିସିସି ଅନୁସୂଚିତ ଜାତି ଅଧ୍ୟକ୍ଷଙ୍କୁ ସମ୍ବର୍ଦ୍ଧନା

ଭୁବନେଶ୍ୱର,୧୦।୧୧(ବ୍ୟୁରୋ)-ପିସିସିର ନବ ନିଯୁକ୍ତ ଏସ୍‌ସି ସେଲ୍ ଅଧ୍ୟକ୍ଷ ବିଭୁ ପ୍ରସାଦ ତରାଇଙ୍କୁ କଂଗ୍ରେସ ଭବନରେ ଦଳ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି। ଏସ୍‌ସି ବିଭାଗର ଉପାଧ୍ୟକ୍ଷା ମମତାଳି ବେହେରାଙ୍କ ଅଧ୍ୟକ୍ଷତାରେ ଏହି ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ନବ ନିଯୁକ୍ତ ଅଧ୍ୟକ୍ଷ ତରାଇଙ୍କୁ ସ୍ୱାଗତ କରିଛନ୍ତି। ଏହି ଅବସରରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି, ଯେପର୍ଯ୍ୟନ୍ତ ଅନୁସୂଚିତ ଜାତି ଓ ଜନଜାତି ଲୋକମାନଙ୍କ ବିକାଶ ନ ହୋଇଛି,ସେ ପର୍ଯ୍ୟନ୍ତ ରାଜ୍ୟର ସର୍ବାଙ୍ଗୀନ ଉନ୍ନତି ହୋଇ ପାରିବନାହିଁ। ନିଖିଳ ଭାରତ କଂଗ୍ରେସ କମିଟି ତରାଇଙ୍କୁ ଅଧ୍ୟକ୍ଷ ଦାୟିତ୍ୱ ଦେଇଥିବାରୁ ସେ ଆଗାମୀ ଦିନରେ ଅନୁସୂଚିତ ଜାତି ବିଭାଗକୁ ସୁଦୃଢ଼ କରିବା ସହ ଜନସାଧାରଣଙ୍କୁ ସେମାନଙ୍କର ଅଧିକାର ଦେବାରେ ପ୍ରମୁଖ ଭୂମିକା ଗ୍ରହଣ କରିବେ । ଦଳିତ, ଆଦିବାସୀ ଓ ଅନ୍ୟାନ୍ୟ ପଛୁଆବର୍ଗ କାହାର ଦୟାର ପାତ୍ର ନୁହଁନ୍ତି। ସେମାନଙ୍କ ଆର୍ଥିକ, ସାମାଜିକ, ରାଜନୈତିକ କ୍ଷେତ୍ରରେ ସର୍ବାଙ୍ଗୀନ ବିକାଶ ପାଇଁ କଂଗ୍ରେସ ଦଳ ସଚେତନ ରହିଛି ବୋଲି ନିରଞ୍ଜନ କହିଛନ୍ତି। ସେହିପରି କଟକ ଜିଲାର ନିଆଳି ଅଞ୍ଚଳରେ ବିଜେଡି ନେତା ଅଭିମନ୍ୟୁ ମଲ୍ଲିକଙ୍କ ନେତୃତ୍ୱରେ ଶତାଧିକ ସମର୍ଥକ କଂଗ୍ରେସ ଦଳରେ ସାମିଲ ହୋଇଛନ୍ତି। ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ସମସ୍ତଙ୍କୁ ପୁଷ୍ପଗୁଚ୍ଛ ଦେଇ ଦଳକୁ ସ୍ୱାଗତ କରିଛନ୍ତି।

ଗାନ୍ଧିଜୀଙ୍କ ବେଶରେ ବିଶ୍ୱଭ୍ରମଣରେ ସାଇରାମ

ଭୁବନେଶ୍ୱର, ୧୦।୧୧(ବ୍ୟୁରୋ)

ଗୋଟିଏ ହାତରେ ବାଡ଼ି, ଆଉ ଗୋଟିଏ ହାତରେ ଝାଡୁ। ଗାନ୍ଧିଜୀଙ୍କ ବେଶରେ ରାଜରାସ୍ତାରେ ବୁଲୁଛନ୍ତି ଓଡ଼ିଶାର ସାଇରାମ। ଖାଲି ପାଦରେ ଚାଲି ଚାଲି ଲୋକଙ୍କୁ ଶାନ୍ତି ଓ ସୌହାର୍ଦ୍ଦ୍ୟରେ ରହିବାକୁ ବୁଝାଉଛନ୍ତି। ଗାନ୍ଧିଜୀଙ୍କ ସ୍ୱଚ୍ଛତାର ବାର୍ତ୍ତାକୁ ଦେଶବାସୀଙ୍କ ନିକଟରେ ପହଞ୍ଚାଉଛନ୍ତି। ୨୦୧୬ ଜୁନ୍ ୨୬ରୁ ଜଗନ୍ନାଥ ଧାମ ପୁରୀରୁ ଯାତ୍ରା ଆରମ୍ଭ କରିଥିବା ସାଇରାମ ଏହାମଧ୍ୟରେ ବାରାଣସୀ, ଚେନ୍ନାଇ, ଦିଲ୍ଲୀ, ଗୁଜରାଟ ଭଳି ଦେଶର ଅଧିକାଂଶ ସ୍ଥାନ ଭ୍ରମଣ କରିସାରିଛନ୍ତି। ବିନା କୌଣସି ସରକାରୀ ସହାୟତାରେ ବହୁ ପ୍ରତିବନ୍ଧକ ସତ୍ତ୍ୱେ ନିଜର ଅଭିଯାନ ଜାରି ରଖିଛନ୍ତି। କେବଳ ଓଡ଼ିଶା କି ଭାରତ ନୁହେଁ, ଆଗକୁ ଗାନ୍ଧିଜୀଙ୍କ ଏହି ବାର୍ତ୍ତାକୁ ସମଗ୍ର ବିଶ୍ୱରେ ପହଞ୍ଚାଇବାକୁ ସେ ଲକ୍ଷ୍ୟ ରଖିଛନ୍ତି।

ଭୁବନେଶ୍ୱରର ସାଇରାମ ଗାନ୍ଧୀ। ଭଲ ନାମ ମୋହନ ମହାପାତ୍ର। ବୟସ ୨୪ବର୍ଷ। ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟରେ ସ୍ନାତକୋତ୍ତର ନାଟକ ବିଭାଗର ଛାତ୍ର। ଯେଉଁ ବୟସରେ ଅନ୍ୟମାନେ ନିଜ ପାଇଁ କିଛି କରିବାର ସ୍ୱପ୍ନ ଦେଖନ୍ତି, ସେତେବେଳେ ସାଇରାମ ଏକ ବଡସ୍ୱପ୍ନ ନେଇ ରାସ୍ତାକୁ ଓହ୍ଲାଇଛନ୍ତି। ଦେଶ ଓ ଦେଶବାସୀଙ୍କ ପାଇଁ କିଛି କରିବାର ସ୍ୱପ୍ନ ଦେଖୁଛନ୍ତି। ହିଂସା ମାର୍ଗ ଛାଡି ସମସ୍ତେ ଯେପରି ସୁଖ, ଶାନ୍ତି ଓ ନିରୋଗରେ ରହିବେ ସେଥିପାଇଁ ବିଶ୍ୱ ଭ୍ରମଣ କରି ଜନସଚେତନତା ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛନ୍ତି। ହାତରେ ବାଡି ଓ ଝାଡୁ ଧରି, ଦେହରେ ରଙ୍ଗବୋଳି ଅବିକଳ ଗାନ୍ଧିଜୀଙ୍କ ଭଳି ଲାଗୁଛନ୍ତି ସାଇରାମ। କେତେବେଳେ ନିଜେ ଝାଡୁଧରି ସଫେଇରେ ଲାଗିପଡୁଛନ୍ତି ତ କେତେବେଳେ ଲୋକଙ୍କୁ ସଚେତନ କରୁଛନ୍ତି। ଭାରତର ବିଭିନ୍ନ ସହର ଓ ଗାଁ ବୁଲି ସେ ଏହି ଅଭିଯାନ ଜାରି ରଖିଥିବା ବେଳେ ଲୋକଙ୍କ ସମର୍ଥନ ମଧ୍ୟ ମିଳୁଛି। ଲୋକେ ତାଙ୍କ କଥା ଶୁଣୁଛନ୍ତି ଓ ପାଳନ ବି କରୁଛନ୍ତି।

ଏହା ମଧ୍ୟରେ ସାଇରାମଙ୍କ ବାପାଙ୍କ ଦେହାନ୍ତ ହୋଇଯାଇଛି। କିନ୍ତୁ ସେ ନିଜ ଅଭିଯାନକୁ ଓହରିଯାଇ ନାହାନ୍ତି।

ମୋହନ ମହାପାତ୍ର

୨୦୧୯ ଅକ୍ଟୋବର ୨ ଗାନ୍ଧିଜୀଙ୍କ ୧୫୦ତମ ଜୟନ୍ତୀ ସୁଦ୍ଧା ସେ ସାରା ଦେଶରେ କୋଣଅନୁକୋଣରେ ତାଙ୍କ ବାର୍ତ୍ତା ପହଞ୍ଚାଇବାକୁ ଯୋଜନା କରିଛନ୍ତି।

- ବାଣ୍ଟୁଛନ୍ତି 'ସ୍ୱଚ୍ଛ ଭାରତ, ସ୍ୱଚ୍ଛ ପରିବେଶ ଓ ସ୍ୱଚ୍ଛ ମଣିଷ'ର ବାର୍ତ୍ତା
- ପୁରୀରୁ ଗୁଜରାଟ ପାଦରେ ଚାଲି ବିଶ୍ୱ ରେକର୍ଡ

ଅନ୍ୟପଟେ ପୁରୀରୁ ଗୁଜରାଟ ପର୍ଯ୍ୟନ୍ତ ମହାତ୍ମା ଗାନ୍ଧୀଙ୍କ ବେଶରେ ପାଦରେ ଚାଲି ସେ ସବୁଠାରୁ ଦୀର୍ଘତମ ପଥ ଅତିକ୍ରମ କରିବାର ୟୁନିକ୍ ୱାର୍ଲ୍ଡ ରେକର୍ଡ କରିଛନ୍ତି। ସେ ଓଡ଼ିଶାରେ 'ସ୍ୱଚ୍ଛ ଭାରତ କି ଗାନ୍ଧିଜୀକି ଟିମ୍' ଗଠନ କରିବା ସହ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇ ଲୋକଙ୍କୁ ନିଜସ୍ୱ ଶୈଳୀରେ ସଚେତନ କରିଛନ୍ତି। ସେ ଏବେ ଜଣେ ଜଣେ ସେଲିବ୍ରିଟି ପାଲଟି ଯାଇଥିବାବେଳେ ଲୋକେ ବାଟରେ ଅଟକାଇ ତାଙ୍କ ସହ ସେଲ୍ଫି ନେଉଛନ୍ତି।

ସାଇରାମ 'ଧରିତ୍ରୀ'କୁ କହିଛନ୍ତି, ପ୍ରଥମେ ମୁଁ ଜଣେ କଳାକାର। ତେଣୁ ଜଣେ କଳାକାରର ଶୈଳୀରେ ଲୋକଙ୍କୁ ବୁଝାଇବାକୁ ଚେଷ୍ଟା କରୁଛି। ମହାତ୍ମା ଗାନ୍ଧୀ ଯେଉଁ 'ସ୍ୱଚ୍ଛ ଭାରତ, ସ୍ୱଚ୍ଛ ପରିବେଶ ଓ ସ୍ୱଚ୍ଛ ମଣିଷର ସ୍ୱପ୍ନ ଦେଖୁଥିଲେ ତାହାକୁ ମୁଁ ସତ କରିବାକୁ ଚାହୁଁଛି। ଯେପର୍ଯ୍ୟନ୍ତ ଆମେ ନ ସୁଧୁରିଛେ ସେପର୍ଯ୍ୟନ୍ତ କିଛି ପରିବର୍ତ୍ତନ ହୋଇପାରିବ ନାହିଁ। ଏଥିପାଇଁ ଆଜୀବନ ସଂଗ୍ରାମ ଜାରି ରଖିବାକୁ ହେଲେ ବି ମୁଁ କରିବି। ଲୋକଙ୍କ ସମର୍ଥନ ଓ ଭଗବାନଙ୍କ ଆର୍ଶୀବାଦ ମୋତେ ଏହି ସଂଗ୍ରାମ ପାଇଁ ଶକ୍ତିଦେଉଛି।

ତେବେ ତାଙ୍କର ଏହି ମହତ କାର୍ଯ୍ୟ ପାଇଁ ସରକାରଙ୍କଠାରୁ ଟଙ୍କାଟିଏ ବି ସହାୟତା ମିଳିନି। ଓଲଟା କେନ୍ଦ୍ର ସରକାରଙ୍କ ପକ୍ଷରୁ ତାଙ୍କର ଏହି ଅଭିନବ କାମ ସମ୍ପର୍କରେ ଜାଣିବାକୁ ରିପୋର୍ଟ ମଗାଯାଇଥିଲେ ବି ରାଜ୍ୟ ସରକାର ତାହାକୁ ଚାପି ରଖିଛନ୍ତି। ରାଜନୈତିକ ଆକ୍ରୋଶ ଯୋଗୁ ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ବିଭାଗ କୌଣସି ରିପୋର୍ଟ ନ ଦେଇ ଚୁପ୍ ବସିଥିବାରୁ ବୁଦ୍ଧିଜୀବୀ ମହଲରେ ନାପସନ୍ଦ କରାଯାଇଛି।

ଚନ୍ଦକା ଫେରିଲା ଯଶୋଦା

ଟ୍ରକ୍ ଉପରେ ଯଶୋଦା ।

ବନ୍ତଳା, ୧୦।୧୧ (ଡି.ଏନ.ଏ.)

ବାଘୁଣୀ ସୁନ୍ଦରୀକୁ ଟ୍ରାଙ୍କୁଲାଇଜ କରିବାରେ ସହାୟତା ପାଇଁଅନୁଗୋଳ ଜିଲା ସାତକୋଶିଆ ଆସିଥିବା କୁମ୍‌କି ହାତୀ ଯଶୋଦା ଶନିବାର ଚନ୍ଦକା ଫେରିଯାଇଛି। ଅପରାହ୍ନରେ ଏକ ସ୍ୱତନ୍ତ୍ର ଟ୍ରକ୍ ଯୋଗେ ବନ ବିଭାଗ ପକ୍ଷରୁ ତାହାକୁ ଚନ୍ଦକା ଅଭୟାରଣ୍ୟ ଅଭିମୁଖେ ପଠାଇ ଦିଆଯାଇଛି। ସୂଚନାଯୋଗ୍ୟ ଯେ, ଯଶୋଦା ପିଠିରେ ବସି ସାତକୋଶିଆ ବିଶେଷଜ୍ଞ ବାଘୁଣୀକୁ ଟ୍ରାଙ୍କୁଲାଇଜ୍ କରିବାରେ ସଫଳ ହୋଇଥିଲେ। ଏଥିରେ ଖୁସି ବ୍ୟକ୍ତ କରି ଅଞ୍ଚଳବାସୀ ପୂଜା ସହ ଖାଇବାକୁ ଦେଇଥିବା ବେଳେ ଗୁରୁବାର ପୁରୁଣାକୋଟ ରେଞ୍ଜ ସମ୍ମୁଖ ନନ୍ଦନୀ ନାଳ ନିକଟରେ ଯଶୋଦା ସୁନ୍ଦର ପଧାନ (୪୫)ଙ୍କୁ କଚାଡ଼ି ମାରିଦେବା ଚର୍ଚ୍ଚାର ବିଷୟ ହୋଇଥିଲା ।

ଦାମ ଗଢିବେ ବିଜୁ ସମତା କ୍ରାନ୍ତି ଦଳ

ପାରାଦୀପ,୧୦।୧୧(ସ୍ୱ.ପ୍ର.)

- ୩ରୁ ୪ ଦିନ ମଧ୍ୟରେ ହେବ ବିଧିବଦ୍ଧ ଘୋଷଣା
- ବିଜେଡି ନେତା ଓ ନବୀନ ସରକାରଙ୍କୁ ସମାଲୋଚନା

ବିଜେଡିରୁ ବହିଷ୍କୃତ ହେବା ପରେ ବରିଷ୍ଠ ନେତା ବିଧାୟକ ଦାମୋଦର ରାଉତ କ'ଣ କରିବେ ? ନୂଆ ଦଳ ଗଢିବେ ନା ଅନ୍ୟ କୌଣସି ରାଜନୈତିକ ଦଳରେ ସାମିଲ ହେବେ ? ଏଭଳି ଅନେକ ପ୍ରଶ୍ନକୁ ନେଇ ରାଜନୈତିକ ମହଲରେ ଦୀର୍ଘଦିନ ହେଲା ଆଲୋଚନା ଜୋର ଧରିଥିବାବେଳେ ଶନିବାର ଏହା ଉପରୁ ପରଦା ଉଠାଇଛନ୍ତି ଦାମ। ଆସନ୍ତା ୩ ରୁ ୪ ଦିନ ମଧ୍ୟରେ ରାଜ୍ୟରେ ତାଙ୍କ ନେତୃତ୍ୱରେ ଏକ ନୂଆ ଦଳ ଗଠନ ହେବ। ଏହାର ନାମ ବିଜୁ ସମତା କ୍ରାନ୍ତି ଦଳ ରହିବ ବୋଲି ସେ ସ୍ପଷ୍ଟ କରିଛନ୍ତି। ପାରାଦୀପ ସର୍କିଟ ହାଉସଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସେ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ତେବେ ଏହି ଦଳରେ ଅନ୍ୟ କେଉଁ ନେତା ରହିବେ, କିଏ ପାଣ୍ଠି ଯୋଗାଇବେ ଆଦି ପ୍ରଶ୍ନ କରିବାରୁ ସେ ଚିରାଚରିତ ଢଙ୍ଗରେ କଟୁକ୍ତି କରିଥିଲେ। କହିଲେ ଦଳରେ କିଏ ରହିବ ଏବେ ଘୋଷଣା କରିବି ନାହିଁ। ଯେଉଁଦିନ ଦଳ ବିଧିବଦ୍ଧ ଭାବେ ଆତ୍ମପ୍ରକାଶ ପାଇବ ସେହିଦିନ ଦଳର ନୀତିଗତ ଆଭିମୁଖ୍ୟ ସମ୍ପର୍କରେ ସ୍ପଷ୍ଟ କରାଯିବ। ଏହି ନୂଆ ଆଞ୍ଚଳିକ ଦଳର ପାଣ୍ଠି ଖର୍ଚ୍ଚ ବିଜେଡି ନେତା ମନ୍ତ୍ରୀ ପ୍ରତାପ ଜେନା ଓ ପ୍ରଫୁଲ୍ଲ ସାମଲ ଭରଣା କରିବେ ବୋଲି ଦାମ କଟାକ୍ଷ କରିଥିଲେ।

ଏହି ଅବସରରେ ସେ ଏମ୍‌ପି କୁଳମଣି ସାମଲଙ୍କଠାରୁ ଆରମ୍ଭ କରି ଶ୍ରମିକନେତା ଗୋଲେଖ ନାୟକ, ବିଧାୟକ ଦେବାଶିଷ ସାମନ୍ତରାୟ, ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ପାରାଦୀପ ନଗର ବିଜେଡି ସଭାପତି ସୁମନ୍ତ ବିଶ୍ୱାଳ, ମନ୍ତ୍ରୀ ପ୍ରତାପ ଜେନା, ପ୍ରଫୁଲ୍ଲ ସାମଲ, ବିଧାୟକ ପ୍ରଶାନ୍ତ ମୁଦୁଲି, ଜଗତ୍‌ସିଂହପୁର ଜିଲା ବିଜେଡି ସଭାପତି ବିଷ୍ଣୁ ଦାସଙ୍କୁ ତୀବ୍ର ସମାଲୋଚନା କରିଥିଲେ। ସମସ୍ତେ କିପରି ଦୁର୍ନୀତିଗ୍ରସ୍ତ, ପ୍ରୀୟାପ୍ରୀତି ତୋଷଣ କରି ଆତ୍ମୀୟଙ୍କ ନାଁରେ ବ୍ୟବସାୟ, ଚାକିରି ଆଦି କରାଇଛନ୍ତି ସେ ସବୁ ବଖାଣିଥିଲେ। କୁଳମଣିଙ୍କ ସମ୍ପର୍କରେ ସେ କହିଲେ ଯେ ୪ ବର୍ଷ ମଧ୍ୟରେ କୁଳମଣି ପାର୍ଲିଆମେଣ୍ଟରେ ସ୍ଥାନୀୟ ସମସ୍ୟା ନେଇ ପଦୁଟିଏ ବି କହିନାହାନ୍ତି। କେବେଳ ନିଜ ଆତ୍ମୀୟମାନଙ୍କ ନିଯୁକ୍ତି ଓ ବ୍ୟବସାୟ କଳେବର ବୃଦ୍ଧିକୁ ସେ ଗୁରୁତ୍ୱ ଦେଇ ଆସିଛନ୍ତି। ମନ୍ତ୍ରୀ ପ୍ରତାପ ଜେନାଙ୍କର ନିଜ ନିର୍ବାଚନମଣ୍ଡଳୀରେ କର୍ତ୍ତୃତ୍ୱ ନାହିଁ। ସେଠାକାର ଲୋକେ ତାଙ୍କୁ ବିରୋଧ କରନ୍ତି ବୋଲି ମୁଁ ତାଙ୍କ ନିର୍ବାଚନମଣ୍ଡଳି ଗସ୍ତ କରିବା ସମୟରେ ଜାଣିବାକୁ ପାଇଛି। ତେଣୁ ଆଗାମୀ ଦିନରେ ତାଙ୍କୁ ବିଧାନସଭା ମଡାଇ ଦେବିନାହିଁ ବୋଲି ଦାମ କହିଥିଲେ। ସେହିପରି ମନ୍ତ୍ରୀ ସାମଲଙ୍କ ନାମରେ ଥିବା କଲେଜ ଜମି ହଡ଼ପ ଅଭିଯୋଗ ସମ୍ପର୍କରେ କହିଥିଲେ। ବିଧାୟକ ପ୍ରଶାନ୍ତ ମୁଦୁଲିଙ୍କ ସମ୍ପର୍କରେ କହିଲେ ଯେ, ମୁଁ ତାଙ୍କୁ ରାଜନୀତିକୁ ଆଣିଥିଲି। ଏବେ ସେ ଦୁର୍ନୀତିଖୋର ପାଲଟିଗଲେଣି। ଭୁବନେଶ୍ୱରର ପାନ୍ଥପଡ଼ାଠାରେ ଥିବା ବହୁତଳ ପ୍ରାସାଦ ସେ କେଉଁ ଅର୍ଥରେ ନିର୍ମାଣ କଲେ ବୋଲି ଦାମ ପ୍ରଶ୍ନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସମାଲୋଚନା କରିବାକୁ ଯାଇ ସେ କହିଲେ ଯେ, ରାଜନୀତି ଉତ୍ତରାଧିକାରୀ ସୂତ୍ରରେ ମିଳେ ନାହିଁ। ଏହା କୌଣସି ଜମି କିମ୍ବା ସମ୍ପତି ନୁହେଁ। ସେଥିପାଇଁ ବିଜୁବାବୁ ଜୀବିତ ଥିବାବେଳେ ତାଙ୍କ ବଂଶଧରଙ୍କୁ ରାଜନୀତିକୁ ଆଣି ନ ଥିଲେ। ସେହିପରି ଗତ ୫ ତାରିଖରୁ ଭାଜପା ଓ ବିଜେଡି ମଧ୍ୟରେ ବେକାରୀ ସମସ୍ୟାକୁ ନେଇ ଚାଲିଥିବା ଆରୋପ-ପ୍ରତ୍ୟାରୋପକୁ ସେ ନାଟକ ବୋଲି କହିଛନ୍ତି। ସରକାରରେ ଥାଇ ମନ୍ତ୍ରୀମାନେ ନିଯୁକ୍ତି ବିଷୟରେ ସର୍ବସାଧାରଣରେ ବକ୍ତବ୍ୟ ଦେବା ସମିଧାନ ପରିପନ୍ଥୀ। ଏଭଳି ପ୍ରଚାର ସର୍ବସ୍ୱ ସରକାରଙ୍କୁ ଗାଦିଚ୍ୟୁତ କରିଦେବି ବୋଲି ସେ ଚେତାବନୀ ଦେଇଥିଲେ। ରାଜ୍ୟ ସରକାର ଯୁବପିଢିଙ୍କ ନିଯୁକ୍ତି କଥା ଚିନ୍ତା ନ କରି ସେମାନଙ୍କୁ କିପରି ପଥଭ୍ରଷ୍ଟ କରାଯିବ ସେ ସମ୍ପର୍କରେ ଚିନ୍ତା କରୁଛନ୍ତି ବୋଲି ଦାମ ଅଭିଯୋଗ କରିଥିଲେ। ମୁଁହିରୋ, ମୁଁ ଓଡ଼ିଶା କାର୍ଯ୍ୟକ୍ରମ ଓ ବିଜୁ ଯୁବବାହିନୀକୁ ସେ ତୀବ୍ର ଭର୍ତ୍ସନା କରିଥିଲେ। ତେବେ ୪୦ବର୍ଷର ରାଜନୀତିରେ ଆପଣ କେତେ ନିଯୁକ୍ତି ଦେଇଛନ୍ତି, ଅଞ୍ଚଳ ପାଇଁ କ'ଣ ବିକାଶମୂଳକ କାର୍ଯ୍ୟ କରିଛନ୍ତି ବୋଲି ଖବରଦାତାମାନେ ପଚାରିବାରୁ ଦାମ ଚିହ୍ନିକି ଉଠିଥିଲେ। କହିଲେ ଯାହାକିଛି ହୋଇଛି ମୁଁକରିଛି। ଏମ୍‌ଏସ୍‌ଏମ୍‌ଇ (ଅଣୁ, ମଧ୍ୟମ ଓ କ୍ଷୁଦ୍ର ଉଦ୍ୟୋଗ ବିଭାଗ) କାର୍ଯ୍ୟାଳୟ ପାରାଦୀପକୁ ଆଣିବା ପ୍ରସଙ୍ଗ ଦାମ ଉଠାଇଥିଲେ। କିନ୍ତୁ ଏଥିରେ ତାଙ୍କର ଅପାରଗତା ଓ ନିଜ ଘରେ ଅଫିସ କରିବା ପ୍ରସଙ୍ଗ ପଚାରିବାରୁ ସେ ଏ ବିଷୟରେ ଆଉ ଆଲୋଚନା କରି ନ ଥିଲେ। ଏହି ଆଲୋଚନାବେଳେ ପାରାଦୀପ ନିର୍ବାଚନମଣ୍ଡଳୀରୁ ମାତ୍ର ୨ଜଣ ଅନୁଗତ ତାଙ୍କ ସହ ଥିଲେ। ସେମାନେ ହେଲେ ପ୍ରାକ୍ତନ ପୌରାଧ୍ୟକ୍ଷ କିଶୋର କୁମାର ପରିଡ଼ା ଓ ପ୍ରାକ୍ତନ କାଉନ୍‌ସିଲର ଅକ୍ଷୟ ପରିଡ଼ା। ଦାମଙ୍କ ବକ୍ତବ୍ୟ ସମ୍ପର୍କରେ ଏମ୍‌ପି କୁଳମଣି ସାମଲଙ୍କ ମତ ନେବାରୁ ସେ କହିଲେ ଯେ, ଠାକୁର ତାଙ୍କୁ ସଦ୍‌ବୁଦ୍ଧି ଦିଅନ୍ତୁ। ଦୁନିଆରେ ସେ ଏକା ଭଲ ଆଉ ଅନ୍ୟ ସମସ୍ତେ ଦୋଷୀ ବୋଲି କହୁଥିବା ଲୋକର ମତିଗତି ଠିକ୍ ନାହିଁ। ତେଣୁ ସେ ଚିହ୍ନିତ ହେବା ଦରକାର।

୧୫ଜି, ୧୫ଏଚ୍ ଫର୍ମ ଦାଖଲ ନିୟମ କୋହଳ କଲା ଏସ୍‌ବିଆଇ

ନୂଆଦିଲ୍ଲୀ,୧୦।୧୧

ମୂଳ ଉତ୍ସରୁ ଟିକସ କାଟିବା(ଟିଡିଏସ୍)ରୁ ରକ୍ଷା ପାଇବା ପାଇଁ ଆକାଉଣ୍ଟଧାରୀଙ୍କୁ ୧୫ଜି ଏବଂ ୧୫ଏଚ୍ ଫର୍ମ ଦାଖଲ କରିବାକୁ ପଡିଥାଏ। ଏହି ଫର୍ମ ଦାଖଲ ପାଇଁ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଏହାର ଗ୍ରାହକଙ୍କ ପାଇଁ ନିୟମ କୋହଳ କରିଛି। ଏଣିକି ଏସ୍‌ବିଆଇ ଗ୍ରାହକ ଉକ୍ତ ଦୁଇ ପ୍ରକାର ଫର୍ମକୁ ବ୍ୟାଙ୍କର ଯେକୌଣସି ଶାଖାରେ ଦାଖଲ କରିପାରିବେ। ଏଥିପାଇଁ ସେମାନଙ୍କୁ ମୂଳ ଶାଖାକୁ ଆସିବାକୁ ପଡିବ ନାହିଁ। ଏ ସମ୍ପର୍କରେ ବ୍ୟାଙ୍କ ପକ୍ଷରୁ ଶନିବାର ଟୁଇଟର ଜରିଆରେ ଜଣାଇ ଦିଆଯାଇଛି। ୧୫ଜି ଏବଂ ୧୫ଏଚ୍ ଫର୍ମ ଡାଉନଲୋଡ୍ ପାଇଁ ବ୍ୟାଙ୍କ ପକ୍ଷରୁ ଏକ ଲିଙ୍କ୍ ଦିଆଯାଇଛି। ଚଳିତ ବର୍ଷ ମାର୍ଚ୍ଚ ସୁଦ୍ଧା ଏସ୍‌ବିଆଇର ୪ କୋଟି ଗ୍ରାହକ ନେଣଦେଣ କରୁଛନ୍ତି। ଗୋଟିଏ ଆର

ଭଗବାନ ମୋଠାରୁ କ'ଣ ଚାହାନ୍ତି– ମୁଁ କିପରି ଜାଣିବି ? ସେଥିପାଇଁ ତୁମେ ଆଗ ତୁମର ଅହଂକାରକୁ ବିଲୋପ କର। ତୁମ ବ୍ୟକ୍ତିତ୍ୱର ସବୁ ଗର୍ତ୍ତ ଓ ଗୁହା ଭିତରେ ଲୁଚିଥିବା ଅହଂକାରକୁ ନିଷ୍କାସିତ କରିବାକୁ ହେବ। ତୁମର ଶୁଦ୍ଧ ନଗ୍ନ ଅନ୍ତରାତ୍ମାକୁ ଭଗବାନଙ୍କ ଅସୀମ କର୍ମ ଧାରାରେ ଅଭିଷିକ୍ତ କରିବାକୁ ହେବ। ତା'ହେଲେ ଯାଇ ସେ ତୁମ ଭିତରେ ନିଜକୁ ପ୍ରକାଶ କରି ତୁମକୁ ସବୁ ଜଣାଇ ଦେବେ। –ଶ୍ରୀଅରବିନ୍ଦ

ବ୍ୟକ୍ତି ସ୍ୱାଧୀନତା

ଆକାର ପଟେଲ

ଯଦି ଆପଣ ଲୋକଙ୍କୁ ପଚାରିବେ ଯେ ସେମାନେ କିପରି ଭାରତ ଚାହାନ୍ତି, ତେବେ ପ୍ରତ୍ୟେକ ଭାରତୀୟ ଉତ୍ତର ଦେବେ ଯେ, ସେମାନେ ଏକ ଶକ୍ତିଶାଳୀ ଓ ସମୃଦ୍ଧ ଭାରତ ଚାହାନ୍ତି। ପୃଥିବୀର ସବୁଠାରୁ ଶକ୍ତିଶାଳୀ ଓ ଅନ୍ୟତମ ସମୃଦ୍ଧିଶାଳୀ ଦେଶ ହେଉଛି ଆମେରିକା। ଏହାର ଅର୍ଥନୀତି ଭାରତର ୧୦ ଗୁଣ ଏବଂ ଏହାର ଲୋକସଂଖ୍ୟା ଭାରତର ଚାରିଭାଗରୁ ଭାଗେ। ସୁତରାଂ ମୋଟ ଘରୋଇ ଉତ୍ପାଦ (ଜିଡିପି) ଦୃଷ୍ଟିରୁ ବିଚାର କଲେ ଏହାର ଆକାର ବ୍ୟକ୍ତି ପିଛା ଭାରତର ୪୦ ଗୁଣ। ଆମେ ଚାହୁଁ ଏପରି ଏକ ଦେଶ ଯାହା ଆମେରିକା ପରି ଧନୀ ଓ ଶକ୍ତିଶାଳୀ ହୋଇଥିବ, ଯାହାକୁ ପୃଥିବୀର ଅନ୍ୟ ସବୁ ଦେଶ ଭୟ ଓ ସମ୍ମାନ କରୁଥିବେ। ଆଉ ଏକ ପ୍ରକାର ଶକ୍ତିଶାଳୀ ଦେଶ ହେଉଛି ଚାଇନା। ଏହା ମଧ୍ୟ ଏକ ଧନୀ ଦେଶ, ଯାହାର ଅର୍ଥନୀତି ଭାରତଠାରୁ ଛଅଗୁଣ ବଡ଼ ଏବଂ ଏହାର ସେନା ଖୁବ୍ ଶକ୍ତିଶାଳୀ। ଏହି ଦୁଇଦେଶର ଶକ୍ତି ଭିତରେ କ'ଣ ପ୍ରଭେଦ ଅଛି ?

ଭାରତରେ ଧରି ନିଆଯାଏ ଯେ ସରକାର ହିଁ ଦେଶକୁ ଶକ୍ତିଶାଳୀ କରିପାରିବେ। ବର୍ତ୍ତମାନର ପ୍ରଧାନମନ୍ତ୍ରୀଙ୍କ ପରି ଜଣେ ଦୃଢ଼ ନେତା ନିଜର ମେଧା ବଳରେ କିଛି ବିଶେଷ ଜିନିଷ ଦ୍ୱାରା ଦେଶକୁ ଶକ୍ତିଶାଳୀ କରିପାରିବେ। ଆମ ପ୍ରଧାନମନ୍ତ୍ରୀ ବି ଏହା ବିଶ୍ୱାସ କରନ୍ତି। ଏକ ସରକାର ଦେଶର ସମୃଦ୍ଧିରେ ମୁଖ୍ୟ ଭୂମିକା ଗ୍ରହଣ କରନ୍ତି– ଏହି ଦର୍ଶନକୁ ଚାଇନା ମଧ୍ୟ ଅଳ୍ପେବହୁତେ ଗ୍ରହଣ କରେ। ଏହା ଅନସ୍ୱୀକାର୍ଯ୍ୟ ଯେ, ଚାଇନାବାସୀ ଖୁବ୍ ମେଧାବୀ ଓ ପରିଶ୍ରମୀ। ଆପଣ ଯଦି ଥାଇଲାଣ୍ଡ, ମାଲେସିଆ ଓ ସିଙ୍ଗାପୁର ପରି ଦକ୍ଷିଣ ଏସୀୟ ଦେଶକୁ ଯାଆନ୍ତି, ତେବେ ସେସବୁ ଦେଶରେ ପ୍ରବାସୀ ଚାଇନିଜ୍‌ମାନଙ୍କଠାରେ ଏହିସବୁ ଗୁଣ ଦେଖିପାରିବେ। କିନ୍ତୁ ଚାଇନାର କମ୍ୟୁନିଷ୍ଟ ସରକାର ଓ ଜଣେ ବ୍ୟକ୍ତି ଦ୍ୱାରା ପରିଚାଳିତ ଶାସନ ସେ ଦେଶକୁ ଶକ୍ତିଶାଳୀ କରିଛି। ତେବେ ଅନେକ ଦୃଷ୍ଟିରୁ ଏହି ଶକ୍ତି ସୀମିତ। ବ୍ୟକ୍ତି ସ୍ୱାଧୀନତାର ଅଭାବ ଯୋଗୁ ଚାଇନା ବିଶେଷ ଉଦ୍ଭାବନଶୀଳ ହୋଇପାରି ନାହିଁ। ତେଣୁ ଆମେରିକା ସହ ଏହା ତୁଳନୀୟ ନୁହେଁ। ଆମେରିକାରେ ବିଶ୍ୱାସ କରାଯାଏ ଯେ, ଲୋକମାନଙ୍କୁ ନେଇ ଦେଶ ଗଢ଼ାଯାଏ ଏବଂ ଲୋକମାନେ ହିଁ ଦେଶକୁ ମହାନ୍ କରନ୍ତି। ସରକାରଙ୍କ ତରଫରୁ ଲୋକଙ୍କୁ କେବଳ ସୁବିଧା ସୁଯୋଗ ଓ ସ୍ୱାଧୀନତା ମିଳିବା ଦରକାର।

ଆମେରିକା ସମ୍ବିଧାନର ପ୍ରଥମ ସଂଶୋଧନ ୨୨୭ ବର୍ଷ ତଳେ ହୋଇଥିଲା। ଏଥିରେ କୁହାଯାଇଛି ଯେ, ସରକାର ଏପରି କିଛି ଆଇନ ପ୍ରବର୍ତ୍ତନ କରିପାରିବେ ନାହିଁ, ଯାହା ଲୋକଙ୍କ ବାକ୍ ସ୍ୱାଧୀନତାକୁ କ୍ଷୁଣ୍ଣ କରିବ। ତେଣୁ ଆମେରିକାରେ ଜଣେ ଲୋକ ଯେତେ ଘୃଣାବ୍ୟଞ୍ଜକ ଓ ଅଶ୍ଳୀଳ ଭାଷା ପ୍ରୟୋଗ କଲେ ମଧ୍ୟ ତାଙ୍କୁ କେହି ଦେଶବିରୋଧୀ ବା ସହରୀ ମାଓବାଦୀ ବୋଲି କହିପାରିବେ ନାହିଁ। ପ୍ଲେବୟ ଓ ପେଣ୍ଟହାଉସ୍ ପରି ପତ୍ରିକାରେ ଯେତେ ଅଶ୍ଳୀଳତା ଭରି ରହିଲେ ମଧ୍ୟ ସେଗୁଡ଼ିକୁ ବନ୍ଦ କରାଯାଇ ପାରୁନାହିଁ। ଯେତେବେଳେ କୋର୍ଟଗୁଡ଼ିକରେ ଉକ୍ତ ପତ୍ରିକାଗୁଡ଼ିକୁ ଠିଆ କରାଯାଇଛି, ଉକ୍ତ ପ୍ରଥମ ସଂଶୋଧନ ବଳରେ ସେମାନେ କେସ୍‌ରେ ଜିତିଛନ୍ତି। ଆମେରିକାର ସରକାରଗୁଡ଼ିକ ବାକ୍ ସ୍ୱାଧୀନତାକୁ ସଂକୁଚିତ କଲା ଭଳି ଆଇନ ପ୍ରଣୟନ କରିଛନ୍ତି, କିନ୍ତୁ ସେ ଦେଶର କୋର୍ଟଗୁଡ଼ିକ ବକ୍ତାଙ୍କ ବାକ୍ ସ୍ୱାଧୀନତାକୁ ବଳବତ୍ତର ରଖିଛନ୍ତି, ଏପରି କି ସେ ବକ୍ତବ୍ୟ ଅରୁଚିକର ବା ଅଶ୍ଳୀଳ ହେଲେ ମଧ୍ୟ। ଏହି ବ୍ୟକ୍ତି ସ୍ୱାଧୀନତା ହିଁ ଆମେରିକାକୁ ମହାନ୍ ଦେଶରେ ପରିଣତ କରିଛି। ବାସ୍ତବରେ ପାଶ୍ଚାତ୍ୟ ଜଗତର ଇତିହାସରେ ସର୍ବଦା ବ୍ୟକ୍ତି ସ୍ୱାଧୀନତା ଉପରେ ଗୁରୁତ୍ୱ ଦିଆଯାଇଛି। ଏହା ପ୍ରାଚୀନ ଗ୍ରୀକ୍ ସଭ୍ୟତା ଅମଳରୁ ଚାଲିଆସିଛି। ୨୪୦୦ ବର୍ଷ ତଳେ ସକ୍ରେଟିସ୍‌ଙ୍କୁ ମୃତ୍ୟୁଦଣ୍ଡ ଦିଆଗଲା କାରଣ ସେ ସରକାରଙ୍କୁ ମାନିଲେ ନାହିଁ। ଆରିଷ୍ଟଟଲ ଓ ପ୍ଲାଟୋ ଗ୍ରୀକ୍ ଦେବତାମାନଙ୍କୁ ମାନୁ ନ ଥିଲେ। କିନ୍ତୁ ସେମାନଙ୍କ ମୁକ୍ତ ଚିନ୍ତନକୁ ସମ୍ମାନ ଦିଆଯାଇଥିଲା। ପାଶ୍ଚାତ୍ୟ ଦେଶଗୁଡ଼ିକରେ ଯେତେବେଳେ ବି ଅବନତି ଘଟିଛି, ଦେଖାଯାଇଛି ସେତେବେଳେ ମୁକ୍ତ ଚିନ୍ତନକୁ ସଂକୁଚିତ କରାଯାଇଛି ଏବଂ ଭାରତରେ ଆଜି ତାହା ହିଁ ଘଟୁଛି। ପାଶ୍ଚାତ୍ୟରେ ଉକ୍ତ ସମୟକୁ ମଧ୍ୟଯୁଗ କୁହାଯାଏ। ସାମନ୍ତବାଦ, ନିରକ୍ଷରତା ଓ ଚର୍ଚ୍ଚଗୁଡ଼ିକର ଆଧିପତ୍ୟ ହିଁ ଏପରି ଅବକ୍ଷୟ ସୃଷ୍ଟି କରିଥିଲା। ସେହି ଏକା ସମୟରେ ବାଗଦାଦ ଓ ଦକ୍ଷିଣ ସ୍ପେନର ଇସ୍‌ଲାମିକ୍ ଦେଶଗୁଡ଼ିକ ଶିକ୍ଷା ଓ ମୁକ୍ତ ଚିନ୍ତନକୁ ପ୍ରୋତ୍ସାହନ ଦେବା ଫଳରେ ସେଗୁଡ଼ିକ ସମୃଦ୍ଧିଶାଳୀ ହୋଇପାରିଥିଲେ। ମାନବ ଇତିହାସ କୌଣସି ଦେଶର ଉନ୍ନତି ପାଇଁ ଚାଇନିଜ୍ ଅପେକ୍ଷା ଆମେରିକୀୟ ପଦ୍ଧତିକୁ ହିଁ ସମର୍ଥନ କରିଆସିଛି। ବ୍ୟକ୍ତି ସ୍ୱାଧୀନତା ହିଁ କୌଣସି ଦେଶକୁ ମହାନ୍ କରିତୋଳେ। ଭାରତରେ ସତ୍ୟ ଓ ଈଶ୍ୱରଙ୍କ ସ୍ୱରୂପ ପ୍ରକାଶ କରିବା ପାଇଁ ଖୁବ୍ ସ୍ୱାଧୀନତା ରହିଛି। କିନ୍ତୁ ଦେଶ ଓ ଏହାର ଲୋକଙ୍କ ପ୍ରକୃତି ବିଷୟରେ ପ୍ରକାଶ କଲାବେଳକୁ ଯଥେଷ୍ଟ ସ୍ୱାଧୀନତା ନାହିଁ। ଅନେକ ଜିନିଷ ଅଛି ଯାହା ପ୍ରତି ସରକାର ଓ ସମାଜରେ ସହିଷ୍ଣୁତାର ଅଭାବ ରହିଛି। ଦୁର୍ଭାଗ୍ୟର ବିଷୟ ହେଲା କୋର୍ଟଗୁଡ଼ିକରୁ ବି ଆମେ ସେପରି ସମର୍ଥନ ପାଉନାହିଁ, ଯାହା ଆମେରିକାବାସୀ ପାଇଥାନ୍ତି। ତେଣୁ ବାକ୍ ସ୍ୱାଧୀନତାକୁ ଚାପି ଦିଆଗଲେ ମଧ୍ୟ ତା' ବିରୋଧରେ ବେଶି ପ୍ରତିବାଦ ଦେଖିବାକୁ ମିଳେ ନାହିଁ। ।

Email: aakar.patel@gmail.com

ପ୍ରଥମ ବିଶ୍ୱଯୁଦ୍ଧର ବିଭୀଷିକା

ଦେବାଶିଷ ସାମନ୍ତରାୟ

କୌଣସି ଘଟଣା ଅବା ଦୁର୍ଘଟଣାର ପ୍ରଭାବ ଓ କାରଣ ସ୍ଥଳ ଦୃଷ୍ଟିରୁ ଦେଖିଲେ ହୁଏତ ସ୍ପଷ୍ଟ ଅନୁମାନ କରାଯାଇପାରେନା। ପ୍ରତ୍ୟେକ ଘଟଣା ଓ ଦୁର୍ଘଟଣା ଆକସ୍ମିକ ବି ନୁହେଁ। ଏହା ପଛରେ ନିର୍ଦ୍ଦିଷ୍ଟ ଏକ କାରଣ ଯୁକ୍ତିଯୁକ୍ତ ଲାଗୁ ନ ଥାଇ ପାରେ, ମାତ୍ର ତା' ସହ ସନ୍ନିବିଷ୍ଟ ଥାଏ ଅନେକ ଛୋଟବଡ ଉପାଦାନ।

ଛୋଟ ଏକ ଉଦାହରଣରୁ ବୁଝାଯାଇ ପାରେ। ଜନୈକ ବ୍ୟକ୍ତି କାର୍ ଯୋଗେ ଦୀର୍ଘ ଏକ ରାସ୍ତା ଅତିକ୍ରମ କଲାବେଳେ ଅଧାବାଟରେ ତାଙ୍କର ଗାଡିଟି ଖରାପ ହୋଇଗଲା। ରାସ୍ତାରେ ଗାଡିଟିକୁ ଅଟକେଇ, କୋଉଠି ସାହାଯ୍ୟ ମିଳିପାରିବ ଖୋଜିବାକୁ ଗଲାବେଳେ ତାଙ୍କ ନଜରରେ ପଡିଲା ଏକ ଫାର୍ମହାଉସ୍। ଫାର୍ମହାଉସ୍‌ରେ ରହୁଥିବା ବ୍ୟକ୍ତିଜଣକ ଗାଡି ମେକାନିକ ନ ହୋଇ ବି ଯାନ୍ତ୍ରିକ ମରାମତି ସମ୍ବନ୍ଧୀୟ ସାମାନ୍ୟ ଜ୍ଞାନ ଥିବା ଯୋଗୁ ଗାଡିଟିକୁ ଠିକ୍ କରିପାରିଲେ। ଗାଡିଚାଳକ ପଛକୁ ଦେଖନ୍ତି ତ ଅଦ୍ଭୁତ ଏକ ପରିସ୍ଥିତି। ଶହେରୁ ଊର୍ଦ୍ଧ୍ୱ ଯାନ ଅପେକ୍ଷା କରି ରହିଛି, ତାଙ୍କ ଗାଡିଟି ରାସ୍ତାରୁ ହଟିଲେ, ଆଗକୁ ଯିବେ। ଶୁଭାଯାଉଛି ଚିତ୍କାର ଗାଡିଗୁଡ଼ିକରୁ। ଗାଡିଗୁଡ଼ିକରେ ବସିଥିବା ସ୍ତ୍ରୀଲୋକମାନଙ୍କର ବିକଳ ଚିତ୍କାର ଓ ପୁରୁଷମାନଙ୍କର ବ୍ୟସ୍ତବ୍ୟାକୁଳତା ହିଁ ପରିସ୍ଥିତିକୁ ଜଟିଳ କରିସାରିଥିଲା। କ'ଣ ନା ଯୁଦ୍ଧ ହେବ। ତେଣୁ ସହର ଯେତେଶୀଘ୍ର ଛାଡିବାକୁ ହେବ, ଜୀବନ ବଞ୍ଚେଇବା ପାଇଁ। ଗାଡିଚାଳକ ଗାଡିଟିକୁ ସେଠୁ ନିରାପଦ ଏକ ସ୍ଥାନରେ ରଖିଲେ। ରାସ୍ତା ଆରପଟେ ଥିବା ଏକ ବିସ୍ତୀର୍ଣ୍ଣ ସବୁଜ ଚାଷକ୍ଷେତକୁ ଚାହିଁହାତଦୁଇଟିକୁ ଦୁଇଦିଗକୁ ପ୍ରସାରି ଏହି ବିକଳ ମଣିଷମାନଙ୍କ ଉଦ୍ଦେଶ୍ୟରେ କହିଲେ– 'ହାୟରେ ମଣିଷ ! ପୃଥିବୀକୁ ନେଇ ତୋର ଧାରଣା କେତେ କ୍ଷୁଦ୍ର ଓ ସଂକୀର୍ଣ୍ଣ'।

ଏହି ଯୁଦ୍ଧ ଲାଗି ରହିଛି ମଣିଷର ନିଜ ଭିତରେ,ମଣିଷ ମଣିଷ ଭିତରେ, ଦେଶ ଦେଶ ଭିତରେ। ପୌରାଣିକ ଯୁଗରେ, ପ୍ରାଗ୍ ଐତିହାସିକ ଯୁଗଠୁ ଆରମ୍ଭ କରି ଅତ୍ୟାଧୁନିକ ଯୁଗ ପର୍ଯ୍ୟନ୍ତ ଯୁଦ୍ଧ ଲାଗିରହିଛି ଅନ୍ୟ ଉପରେ ବିଜୟର ଲାଳସାରେ, ପ୍ରଭୁତ୍ୱ ବିସ୍ତାର କରିବା ମୋହରେ, ନିଜକୁ ସର୍ବଶ୍ରେଷ୍ଠ ପ୍ରମାଣ କରିବାର ଅଂହକାରରେ,ସ୍ୱାର୍ଥରେ ବାଧାଆସିବା ସମ୍ଭାବନାରେ, । ଅନେକ ସମୟରେ ଏହା ବି ଏକ ପ୍ରବଣତା। ଏହି ଯୁଦ୍ଧର ଫଳାଫଳ ସାରା ବିଶ୍ୱକୁ ହିଁ ଭୋଗିବାକୁ ହୁଏ। ଚାହେଁ ତା'ର ଫଳାଫଳ ସୁଦୂରପ୍ରସାରି ଲାଭଦାୟକ ଅବା ତତ୍‌କ୍ଷଣାତ କ୍ଷତିକାରକ, ଯାହାର ଭରଣା କରିବାର କ୍ଷମତା ଓ ସାମର୍ଥ୍ୟ ମାନବସମାଜ ପକ୍ଷରେ ଅସମ୍ଭବ।

୨୮ ଜୁଲାଇ ୧୯୧୪ରୁ ୧୧ନଭେମ୍ବର ୧୯୧୮ର ଏହି ଦୀର୍ଘମିଆଦୀ ବିଶ୍ୱଯୁଦ୍ଧ ପୂର୍ବରୁ ବିଶ୍ୱ ବି ସାମ୍ନା କରିଥିଲା ଅନେକ ଯୁଦ୍ଧ ଓ ସାକ୍ଷୀ ହୋଇଥିଲା ଅନେକ ସଂଗ୍ରାମର। ମାତ୍ର ସେସବୁ ଥିଲା ନିର୍ଦ୍ଦିଷ୍ଟ ଏକ କାରଣକୁ ନେଇ, ନିର୍ଦ୍ଦିଷ୍ଟ ଏକ ବର୍ଗ ଓ ଦେଶ ଭିତରେ। ମାତ୍ର ଏହି ଯୁଦ୍ଧ ୟୁରୋପରୁ ଆରମ୍ଭ ହୋଇ ମହାମାରୀ ପରି ସାରାବିଶ୍ୱକୁ ଆକ୍ରାନ୍ତ କରିତାଲିଲା। ରୋଗ ଯେତେ ଶକ୍ତିଶାଳୀ ଓ ମାରାତ୍ମକ ହେଉନା କାହିଁକି ଶରୀର ଯଦି ଦୁର୍ବଳ ନୁହେଁ, ସେ ରୋଗ ଆକ୍ରାନ୍ତ କରିପାରିବ ନାହିଁ। ସେହିପରି ସେ ସମୟରେ ସାରା ବିଶ୍ୱ ଜଳୁଥିଲା ଅନେକ ଅଦମନୀୟ ଘଟଣା ପ୍ରବାହକୁ ନେଇ। ୯୨ ବର୍ଷର ଜ୍ୱଳନ ବୋଧହୁଏ ଶାନ୍ତ ହେବାର ଥିଲା, ଅନ୍ୟ ଏକ ଭୟଙ୍କର ଜ୍ୱଳନର ରୂପ ନେଇ।

ନା ଥିଲା ଆଇନଶୃଙ୍ଖଳା ରକ୍ଷା କରିବା ପାଇଁ କିଛି ଅନୁଷ୍ଠାନ, ନା ସମସ୍ତେ ମାନିନେଲା ପରି ତିଆରି ହୋଇଥିଲା କିଛି ନିୟମ। ଜୋର ଯା'ର ମୂଲକ ତା'ର ନ୍ୟାୟରେ ଯିଏ ଯେତେ ପାରିଲା, ଅକ୍ତିଆର କରିନେଲା ସେତେ। ଏଇ ଉଗ୍ରଜାତୀୟତାବାଦ, ଅନ୍ୟ ପାଇଁ ଘୃଣା ଓ ଅବିଶ୍ୱାସର ବାତାବରଣ ହିଁ ପ୍ରଥମ ବିଶ୍ୱଯୁଦ୍ଧର ବାଟ ଉନ୍ମୁକ୍ତ କରିଦେଲା।

'ଝିମିଟି ଖେଳରୁ ମହାଭାରତ' ଏଇଥିପାଇଁ କୁହାଯାଏ ଯେ, ମହାଭାରତ ଯୁଦ୍ଧକୁ ସହଜରେ ଏଡେଇ ଦିଆଯାଇପାରିଥାନ୍ତା। ଯଦି ମହାରାଜ ଯୁଧିଷ୍ଠିର ତାଙ୍କ ପ୍ରତି ଆବାଲ୍ୟ ଶତ୍ରୁ ମନୋଭାବ ପୋଷଣ କରୁଥିବା ହସ୍ତିନାପୁରର ଯୁବରାଜ ଦୁର୍ଯ୍ୟୋଧନଙ୍କର କପଟ ପଶାଖେଳର ଆମନ୍ତ୍ରଣକୁ ଏଡେଇ ଯାଇଥାନ୍ତେ।

ପ୍ରତ୍ୟେକ ସମସ୍ୟାର ସମାଧାନର ଉପାୟ କୋଉଠି ନା କୋଉଠି ଥାଏ। ତାକୁ ଖୋଜିପାରିଲେ ହେଲା। ଅନେକ ଯଥାର୍ଥ ରାଷ୍ଟ୍ରନୀତିଜ୍ଞ କେତେଗୁଡିଏ ଅବଶ୍ୟମ୍ଭାବୀ ଯୁଦ୍ଧ ଓ ଦୁର୍ଘଟଣାକୁ ନିଜର ବୁଦ୍ଧି ଓ ବିଚକ୍ଷଣତା ବଳରେ ଏଡେଇ ଯାଇଥିବାର ନଜିର ରହିଛି। ଯୁଦ୍ଧ ଅଟକିଗଲେ ବଞ୍ଚିଯାଏ ଅନେକ ଜୀବନ,ବଢ଼ିଯାଏ ବିଶ୍ୱାସ ଓ ବଞ୍ଚିବା ଉପରେ ଆସ୍ଥା, ଭୋଗିବାକୁ ପଡେନି ପ୍ରଶ୍ୱାସ ନେବାର କଷ୍ଟ କି ଅପୋଷା ରହେନି ପେଟ।

ପ୍ରଥମ ବିଶ୍ୱଯୁଦ୍ଧ କ'ଣ ଏଡେଇ ହୋଇ ନ ଥାନ୍ତା ?

ଏ ମହାଯୁଦ୍ଧ କ'ଣ ନିହାତି ଅପରିହାର୍ଯ୍ୟ ଥିଲା ?

ନ ଥିଲେ କ'ଣ କେହି ଜଣେ ବି ରାଷ୍ଟ୍ରବାଦୀ ?

କଳୁଷିତ ହୋଇଯାଇଥିଲା କ'ଣ ଜାତୀୟ ଚରିତ୍ର ?

ଅପ୍ରତ୍ୟାଶିତ ଭାବେ ମହାଯୁଦ୍ଧଟିଏ କ'ଣ ଆସିପାରେ ?

ଥିଲା କ'ଣ ଯୁଦ୍ଧ ପାଇଁ ମାନସିକ ପ୍ରସ୍ତୁତି ?

ହଁ ଥିଲା। କିଛି ପାଇବା ପାଇଁ କିଛି ହରେଇବାକୁ ମାନସିକ ପ୍ରସ୍ତୁତ ଥିଲେ। ମଣିଷର ଅସୂୟା, ଅହଂକାର, ରାଷ୍ଟ୍ର ରାଷ୍ଟ୍ର ଭିତରେ ବାଣିଜ୍ୟିକ ଶତ୍ରୁତା, ସାମରିକ ପ୍ରତିଯୋଗିତା,ଉପନିବେଶ ବୃଦ୍ଧିପାଇଁ ଦେଶଦେଶ ମଧ୍ୟରେ ପତିଯୋଗିତା, ଜୋର ଯାର ମୂଲକ ତା'ର ନ୍ୟାୟରେ ବିଶ୍ୱାସ ଆଉ କିଛି ରାଷ୍ଟ୍ରର ଅପରିଣାମଦର୍ଶୀ ନିଷ୍ପତ୍ତି ହିଁ ବିଶ୍ୱଯୁଦ୍ଧଟିଏ ଆଣି ଲଦିଦେଲା। ସମସ୍ତେ ପ୍ରସ୍ତୁତ ଥିଲେ। ଖାଲି ଅପେକ୍ଷା ଥିଲା ନିଆଁ କିଏ ଆଗେ ଚେଙ୍କିବ ? ସଂଯୋଗ ବଶତଃ ଅଷ୍ଟ୍ରିଆର ଯୁବରାଜ ଫ୍ରାନ୍‌ସିସ୍ ଫର୍ଡିନାଣ୍ଡଙ୍କୁ ସର୍ବିୟାରେ ହତ୍ୟା କରାଯାଇଥିଲା। ଏହାକୁ ଅନେକେ ବିଶ୍ୱଯୁଦ୍ଧର ପ୍ରଥମ ଆଶୁ କାରଣ କହୁଥିଲେ ହେଁ ଅନ୍ୟକୁ ଦମନ କରି ନିଜକୁ ପ୍ରତିଷ୍ଠିତ କରିବାର ଲାଳସା ହିଁ ସେହି ସମୟର ୟୁରୋପୀୟ ଦେଶମାନଙ୍କର ଜାତୀୟ ଚରିତ୍ର ହୋଇଯାଇଥିଲା।

ସାଧାରଣ ମନେ ହେଉଥିବା ଘଟଣାଟି ଯେ ବିଶ୍ୱବାସୀଙ୍କୁ ଯୁଦ୍ଧ ଆଡକୁ ଟାଣି ନେଉଥିବ ଏହା ମନେ ହେଉନାହିଁ। ବରଂ ଦୂରଦର୍ଶୀ ଓ ସାହସୀ ରାଷ୍ଟ୍ରନେତା ଥିଲେ ପ୍ରଥମ ବିଶ୍ୱଯୁଦ୍ଧକୁ ହୁଏ ତ ଏଡେଇ ହୋଇଥାନ୍ତା। ସେ ସମୟରେ ତ ଆଜିଭଳି ମିଳିତ ଜାତିସଂଘ, ଜି–୮, ଜି–୨୦, ୟୁରୋପିଆନ ୟୁନିୟନ କି ଅନ୍ୟ କିଛି ସଙ୍ଗଠନ ନ ଥିଲା ଯେଉଁମାନେ ଶାନ୍ତି ପ୍ରତିଷ୍ଠା ଉଦ୍ୟମରେ ଯୁଦ୍ଧକୁ ଏଡେଇ ପାରିଥାନ୍ତେ।

ପ୍ରଥମ ବିଶ୍ୱଯୁଦ୍ଧର ଫଳାଫଳ ଭୟଙ୍କର ହୋଇଛି, ପ୍ରାୟତଃ ପ୍ରତ୍ୟେକ ଯୁଦ୍ଧର ପରିଣାମ ପରି। ଯଦିଓ ଜାତିସଂଘ ଜନ୍ମ ନେଇଛି ଏବଂ ରାଜତନ୍ତ୍ରର ବିଲୋପ ସହ ଗଣତନ୍ତ୍ରର ପ୍ରତିଷ୍ଠା ହୋଇଛି, ତଥାପି ଉଗ୍ର ଏକଚ୍ଛତ୍ରବାଦର ଅଭ୍ୟୁଦୟ ଘଟିଛି। ଯୁକ୍ତରାଷ୍ଟ୍ର ଆମେରିକା ଓ ସୋଭିଏଟ୍ ରୁଷିଆ ବୃହତ୍ ଶକ୍ତିରେ ପରିଣତ ହୋଇଛନ୍ତି। ଏହି ମହାଯୁଦ୍ଧରେ ୯ ନିୟୁତ ଲୋକଙ୍କର ମୃତ୍ୟୁ ଘଟିବା ସହ ୭୯ ନିୟୁତ ଲୋକ ଆହତ ହୋଇଛନ୍ତି। କ୍ଷୁଧା, ରୋଗ ଓ ହିଂସାକାଣ୍ଡରେ ବହୁ ଲୋକ ମୃତ୍ୟୁବରଣ କରିଛନ୍ତି। ତା'ଛଡ଼ା ଏହାଦ୍ୱାରା ସ୍ପାନିସ୍ ଫ୍ଲୁ ପରି ମହାମାରୀ ସହ ମାରାତ୍ମକ ପରିଣାମ ଭେଟି ଦେଇଥିବା ଦ୍ୱିତୀୟ ବିଶ୍ୱଯୁଦ୍ଧର ବୀଜରୋପଣ ହୋଇଛି।

ଆଜିପ୍ରତ୍ୟେକ ଦେଶ ନିଜର ସୁରକ୍ଷା ପାଇଁ ସାମରିକ ଖର୍ଚ୍ଚ ଯୋଜନା ଅଧିକ କରୁଛନ୍ତି। ନୂଆ ପ୍ରୟୋଗ କୌଶଳ ଆପଣାଉଛନ୍ତି। ପ୍ରଥମ ବିଶ୍ୱଯୁଦ୍ଧ ନୂଆ ରଣକୌଶଳ ଆପଣାଇବା ସାଙ୍ଗକୁ ନୂତନ ଅସ୍ତ୍ରଶସ୍ତ୍ର (ଟ୍ୟାଙ୍କ୍‌ଠୁ ନେଇ ଏୟାର କ୍ରାଫ୍ଟ) ଉତ୍ପନ୍ନ କରିବାକୁ ବାଧ୍ୟ କଲା।

ତୃତୀୟ ବିଶ୍ୱଯୁଦ୍ଧର ସମ୍ଭାବନାକୁ ବାରମ୍ବାର ଏଡେଇ ଦିଆଯାଉଛି। ସାମଗ୍ରିକ ଭାବେ ବିଶ୍ୱର ମଙ୍ଗଳ ଦୃଷ୍ଟିରୁ ଲାଭ ଅପେକ୍ଷା କ'ଣ ଅଧିକ କ୍ଷତି ହେବାର ସଚେତନତା ଥିବାରୁ। କୌଣସି ଯୁଦ୍ଧ କେବେ ଶାନ୍ତିର କାରଣ ହୋଇପାରିବ ନାହିଁ। ଦୁଇଟି ବିଶ୍ୱଯୁଦ୍ଧରୁ ଆମକୁ ଏହି ଶିକ୍ଷା ମିଳିଛି।

ଯୁଦ୍ଧକୁ ନେଇ ପ୍ରତିବାଦର ସ୍ୱର ଆମର ଶାଣିତ ହେବା ଜରୁରୀ। ଯୁଦ୍ଧର ପ୍ରତିବାଦ କରିବାକୁ ଯାଇ ଅନେକ ସମ୍ବେଦନଶୀଳ ଘଟଣା ଶୁଣିବାକୁ ମିଳେ। ଯେମିତି ଜଣେ ବୌଦ୍ଧ ସନ୍ନ୍ୟାସୀ ଭିଏତନାମ୍ ଉପରେ ଆମେରିକା ହିଂସାର ପ୍ରତିବାଦ କରିବାକୁ ଆତ୍ମଦାହ କରୁଥିଲେ। ପରିଶେଷରେ ଦେଖାଗଲା ତାଙ୍କ ଶରୀରର ସମସ୍ତ ଅବୟବ ଜଳିପୋଡି ଗଲା। ମାତ୍ର କୌଣସି ଶକ୍ତି ସମର୍ଥ ହେଲାନି ନଷ୍ଟ କରିବାକୁ ତାଙ୍କର ହୃତ୍‌ପିଣ୍ଡକୁ।

ଇ–୩୯୫, ସେକ୍ଟର–୬, ସିଡିଏ, କଟକ,
ମୋ: ୯୪୩୮୧୭୭୫୨୬

ସାହସିନୀ ସାମ୍ବାଦିକା

ବ୍ୟକ୍ତିତ୍ୱ

ସ୍ୱାତୀ ଚତୁର୍ବେଦୀ

ବର୍ତ୍ତମାନ ସମୟରେ ସୂଚନା ହେଉଛି ସମ୍ପଦ। ଯାହାଙ୍କ ପାଖରେ ଯେତେ ତଥ୍ୟ ରହିଛି, ସେ ସେହି ଅନୁଯାୟୀ ସମୃଦ୍ଧ। ପାରମ୍ପରିକ ଗଣମାଧ୍ୟମ ବଡ଼ କର୍ପୋରେଟ୍ ସଂସ୍ଥା ଦ୍ୱାରା ପରିଚାଳିତ ହେଉଛି। ସେଗୁଡ଼ିକ ମନ ମୁତାବକ ତଥ୍ୟ ପ୍ରସାରଣ କରୁଥିବା ଅଭିଯୋଗ ହେଉଛି । ହେଲେ ସୋସିଆଲ ମିଡିଆର ଅଭ୍ୟୁଦୟ ହେବା ପରେ ଜନସାଧାରଣ ହାତପାହାନ୍ତାରେ ପର୍ଯ୍ୟାପ୍ତ ତଥ୍ୟ ପାଇପାରୁଛନ୍ତି। ଟ୍ୟୁନିସିଆ ଓ ଇଜିପ୍ଟରେ ଯେଉଁ ରାଜନୈତିକ ବିପ୍ଳବ ସୃଷ୍ଟିହୋଇ ବ୍ୟବସ୍ଥାରେ ପରିବର୍ତ୍ତନ ଆଣିପାରିଥିଲା, ତାହା କେବଳ ସାମାଜିକ ଗଣମାଧ୍ୟମ ଦ୍ୱାରା ସମ୍ଭବ ହୋଇଥିଲା। ଏବେ ଭାରତ ସମେତ ବିଶ୍ୱବ୍ୟାପୀ ସାମାଜିକ, ସାଂସ୍କୃତିକ, ରାଜନୈତିକ, ଅର୍ଥନୈତିକ ଦିଗକୁ ସୋସିଆଲ ମିଡିଆ ପ୍ରଭାବିତ କରୁଛି। ସ୍ଥଳବିଶେଷରେ ଏହାର ନକାରାତ୍ମକ ପ୍ରତିଫଳନ ଲୋକଙ୍କ ଉପରେ ପଡୁଥିବାରୁ ଅପ୍ରୀତିକର ପରିସ

ପ୍ରଥମ ବିଶ୍ୱଯୁଦ୍ଧର ୧୦୦ ବର୍ଷ ପୂର୍ତ୍ତି



ମହାବିଧ୍ୱଂସୀ ପ୍ରଥମ ବିଶ୍ୱଯୁଦ୍ଧ ସଙ୍ଘଟିତ ହେବାପଛରେ ଏକାଧିକ କାରଣ ରହିଥିଲେ ମଧ୍ୟ ଯେଉଁ ଗୋଟିଏ କାରଣକୁ ଅତି ଗୁରୁତ୍ୱର ସହ ବିଚାରକୁ ନିଆଯାଏ ତାହା ହେଉଛି ଅଷ୍ଟ୍ରିଆର ରାଜ କୁମାର ଆର୍କଡ୍ୟୁକ୍ ଫ୍ରାଞ୍ଜ ଫର୍ଡିନାଣ୍ଡଙ୍କ ହତ୍ୟା। ସେ ନିଜ ପତ୍ନୀଙ୍କ ସହ ବୋସନିଆ ଭ୍ରମଣ କରିବାକୁ ଯାଇଥିବା ଅବସରରେ ତାଙ୍କୁ ଓ ତାଙ୍କ ପତ୍ନୀଙ୍କୁ ହତ୍ୟା କରାଯାଇଥିଲା। ଏହା ଥିଲା ୨୮ ଜୁନ ୧୯୧୪ ମସିହା କଥା। ଏହାକୁ ମୂଳରେ ରଖି ଯେଉଁ ଭୟାବହ ଯୁଦ୍ଧ ଆରମ୍ଭ ହୋଇଥିଲା ତାହା ହିଁ 'ଗ୍ରେଟ୍ ୱାର' ବା 'ଗ୍ଲୋବାଲ୍ ୱାର୍'। ଏହି ଯୁଦ୍ଧର ଅବଧି ଥିଲା ୨୮ ଜୁଲାଇ ୧୯୧୪ରୁ ୧୧ ନଭେମ୍ବର ୧୯୧୮। ଏହି ଯୁଦ୍ଧରେ ମୃତ୍ୟୁ ସଂଖ୍ୟା ଥିଲା ୧ କୋଟି ୭୦ ଲକ୍ଷରୁ ଊର୍ଦ୍ଧ୍ୱ। ତନ୍ମଧ୍ୟରୁ ୧ କୋଟି ୧୦ ଲକ୍ଷ କେବଳ ସିପାହୀ ଥିବା ବେଳେ ଆଉ ୭୦ ଲକ୍ଷ ବେସାମରିକ ବ୍ୟକ୍ତି ମୃତ୍ୟୁବରଣ କରିଥିଲେ। ଏଥିରେ ଆହତଙ୍କ ସଂଖ୍ୟା ଥିଲା ୨କୋଟି। ଆଜିକୁ ପ୍ରଥମ ବିଶ୍ୱଯୁଦ୍ଧ ସମାପ୍ତିର ଠିକ ୧୦୦ବର୍ଷ ପୂରୁଛି। ଏହି ଯୁଦ୍ଧ ଆମକୁ ଏତିକି ଶିଖେଇଛି ଯେ, କୌଣସି ପରିସ୍ଥିତିରେ ବି ଯୁଦ୍ଧ କାମ୍ୟ ନୁହେଁ। ଏହି ଭୟାବହ ଯୁଦ୍ଧ ପୃଥିବୀରେ ଅନେକ ପରିବର୍ତ୍ତନକୁ ଆବାହନ କରିଥିଲା। ସେ ସମ୍ପର୍କରେ 'ଧରିତ୍ରୀ'ର ବିଶେଷ ଉପସ୍ଥାପନା...

ପ୍ରଥମ ଆଧୁନିକ ମହାଯୁଦ୍ଧ

● ନିକୁଞ୍ଜ ବିହାରୀ ସାହୁ

ବିଶ୍ୱ ଇତିହାସରେ ଲୋମହର୍ଷଣକାରୀ ସଂଘର୍ଷ, ରକ୍ତପାତ ତଥା ଅତୀବ ଭୟାନକ ଘଟଣାର ଦସ୍ତାବିଜ୍ ଥିଲା ପ୍ରଥମ ବିଶ୍ୱଯୁଦ୍ଧ।

ଏହି ଯୁଦ୍ଧରେ ବିଶ୍ୱ ଦୁଇଟି ପକ୍ଷରେ ବିଭକ୍ତ ହୋଇଯାଇଥିଲା। ମିତ୍ରଶକ୍ତିଙ୍କ ପକ୍ଷରେ ରୁଷିଆ, ଫ୍ରାନ୍ସ, ବ୍ରିଟେନ ଏବଂ ଯୁକ୍ତରାଷ୍ଟ୍ର ଆମେରିକା ଇତ୍ୟାଦି ଦେଶ ସାମିଲ ହୋଇଥିବା ବେଳେ ଅକ୍ଷଶକ୍ତିଙ୍କ ପକ୍ଷରେ ଜର୍ମାନୀ, ଅଷ୍ଟ୍ରିଆ– ହଙ୍ଗେରୀ ଓ ତୁର୍କୀ ଇତ୍ୟାଦି ଦେଶ ଅନ୍ତର୍ଭୁକ୍ତ ଥିଲେ। ଏହି ଯୁଦ୍ଧରେ ବ୍ରିଟେନ୍ ସହିତ ସାରା ବିଶ୍ୱରେ ବିସ୍ତୃତ ଏହାର ବିଶାଳ ସାମ୍ରାଜ୍ୟ ମଧ୍ୟ ଯୋଗ ଦେଇଥିଲା। ଏଥିରେ ମଧ୍ୟ ଅନେକ ଭାରତୀୟ ସୈନିକ ଅଂଶଗ୍ରହଣ କରି ପ୍ରାଣବଳି ଦେଇଥିଲେ। ସୁତରାଂ ଯୁଦ୍ଧର ଭୌଗୋଳିକ ପରିସୀମାର ବ୍ୟାପକତା ଏବଂ ବିପୁଳ ମୃତାହତଙ୍କ ସଂଖ୍ୟାରୁ ଏହାକୁ ବିଶ୍ୱଯୁଦ୍ଧର ମାନ୍ୟତା ଦିଆଯାଇଥିଲା।

ଉତ୍ପାଦନ କ୍ଷେତ୍ରରେ ଅଭିବୃଦ୍ଧି

ସଂଘର୍ଷରତ ବାହିନୀକୁ ଯଥେଷ୍ଟ ସେନା ଓ ସରଞ୍ଜାମ ଯୋଗାଇବା ନିମନ୍ତେ ରାଷ୍ଟ୍ରୀୟସମ୍ପତ୍ତିକୁବହୁଳବ୍ୟବହାରକରାଯାଇଥିଲା।ବ୍ରିଟିଶ୍‌ସରକାରଉତ୍ପାଦନ କ୍ଷେତ୍ରକୁ ସମ୍ପୂର୍ଣ୍ଣ ଭାବେ ନିଜ ନିୟନ୍ତ୍ରଣକୁ ଆଣି ଯୁଦ୍ଧାସ୍ତ୍ର ଉତ୍ପାଦନକୁ ତ୍ୱରାନ୍ୱିତ କରିଥିଲେ। ଫଳରେ ଯୁଦ୍ଧ ଶେଷ ବେଳକୁ ବ୍ରିଟେନ୍‌ରେ ୪୦ ଲକ୍ଷ ବନ୍ଧୁକ, ୨୫୦,୦୦୦ ମେଶିନ୍ ଗନ୍, ୫୨୦୦୦ ବିମାନ, ୨୫୦୦ ଟ୍ୟାଙ୍କ୍, ୨୫୦୦୦ ତୋପ ଏବଂ ୧୭କୋଟି ରାଉଣ୍ଡର ତୋପ ଗୁଳି ଉତ୍ପାଦନ ହୋଇସାରିଥିଲା। ଏହି ଯୁଦ୍ଧରେ ହଜାର ହଜାର ବ୍ୟକ୍ତି ଯୁଦ୍ଧ ସଂକ୍ରାନ୍ତୀୟଶିଳ୍ପ, ଖାଦ୍ୟ ପ୍ରକ୍ରିୟାକରଣ ଓ ଯୋଗାଣ ବ୍ୟବସ୍ଥାରେ ପରୋକ୍ଷଭାବେ ସଂଶ୍ଳିଷ୍ଟ ଥିଲେ।

ଅତ୍ୟାବଶ୍ୟକ ସାମଗ୍ରୀର ବିକାଶ

ଯୁଦ୍ଧ ସମୟରେ ଆବଶ୍ୟକତା ଦୃଷ୍ଟିରୁ ହେଉ କିମ୍ବା ଆକସ୍ମିକ ଭାବେ କିଛି ଅତ୍ୟାବଶ୍ୟକ ସମାଗ୍ରୀର ବିକାଶ ଘଟିଥିଲା, ଯାହା ଏବେ ଆମ ଦୈନନ୍ଦିନ ଜୀବନର ଅଙ୍ଗ ପାଲଟିଯାଇଛି। ସେଥିମଧ୍ୟରୁ ଗୋଟିଏ ଥିଲା ମହିଳାମାନେ ବ୍ୟବହାର କରୁଥିବା ସାନିଟାରୀ ଟାଓ୍ୱେଲ୍। ୧୯୧୪ ମସିହାରେ ଆର୍ନେଷ୍ଟ ମାହେଲର୍ ନାମକ ଜଣେ ଆମେରିକୀୟ ଉଦ୍ୟୋଗପତି 'ସେଲୁକଟନ୍' ନାମକ ଏପରି ଏକ ପଦାର୍ଥର ସନ୍ଧାନ ପାଇଲେ ଯାହା ତରଳ ପଦାର୍ଥକୁ ତୁଳା ତୁଳନାରେ ପାଞ୍ଚ ଗୁଣ ଭଲ ଶୋଷି ନେଇ ପାରୁଥିଲା। ଏହାକୁ ନେଇ ସେ ପ୍ରଥମେ ଯୁଦ୍ଧ ପୀଡିତଙ୍କ ପାଇଁ ସର୍ଜିକାଲ୍ ବ୍ୟାଣ୍ଡେଜ୍ ପ୍ରସ୍ତୁତ କଲେ। ପରବର୍ତ୍ତୀ ସମୟରେ ଯୁଦ୍ଧକ୍ଷେତ୍ରରେ ଶୁଶ୍ରୂଷା ନିମନ୍ତେ ମୁତୟନ ଥିବା ରେଡକ୍ରସ୍‌ର ନର୍ସମାନେ ଏହାର ମହତ୍ତ୍ୱ ଉପଲବ୍ଧି କରି ଏହାକୁ ଶରୀରର ସ୍ରାବ ଶୋଷିନେବା ପାଇଁ ବ୍ୟକ୍ତିଗତ କାର୍ଯ୍ୟରେ ବିନିଯୋଗ କରିଥିଲେ। ସେବେଠାରୁ ଏହା ମହିଳାମାନଙ୍କ ପାଇଁ ଏକ ଅତ୍ୟାବଶ୍ୟକ ସାମଗ୍ରୀ ପାଲଟି ଯାଇଛି।

ନୂତନ ଜ୍ଞାନକୌଶଳର ପ୍ରୟୋଗ

ଏହା ମାନବ ଇତିହାସରେ ସର୍ବପ୍ରଥମ ଆଧୁନିକ ଯୁଦ୍ଧ ଥିଲା। ନିର୍ଣ୍ଣାୟକ ସ୍ଥିତି ହାସଲ କରି ସ୍ୱଳ୍ପ ସମୟ ମଧ୍ୟରେ ଯୁଦ୍ଧର ମୋଡ଼ ବଦଳାଇ ଦେବା ନିମନ୍ତେ ଅନେକ ନୂଆ ଯନ୍ତ୍ରପାତି ଓ ରଣକୌଶଳ ପ୍ରୟୋଗ ହେବା ସାଙ୍ଗକୁ ଯୁଦ୍ଧକ୍ଷେତ୍ରରେ ଅନେକ ସାମରିକ ପ୍ରଯୁକ୍ତି ପରୀକ୍ଷିତ ହୋଇଥିଲା। ଶତ୍ରୁ ଶିବିର ମଧ୍ୟକୁ ପ୍ରବେଶ କରି ଶକ୍ତିଶାଳୀ ଗୋଳା ପ୍ରହାର କରପାରୁଥିବା ଟ୍ୟାଙ୍କ୍, ମିନିଟ୍‌କୁ ୫୦୦ରୁ ୬୦୦ ରାଉଣ୍ଡ୍ ଗୁଳି ନିକ୍ଷେପ କରିପାରୁଥିବା ମେଶିନ୍‌ଗନ୍, ରେଡିଓ ଯୋଗାଯୋଗ ବ୍ୟବସ୍ଥା ଇତ୍ୟାଦି ଭଳି ଆଧୁନିକ ସରଞ୍ଜାମ ଏହି ଯୁଦ୍ଧରେ ବହୁଳ ଭାବେ ପ୍ରୟୋଗ କରାଯାଇଥିଲା। ଯୁଦ୍ଧର ସବୁଠାରୁ ଉଲ୍ଲେଖନୀୟ ପ୍ରସଙ୍ଗ ଥିଲା ଆକାଶମାର୍ଗରେ ସମରର ସମ୍ପ୍ରସାରଣ। ଏହି ଯୁଦ୍ଧରେ ପ୍ରଥମ କରି ଆକାଶମାର୍ଗରୁ ବିମାନ ଯୋଗେ ଶତ୍ରୁ ଶିବିର ଉପରେ ବୋମାମାଡ କରାଯିବା ଦ୍ୱାରା ବ୍ୟାପକ କ୍ଷୟକ୍ଷତି ସାଧିତ ହୋଇଥିଲା। ଏହି ଯୁଦ୍ଧରେ ମଧ୍ୟ ଟ୍ରେଞ୍ଚ୍ ବା ଗୁପ୍ତ ସୁଡଙ୍ଗ ମଧ୍ୟରେ ଲୁଚି ରହି ଯୁଦ୍ଧ କରିବାର କୌଶଳ ପ୍ରଥମ କରି ପ୍ରଦର୍ଶିତ ହୋଇଥିଲା। ପୁଣି ଏହି ଯୁଦ୍ଧରେ ମଧ୍ୟ ପ୍ରଥମ କରି ବୁଡାଜାହାଜର ପ୍ରୟୋଗ କରାଯାଇଥିଲା। ଜର୍ମାନୀ ୟୁ ବୋଟ୍ ନାମକ ଏକ ଘାତକ ବୁଡାଜାହାଜ ବିକଶିତ କରିଥିଲା ଯାହା ଯୁଦ୍ଧପୋତଗୁଡିକୁ ଆକ୍ରମଣ ରକି ସହଜରେ ଧ୍ୱଂସ କରିଦେଇପାରୁଥିଲା। ଏହି ଯୁଦ୍ଧର ମଧ୍ୟ ଅନ୍ୟ ଏକ ବୈଶିଷ୍ଟ୍ୟ ଥିଲା ରାସାୟନିକ ଅସ୍ତ୍ରର ପ୍ରୟୋଗ। ଯୁଦ୍ଧରେ ପ୍ରଥମ କରି ମଷ୍ଟାର୍ଡ ଗ୍ୟାସ୍ ତଥା ଫସ୍‌ଜିନ୍ ବାଷ୍ପ ଭଳି ଅନେକ ମାରାତ୍ମକ ବାଷ୍ପ ପ୍ରୟୋଗ କରାଯାଇଥିଲା।

ଆତ୍ମଲେଖ– ପ୍ରଥମ ବିଶ୍ୱଯୁଦ୍ଧର ନିଖୁଣ ଅଭିଲେଖ

ବିଶ୍ୱଯୁଦ୍ଧରେ ସାମିଲ ହୋଇଥିବା ଅନେକ ସୈନିକ ପରବର୍ତ୍ତୀ ସମୟରେ ନିଜ ଅନୁଭୂତି ଲିପିବଦ୍ଧ କରିଛନ୍ତି। ଏକ୍ଷେତ୍ରରେ ପ୍ରଥମ ପ୍ରୟାସ ଭିତରୁ ଅନ୍ୟତମ ହେଲା ୧୯୧୫ ମସିହାରେ ପ୍ରକାଶିତ କ୍ୟାପଟେନ ଜନ ଓଏନ, ଆଇଜାକ ରୋଜେନବର୍ଗ, ଏଡୱାର୍ଡ ଥୋମାସ ଓ ରୁଦୟାର୍ଡ କିପଲିଙ୍ଗ। ଏହି ସମୟରେ ଲିଖିତ ଓ ବହୁଳ ଭାବେ ଆଦୃତ କବିତା ଭିତରୁ କିଛି ହେଲା 'For all we have and are', 'Wake Up, England' ଏବଂ ଆହୁରି ଅନେକ। ଏହି ସମୟର ଆଉ ଏକ ଉଲ୍ଲେଖନୀୟ ଘଟଣା ହେଲା ଯୁଦ୍ଧ ସମ୍ପର୍କିତ ସାହିତ୍ୟ ଓ କବିତା ରଚନାରେ ମହିଳା କବିମାନଙ୍କର ଅବଦାନ। ପୂର୍ବରୁ ଏହା ପୁରୁଷମାନଙ୍କ ଏକଚାଟିଆ ଅଧିକାର ଭାବେ ପରିଗଣିତ ହେଉଥିଲା। ମାତ୍ର ପ୍ରଥମ ବିଶ୍ୱଯୁଦ୍ଧ ସମୟରେ ଯୁଦ୍ଧ ସହ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଜଡିତ ହେବାର ସୁଯୋଗ ମହିଳାମାନେ ପାଇଲେ।

ଆତ୍ମଲେଖ– ପ୍ରଥମ ବିଶ୍ୱଯୁଦ୍ଧର ନିଖୁଣ ଅଭିଲେଖ

ବିଶ୍ୱଯୁଦ୍ଧରେ ସାମିଲ ହୋଇଥିବା ଅନେକ ସୈନିକ ପରବର୍ତ୍ତୀ ସମୟରେ ନିଜ ଅନୁଭୂତି ଲିପିବଦ୍ଧ କରିଛନ୍ତି। ଏକ୍ଷେତ୍ରରେ ପ୍ରଥମ ପ୍ରୟାସ ଭିତରୁ ଅନ୍ୟତମ ହେଲା ୧୯୧୫ ମସିହାରେ ପ୍ରକାଶିତ କ୍ୟାପଟେନ ଜନ ରୋଜେନବର୍ଗ, ଏଡୱାର୍ଡ ଥୋମାସ ଓ ରୁଦୟାର୍ଡ କିପଲିଙ୍ଗ। ଏହି ସମୟରେ ଲିଖିତ ଓ ବହୁଳ ଭାବେ ଆଦୃତ କବିତା ଭିତରୁ କିଛି ହେଲା 'For all we have and are', 'Wake Up, England' ଏବଂ ଆହୁରି ଅନେକ। ଏହି ସମୟର ଆଉ ଏକ ଉଲ୍ଲେଖନୀୟ ଘଟଣା ହେଲା ଯୁଦ୍ଧ ସମ୍ପର୍କିତ ସାହିତ୍ୟ ଓ କବିତା ରଚନାରେ ମହିଳା କବିମାନଙ୍କର ଅବଦାନ। ପୂର୍ବରୁ ଏହା ପୁରୁଷମାନଙ୍କ ଏକଚାଟିଆ ଅଧିକାର ଭାବେ ପରିଗଣିତ ହେଉଥିଲା। ମାତ୍ର ପ୍ରଥମ ବିଶ୍ୱଯୁଦ୍ଧ ସମୟରେ ଯୁଦ୍ଧ ସହ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଜଡିତ ହେବାର ସୁଯୋଗ ମହିଳାମାନେ ପାଇଲେ।

'ଲଷ୍ଟ ଜେନେରେସନ'ର ଉହୁ

ବିଶ୍ୱଯୁଦ୍ଧ ଘନଘଟାରେ ସାହିତ୍ୟର କୁହୁ

● ପରଂବ୍ରହ୍ମ ତ୍ରିପାଠୀ

ସାହିତ୍ୟ ସମାଜର ପ୍ରତିଫଳନ, ସାହିତ୍ୟର ଆଇନାରେ ଫୁଟି ଉଠେ ସମାଜର ପ୍ରକୃତ ଚିତ୍ର। କେମିତିଥିଲା ସେହି ବିଶ୍ୱଯୁଦ୍ଧର ଭୟାବହ ଚାରିବର୍ଷ? କ'ଣ ଲେଖୁଥିଲା କବିଟିଏ ସେ ସମୟରେ? ଲେଖାରେ କେତେ ଜୀବନ୍ତ କେତେ ପ୍ରାମାଣିକ ସେ ସମୟର ଜନଜୀବନ? କେମିତି ପ୍ରଭାବିତ କଲା ପ୍ରଥମ ବିଶ୍ୱଯୁଦ୍ଧ ବିଶ୍ୱ ସାହିତ୍ୟକୁ? ଏ ସମସ୍ତ ପ୍ରସଙ୍ଗ ଉପରେ ଏହି ବିଶେଷ ଉପସ୍ଥାପନା।

ପ୍ରଥମ ବିଶ୍ୱଯୁଦ୍ଧ ଯେ ପୃଥିବୀ ଇତିହାସର ପ୍ରଥମ କିମ୍ବା ଶେଷ ଯୁଦ୍ଧ, ସେମିତି ନୁହେଁ। ହେଲେ ଏ ଯୁଦ୍ଧ ଥିଲା ନିଆରା ଶିଳ୍ପ ବିପ୍ଳବ, ବିଜ୍ଞାନର କ୍ରାନ୍ତି ଆଉ ଭେଷଜ ବିଦ୍ୟାରେ ନୂଆ ନୂଆ ସମ୍ଭାବନାର ଉଦ୍ଭାବନ ୟୁରୋପରେ ସାଧାରଣ ମଣିଷ ଓ ତା'ର ଦୈନନ୍ଦିନ ଜୀବନରେ ଆଣିଥିଲା ଅଭୂତପୂର୍ବ ପରିବର୍ତ୍ତନ। ପାରମ୍ପରିକତା ଉପରେ ବିଜ୍ଞାନ ନିଜର ବିଜୟୋଦୀପ୍ତ ଅଟୋଗ୍ରାଫ ଦେବା ଆରମ୍ଭ କରି ସାରିଥିଲା। ମଣିଷକୁ ଲାଗୁଥିଲା ସେ ହିଁ ସମର୍ଥ, ସକ୍ଷମ ଓ ସର୍ବଶକ୍ତିମାନ ନିଜର ସକଳ ସମସ୍ୟାର ସମାଧାନ ପାଇଁ। ସାଧାରଣ ମଣିଷର ଆତ୍ମବିଶ୍ୱାସ ଛୁଇଁଥିଲା ଏକ ନୂତନ ଶିଖର। ସେଇଥିପାଇଁ ବୋଧେ ବିଶ୍ୱରୁ ଯୁଦ୍ଧ ଭୟ ଦୂର ପାଇଁ ଆରମ୍ଭ ହେଇଥିବା ଏହି ଯୁଦ୍ଧକୁ ନେଇ ପ୍ରଥମେ ପ୍ରଥମେ ସାଧାରଣ ମାନସରେ ନ ଥିଲା ଉତ୍କଟ ନକାରାତ୍ମକତା। ଇଜମ ଓ ଆଦର୍ଶବାଦ୍‌ର ଲଢେଇ ଭାବେ ଅନେକେ ଏହାକୁ ଗ୍ରହଣ କରିଥିଲେ ଓ ପ୍ରାରମ୍ଭିକ ପର୍ଯ୍ୟାୟରେ ସମର୍ଥନ ବି କରିଥିଲେ।

ଯୁଦ୍ଧ ଆରମ୍ଭର ପ୍ରଥମ ଦିନଗୁଡିକ ଲାଗୁଥିଲା ଫ୍ୟାନ୍ସି ଫ୍ୟାନ୍ସି। ଜଳ, ସ୍ଥଳ ଓ ଆକାଶରେ ପାଖାପାଖି ଅଶୀଟି ଦେଶର ସୈନିକ। ହେଲେ ଧୀରେ ଧୀରେ କଡ ଲେଉଟେଇଲା ସମୟ। ଯୁଦ୍ଧ ଆରମ୍ଭରେ ସାଧାରଣରେ ବହୁଳ ଭାବେ ପ୍ରଚଳିତ ଓ ବ୍ୟବହୃତ ହେଉଥିବା 'ପବିତ୍ର, କର୍ତ୍ତବ୍ୟ, ବଳିଦାନ, ଗରିମାମୟ' ଆଦି ଗୁରୁଗମ୍ଭୀର ଶବ୍ଦ ଦେହରୁ ଖୋଳପା ଛାଡିବା ଆରମ୍ଭ ହେଲା। ପ୍ରାରମ୍ଭିକ ଦିନମାନଙ୍କରେ ନିଜ ନିଜ ଦେଶର ସୈନିକମାନଙ୍କ ମନୋବଳ ବଢାଇବା ଓ ଶତ୍ରୁପକ୍ଷର ଗୁଳିଗୋଳାକୁ ଶବ୍ଦରେ ଜବାବ ଦେବା ପାଇଁ ପ୍ରତିନିଧି ସ୍ଥାନୀୟ ସାହିତ୍ୟିକମାନଙ୍କ ଭିତରେ ଆରମ୍ଭ ହେଇଥିବା ସାହିତ୍ୟର ଯୁଦ୍ଧ, ଧୀରେ ଧୀରେ ପରିବର୍ତ୍ତିତ ହେବାରେ ଲାଗିଲା ମାନବୀୟ ଅବଶପଣର ଆଲେଖ୍ୟ, ବିଭୀଷିକାର ଦସ୍ତାବିଜ ଓ ଯୁଦ୍ଧର ସାହିତ୍ୟରେ। ପ୍ରଥମ ବିଶ୍ୱଯୁଦ୍ଧରେ କେବଳ ମଣିଷ ମୃତାହତ ହୋଇ ନ ଥିଲେ, ମେରୁଦଣ୍ଡ ଭାଙ୍ଗି ତଳେ ପଡିଥିଲା ମହାର୍ଘ ଚିଜଟିଏ। ସେଇଟି ହେଲା ମଣିଷର ନିରୀହପଣ। ଆଉ ଏହି ସମୟ ବା ତା'ପରର କବିତା, ଆତ୍ମଲେଖ ଓ ଉପନ୍ୟାସ ସେଇ ଅବଶ୍ୟମ୍ଭାବୀ ଶ୍ୱାସରୁଦ୍ଧ ନିରୀହପଣର ନିଖୁଣ ଓ ଜୀବନ୍ତ ଚିତ୍ରଣରେ ଚମତ୍କାର ଭାବେ ସଫଳ ହୋଇଥିଲେ।

ପ୍ରଥମ ବିଶ୍ୱଯୁଦ୍ଧ ସମୟର କବି ଓ କବିତା

ରୋମାଣ୍ଟିସିଜମର ଭାଗ ଅନୁପାତ ଏହି ସମୟରେ ଧୀରେ ଧୀରେ ୟୁରୋପୀୟ ସାହିତ୍ୟରୁ ହ୍ରାସ ପାଇବାରେ ଲାଗିଲା। କବିତାରେ ଦୁଇଟି ସ୍ୱର ସ୍ପଷ୍ଟ ଭାବେ ପ୍ରତିଫଳିତ ହେଉଥିଲା। ପ୍ରଥମଟି ହେଲା ଜାତୀୟତାବାଦ, ଉଗ୍ର ଦେଶପ୍ରେମର ଓ ଅନ୍ୟଟି ହେଲା ଯୁଦ୍ଧର କରୁଣ ପରିଣତି ଏବଂ ଯୁଦ୍ଧର ଆବଶ୍ୟକତା ସମ୍ପର୍କିତ ପ୍ରଶ୍ନବାଚୀର। ଯୁଦ୍ଧ ସମ୍ପର୍କିତ ପାଖାପାଖି ଦୁଇ ହଜାର ଉଚ୍ଚକୋଟୀର କବିତା ଏହି ସମୟରେ ଲେଖା ଓ ପ୍ରକାଶିତ ହୋଇଥିଲା। ସେ ସମୟର ୟୁରୋପର ପ୍ରମୁଖ କାବ୍ୟ ସ୍ୱର ଥିଲେ ୱିଲଫ୍ରେଡ ବେଥଙ୍କ 'ଫାଷ୍ଟ ହଣ୍ଡ୍ରେଡ ଥାଉଜାଣ୍ଡ'। ଅସମ୍ଭବ ଲୋକପ୍ରିୟତା ହାସଲ କରିଥିଲା ଏହି ପୁସ୍ତକ ଏବଂ ବିଭିନ୍ନ ଭାଷାରେ ଅନୂଦିତ ମଧ୍ୟ ହୋଇଥିଲା।

ସତ ହେଲେ ବି ଗପ– ପ୍ରଥମ ବିଶ୍ୱଯୁଦ୍ଧ ସମୟର ଉପନ୍ୟାସ ଓ କ୍ଷୁଦ୍ରଗଳ୍ପ

ଏହି ସମୟ ବା ଏ ସମୟର କାହାଣୀ ଉପରେ ଆଧାରିତ ବହୁଳ ଭାବେ ଆଦୃତ ଉପନ୍ୟାସ ଭିତରୁ ଗୋଟିଏ ହେଲା ଏରନେଷ୍ଟ ହେମିଙ୍ଗୱେଙ୍କ 'ଏ ଫ୍ୟାରୱେଲ ଟୁ ଆର୍ମସ'। ଯୁଦ୍ଧର ଘନଘଟା ଓ ତା' ଭିତରେ ଗତିଶୀଳ ପ୍ରେମ କାହାଣୀଟିଏ। ଉଭୟର ବର୍ଣ୍ଣନା ଏତେ ଆବେଗଧର୍ମୀ ଓ ମର୍ମସ୍ପର୍ଶୀ ଯେ 'ଏ ଫ୍ୟାରୱେଲ ଟୁ ଆର୍ମସ' ବିଶ୍ୱ ସାହିତ୍ୟର ସର୍ବକାଳୀନ ଇତିହାସରେ ଏକ ଅନନ୍ୟ ସୃଷ୍ଟି ଏହା କହିବା ଅତିଶୟୋକ୍ତି ହେବ ନାହିଁ।

ଏହି ସମୟ ବା କାହାଣୀ ଉପରେ ଆଧାରିତ ଅନ୍ୟ ପ୍ରଭାବଶାଳୀ ଉପନ୍ୟାସ ଗୁଡିକ ହେଲେ ଏନରିକ ମାରିଆ ରିମାର୍କଙ୍କ 'ଅଲ କ୍ୱାଏଟ ଅନ ଦ ୱେଷ୍ଟର୍ନ ଫ୍ରଣ୍ଟ' (୧୯୨୯) ଏବଂ ଆହୁରି ଅନେକ। ପ୍ରଥମ ବିଶ୍ୱଯୁଦ୍ଧ ପରେ ଯେ ପୃଥିବୀରୁ ଯୁଦ୍ଧ ସରିଗଲା ସେମିତି ନୁହେଁ। ଏହାର କୋଡିଏ ବର୍ଷ ପରେ ଏହାଠାରୁ ଶତଗୁଣ ଅଧିକ ଭୟଙ୍କର ଦ୍ୱିତୀୟ ବିଶ୍ୱଯୁଦ୍ଧ ସଂଗଠିତ ହେଲା। ତାକୁ ମଧ୍ୟ ପୃଷ୍ଠଭୂମି କରି ଗଢି ଉଠିଛି ଅନେକ ସର୍ଜନା। ହେଲେ ସାହିତ୍ୟ ଓ ବର୍ଣ୍ଣନାର ନିରଭେଜାଲପଣିଆ ଦୃଷ୍ଟିରୁ ପ୍ରଥମ ବିଶ୍ୱଯୁଦ୍ଧ ନିଶ୍ଚିତ ଭାବେ ଅନନ୍ୟ ରହିବ। ରହିବାର କାରଣଟି ବୋଧେ ଏଇଆ ଯେ ଦ୍ୱିତୀୟ ବିଶ୍ୱଯୁଦ୍ଧ ବେଳକୁ ଘନଘଟା ସାରା ବିଶ୍ୱବାସୀଙ୍କ ଉଣା ଅଧିକେ ଦେହସୁହା ହୋଇସାରିଥିଲା।

–ନାଉଗାଁ ହାଟ, ଜଗତସିଂହପୁର

ବିଶ୍ୱଯୁଦ୍ଧ ସମୟର ଆର୍ଥିକ ଦୃଶ୍ୟପଟ

● ଚୌଧୁରୀ ବିଚିତ୍ରାନନ୍ଦ ପ୍ରହରାଜ

୧୯୧୪–୧୯୧୮ମସିହା ପର୍ଯ୍ୟନ୍ତ ସଂଘଟିତ ହୋଇଥିବା ପ୍ରଥମ ବିଶ୍ୱଯୁଦ୍ଧର କରାଳ ବିଭୀଷିକା ସୁଦୂର ପ୍ରସାରି ଏବଂ ଦୀର୍ଘସ୍ଥାୟୀ ଥିଲା। ୧୯୧୪ରେ ସମସ୍ତ ଶକ୍ତି ଗୋଟିଏ ଛୋଟିଆଯୁଦ୍ଧ ଚାହୁଁଥିଲେ। ଲମ୍ବାଯୁଦ୍ଧ ପାଇଁ ଆର୍ଥିକ ପ୍ରସ୍ତୁତି କେଉଁ ରାଷ୍ଟ୍ରର ନ ଥିଲା। ଯୁଦ୍ଧ ପାଇଁ ମୋଟାଅଙ୍କର ଅର୍ଥର ଆବଶ୍ୟକତା ଥିଲା ଏବଂ ମିଳିତଶକ୍ତିଗୁଡିକର ଯୁଦ୍ଧ ଖର୍ଚ୍ଚ ଭରଣା ଲାଗି ସେମାନଙ୍କ ପାଖରେ ସମ୍ବଳର ଅଭାବ ଥିଲା। ଯୁଦ୍ଧ ଅନେକଦିନ ଚାଲିବାରୁ ଆବଶ୍ୟକ ଖାଦ୍ୟପଦାର୍ଥ ଓ କଳକାରଖାନା ପାଇଁ କଞ୍ଚାମାଲର ଅଭାବ ଦେଖାଗଲା। ସବୁଶକ୍ତି ଗୁଡିକର ସମସ୍ତ ସମ୍ବଳକୁ ଯୁଦ୍ଧପାଇଁ ବିନିଯୋଗ କରାଗଲା। ଶକ୍ତିମାନେ କଳକାରଖାନାଗୁଡିକୁ ଗୋଳାବାରୁଦ ବନ୍ଧୁକ, ଯୁଦ୍ଧୋପକରଣ ଓ ପୋଷାକ ପାଇଁ ଉପଯୋଗ କଲେ, ଶ୍ରମଶକ୍ତି,ଶିଳ୍ପ ଏବଂ କୃଷିକାର୍ଯ୍ୟ ବାଧାପ୍ରାପ୍ତ ହେଲା। ଜନସାଧାରଣ ଓ ସୈନିକଙ୍କୁ ଖାଦ୍ୟ ଯୋଗାଣ ଏକ ବୃହତ ସମସ୍ୟା ହୋଇ ଉଭା ହେଲା। ଜାହାଜଗୁଡିକ ଯୁଦ୍ଧ ଜାହାଜ ହିସାବରେ ବ୍ୟବହୃତ କରାଯିବାରୁ ପରିବହନଜନିତ ସମସ୍ୟା ଉପୁଜିଲା। ଅର୍ଥର ଅଭାବ ବହୁଳ ଭାବରେ ପରିଲକ୍ଷିତ ହେଲା। ଅନେକ ରାଷ୍ଟ୍ର ଦେବାଳିଆ ହୋଇ ଆମେରିକାଠାରୁ ଉଧାର କଲେ। ଆମେରିକା ଋଣ ଆକାରରେ ଆର୍ଥିକ ସହାୟତା ପ୍ରଦାନ କରିଥିଲେ ମଧ୍ୟ ବିଶ୍ୱଯୁଦ୍ଧ ପରେ ଋଣ ପରିଶୋଧ କରିବାର ସର୍ତ୍ତ ରଖି ଋଣ ପ୍ରଦାନ କଲା। ବ୍ରିଟେନ୍ ଓ ଇଟାଲୀ ପ୍ରଭୃତି ରାଷ୍ଟ୍ରର ଜିଡିପି ବଢ଼ିଲେ ମଧ୍ୟ ଫ୍ରାନ୍ସ ଓ ରୁଷିଆ ଆଦି ରାଷ୍ଟ୍ରର ଜିଡିପି ହ୍ରାସ ପାଇଲା। ଘୁଷୁରିଙ୍କୁ ହତ୍ୟା କରାଯିବାରୁ ମାଂସର ପ୍ରବଳ ଅଭାବ ଦେଖାଦେଲା। କେତେ ରାଷ୍ଟ୍ରର ମତ୍ସ୍ୟ ବ୍ୟବସାୟ ପ୍ରଭାବିତ ହୋଇ ତତ୍‌ଜନିତ ଲାଭ କମିଗଲା। ଭୂପୃଷ୍ଠ ଓ ଜଳପଥରେ ପରିବହନ ଖର୍ଚ୍ଚ ବଢ଼ିବାରୁ ଜିନିଷପତ୍ରର ଦରଦାମ ନିୟନ୍ତ୍ରଣ ବାହାରକୁ ଚାଲିଗଲା ମାଛର ଦରହ୍ରାସ, ଅର୍ଥବଜାରର ମାନ୍ଦା ଅବସ୍ଥା ପରସ୍ଥିତିକୁ ଆହୁରି ସଙ୍ଗିନ କରିଦେଲା। ଜଙ୍ଗଲଜାତ ଓ ଖଣିଜଶିଳ୍ପ ପ୍ରଭାବିତ ହେଲା। ଆନ୍

ଯେଉଁଠାରେ ଆତ୍ମବଡ଼ିମା ଶେଷ ହୋଇଯାଏ,
ସେହିଠାରୁ ମହତ୍ତ୍ୱ ଆରମ୍ଭ ହୁଏ।
- ସେକ୍ସପିୟର

ସଂକ୍ଷେପରେ

ବ୍ରିଜରୁ ଡେଉଁ ଯୁବତୀଙ୍କ ମୃତ୍ୟୁ ଘଟଣା
ଆତ୍ମହତ୍ୟାର କାରଣ ଖୋଜୁଛି ପୋଲିସ

ସମ୍ବଲପୁର,୧୦।୧୧(ବ୍ୟୁରୋ) ସମ୍ବଲପୁର ଟାଉନ ଥାନା ଅନ୍ତର୍ଗତ ଦ୍ୱିତୀୟ ମହାନଦୀ ସେତୁ ଉପରୁ ଡେଇଁ ଶୁକ୍ରବାର ଗୋବିନ୍ଦତୋଲାର ରାକ୍ଷୀ ନାୟକ (୨୯) ନାମକ ଜଣେ ଯୁବତୀ ଆତ୍ମହତ୍ୟା କରିଥିଲେ। ଯୁବତୀଙ୍କ ଏଭଳି ଜୀବନ ହାରିବାର କାରଣ ଅସ୍ପଷ୍ଟ ରହିଛି। ପୋଲିସ ଏହାର ତଦନ୍ତ ଚଳାଇଛି। ଏହି ଘଟଣାରେ ସନ୍ଦେହରେ ଅଟକ ରଖିଥିବା ଯୁବକଙ୍କୁ ପୋଲିସ ଛାଡି ଦେଇଥିବା ଜଣାପଡିଛି । ସୂଚନାଯୋଗ୍ୟ, ରାକ୍ଷୀ ଶୁକ୍ରବାର ରାତି ୮ଟା ସମୟରେ ଜଣେ ବନ୍ଧୁଙ୍କ ସହ ବ୍ରିଜ ଉପରେ ବସିଥିଲେ । ସେ ସମୟରେ ପୋଲିସର ଉଇଷ୍କାର୍ଡ ଟିମ ପହଞ୍ଚିଥିଲା। ରାକ୍ଷୀ ଓ ତାଙ୍କ ସହ ଥିବା ଯୁବକଙ୍କୁ ପାଖକୁ ଡାକିଥିଲା। ଯୁବକଜଣକ ପୋଲିସ ପାଖକୁ ଆସିଥିଲେ ମଧ୍ୟ ରାକ୍ଷୀ ଆସି ନ ଥିଲେ। ପୋଲିସ ତାଙ୍କୁ ପଚରାଉଚୁରା କରିବା ସମୟରେ ରାକ୍ଷୀ ବ୍ରିଜ ଉପରୁ ତଳକୁ ଡେଇଁ ପଡ଼ିଥିଲେ ।

ଆମେ ଯାହା ଦେଖୁ ପ୍ରକୃତରେ ସବୁବେଳେ ତାହା ସେଭଳି ନ ଥାଏ

ସମ୍ବଲପୁର, ୧୦।୧୧ (ବ୍ୟୁରୋ)

ଚନ୍ଦ୍ରଶେଖର ବେହେରା ଜିଲା ସ୍କୁଲର ମନମୋହନ ପଟ୍ଟନାୟକ ସଭାକକ୍ଷରେ ସେତୁ ପକ୍ଷରୁ ଚିନ୍ତନର ଅନୁଚିନ୍ତା ଶୀର୍ଷକ ବକ୍ତୃତା ମାଳା ଅନୁଷ୍ଠିତ ହୋଇଯାଇଛି । ସେତୁ ସଭାପତି ପ୍ରଫେସର କେଦାରନାଥ ବେହେରାଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା। ହାଭାର୍ଡ ବିଶ୍ୱବିଦ୍ୟାଳୟ ଭିଜିଟିଂ ପ୍ରଫେସର ତଥା କର୍ନାଟକ ସ୍କିଲ ଡେଭଲପମେଣ୍ଟ ଅଥରିଟିର ଅଧ୍ୟକ୍ଷ ଡ. ଅନୁପ ପୂଜାରୀ ବକ୍ତାଭାବେ ଯୋଗ ଦେଇଥିଲେ । ସେ ବକ୍ତବ୍ୟ ପ୍ରଦାନ କରି କହିଥିଲେ ଯେ, ଦର୍ଶକ ସବୁବେଳେ ଯାହା ପ୍ରତ୍ୟେକ୍ଷ୍ୟ ଭାବେ ଲକ୍ଷ୍ୟ କରେ ତାହାର ଅନ୍ତର ଦୃଷ୍ଟିରେ ସମାନ ହୋଇ ନ ଥାଏ । କେତେ ବେଳେ ଗୋଟିଏ ବିଷୟକୁ ଦର୍ଶକମାନେ ଭିନ୍ନ ଭିନ୍ନ ଦୃଷ୍ଟିରେ ଅବଲୋକନ କରିଥାନ୍ତି । ଏଣୁ କୌଣସି ବିଷୟ ଦ୍ରଷ୍ଟାର ଦୃଷ୍ଟିଭଙ୍ଗି ଉପରେ ନିର୍ଭର କରିଥାଏ । ତେଣୁ କୌଣସି ଘଟଣାକୁ ତାହାର ସୃଷ୍ଟି ଠାରୁ ଭିନ୍ନ ନ କରି ଦେଖିବା ଉଚିତ । ଯେପରିକି ଶବ୍ଦ ଓ ଆଲୋକକୁ ଅଭିନ୍ନ ଭାବେ ତାହାର ଗତିଶୀଳତାକୁ ଲକ୍ଷ୍ୟ କରାଯିବା ଉଚିତ ବୋଲି ମତବ୍ୟକ୍ତ କରିଥିଲେ । ଉତ୍ତରାଞ୍ଚଳ ରାଜସ୍ୱ କମିଶନର ଡିଭି ସ୍ୱାମୀ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ସ୍ୱକିୟ ଚିନ୍ତନର ମହତ୍ତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ । ଯେ କୌଣସି ନିଷ୍ପତ୍ତି ନେବାବେଳେ ବ୍ୟକ୍ତି ବିଶେଷର ସାମାଜିକ ଓ ଆର୍ଥିକ କ୍ଷମତା ମଧ୍ୟ ପ୍ରଭାବଶାଳି ହୋଇଥାଏ ବୋଲି କହିଥିଲେ । ଜିଲାପାଳ ସମର୍ଥ ବର୍ମା ସମ୍ମାନୀତ ଅତିଥି ଥିଲେ । ସେତୁ ସମ୍ପାଦକ ଡ. ସନ୍ତୋଷ କୁମାର ଦାଶ ପ୍ରାରମ୍ଭିକ ସୂଚନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଯୁଗ୍ମ ସମ୍ପାଦକ ହରିନାରାୟଣ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ଏହି ବକୃତା ମାଳାରେ ସହରର ବିଭିନ୍ନ ଅଞ୍ଚଳରୁ ଶିକ୍ଷାବିତ, ବରିଷ୍ଠ ନାଗରିକ, ସାମାଜିକ କର୍ମୀ, କବି, ଲେଖକ ଯୋଗଦେଇଥିଲେ ।

କାର୍ଯ୍ୟକ୍ରମରେ ଉପସ୍ଥିତ ଶ୍ରୋତାମଣ୍ଡଳୀ ।

ସମ୍ବଲପୁରରେ ଡ. ଅନୁପ ପୂଜାରୀ ବକ୍ତବ୍ୟ ପ୍ରଦାନ କରୁଛନ୍ତି ।

ଶ୍ୟାମାକାଳୀ, ଚିତ୍ରଗୁପ୍ତ ପୂଜା

ଜମନକିରା,୧୦।୧୧(ଡି.ଏନ.ଏ.)

ଜମନକିରା ବ୍ଲକ୍ ଟିକିବା ଗାଁରେ ଶ୍ୟାମାକାଳୀ ପୂଜା ଅନୁଷ୍ଠିତ ହୋଇଯାଇଛି। ରବୀନ୍ଦ୍ର ପାଣିଗ୍ରାହୀ ଓ କିରା ଗାଁର ପ୍ରକାଶଚନ୍ଦ୍ର ପୁରୋହିତ ପୂଜାର୍ଚ୍ଚନା କରିଥିଲେ। ମନୋଜ ନାୟକ ଓ ପ୍ରତିମା ନାୟକ ଯଜ୍ଞରେ କର୍ତ୍ତା କାର୍ଯ୍ୟ ତୁଲାଇଥିଲେ। ପୁରସ୍କାର ବିବରଣ ସଭାରେ ବିଧାୟକ ରବିନାରାୟଣ ନାଏକ, ସ୍ଥାନୀୟ ସରପଞ୍ଚ ଜାହ୍ନବୀ ନାଏକ ଅତିଥି ଭାବେ ଯୋଗ ଦେଇଥିଲେ। ଗୌରହରୀ କିଷାନ କାର୍ଯ୍ୟକ୍ରମରେ ଉପସ୍ଥାପକ କାର୍ଯ୍ୟ ତୁଲାଇଥିଲେ। ହରିହର ମାକର, ଗୌତମ ପଧାନ, ଦିନେଶ ଷଣ୍ଢ ଓ କର୍ମକର୍ତ୍ତାଙ୍କ ତତ୍ତ୍ୱାବଧାନରେ ପୂଜା ଅନୁଷ୍ଠିତ ହୋଇଥିଲା। ଅମୋଘ ପାଣିଗ୍ରାହୀ, ଜଗଦୀଶ ନାଏକ, ଅଲେଖ ବରିହା, ବାବଲୁ ପଧାନ, ନରେନ୍ଦ୍ର ପଧାନ, ଖିରୋଧର ପଟେଲ, କୈଳାଶ ପଟେଲ, ବିମଲ ନାଏକ ପ୍ରମୁଖ ସହଯୋଗ କରିଥିଲେ। ଅନ୍ୟପକ୍ଷେ ଜମନକିରା କରଣ ସମାଜ ପକ୍ଷରୁ ଚିତ୍ରଗୁପ୍ତଦେବଙ୍କ ପୂଜା ସ୍ଥାନୀୟ କରଣ କଲ୍ୟାଣ ପୀଠରେ ଅନୁଷ୍ଠିତ ହୋଇଯାଇଛି। କର୍ତ୍ତା ଭାବେ ସନ୍ତୋଷ ପଟ୍ଟନାୟକ ଓ ଜାନକୀ ପଟ୍ଟନାୟକ କାର୍ଯ୍ୟ ତୁଲାଇଥିବା ବେଳେ ପୂଜକ ଭାବେ ରାଣାପ୍ରତାପ ପାଢ଼ୀ କାର୍ଯ୍ୟ କରିଥିଲେ। ଦିଲୀପ ବହିଦାର, ରବୀନ୍ଦ୍ର ଦାନୀ, ଗୋକୁଳାନନ୍ଦ ଦାନୀ, ଅଶୋକ ପଟ୍ଟନାୟକ, ସରୋଜ ପଟ୍ଟନାୟକ, ଶିଶିର ପଟ୍ଟନାୟକ, ଅଶ୍ୱିନୀ ପଟ୍ଟନାୟକ, ଅରୁଣ ପଟ୍ଟନାୟକ, ଚିତ୍ତରଂଜନ ସାହାଣୀ, ନିମାଇଚନ୍ଦ୍ର ସାହାଣୀ, ଅରୁଣ କୁମାର ପଟ୍ଟନାୟକ, ସରୋଜ ସାହାଣୀ, ନରେନ୍ଦ୍ର ସାହାଣୀ, ଭାଗ୍ୟନାଥ ପଟ୍ଟନାୟକ ପ୍ରମୁଖ ଏକ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଜାହ୍ନବୀ ବହିଦାର, ସୂର୍ଯ୍ୟମଞ୍ଜରୀ ସାହାଣୀ, ସରସ୍ୱତୀ ସାହାଣୀ, ମୋହିନୀ ଦାନୀ, କଳ୍ପନା ପଟ୍ଟନାୟକ, ଲକ୍ଷ୍ମୀବାଳା ବହିଦାର, ବିଜୟାଲକ୍ଷ୍ମୀ ଦାନୀ, ଆରତୀ ବହିଦାର, ଅମୂଲ୍ୟା ମଞ୍ଜାରୀ ପଟ୍ଟନାୟକ, ଲିଲି ସାହାଣୀ, ମୀରା ସାହାଣୀ ପ୍ରମୁଖ ସହଯୋଗ କରିଥିଲେ।

ଡା. ଜନାର୍ଦ୍ଦନ ପୂଜାରୀ ଗ୍ରନ୍ଥାବଳୀ ଉନ୍ମୋଚିତ

ସମ୍ବଲପୁର, ୧୦।୧୧ (ବ୍ୟୁରୋ)

ଡା. ଜନାର୍ଦ୍ଦନ ପୂଜାରୀଙ୍କ ୧୨୬ ତମ ଜୟନ୍ତୀ ଝାଡୁଆପଡା ବଡଦ୍ୱାର ଆରଣ୍ୟକ ମଞ୍ଚଠାରେ ପାଳିତ ହୋଇଯାଇଛି । ଏହି ଅବସରରେ ଡା. ଜନାର୍ଦ୍ଦନ ପୂଜାରୀ ଗ୍ରନ୍ଥାବଳୀକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଦୀପକ କୁମାର ପଣ୍ଡାଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା। ସମ୍ବଲପୁର ବିଧାୟିକା ରାସେଶ୍ୱରୀ ପାରିଗ୍ରାହୀ ମୁଖ୍ୟଅତିଥି, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ସ୍ୱାମୀ ସତ୍ୟପ୍ରଜ୍ଞାନନ୍ଦ ସରସ୍ୱତୀ ଉତ୍ସବରେ ଅଧ୍ୟକ୍ଷତା କରିଥିଲେ। ଯୁବ ଉଦୟନ ସଭାପତି ସଞ୍ଜୟ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରକାଶକ ଡା. ଜତିନ୍ଦ୍ର ମୋହନ ପୂଜାରୀ ଏବଂ ଗ୍ରନ୍ଥ ସମ୍ପାଦକ ମଣ୍ଡଳୀ ସଭ୍ୟ ଦୀପ୍ତିରଞ୍ଜନ ସେଠ ମଞ୍ଚାସୀନ ଥିଲେ ।



ସମ୍ବଲପୁର ଆରଣ୍ୟକ ମଞ୍ଚଠାରେ ଡା. ଜନାର୍ଦ୍ଦନ ପୂଜାରୀ ଗ୍ରନ୍ଥାବଳୀକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି ।

କାର ଧକ୍କାରେ ଜଣେ ମୃତ

ସମ୍ବଲପୁର,୧୦।୧୧(ବ୍ୟୁରୋ)

ସମ୍ବଲପୁର ଅଇଁଠାପାଲି ଛକରେ କାର୍ ଧକ୍କାରେ ଉମାଶଙ୍କର ମିଶ୍ର (୭୬)ଙ୍କ ମୃତ୍ୟୁ ଘଟିଛି। ସ୍ତ୍ରୀ ସୁମତିଙ୍କ ସହ ସେ ଘରକୁ ଫେରୁଥିବାବେଳେ କାର୍ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ଜିଲା ସଦରଡାକ୍ତରଖାନା ଓ ପରେ ବୁର୍ଲା ନିଆଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା । ଉମାଶଙ୍କର ପୂର୍ବତନ ସେନା ଅଧିକାରୀ ରହିଥିଲେ। ଉମାଶଙ୍କର ଭାଲୁପାଲି ପଟରୁ ନିଜ ଘରକୁ ଫେରୁଥିଲେ। ସେହି ସମୟରେ ଏକ କାର୍ ଦ୍ରୁତଗତିରେ ଆସି ଧକ୍କା ଦେଇ ଚାଲିଯାଇଥିଲା।

ବରିକେଲରେ ୨୨୧ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

ସମ୍ବଲପୁର, ୧୦।୧୧ (ବ୍ୟୁରୋ)

ବରଗଡ ଜିଲା ପଦ୍ମପୁର ବ୍ଲକର ବରିକେଲ ଗାଁରେ ଏକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇ ଯାଇଛି। ଗ୍ରାମର ଜଣେ ବୟୋଜ୍ୟେଷ୍ଠ ବ୍ୟକ୍ତି ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ। ୨୨୧ ଜଣ ଲୋକ ଯୋଗ ଦେଇ ନିଜ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ବୁର୍ଲା ମେଡିକାଲ କଲେଜର ଚିକିତ୍ସକ ଡାକ୍ତର ଶଙ୍କର ରାମଚନ୍ଦାନୀ ଏହି ଶିବିର ପରିଚାଳନା କରିବା ସହ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ମାଗଣା ଔଷଧ ଦେଇଥିଲେ। ନିରୋଜ ଦୋରା, ରତ୍ନମଣି ଶତପଥୀ, ଠାକୁର ପ୍ରସାଦ ସାହୁ, ଆଶିଷ ନାଥ, ସଞ୍ଜୀବ ମାଝି, ମନ ପୁରୋହିତ ପ୍ରମୁଖଙ୍କ ସମେତ ଗାଁର ବାଜି ରାଉତ ଯୁବକ ସଂଘର କର୍ମକର୍ତ୍ତା ସହଯୋଗ କରିଥିଲେ।

Odisha State Disaster Management Authority
(A Govt. of Odisha Agency)
Rajiv Bhawan, 9th Floor, Unit-5, Bhubaneswar-751015
Phone : 0674-2395398/ 2395531, Fax : 0674-2391871
Website : www.osdma.org
No.69-F
Quotation Call Notice No. 4755/OSDMA
Request for Proposals (RFP) are invited from the eligible firms/ companies for selection of a software development agency for re-design, development and maintenance of OSDMA web-portal. The details can be found in OSDMA website (tender section) (www.osdma.org)
24007/11/0012/1819
Sd./- Managing Director

+PILES CLINIC+
Near Budheswari Temple, ମହ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

ଭିଏସ୍‌ଏସ୍ ଷ୍ଟାଡିୟମରେ କ୍ରୀଡାବିତ୍‌ଙ୍କୁ ସମ୍ବର୍ଦ୍ଧନା

ସମ୍ବଲପୁର ଆଥ୍‌ଲେଟିକ କ୍ଲବ ପକ୍ଷରୁ କ୍ରୀଡାବିତ ଆକାଶ ମିର୍ଦ୍ଧା ସମ୍ବର୍ଦ୍ଧିତ ହେବା ଅବସରରେ।

ସମ୍ବଲପୁର,୧୦।୧୧ (ବ୍ୟୁରୋ)

ସମ୍ବଲପୁର ଆଥ୍‌ଲେଟିକ କ୍ଲବ ପକ୍ଷରୁ ବୀର ସୁରେନ୍ଦ୍ର ସାଏ (ଭିଏସଏସ) ଷ୍ଟାଡିୟମଠାରେ କ୍ରୀଡାବିତ୍ ଆକାଶ ମିର୍ଦ୍ଧାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ସମ୍ବଲପୁର ଆଥ୍‌ଲେଟିକ କ୍ଲବ ସମ୍ପାଦକ ସୁନ୍ଦରମଣୀ ବାରିକଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା । ପ୍ରଶିକ୍ଷକ ଆର୍ତ୍ତତ୍ରାଣ ମାଝି, ସୀମାଞ୍ଚଳ ଖଟେଲ, ଉପଦେଷ୍ଟା ପ୍ରଫୁଲ୍ଲ କୁମାର ଦାସ ଓ ଜ୍ଞାନ ରଞ୍ଜନ ମିଶ୍ର ଆକାଶଙ୍କୁ ଶୁଭେଚ୍ଛା ଜ୍ଞାପନ କରିଥିଲେ।

ଗତ ୫ ତାରିଖ ସମ୍ବଲପୁର ବଶ୍ୱବଦ୍ୟାଳୟ ଅନ୍ତଃ କଲେଜ ଆଥ୍‌ଲେଟିକ ମିଟ୍‌ରେ ସେ ୫୦୦ ମିଟର ଦୌଡରେ ସ୍ୱର୍ଣ୍ଣପଦକ ଓ ୧ହଜାର ମିଟର ଦୌଡରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି । ଏବେ ସେ ଧମା ଝାଡେଶ୍ୱରୀ କଲେଜ ଯୁକ୍ତ ୩ ପ୍ରଥମ ବର୍ଷର ଛାତ୍ର । ଚଳିତ ମାସ ୨୪ରେ ୨୮ ତାରିଖ କର୍ନାଟକର ମାଙ୍ଗଲୁରୁ ବିଶ୍ୱବିଦ୍ୟାଳୟଠାରେ ସର୍ବ ଭାରତୀୟ ବଶ୍ୱବଦ୍ୟାଳୟ କ୍ରୀଡା ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବେ ।

ସାପ କାମୁଡାରେ ଜଣେ ମୃତ

ସମ୍ବଲପୁର,୧୦।୧୧(ବ୍ୟୁରୋ)

ସମ୍ବଲପୁର ଜିଲା ସଦରଥାନା ଅନ୍ତର୍ଗତ ତକବା ଗ୍ରାମରେ ସାପ କାମୁଡାରେ ଗୁଲୁଠୁ ସାହୁ (୬୫) ନାମକ ବୃଦ୍ଧଙ୍କ ମୃତ୍ୟୁ ହୋଇଛି। ବୁର୍ଲା ଡାକ୍ତରଖାନାରେ ଚିକିତ୍ସିତ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଗତ ଗୁରୁବାର ରାତିରେ ଗୁଲୁଠଙ୍କୁ ଏକ ବିଷାକ୍ତ ସାପ କାମୁଡ଼ି ଥିଲା। ଦେଇଥିଲେ। ପରିବାର ବର୍ଗ ବୁର୍ଲାରେ ଭର୍ତ୍ତି କରଥିଲେ । ହେଲେ ଶୁକ୍ରବାର ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା। ବୁର୍ଲା ପୋଲିସ ଏନେଇ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି ।

No 1 Clinic in India for Sexual Treatment
Lady Doctors are available for Ladies
For Best results Consult Physically
ସହବାସରେ ସମସ୍ୟା | ଶିଥିଳତା
ଧାତୁ ପତଳା | ଶିଘ୍ର ପତନ
ପରିସ୍ରାରେ ଧାତୁ | ସ୍ୱପ୍ନଦୋଷ
ଯୌନାଙ୍ଗରେ ଘା | ସ୍ତ୍ରୀ ରୋଗ
ଗୋପନରେ ମଦ ଛଡାନ୍ତୁ
PUSHPA CLINIC (P) LTD.
www.pushpaclinic.com
ପୁରୁଷାଙ୍ଗ ଶିଥିଳତା ଓ ଶିଘ୍ରପତନ ଦୂରକରିବା ପାଇଁ ପୁଷ୍ପାକ୍ଲିନିକ୍‌ର ଆୟୁର୍ବେଦୀୟ ଚିକିତ୍ସା ଅତୁଳନୀୟ | ସବୁଦିନ ସକାଳ ୯ଟାରୁ ରାତ୍ର ୮ଟା
A- 41, BDA Duplex Colony, Baramunda, Bhubaneswar - 3 | BALASORE 9437147000
BBSR 0674- 2354320, 9437143000, 9437138000 | ANGUL 9437146000
ସୂଚନା : ଅନୁଗୋଳ ଓ ବାଲେଶ୍ୱର ବ୍ୟତିତ ଅନ୍ୟ କୌଣସି ଜାଗାରେ ଆମର କୌଣସି ଶାଖା କ୍ଲିନିକ ନାହିଁ ।

ପ୍ରତିଭା ଦେଖାଇଲେ ୧୦ ଜିଲାର ଛାତ୍ରୀଛାତ୍ର

ସମ୍ବଲପୁର,୧୦୧୧(ବ୍ୟୁରୋ)

ସମ୍ବଲପୁର ତପସ୍ୱିନୀ ପ୍ରେକ୍ଷାଳୟରେ ଜୋନସ୍ତରୀୟ ଆଞ୍ଚଳିକ ଶିଶୁ ଦିବସ (ମହକ) କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅତିଥିଭାବେ ଆରଡିସି ସଚିବ ବିଭୂତି ଭୂଷଣ ବେହେରା, ଜିଲା ସ୍ୱାସ୍ଥ ଅଧିକାରୀ କଲ୍ୟାଣ କୁମାର ଗୁପ୍ତା, ଡିଏସଡବ୍ଲୁ ଗୀତାଞ୍ଜଳି ମହାପାତ୍ର, ଜିଲା ଶିଶୁ କଲ୍ୟାଣ ସମିତି ଅଧ୍ୟକ୍ଷ ବଜେନ୍ଦ୍ର କୁମାର ପଣ୍ଡା, ଡିସିସି କଳ୍ପନା ପଣ୍ଡା, ଜିଲା ରେଡକ୍ରସ ଉପାଧ୍ୟକ୍ଷା ଦୀପ୍ତିବାଳା ପଟ୍ଟନାୟକ ଯୋଗ ଦେଇଥିଲେ । ୧୦ ଜିଲାର ଛାତ୍ରୀଛାତ୍ର ଯୋଗ ଦେଇ ବିଭିନ୍ନ ବିଭାଗରେ ପ୍ରତିଭା ଦେଖାଇଥିଲେ । ପୁରସ୍କାର ବିତରଣ ସଭାରେ ଜିଲାପାଳ ସମର୍ଥ ବର୍ମା ଯୋଗ ଦେଇ କୃତୀ ଛାତ୍ରୀଛାତ୍ର ଜ୍ୟୋତ୍ସ୍ନା ଗନିକ, ଡେବରୀ ନାଏକ, ରେଣୁକା ସାମଲ, ଗୋପାଳ ହାଁସଦା, ରୁଚିଣୀ ସୁନା, ଭୂମିକା ନାଏକ, ଗୀତା ମାଝୀଙ୍କୁ ପୁରସ୍କୃତ କରିଥିଲେ। ଡିସିପିଓ ସୁଚିସ୍ମିତା ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ସରିତା ମହାପାତ୍ର, ରାଜଲକ୍ଷ୍ମୀ ପାଣ୍ଡେ, ବବିତା କର, ସ୍ମିତ୍ପାରାଣୀ ପାତ୍ର ,ସଲିଲ ଚୌଧୁରୀ, ସୁରଜ ତାଣ୍ଡିଆ ପ୍ରମୁଖ ସହଯୋଗ କରିଥିଲେ ।

ଅତିଥି ଓ ଆୟୋଜକଙ୍କ ଗହଣରେ କୃତୀ ପ୍ରତିଯୋଗୀ।

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

MORE SPACE • SAME PRICE (TARIFF) (*GST 5% Extra)

For Single Day		For 7 Days		For 15 Days		For 30Days	
6×4	12×4	6×4	12×4	6×4	12×4	6×4	12×4
1,500.00	2,000.00	6,000.00	12,000.00	12,000.00	25,000.00	20,000.00	40,000.00

Get Instant Cash against Gold, Sell Your Gold at 100% Market Value
GOLD CASH LTD
(an ISO 9001:2015 Certified Company)
ନିଜ ବନ୍ଧକ ସୁନାକୁ ମୁକୁଲେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ ମୂଲ୍ୟରେ ନେବା ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ୍ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free: 1800-120-3430
Branches: Bhubaneswar, Cuttack, Bhadrak, Rourkela & Berhampur

ମାତ୍ର ଘଣ୍ଟାରେ ୧୦୦% ସମାଧାନ ଘରେ ବସି ଫୋନ ଦ୍ୱାରା
କଣ ଆପଣ ଚିନ୍ତିତ ଅଛନ୍ତି ?
କାହିଲେ ନୁହେଁ ଦେଖାକଲେ କଷ୍ଟ ଦୂରହେବ !
ଆମ ଉପଦେଶ ଅନୁସରଣ କରିଲେ ପୁରା ଓ ଦିଲ୍ଲି ବସିଲେ ହେବ ପରିବ
କାମ ନହେଲେ ପଇସା ଫେରସ୍ତ ! Time - 10 am to 6 pm
ମନଚାହାଁ ବିବାହ, ବ୍ୟବସାୟ, ଗୃହକ୍ଲେଶ, ବିଦ୍ୟା କରାଯା, ବିବାହରେ ବାଧା, ସତ୍ତ୍ୱରୁଣୀ ଓ ଶତ୍ରୁ ମୁକ୍ତି, ରୋଗରେ ଔଷଧ ନ ଧରିବା, କ୍ୟାରିୟରରେ ଅସଫଳତା, ବଶୀକରଣ. ମୁଠକରଣୀ, ଯାଦୁଟୋଣା, ଭୂତପ୍ରେତ ଆଦି ଜଟିଳ ଓ ଜଟିଳ ସମସ୍ୟାର ସମାଧାନ ।
(ସ୍ୱୋଶାଲିଷ୍ଟ- ବଶୀକରଣ, ମୁଠକରଣୀ ଏବଂ ଜଦାଯାଦୁ)
ଯଦି ଆପଣଙ୍କର ଜ୍ୟୋତିଷ ଓ ପଣ୍ଡିତଙ୍କ ଉପରୁ ଭରସା ଉଠିଯାଇଚି ତାହେଲେ ତୁରନ୍ତ ଫୋନ୍ କରନ୍ତୁ
ଯଦି ଆପଣଙ୍କର ପତି ପ୍ରେମୀ, କିମ୍ବା ପୁଅ ବସରେ ଅଛନ୍ତି ତାହେଲେ ତୁରନ୍ତ ଫୋନ୍ କରନ୍ତୁ
ବାବା ରହେମାନ୍ ଖାନ ବଙ୍ଗାଳୀ
7065430524
9599270336

BUSINESS
ଖାଲିଥିବା ଜମି ଓ ଛାତ ଉପରେ ସିଂଘାନିୟା ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂମ୍ପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
8570062731
9996602452

BUSINESS OPPORTUNITY
ରେଜିଷ୍ଟର୍ଡ ଘରୋଇ ଫାଇନାନ୍ସ କମ୍ପାନୀରେ ନିଜର ମାର୍କସିଟ୍ ଦେଇ ମାତ୍ର ତିନି ଦିନରେ ଶିକ୍ଷାରଣ, ବ୍ୟବସାୟ ଋଣ ଏବଂ ସୁନାରଣ ନେବାର ସୁଯୋଗ ଲାଭ କରନ୍ତୁ। ଆକର୍ଷଣୀୟ ସୁଧ।
ଯୋଗାଯୋଗ:
3 Salt Lake, Sector-5, KOLKATA-700091
9874247647

କେମିତି ମଦ ଛାଡ଼ିବେ
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ।
ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
ବାଲେଶ୍ୱର: ପ୍ରତିମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେଶନ ରୋଲେଲ। ଭଦ୍ରକ: ୨ ଓ ୧୨, ହୋଟେଲ ନ୍ୟୁଭାଲିନ୍, ରାଜଘାଟ ଛକ। ଯାଜପୁର: ୩ ଓ ୧୭, ହୋଟେଲ ଜାମସେନ ପ୍ୟାଲେସ୍, ରୋପବନ୍ଧୁ ଛକ, ଯାଜପୁର ରୋଡ୍। କଟକ: ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। ଭୁବନେଶ୍ୱର: ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡ଼ଚେନା କମର୍

ଜ୍ଞାନ ଓ କିଷାନ୍‌ର ଜୟ ହିଁ ଦେଶ ଏବଂ ଜାତିର ଜୟ।

- ଲାଲ୍‌ବାହାଦୁର ଶାସ୍ତ୍ରୀ

ସଂକ୍ଷେପରେ

ପଥରମାଡ଼ରେ ଯୁବକ ଗୁରୁତର

ଧମା,୧୦।୧୧(ଡି.ଏନ.ଏ.) : ସମ୍ବଲପୁର ଜିଲା ଧମା ଥାନା ଅନ୍ତର୍ଗତ ଖିଣ୍ଡା ଗ୍ରାମରେ ଦୁଇ ଯୁବକଙ୍କ ମଧ୍ୟରେ ଗଣ୍ଡଗୋଳରୁ ପଥର ମାଡ଼ରେ ଜଣେ ଗୁରୁତର ହୋଇଛନ୍ତି। ସେ ହେଲେ ସୁବନପୁର ଗ୍ରାମର ଶିବ ବାଞ୍ଜି (ଅତିଷ)। ଆକ୍ରମଣକାରୀ ଯୁବକ ଖିଣ୍ଡା ଗ୍ରାମର ନଳ ସେଠ ବୋଲି ଜଣାପଡ଼ିଛି। ଶୁକ୍ରବାର ଅପରାହ୍ନ ପ୍ରାୟ ୫ଟାରେ ଅତିଷ ତାଙ୍କର ଜଣେ ସାଙ୍ଗଙ୍କୁ ନେଇ ବାଇକ୍‌ରେ ଘରୋଇ ସଉଦା ପାଇଁ ଧମା ଆସିଥିଲେ। ବାଟରେ ନିଶାସକ୍ତ ଅବସ୍ଥାରେ ନଳ ସେମାନଙ୍କୁ ଅଟକାଇ ଥିଲେ। ସାଙ୍ଗରେ ଧମା ନେଇଯିବାକୁ କହି ବାଇକ୍‌ରେ ବସିଥିଲେ। ମାତ୍ର କିଛି ବାଟ ଆସିବା ପରେ ଗଳିଗୁଳଜ ଆରମ୍ଭ କରିଦେଇଥିଲେ। ଏଥିରେ ତାଙ୍କୁ ସେଠାରେ ଓହ୍ଲାଇ ଦେଇ ଅତିଷ ଓ ତାଙ୍କ ସାଙ୍ଗ ଧମା ଚାଲିଆସିଥିଲେ। ଏଥିରେ ଉତ୍ତ୍ୟକ୍ତ ହୋଇ ଯୁବକଜଣକ ସେମାନଙ୍କ ଫେରିବା ବାଟକୁ ଜଗି ରହି ବାଇକ୍ ଉପରକୁ ପଥର ମାଡ଼ କରିଥିଲେ। ଅତିଷଙ୍କ ମୁଣ୍ଡରେ ତାହା ବାଜିଥିଲା। ରକ୍ତସ୍ରାବ ହୋଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ପ୍ରଥମେ ଧମା ଓ ପରେ ବୁର୍ଲା ଡାକ୍ତରଖାନାକୁ ନେଇଥିଲେ। ଏ ବାବଦରେ ଅତିଷଙ୍କ ପିତା ଗୋପାଳ ବିଞ୍ଜ୍ ଧମା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ. ୧୭୧/୧୮) ରୁଜୁ କରି ଅଭିଯୁକ୍ତ ଯୁବକଙ୍କୁ ଧରିବା ପାଇଁ ତନାଘନା ଚଳାଇଛି।

ରେଳଲାଇନ କଡ଼ରୁ ଯୁବକଙ୍କ ମୃତଦେହ ଉଦ୍ଧାର

ବାମରା,୧୦।୧୧(ସ୍ୱ.ପ୍ର.) : ସମ୍ବଲପୁର ଜିଲା ବାମରା-ରାଜଗାଙ୍ଗପୁର ରେଳଲାଇନ କଡ଼ରୁ ଶନିବାର ଜଣେ ଯୁବକଙ୍କ ମୃତଦେହ ଜିଆରପି ପୋଲିସ ଉଦ୍ଧାର କରିଛି। ମୃତକଙ୍କ ପରିଚୟ ମିଳି ପାରିନାହିଁ। ଶନିବାର ପୂର୍ବାହ୍ନରେ ଗଡ଼ପୋଷ ନିକଟ ସଗରା ଓ ସୋନାଖାନ ରେଳଷ୍ଟେଶନ ମଧ୍ୟରେ ରହିଥିବା ଖୁଣ୍ଟ କ୍ରମାଙ୍କ (ନଂ. ୪୫୦/୨୮) ନିକଟରେ ମୃତଦେହ ପଡ଼ି ରହିଥିଲା। ରାଉରକେଲା ଜିଆରପି ପୋଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ମୃତକଜଣକ ଧଳା ଓ ଗୋଲାପି ଚେକ ସାର୍ଟ ସହ ସାଗୁଆ ଓ ନୀଳ ରଙ୍ଗର ହାଫ୍ ପ୍ୟାଣ୍ଟ ପିନ୍ଧିଥିଲେ। କୌଣସି ଚଳନ୍ତା ଟ୍ରେନରୁ ଖସିପଡ଼ି ତାଙ୍କର ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଉଛି । ଏ ନେଇ ଜିଆରପି ପୋଲିସ ଅଧିକାରୀ ଅନନ୍ତ ଖଣ୍ଡୱାଲ ତଦନ୍ତ ଚଳାଇଛନ୍ତି। ମୃତଦେହକୁ ବ୍ୟବଚ୍ଛେଦ ପାଇଁ ରାଜଗାଙ୍ଗପୁର ଡାକ୍ତରଖାନାକୁ ପଠାଯାଇଥିବା ସେ କହିଛନ୍ତି।

ମେଧାବୃତ୍ତି ପାଇଥିବା ଛାତ୍ରୀଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ରେଙ୍ଗାଲି,୧୦।୧୧(ଡି.ଏନ.ଏ.)
ଚଳିତବର୍ଷ ତୃତୀୟ ଏବଂ ପଞ୍ଚମ ଶ୍ରେଣୀ ମେଧାବୃତ୍ତି ଓ ନବୋଦୟ ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ରେଙ୍ଗାଲି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଛି। ତୃତୀୟ ଶ୍ରେଣୀରେ ଆଦ୍ୟାଶା ପଣ୍ଡା, ସିଦ୍ଧି ପଟ୍ଟନାୟକ ଓ ପଞ୍ଚମ ଶ୍ରେଣୀର ଆୟୁଷ ସାହୁ ଏବଂ ନବୋଦୟ ପ୍ରବେଶିକା ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟ କାମନା କରାଯାଇଛି। ଏହି ସମ୍ବର୍ଦ୍ଧନା ସଭାରେ ଅନୁଷ୍ଠାନ ସଭାପତି ରାଜୀବ ମିଶ୍ର, ସମ୍ପାଦକ ସରୋଜ ବିଶୋଇ, ଯୁଗ୍ମ ସମ୍ପାଦକ ଜଗଦୀଶ ପୂଜାରୀ, ପ୍ରଧାନାଚାର୍ଯ୍ୟ ଗଣେଶ୍ୱର ନାଏକ, ବିଦ୍ୟାଳୟର ଗୁରୁଜୀ, ଗୁରୁମାମାନେ ଉପସ୍ଥିତ ରହିଥିଲେ।

ପ୍ରଧାନମନ୍ତ୍ରୀ ଫସଲ ବୀମା ବିଭ୍ରାଟ

୨୦ରେ ସପରିବାର ଜିଲାପାଳ ଅଫିସ ଘେରାଉ ନିଷ୍ପତ୍ତି

ସମ୍ବଲପୁର,୧୦।୧୧(ବ୍ୟୁରୋ)
ସମ୍ବଲପୁର ଜିଲାରେ ୨୦୧୭ ଖରିଫ୍ ଫସଲ କ୍ଷୟକ୍ଷତି ନେଇ ବୀମା ଟଙ୍କା ପ୍ରଦାନରେ ବିଭ୍ରାଟ ହୋଇଛି। ଏଥିପାଇଁ ଚାଷୀମାନେ ପ୍ରାୟ ଦୁଇମାସ ହେଲା ଆନ୍ଦୋଳନ ଚଳାଇଛନ୍ତି। ହେଲେ ଏପର୍ଯ୍ୟନ୍ତ ବୀମା କମ୍ପାନୀ ଓ ସରକାରଙ୍କ ମଧ୍ୟରେ ହୋଇଥିବା ଆଲୋଚନାରୁ କୌଣସି ସୁଫଳ ମିଳିପାରିନାହିଁ। ଏପରି କି ଅକ୍ଟୋବର ୩୧ ତାରିଖରେ ସମବାୟ ବିଭାଗ ସଚିବ, ଚାଷୀ ଓ ବୀମା କମ୍ପାନୀଙ୍କ ମଧ୍ୟରେ ହୋଇଥିବା ତ୍ରିପାକ୍ଷିକ ଆଲୋଚନା ମଧ୍ୟ ବ୍ୟର୍ଥ ଯାଇଛି। ଉକ୍ତ ବୈଠକରେ ସମବାୟ ସଚିବ ରଞ୍ଜନା ଚୋପ୍ରା ବୀମା କମ୍ପାନୀକୁ ଟଙ୍କା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ବୀମା କମ୍ପାନୀ ସଚିବଙ୍କ ନିର୍ଦ୍ଦେଶକୁ ଉପେକ୍ଷା କରିଛନ୍ତି। ଏଣୁ ବୀମାରାଶିରୁ ବଞ୍ଚିତ ଚାଷୀମାନେ

ବରେଇପାଲି ନିୟନ୍ତ୍ରିତ ବାଜର କମିଟି ପ୍ରାଙ୍ଗଣରେ ବୈଠକ



ସମ୍ବଲପୁର ବରେଇପାଲି ଆରଏମସି ପରିସରରେ ଜିଲାସ୍ତରୀୟ ଚାଷୀ ସଙ୍ଗଠନର ଜରୁରୀ ବୈଠକ।

ଆନ୍ଦୋଳନକୁ ଅଧିକ ବ୍ୟାପକ କରିବାକୁ ସଜବାଜ ହୋଇଛନ୍ତି।

ଏହି ପରିପ୍ରେକ୍ଷୀରେ ଶନିବାର ବରେଇପାଲି ନିୟନ୍ତ୍ରିତ ବାଜର କମିଟି ପ୍ରାଙ୍ଗଣରେ ବୈଠକ ହୋଇଥିଲା। ସେଥିରେ ନଭେମ୍ବର ୨୦ ତାରିଖରେ ଚାଷୀମାନେ ସପରିବାର ଜିଲାପାଳ ଅଫିସ ଘେରାଉ କରିବାକୁ ସହମତି ପ୍ରକାଶ ପାଇଛି। ଜିଲାର ବିଭିନ୍ନ କୃଷକ ସଙ୍ଗଠନର ହଜାର ସଂଖ୍ୟାରେ ଚାଷୀ ସେହି ବିକ୍ଷୋଭରେ ଉପସ୍ଥିତ ରହିବେ। ଜିଲାପାଳ ଅଫିସ ସମ୍ମୁଖରେ ଧାରଣା ଓ ବିକ୍ଷୋଭ ସଭା କରାଯିବ। ଯଦି ସରକାର ୨୦୧୭ ଖରିଫ ଋତୁର ବୀମା କ୍ଷତିପୂରଣ ଟଙ୍କା ଚାଷୀଙ୍କୁ ଦେଇନାହାନ୍ତି। ଚାଷୀ ମଧ୍ୟ ବୀମା ଟଙ୍କା ନ ପାଇବା ପର୍ଯ୍ୟନ୍ତ

- ବୀମା ରାଶି ନ ମିଳିଲେ, ଋଣ ପରିଶୋଧ କରିବେ ନାହିଁ ଚାଷୀ
- ରାଜନେତାଙ୍କ ଘର ସମ୍ମୁଖରେ ମଧ୍ୟ ଧାରଣା ଦିଆଯିବ

ଋଣ ପରିଶୋଦ କରିବେ ନାହିଁ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ପରବର୍ତ୍ତୀ ସମୟରେ ରାଜନେତାମାନଙ୍କ ଘର ସମ୍ମୁଖରେ ପରବାର ସହ ଚାଷୀମାନେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣାରେ ବସିବେ ବୋଲି ମଧ୍ୟ ଆଲୋଚନା ହୋଇଛି। ବୈଠକରେ ପଶ୍ଚିମ ଓଡିଶା କୃଷକ ସଙ୍ଗଠନ ଅବାହକ ଅଶୋକ ପ୍ରଧାନ, ଜିଲା ସଭାପତି ମୁରାରୀ ପୁରୋହିତ, ହରିଶଙ୍କର ପୁରୋହିତ, ବୌମକେଶ ଠାକୁର, ଦେବେନ୍ଦ୍ର ପ୍ରଧାନ, ବିଭୁ ପଟ୍ଟନାୟକ, କୁଶଧ୍ୱଜ ଚୈଧୁରୀ, ଚନ୍ଦ୍ରଶେଖର ପଣ୍ଡା, ଗୋବିନ୍ଦ ମିଶ୍ରଙ୍କ ସମେତ ଶତାଧିକ ଚାଷୀ ଉପସ୍ଥିତ ରହିଥିଲେ।

ସୁରଜମଲ ମହାବିଦ୍ୟାଳୟରେ ଆଲୋଚନାଚକ୍ର

ରେଙ୍ଗାଲି,୧୦।୧୧(ଡି.ଏନ.ଏ.)
ରେଙ୍ଗାଲି ସୁରଜମଲ ମହାବିଦ୍ୟାଳୟରେ ଶନିବାର ଅର୍ଥନୀତି ବିଭାଗର ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଗ୍ରାମାଞ୍ଚଳର ଶ୍ରମିକମାନେ କାମଧନ୍ଦା ଅଭାବରୁ ଅନ୍ୟ ରାଜ୍ୟକୁ ଦାଦନ ଖଟୁଥିବା ଆଲୋଚନାର ପ୍ରସଙ୍ଗ ହୋଇଥିଲା। ଅର୍ଥନୀତି ବିଭାଗର ବିଭାଗୀୟ ମୁଖ୍ୟ ଅଧ୍ୟାପକ ଅରୁଣ କୁମାର ବେହେରାଙ୍କ ସଭାପତିତ୍ୱରେ ଆଲୋଚନାଚକ୍ର କରାଯାଇଥିଲା। କଲେଜର ଅଧ୍ୟକ୍ଷ ସୁଜିତ କୁମାର ସେନ ମୁଖ୍ୟ ଅତିଥି, ଅଧ୍ୟାପିକା ଡ. ମିନତୀ ଶତପଥି ମୁଖ୍ୟ ବକ୍ତା ଭାବେ ଉପସ୍ଥିତ ରହିଥିଲେ। ଅଧ୍ୟାପକ ନରେନ୍ଦ୍ର ବେହେରା ସ୍ୱାଗତ ଭାଷଣ ଓ ଅଧ୍ୟାପକ ଅଜିତ କୁମାର ନାୟକ ଧନ୍ୟବାଦ ଦେଇଥିଲେ। ସୁପ୍ରିୟା ପୁଷ୍ଟି, ବିରେନ୍ଦ୍ର କର୍ତ୍ତା, ରେଶ୍ମା ହର, ଶୁଭଶ୍ରୀ ସାହୁ, ପୂଜାରାଣୀ ପୁଷ୍ଟ, ଲୋକନାଥ ରକ୍ଷା ପ୍ରମୁଖ ଛାତ୍ରୀଛାତ୍ର ଆଲୋଚନାରେ ଭାଗ ନେଇଥିଲେ।

ସିମଲିବାହାଲଠାରେ ପଥରଗଡ଼ା କାର୍ଯ୍ୟକ୍ରମ

ପେସା ଆଇନ, ଜଙ୍ଗଲ ଅଧିକାର ଆଇନ ଓ ଗ୍ରାମସଭାର କ୍ଷମତା ଉପରେ ଆଲୋଚନା

ବାମରା,୧୦।୧୧(ସ୍ୱ.ପ୍ର.)
ସମ୍ବଲପୁର ଜିଲା ବାମରା ବ୍ଲକ ରବଗା ପଞ୍ଚାୟତ ସିମଲିବାହାଲ ଗାଁରେ ଶନିବାର ପଥର ଗଡ଼ା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନ ୧୧ଟାରେ ପ୍ରଥମେ ରବଗା ସୀମାବର୍ତ୍ତୀ ଅଞ୍ଚଳ ରାସ୍ତାକଡ଼ରେ ପଥର ଗଡ଼ା କରାଯାଇଥିଲା। ଆଦିବାସୀଙ୍କ ପରମ୍ପରା ଅନୁସାରେ ଗ୍ରାମସଭାର ସଭାପତି ମିନକୁ ଲାକ୍ରା ପୂଜାର୍ଚ୍ଚନା କରିଥିଲେ। ରବଗା ପଞ୍ଚାୟତର ଜୁରାପାଲି, କିଣ୍ଡା, ଦହମୁଣ୍ଡା, କଦଳୀଝରଣ, ମୂଆଁପାଲି, ରବଗା, ସିମଲିବାହାଲ ଗାଁରୁ ଜଙ୍ଗଲ ଅଧିକାର କମିଟିର ଶତାଧିକ ସଭ୍ୟାସଭ୍ୟ ଏଥିରେ ସାମିଲ ହୋଇଥିଲେ। କମିଟି ସଭାପତି ଫ୍ରାନସିନ୍ କୁଲୁଙ୍କ ସଭାପତିତ୍ୱରେ ଲୋକମୁକ୍ତି ସଙ୍ଗଠନର ସଂଯୋଜକ ଗ୍ରିଗ୍ରୋରୀ ସାମାଦ ସଭା ପରିଚାଳନା କରିଥିଲେ। ଝାଡ଼ଖଣ୍ଡ ଟାଟାନଗରରୁ ଆସିଥିବା ଆଦିବାସୀ ନେତା ମଦନ

ପଥରଗଡ଼ା ଉତ୍ସବରେ ଉପସ୍ଥିତ ଅତିଥିବୃନ୍ଦ।

ମୋହନ ମୁଖ୍ୟ ଅତିଥି, ଲୋକମୁକ୍ତି ସଙ୍ଗଠନର ଉପଦେଷ୍ଟା ଅନନ୍ତ ପଣ୍ଡା ମୁଖ୍ୟ ବକ୍ତା, କେନ୍ଦ୍ରୀୟ କମିଟି ସଭାପତି ଜଗବନ୍ଧୁ କାଲୋ, ପୂର୍ବତନ ସଭାପତି କୃଷ୍ଣଚନ୍ଦ୍ର କାଲୋ, ଜଙ୍ଗଲ, ଜମି ଅଧିକାର କମିଟି ସଭାପତି ପାତ୍ର ବାଘ, ୱାର୍ଡମେମ୍ବର ମେରିକିରଣ କୁଲୁ, ସୁନିତା ଡୁଙ୍ଗଡୁଙ୍ଗ, ଡମନିକା କୁଲୁ ଓ ପଦ୍ମାବତୀ ବାଘ ସମ୍ମାନିତ ଅତଥି ଭାବେ ଯୋଗଦେଇ ସମସ୍ତଙ୍କୁ ଉତ୍ସାହିତ କରିଥିଲେ। ପେସା ଆଇନ, ଜଙ୍ଗଲ ଅଧିକାର ଆଇନ ଓ ଗ୍ରାମସଭାର କ୍ଷମତା ଉପରେ ବିଶଦ୍ ଭାବେ ଆଲୋଚନା କରାଯାଇଥିଲା। ସଙ୍ଗଠନର ସଂଯୋଜକ ଜିତ ସାମାଦ, ଅଶୋକ ମାଝୀ, ଉମାକାନ୍ତ ନାଏକ, ଟଙ୍କଧର ସାହୁ, ସୁମନ ଭେଙ୍ଗରା, କିଶୋର କୁଣ୍ଡଲନା ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଫିଲମନ୍ ବା ଧନ୍ୟବାଦ ଦେଇଥିଲେ।

ଦିନିକିଆ ଫୁଟବଲ ଟୁର୍ନାମେଣ୍ଟ, ବନ୍ଧପାଲି ଚାମ୍ପିୟନ

କମନକିରା,୧୦।୧୧(ଡି.ଏନ୍.ଏ.)
ସମ୍ବଲପୁର ଜିଲା ଜମନକିରା ବ୍ଲକ୍ ଭୋଜପୁର ପଞ୍ଚାୟତ ଗୁଦୁରାପଡ଼ା ହରିଓମ୍ କ୍ଲବ୍ ପକ୍ଷରୁ ୧୨ଟି ଦଳଙ୍କୁ ନେଇ ଦିନିକିଆ ଫୁଟବଲ ଟୁର୍ନାମେଣ୍ଟ ଆୟୋଜିତ ହୋଇଥିଲା। ଏହା ଉଦ୍‌ଯାପିତ ହୋଇଯାଇଛି। ଭୋଜପୁର ସରପଞ୍ଚ ଟିକେଶ୍ୱର ପାତ୍ର ଏହାକୁ ଉଦ୍‌ଘାଯନ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ବାଲିମାଲ ଓ ସୁଇପଦର ଗ୍ରାମ୍ୟଶ୍ରୀ କ୍ଲବ୍ ମଧ୍ୟରେ ଖେଳର ଶୁଭାରମ୍ଭ ହୋଇଥିଲା। ଶେଷ ପର୍ଯ୍ୟାୟ ଫାଇନାଲ ଖେଳ ଟିକିଲିପଡ଼ା ଓ ବନ୍ଧପାଲି ମଧ୍ୟରେ ସଂଘର୍ଷପୂର୍ଣ୍ଣ ହୋଇଥିଲା। ଟ୍ରାଇ ବ୍ରେକରରେ ୩-୨ ଗୋଲରେ ଟିକିଲିପଡ଼ାକୁ ହରାଇ ବନ୍ଧପାଲି ଚାମ୍ପିୟନ ହୋଇଛି। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଏସ୍‌ଡ଼ିଏ ଅଧକ୍ଷ ବିଜୟ ମହାନ୍ତି ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ସମାଜସେବୀ ରମଣୀ କିସାନ ଉପସ୍ଥିତ ରହି ବିଜେତା ଓ ଉପବିଜେତା ଦଳଙ୍କୁ ଟ୍ରଫି ସହ ନଗଦ ରାଶି ପ୍ରଦାନ କରିଥିଲେ। ଅଭିମନ୍ୟୁ ବାଘ, ପ୍ରଶାନ୍ତ ଭୋଇ ଏବଂ କ୍ଷେତ୍ରମଣୀ କିସାନ ପ୍ରମୁଖ ଖେଳ ପରିଚାଳନା କରିଥିଲେ। ହରି ଓମ୍ କ୍ଲବ୍‌ର ସଭାପତି ବିଷ୍ଣୁ କିସାନ, ସମ୍ପାଦକ କ୍ଷେତ୍ର କିଷାନ ଓ କ୍ଲବ୍‌ର କର୍ମକର୍ତ୍ତାଙ୍କ ତତ୍ତ୍ୱାବଧାନରେ ଖେଳ ହୋଇଥିଲା। ନୂତନ କିଷାନ, ଗଗନ କିଷାନ, ସୁଶାନ୍ତ କିଷାନ, ଖିରୋଦ କିଷାନ, ଜଗନ୍ନାଥ କିଷାନ, ଯୋଗିନ୍ଦ୍ର କିଷାନ, ପ୍ରଭାତ କିଷାନ ଓ ମହମ୍ମଦ ଫାରୁକ୍ ପ୍ରମୁଖ ସହଯୋଗ କରିଥିଲେ।

ବିକାଶ କାର୍ଯ୍ୟ ପାଇଁ ସିଆରପିଏଫ୍ ଡିଆଇଜିଙ୍କ ସହ ଆଲୋଚନା

ବୁର୍ଲା,୧୦।୧୧(ଡି.ଏନ.ଏ)
ସମ୍ବଲପୁର ଜିଲା ଧନକଉଡ଼ା ବ୍ଲକ କଲାମାଟି ପଞ୍ଚାୟତ ବସନ୍ତପୁର ମୌଜାରେ ସମ୍ବଲପୁର ସିଆରପିଏଫ୍ ଗ୍ରୁପ୍ ସେଣ୍ଟର ଗଠିତ ହୋଇଛି। ଏପରି ସ୍ଥଳେ ଅଞ୍ଚଳର ବିକାଶ କାର୍ଯ୍ୟରେ ସହଯୋଗ ପାଇଁ ବ୍ଲକ ଉପାଧକ୍ଷ ସୁଷମା ସାହୁ, ଜିଲା ପରିଷଦ ସଭ୍ୟା ସଂଯୁକ୍ତା ପ୍ରଧାନ ସିଆରପିଏଫ୍ ଡିଆଇଜି ରାଜକୁମାରଙ୍କୁ ସାକ୍ଷାତ କରି ସ୍ଥାନୀୟ ନିଯୁକ୍ତି, ସ୍ୱଚ୍ଛ ଭାରତ ଅଭିଯାନ, ମହିଳାମାନଙ୍କୁ ବିଭିନ୍ନ ତାଲିମ, ଅଞ୍ଚଳକୁ ପୋଷ୍ୟଗ୍ରାମ, ପାରିପାର୍ଶ୍ୱିକ ଉନ୍ନତିମୂଳକ କାର୍ଯ୍ୟ, ରକ୍ତଦାନ ଶିବିର ଆଦି ଉପରେ ଆଲୋଚନା କରିଛନ୍ତି। ଏଥିରେ ଡିଆଇଜି କୁମାର ସନ୍ତୋଷ ସିଆର୍‌ପିଏଫ୍ ଗ୍ରୁପ୍ ପକ୍ଷରୁ ପୂର୍ଣ୍ଣ ସହଯୋଗ କରାଯିବ ବୋଲି କହିଥିବା ଉପାଧକ୍ଷ ସାହୁ ଜଣାଇଛନ୍ତି।

ବ୍ଲକ୍‌ସ୍ତରୀୟ ଯୁବ ଜାଗରଣ କାର୍ଯ୍ୟକ୍ରମ

ଜମନକିରା,୧୦।୧୧ (ଡି.ଏନ୍.ଏ)
ସମ୍ବଲପୁର ଜିଲା ଜମନକିରା ବ୍ଲକ୍ ଫାଶିମାଲ ପଞ୍ଚାୟତ ରାଜୀବ ଗାନ୍ଧୀ ସେବା କେନ୍ଦ୍ରରେ ବ୍ଲକ୍‌ସ୍ତରୀୟ ଯୁବ ଜାଗରଣ କାର୍ଯ୍ୟକ୍ରମ ନେହେରୁ ଯୁବ କେନ୍ଦ୍ର ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ସ୍ୱେଚ୍ଛାସେବୀ ଏମ୍‌ଡି ସୁଫାନୁଲ୍ଲାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ କୁଟୁରାଡୁଆଁ କଲେଜ ଅଧକ୍ଷ ସୁବାଷଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ମାନେଶ୍ୱର କଲେଜ ଅଧାପକ ସତ୍ୟନାରାୟଣ ଠାକୁର ମୁଖ୍ୟ ବକ୍ତା, ଓରମାସ ନିର୍ଦ୍ଦେଶକ ଇନ୍ଦୁଭୂଷଣ

କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିଙ୍କ ସହ ପଞ୍ଚାୟତର ପ୍ରତିନିଧିମାନେ।

ମହାପାତ୍ର ସମ୍ମାନିତ ଅତଥି ଭାବେ ଉପସ୍ଥିତ ରହିଥିଲେ। ଯୁବକେନ୍ଦ୍ର ଭୁବନେଶ୍ୱର ଜୋନର ଅବସରପ୍ରାପ୍ତ ଅଧିକାରୀ ଇନ୍ଦ୍ରଜିତ ପଟେଲ ପ୍ରାରମ୍ଭିକ ସୂଚନା ଦେଇଥିଲେ। ନିଶାରୁ ଦୁରେଇ ରହିବାକୁ ଯୁବ ସମାଜକୁ ସଂକଳ୍ପ ନେବାକୁ ଆହ୍ୱାନ ଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଜମନକିରା ବ୍ଲକ୍ ପ୍ରତିନିଧି ଦେବଜାନୀ ମୁଦୁଲି ଧନ୍ୟବାଦ ଦେଇଥିଲେ। ଏଥିରେ ବ୍ଲକ୍ ଅନ୍ତର୍ଗତ ୨୦ ପଞ୍ଚାୟତର ପ୍ରତିନିଧି ସାମିଲ୍ ହୋଇଥିଲେ। ଦୀପନ ନାଏକ, ନିପୁନ ନାଏକ ଓ ପିଣ୍ଟୁ ପୃଷ୍ଠେ ସହଯୋଗ କରିଥିଲେ।

ସାତୁପାଲି ଛକରେ ଗିରିଗୋବର୍ଦ୍ଧନ ପୂଜା

ବୁର୍ଲା,୧୦।୧୧(ଡି.ଏନ.ଏ.)
ସମ୍ବଲପୁର ଜିଲା ଧନକଉଡ଼ା ବ୍ଲକ ବସନ୍ତପୁର ପଞ୍ଚାୟତ ସାତୁପାଲି ଛକରେ ବୁଧବାର ଓ ଗୁରୁବାର ୨ ଦିନ ଧରି ଗିରିଗୋବର୍ଦ୍ଧନ ପୂଜା ପାଳିତ ହୋଇଛି। ଏହି ଅବସରରେ ଆଲୋକ ବେହେରା ଓ ତାଙ୍କ ଦଳ ଦ୍ୱାରା ପରିବେଶିତ ଭଜନ ସମାରୋହ ଦର୍ଶକଙ୍କ ମନ ମୋହିଥିଲା। ସୁସଜ୍ଜିତ ମଣ୍ଡପରେ ଗିରିଗୋବର୍ଦ୍ଧନ ମହାପ୍ରଭୁଙ୍କ ମୃଣ୍ମୟ ମୂର୍ତ୍ତି ସ୍ଥାପନ କରାଯାଇ ରୀତିନୀତିରେ ପୂଜାର୍ଚ୍ଚନା ହୋଇଥିଲା। ଗାଁ ମୁଖିଆ ତଥା କୃଷକ ନେତା ଉମେଶ ଚନ୍ଦ୍ର ମିଶ୍ର ସପତ୍ନୀକ କର୍ତ୍ତା ଦାୟିତ୍ୱ ସମ୍ପାଦନ କରିଥିଲେ। ପଣ୍ଡିତ ମନୋଜ ପାଣିଗ୍ରାହୀ ପୂଜା କାର୍ଯ୍ୟ ପରିଚାଳନା କରିଥିଲେ। ଏଥିରେ ରାଜୀବ ମିଶ୍ର ସହଯୋଗ କରିଥିଲେ। କମିଟି ସଭାପତି ତ୍ରିଲୋଚନ ପ୍ରଧାନ, ସମ୍ପାଦକ ରାଜୀବ ମିଶ୍ରଙ୍କ ତତ୍ତ୍ୱାବଧାନରେ ଦେବେନ୍ଦ୍ର କର୍ଣ୍ଣ, ବଳରାମ ପ୍ରଧାନ, ବିଶ୍ୱ ପାତ୍ର, କୃଷ୍ଣଚନ୍ଦ୍ର ପ୍ରଧାନ, ସନାତନ ପାତ୍ର, ତ୍ରିବିକ୍ରମ ପାତ୍ର, ସଂଗ୍ରାମ ପ୍ରଧାନ, ବାବୁଲି ବଢ଼େଇ, ରୂପେଶ ପ୍ରଧାନ, ଶିବ କର୍ଣ୍ଣ ପ୍ରମୁଖ ଉପସ୍ଥିତ ରହିଥିଲେ। ଦ୍ୱିତୀୟ ରଜନୀରେ ବରଗଡ଼ ସଲକଣ୍ଡା ଅପେରା ହୋଇଥିଲା। ଶତାଧିକ ଦର୍ଶକ ଏହାକୁ ଉପଭୋଗ କରିଥିଲେ । ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଟିପିଲିମା ଫାଣ୍ଡି ଅଧିକାରୀ ଗଞ୍ଜୁ ଓରାମ ସଦଳବଳ ଉପସ୍ଥିତ ଥିଲେ ।

ହେମାମୁରା ଗାଁରେ ହାତୀପଲ

ରେଢ଼ାଖୋଲ,୧୦।୧୧(ଡି.ଏନ.ଏ.)
ସମ୍ବଲପୁର ଜିଲା ରେଢ଼ାଖୋଲ ବ୍ଲକ୍‌ର ବିଭିନ୍ନ ଅଞ୍ଚଳରେ ହାତୀପଲ ଉପଦ୍ରବ ଚଳାଇଛନ୍ତି। ହାତୀପଲଙ୍କ ଆତଙ୍କରେ ଲୋକେ ଭୟଭୀତ ଅବସ୍ଥାରେ ରହୁଛନ୍ତି। ହାତୀମାନେ ଦଳବଦ୍ଧ ହୋଇ ଗାଁ ମଧ୍ୟକୁ ପଶି ଆସି ଧାନ କ୍ଷେତ ଉଜାଡ଼ି ଚାଲିଛନ୍ତି। ବ୍ଲକର ଲୁହାପଙ୍କ ପଞ୍ଚାୟତର ହେମାମୁରା, ନବଘନପୁର ଗ୍ରାମରେ ଗତ ୨ ଦିନ ହେବ ୧୭ରୁ ଊର୍ଦ୍ଧ୍ୱ ହାତୀଙ୍କ ଏକ ପଲ ଗ୍ରାମବାସୀଙ୍କ ଆଖିରୁ ନିଦ ହଜାଇ ଦେଇଛି। କ୍ଷେତରୁ ଧାନ ଅମଳ କରି ଖଳାରେ ରଖିଥିବା ଧାନକୁ ହାତୀମାନ

ରୋଗ ପାଇଁ ବୟସ

ପ୍ରଫେସର ଡା. ରମାରମଣ ଷଡ଼ଙ୍ଗୀ

ବର୍ତ୍ତମାନ ବ୍ୟସ୍ତବହୁଳ ଜୀବନଶୈଳୀ ସାଙ୍ଗକୁ ଅସନ୍ତୁଳିତ ଖାଦ୍ୟାଭ୍ୟାସ ଅଳ୍ପ ବୟସ୍କଙ୍କଠାରେ ମଧ୍ୟ ମଧୁମେହ ରୋଗ ସୃଷ୍ଟି କରୁଛି ଏବଂ ସାମାନ୍ୟ ଅବହେଳା ହୃଦ୍‌ରୋଗର ଆଶଙ୍କା ବୃଦ୍ଧି କରୁଛି। ତେଣୁ ଅଳ୍ପବୟସରେ ଯେପରି ଏ ରୋଗ ଦେଖା ନ ଯାଏ ସେଥିପ୍ରତି ବିଶେଷ ସତର୍କ ରହିବା ଆବଶ୍ୟକ...

ମଧୁମେହ ରୋଗର ନାଁ ଶୁଣିଲେ ସମସ୍ତେ ଭୟରେ ଶିହରି ଉଠନ୍ତି। କାରଣ ଏ ରୋଗରେ ଶରୀରର ସମସ୍ତ ଅଙ୍ଗ ପ୍ରତ୍ୟଙ୍ଗରେ ଜଟିଳତା ସୃଷ୍ଟି ହୋଇଥାଏ ଏବଂ ଆରୋଗ୍ୟ ହେବାକୁ ସମୟ ଲାଗିଥାଏ। ସମସ୍ତେ ଜାଣନ୍ତି ଏହା ମଧ୍ୟବୟସରେ ହୋଇଥାଏ କିନ୍ତୁ ଆଶ୍ଚର୍ଯ୍ୟର କଥା, ବର୍ତ୍ତମାନ ଏହା ଅଳ୍ପବୟସରେ ମଧ୍ୟ ହୋଇ ଗୁରୁତର ଆକାର ଧାରଣ କରୁଛି । ଅଳ୍ପ ବୟସରେ ମଧୁମେହ ରୋଗର ଅନ୍ୟ ନାଁଗୁଡ଼ିକ ହେଉଛି 'ଜୁଭେନାଇଲ୍ ଡାଏବେଟିସ୍', ''ଟାଇପ୍ -1-ଡାଏବେଟିସ୍'' ବା' ''ଇନ୍‌ସୁଲିନ୍ ଡିପେଣ୍ଡେଣ୍ଟ ଡାଏବେଟିସ୍।'' ଏହା ଏକ ରୋଗ, ଯେଉଁଥିରେ ପାଚନରସ ଯନ୍ତ୍ର ଅଗ୍ନ୍ୟାଶୟ ବା ପ୍ୟାନ୍‌କ୍ରିଆଜ୍ ଗ୍ରନ୍ଥିରୁ ଖାଦ୍ୟର ଶର୍କରା ଅଂଶକୁ କୋଷ ମଧ୍ୟରେ ପ୍ରବେଶ କରାଇ ଶରୀରକୁ ଶକ୍ତି ଯୋଗାଉଥିବା ଇନ୍‌ସୁଲିନ୍ ହର୍‌ମୋନ୍ ଝରେ ନାହିଁ ବା ଅଳ୍ପ ଅଳ୍ପ ଝରିଥାଏ। ଏହାର ପ୍ରକୃତ କାରଣ ଏ ଯାଏ ଜଣାପଡିନାହିଁ। ଶରୀରର ରୋଗ ପ୍ରତିରୋଧକାରୀ ଶକ୍ତି ଯାହା କି ସାଧାରଣତଃ କ୍ଷତିକାରକ ଜୀବାଣୁ ଓ ଭୂତାଣୁ ଆକ୍ରମଣରୁ ଶରୀରକୁ ରକ୍ଷା କରିଥାଏ, ତାହା ହିଁ ଭୁଲବଶତଃ ପାନକ୍ରିଆଜ୍‌ର ଇନ୍‌ସୁଲିନ୍ ଉତ୍ପାଦନକାରୀ କୋଷ ଆଇଲେଟସ୍ ଅଫ୍ ଲାଙ୍ଗାରହାନ୍‌କୁ ନଷ୍ଟ କରିଦିଏ। ଏହାଛଡ଼ା ଅନ୍ୟ କାରଣଗୁଡ଼ିକ ହେଲା ବଂଶଗତ ଏବଂ ଭୂତାଣୁଜନିତ। ଗ୍ଲୁକୋଜ୍ ହେଉଛି ଶକ୍ତିର ବଡ଼ ଉତ୍ସ। ଗ୍ଲୁକୋଜ୍ ଲିଭର୍ ବା ଯକୃତରେ ଗ୍ଲାଇକୋଜେନ୍ ଆକାରରେ ଗଚ୍ଛିତଥାଏ। ବହୁତ ସମୟ ଧରି ନ ଖାଇଲେ ଏବଂ ଶରୀରରୁ ଗ୍ଲୁକୋଜ୍ କମିଗଲେ ଯକୃତରୁ ଗଚ୍ଛିତ ଗ୍ଲୁକୋଜ ବାହାରି ରକ୍ତରେ ଶର୍କରାର ପରିମାଣ ନିୟନ୍ତ୍ରିତ କରି ରଖିଥାଏ। ଜୁଭେନାଇଲ୍ ମଧୁମେହ ରୋଗରେ, ଇନ୍‌ସୁଲିନ୍ ନ ଥିବାରୁ ରକ୍ତରେ ଶର୍କରା ବ୍ୟବହୃତ ନ ହୋଇ ଜମିଯାଏ ଏବଂ ଜଟିଳତା ସୃଷ୍ଟିକରିଥାଏ।

ଲକ୍ଷଣ – ଏ ରୋଗର ଲକ୍ଷଣ ହଠାତ୍ ଦେଖାଦିଏ ଯଥା – ବେଶି ଶୋଷହେବା, ବାରମ୍ବାର ପରିସ୍ରା ଲାଗିବା, ରାତି ଅଧରେ ବିଛଣାରେ ପରିସ୍ରା ହୋଇଯିବା, ଭୀଷଣ ଭୋକ ଲାଗିବା, ହଠାତ୍ ଓଜନ କମିଯିବା, ଚିଡ୍ ଚିଡ୍ ଲାଗିବା, କ୍ଳାନ୍ତ ଓ ଦୁର୍ବଳ ଲାଗିବା ଏବଂ ଆଖି ଜାଲ୍ ଜାଲୁଆ ଦିଶିବା ଆଦି। ଏପରି କୌଣସି ଲକ୍ଷଣ ଦେଖାଦେବା ମାତ୍ରେ, ଡାକ୍ତରଙ୍କ ପରାମର୍ଶ ନେବା ଆବଶ୍ୟକ।

ଅଳ୍ପ ବୟସରେ ମଧୁମେହ ରୋଗର ଜଟିଳତା – ରକ୍ତରେ ଶର୍କରାର ଅଂଶ ବଢିଗଲେ, ହୃତପିଣ୍ଡ, ଶିରା ଓ ଧମନୀ, ସ୍ନାୟୁ, ଚକ୍ଷୁ ଏବଂ ବୃକକ୍‌ରେ ଜଟିଳତା ବଢିଥାଏ। ମଧୁମେହ ରୋଗ ହୃତପିଣ୍ଡ ଓ ଧମନୀଜନିତ ରୋଗର ଜଟିଳତା ବଢାଇ ଦେଇଥାଏ। ତେଣୁ ଛାତିବ୍ୟଥା (ଆଂଜାଇନା) ହୃଦ୍‌ଘାତ, ମସ୍ତିଷ୍କଘାତ, ଧମନୀ ଅଣଓସାରିଆ ହୋଇଯିବା ତଥା ଉଚ୍ଚ ରକ୍ତଚାପ ଆଦି ହୋଇଥାଏ। ଏମିତି କି ୧୮ ବର୍ଷ ବୟସରେ ମଧ୍ୟ ହୃଦଘାତ ହୋଇଥାଏ ଏବଂ ୨୮ ବର୍ଷ ବୟସରେ ମଧ୍ୟ ମଧୁମେହଜନିତ ଜଟିଳତା ଯୋଗୁଁ ହୃଦରୋଗର ଅସ୍ତ୍ରୋପଚାର କରିବାକୁ ହୋଇଥାଏ।

ସ୍ନାୟୁ ନଷ୍ଟ ବା ନିଉରୋପାଥି – ରକ୍ତରେ ଶର୍କରା ଅଂଶ ବଢିଗଲେ ସ୍ନାୟୁକୁ ରକ୍ତ ସଂଚାଳନ କରୁଥିବା ଛୋଟ ଛୋଟ ଧମନୀର କାନ୍ଥ ନଷ୍ଟ ହୋଇଯାଇଥାଏ। ବିଶେଷ ଭାବରେ ଗୋଡର ସ୍ନାୟୁ ଖୁବ୍ ଶୀଘ୍ର ନଷ୍ଟ ହୋଇଯାଇଥାଏ। ତେଣୁ ଗୋଡ଼ ଝିମ୍‌ଝିମ୍ ହୋଇ ଗୋଦରା ଲାଗିଥାଏ, ପୋଡାଜଳା ହୋଇଥାଏ ଓ ଗୋଡ଼ର ବୁଢ଼ାଅଙ୍ଗୁଳିଠାରୁ ଆରମ୍ଭ ହୋଇ ସବୁ ଅଙ୍ଗୁଳି ଆଡକୁ ବ୍ୟାପି ଯାଇଥାଏ ଏବଂ ଆସ୍ତେ ଆସ୍ତେ ଉପରକୁ ମାଡି ଯାଇଥାଏ। ରକ୍ତରେ ଶର୍କରା ନିୟନ୍ତ୍ରିତ ନ ହେଲେ, ସାରା ଗୋଡ଼ ଗୋଦରା ହୋଇଯାଏ। ପାକସ୍ଥଳୀ ଓ ଅନ୍ତନାଳୀର ସ୍ନାୟୁ ପ୍ରଭାବିତ ହେଲେ ଝାଡା, ବାନ୍ତି ଓ ସମୟେ ସମୟେ କୋଷ୍ଠ ବଦ୍ଧତା ହୋଇଯାଏ।

ବୃକ୍‌କ ବା ନେଫ୍ରୋପାଥି – ବୃକ୍‌କରେ ଲକ୍ଷ ଲକ୍ଷ ସରୁ ସରୁ ଧମନୀ ଥାନ୍ତି, ଯାହା ଶରୀରର ବର୍ଜ୍ୟବସ୍ତୁକୁ ପରିସ୍ରା ଆକାରରେ ନିଷ୍କାସିତ କରିଥାନ୍ତି। ମଧୁମେହ ରୋଗ ଯୋଗୁଁ ସୂକ୍ଷ୍ମ ଧମନୀ ନଷ୍ଟ ହୋଇଯିବା ଦ୍ୱାରା ବୃକ୍‌କ (କିଡ୍‌ନୀ) ଫେଲୁଅର୍ ହୋଇଯାଏ କିଡନୀ ସଂପୂର୍ଣ୍ଣ ନଷ୍ଟ ହୋଇଯାଇ ଡାଏଲିସିସ୍ କରିବାକୁ ପଡିଥାଏ। ଚକ୍ଷୁ ନଷ୍ଟ ହେବା ବା ଡାଏବେଟିସ୍ ରେଟିନୋପାଥିରେ ମଧୁମେହ ରୋଗ ଆଖିର ରେଟିନାର ଧମନୀଗୁଡ଼ିକ ନଷ୍ଟ କରିଦିଏ। ଫଳରେ ମଣିଷ ଅନ୍ଧ ହୋଇଯାଏ। ମଧୁମେହ ରୋଗ ଆଖିର ମୋତିଆ ବିନ୍ଦୁ (କଟାରକ୍ତ) ଏବଂ ଗ୍ଲୁକୋମାର ଜଟିଳତା ବଢାଇ ଦେଇଥାଏ।

ଗୋଡ଼ର କ୍ଷତି – ମଧୁମେହ ରୋଗ ଯୋଗୁ ଗୋଡ଼ରେ ସ୍ନାୟୁ ନଷ୍ଟ ହେବା ଦ୍ୱାରା ଏବଂ ରକ୍ତ ପ୍ରବାହ କମିଯିବା ଦ୍ୱାରା ଗୋଡ଼ର ଜଟିଳତା ବଢିଯାଏ। ସାମାନ୍ୟ କଟିଗଲେ ବା ଫୋଟକା ହୋଇଗଲେ ମଧ୍ୟ ସଂକ୍ରମଣ ବଢିଯାଏ ଏବଂ ଶେଷରେ ଗୋଡ଼, ପାଦ ବା ଆଙ୍ଗୁଠି କାଟିବାକୁ ପଡିଥାଏ।

ଖାଦ୍ୟ ନଳୀର ଜଟିଳତା – ଜୀବାଣୁ ବା ଫଙ୍ଗସ୍ ସଂକ୍ରମଣ ହୋଇ ପାଟି ଓ ଜିଭର ଘା' ହୋଇଥାଏ।

ରକ୍ତ ପରୀକ୍ଷା – ଟାଇପ୍ ୧ ମଧୁମେହ ରୋଗର ଚିହ୍ନଟ ପାଇଁ ଖାଲି ପେଟରେ ରକ୍ତ ଶର୍କରା (ଫାଷ୍ଟିଂ ବ୍ଲଡ଼ ସୁଗାର), ଖାଇବାର ଦୁଇ ଘଣ୍ଟା ପରେ ରକ୍ତ ଶର୍କରା ଏବଂ ଗ୍ଲାଇକୋସିଲେଟେଡ୍ ହିମୋଗ୍ଲୋବିନ୍ ଏଷ୍ଟିମେଶନ୍ ଆବଶ୍ୟକ। ଏଥିରେ ରୋଗୀର ରକ୍ତରେ ଗ୍ଲୁକୋଜ୍ ନିୟନ୍ତ୍ରଣର ଚିତ୍ର ଦେଇଥାଏ। ସ୍ଥଳ ବିଶେଷରେ ରକ୍ତରେ କୋଲେଷ୍ଟେରଲ୍, ଥାଇରଏଡ, ହରମୋନ ଏଷ୍ଟିମେଶନ। ପରିସ୍ରାର ମାଇକ୍ରୋ ଆଲ୍‌ବୁମିନ୍ କରିବାକୁ ପଡିଥାଏ।

ଚିକିତ୍ସା – ଅଳ୍ପବୟସରେ ଟାଇପ୍ ୧ ମଧୁମେହ ରୋଗ ପାଇଁ ଇନ୍‌ସୁଲିନ୍ ଇଂଜେକ୍‌ସନ୍ ନେବାକୁ ପଡିଥାଏ। ଶ୍ୱେତସାର, ସ୍ନେହସାର ଓ ପୁଷ୍ଟିସାର ଖାଦ୍ୟ ଭାଗମାପ ସହ ଖାଇବାକୁ ପଡିଥାଏ। କାରଣ ଡାଏଟ୍ ହିଁ ମଧୁମେହ ରୋଗ ଆରୋଗ୍ୟର ମୂଳ ମନ୍ତ୍ର। ଏହାଛଡ଼ା ନିୟମିତ ବ୍ୟାୟାମ୍ କରିବା ଦରକାର। ଏଥିସହ ନିୟମିତ ବ୍ଲଡ଼ ସୁଗାର ଟେଷ୍ଟକରିବା ଆବଶ୍ୟକ। ଉଚ୍ଚ ରକ୍ତଚାପ ଥିଲେ, ବା ରକ୍ତରେ କୋଲେଷ୍ଟେରଲ୍ ଅଧିକ ଥିଲେ, ଏହାକୁ କମାଇବା ପାଇଁ ଔଷଧ ଖାଇବା ଆବଶ୍ୟକ ଏବଂ ନୀରବ ହୃଦଘାତ ଏଡାଇବା ପାଇଁ ଆସ୍‌ପିରିନ୍ ଖାଇବା ଜରୁରୀ।

ଭୁବନେଶ୍ୱର ପଟିଆ ସ୍ଥିତ ଜ୍ୟୋତି ସୁଜୁକି ପକ୍ଷରୁ ଏକ ଗୋଲ୍ଡ ସ୍କିମ ଅଫରର ଲକି ଡ୍ର ଅନୁଷ୍ଠିତ ହୋଇଯାଇଛି। ଏହା ଦ୍ୱାରା ୮ ଭାଗ୍ୟଶାଳୀ ବିଜେତାଙ୍କୁ ସୁନା କଏନ ପ୍ରଦାନ କରାଯାଇଛି। ଏମାନଙ୍କ ମଧ୍ୟରୁ ୨ ଜଣଙ୍କୁ ୨ ଗ୍ରାମ ଲେଖାଏ ସୁନା ମିଳିଥିବା ବେଳେ ଅନ୍ୟ ୬ ଜଣଙ୍କୁ ୧ ଗ୍ରାମ ଲେଖାଏ ସୁନା ମିଳିଛି। ଜ୍ୟୋତି ସୁଜୁକିର ସେଲ୍‌ସ ମ୍ୟାନେଜର ଜିତେଶ୍ୱର ସାହୁ ବିଜେତାଙ୍କୁ ଗୋଲ୍ଡ କଏନ୍ ପ୍ରଦାନ କରିଥିଲେ।

ଓପିଟିସିଏଲ୍‌ର ଦୁର୍ନୀତି ନିବାରଣ ସପ୍ତାହ

ଭୁବନେଶ୍ୱର,୧୦–୧୧

ଓପିଟିସିଏଲ୍ ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟ ପରିସରରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଶକ୍ତି ସଚିବ ହେମନ୍ତ ଶର୍ମା ଏବଂ କେନ୍ଦ୍ରାଞ୍ଚଳ ଆଇଜି ସୌମେନ୍ଦ୍ର ପ୍ରିୟଦର୍ଶୀ ଯୋଗ ଦେଇଥିଲେ। କମ୍ପାନୀର ମାନବ ସମ୍ବଳ ନିର୍ଦ୍ଦେଶକ ରାଜେନ୍ଦ୍ର ସେନାପତି, ଅର୍ଥ ନିର୍ଦ୍ଦେଶକ ବିଭୁ ପ୍ରସାଦ ମହାପାତ୍ର, ବାଣିଜ୍ୟ ନିର୍ଦ୍ଦେଶକ ମାନସ କୁମାର ଦାସ ପ୍ରମୁଖ ଉପସ୍ଥିତ ରହି ଦୁର୍ନୀତି ବିରୋଧରେ ଲଢିବା ଉପରେ ମତ ରଖିଥିଲେ। ଏହି ଅବସରରେ ସ୍କୁଲ ଓ କଲେଜ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ଶର୍ମା ପୁରସ୍କୃତ କରିଥିଲେ।

ଓଡ଼ିଶାରେ ସ୍ଥିତିକୁ ଆହୁରି ଦୃଢ଼ କରିବୁ

**ଇଲେକଟ୍ରୋନିକ୍ସ ସାମଗ୍ରୀ ମାନୁଫାକ୍‌ଚରର୍ କମ୍ପାନୀଗୁଡିକ ପାର୍ବଣ ସମୟରେ ଗ୍ରାହକଙ୍କୁ ବିଭିନ୍ନ ଆକର୍ଷଣୀୟ ଅଫର ଦ୍ୱାରା ଆକର୍ଷିତ କରିଥାନ୍ତି। ବର୍ଷର ଅନ୍ୟ ସମୟ ଅପେକ୍ଷା ପାର୍ବଣରେ କମ୍ପାନୀଗୁଡିକର କାରବାର ବେଶ୍ ଭଲ ହୋଇଥାଏ। ଏହି କ୍ଷେତ୍ରରେ ଏଲ୍‌ଜି ଇଲେକଟ୍ରୋନିକ୍ସ ଇଣ୍ଡିଆ ପ୍ରାଇଭେଟ ଲିମିଟେଡ ଅନ୍ୟତମ। ବିଭିନ୍ନ ଶୃଙ୍ଖଳାରେ ଏହା ଗ୍ରାହକଙ୍କୁ ପ୍ରଡକ୍ଟ ଓ ସେବା ଯୋଗାଇଦେଉଛି। କମ୍ପାନୀ ପକ୍ଷରୁ ପ୍ରସ୍ତୁତ ପ୍ୟୁରିକେୟାର ରେଞ୍ଜ ୱାଟର ପ୍ୟୁରିଫାୟର ନିକଟରେ ହାର୍ଟ କେୟାର ଫାଉ

ଶ୍ରୀଲଙ୍କା ବିପକ୍ଷ ଗାଲେ ଟେଷ୍ଟରେ ବିଜୟ ଦ୍ୱାରା ଆତ୍ମବିଶ୍ୱାସ ବୃଦ୍ଧି ପାଇଛି। ତେଣୁ ଆସନ୍ତା କାଣ୍ଡି ଟେଷ୍ଟରେ ଆମେ ଆଉ ଏକ ଭଲ ପ୍ରଦର୍ଶନ ଲକ୍ଷ୍ୟରେ ରହିଛୁ ।
–ଜୋ ରୁଟ୍, ଇଂଲଣ୍ଡ ଟେଷ୍ଟ ଦଳର ଅଧିନାୟକ

ସୀମିତ ଓଭର କ୍ରିକେଟରେ କ୍ରମାଗତ ୭ ପରାଜୟ ପରେ ବୋଲରମାନଙ୍କ ପ୍ରଦର୍ଶନ ଯୋଗୁ ଶୁକ୍ରବାର ଦକ୍ଷିଣ ଆଫ୍ରିକା ବିପକ୍ଷରେ ଆମକୁ ବିଜୟ ମିଳିଛି ।
–ମାର୍କସ ଷ୍ଟୋଇନିସ୍, ଅଷ୍ଟ୍ରେଲୀୟ କ୍ରିକେଟର

ସଂକ୍ଷେପରେ

ବଜରଙ୍ଗ ବିଶ୍ୱର ନମ୍ବର ୱାନ୍

ନୂଆଦିଲ୍ଲୀ,୧୦।୧୧: ଷ୍ଟାର ଭାରତୀୟ କୁସ୍ତିଯୋଦ୍ଧା ବଜରଙ୍ଗ ପୁନିଆ ଶନିବାର କ୍ୟାରିୟରରେ ଏକ ବିଶେଷ ସଫଳତା ପାଇଛନ୍ତି। ସେ ୬୫ କିଗ୍ରା ପୁରୁଷ ବର୍ଗରେ ବିଶ୍ୱର ନମ୍ବର ୱାନ ର୍ୟାଙ୍କିଙ୍ଗ ହାସଲ କରିଛନ୍ତି। ୨୪ ବର୍ଷୀୟ ଏହି ଯୋଦ୍ଧା ଚଳିତ ସିଜନରେ ୫ ପଦକ ଜିତିଛନ୍ତି। ଏଥିରେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଓ ଏସିଆନ ଗେମ୍ସ ସ୍ୱର୍ଣ୍ଣ ପଦକ ସହ ବିଶ୍ୱ ଚାମ୍ପିୟନଶିପ୍ ରୌପ୍ୟ ପଦକ ରହିଛି। ୟୁନାଇଟେଡ ୱାର୍ଲ୍ଡ ରେସଲିଂ (ୟୁଡବ୍ଲ୍ୟୁଡବ୍ଲ୍ୟୁ) ପକ୍ଷରୁ ପ୍ରକାଶ କରାଯାଇଥିବା ନୂଆ ର୍ୟାଙ୍କିଙ୍ଗରେ ବଜରଙ୍ଗ ସର୍ବାଧିକ ୯୬ ପଏଣ୍ଟ ସହ ଶୀର୍ଷରେ ରହିଛନ୍ତି। କ୍ୟୁବାର ଆଲେନଜାଣ୍ଡ୍ରୋ ଇନରିକ୍ୟୁ ଭଲାଦେଶ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଆଲେନଜାଣ୍ଡ୍ରୋଙ୍କଠାରୁ ବଜରଙ୍ଗ ୩୦ ପଏଣ୍ଟ ଆଗରେ ରହିଛନ୍ତି। ଏଣୁ ସେ ଅଧିକ ଦିନ ପର୍ଯ୍ୟନ୍ତ ଶୀର୍ଷ ମାନ୍ୟତା ବଜାୟ ରଖିପାରିବେ। ଏହି ର୍ୟାଙ୍କିଙ୍ଗ୍‌ରେ ରୁଷିଆର ଆଖମେଦ ଚାକେବ (୬୨ ପଏଣ୍ଟ) ଓ ନୂଆ ବିଶ୍ୱ ଚାମ୍ପିୟନ ତାକୁଟୋ ଓଟୋଗୁରୋ (୫୬) ଯଥାକ୍ରମେ ୩ୟ ଓ ୪ର୍ଥ ସ୍ଥାନରେ ରହିଛନ୍ତି। ହରିୟାଣା ଯୋଦ୍ଧା ପୁନିଆ ଏକମାତ୍ର ଭାରତୀୟ ପୁରୁଷ ଯୋଦ୍ଧା ଭାବେ ଟପ୍ ୧୦ରେ ସ୍ଥାନ ପାଇଛନ୍ତି। ମହିଳା ବିଭାଗରେ ୫ ଭାରତୀୟ ଯୋଦ୍ଧା ଟପ୍ ୧୦ରେ ରହିଛନ୍ତି। ୫୭ କିଗ୍ରା ବର୍ଗରେ ପୂଜା ଧନ୍ଦା (୫୨) ୬ଷ୍ଠ ସ୍ଥାନରେ ରହିଛନ୍ତି। ସେହିଭଳି ରିତୁ ଫୋଗାଟ ୫୦ କିଗ୍ରା ବର୍ଗରେ ୧୦ମ ସ୍ଥାନରେ ରହିଥିବାବେଳେ ୫୯ କିଗ୍ରା ବର୍ଗରେ ସରିତା ମୋର ୭ମ ସ୍ଥାନରେ ରହିଛନ୍ତି। ନବଜୋତ କୌର ଓ କିରନ ଯଥାକ୍ରମେ ୬୮ ଓ ୭୬ କିଗ୍ରା ବର୍ଗରେ ୯ମ ସ୍ଥାନରେ ରହିଛନ୍ତି।

ବି.ଆଇ. ଆଇ. ଟି. ଏମ୍.ରେ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା

ଭୁବନେଶ୍ୱର, ୧୦।୧୧(ସ୍ପୋର୍ଟ୍ସ ବ୍ୟୁରୋ): ସ୍ଥାନୀୟ ବିଜୁ ପଟ୍ଟନାୟକ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇନ୍‌ଫରମେଶନ ଟେକ୍‌ନୋଲୋଜି ଆଣ୍ଡ୍ ମ୍ୟାନେଜମେଣ୍ଟ ଷ୍ଟଡିଜ (ବି.ଆଇ.ଆଇ.ଟି.ଏମ୍.) ପକ୍ଷରୁ ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ବାର୍ଷିକ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା 'ରେସ୍‌ସଟଲ୍-୨୦୧୮' ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ଇଭେଣ୍ଟ ଦୁଇଦିନ ଧରି ଖେଳାଯିବ। ଏହି ପ୍ରତିଯୋଗିତାକୁ ଅନୁଷ୍ଠାନର ଅଧ୍ୟକ୍ଷ ଡ. ପ୍ରତାପ କୁମାର ତ୍ରିପାଠୀ ଉଦ୍‌ଘାଟନ କରିଥିଲେ। ଦୁଇଦିନ ଧରି ଖେଳାଯିବାକୁ ଥିବା ଏହି ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାକୁ ଅଧ୍ୟାପକ ଅନନ୍ତ ପ୍ରସାଦ ନନ୍ଦ ଓ ପ୍ରଶାନ୍ତ କୁମାର ରାଉତ ପରିଚାଳନା କରୁଛନ୍ତି।

ବାରବାଟୀ ଷ୍ଟାଡ଼ିୟମ୍‌ରେ ଶନିବାର ମୋହନ ବାଗାନ ଓ ଇଣ୍ଡିଆନ୍ ଆରୋଜ୍ ମଧ୍ୟରେ ଅନୁଷ୍ଠିତ ଆଇ-ଲିଗ୍ ଫୁଟବଲ ମ୍ୟାଚ୍‌ର ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

ଡିକାଙ୍କ ଡବଲ ଗୋଲ, ମୋହନବାଗାନ ବିଜୟୀ

କଟକ ଅଫିସ,୧୦।୧୧

ବାରବାଟୀ ଷ୍ଟାଡିୟମରେ ଶନିବାର ଅନୁଷ୍ଠିତ ଆଇ-ଲିଗ୍ ଫୁଟ୍‌ବଲ ମ୍ୟାଚ୍‌ରେ ମୋହନ ବାଗାନ ୨-୦ ଗୋଲରେ ଇଣ୍ଡିଆନ ଆରୋଜକୁ ହରାଇଛି । ଚଳିତ ସଂସ୍କରଣରେ ମୋହନ ବାଗାନର ଏହା ପ୍ରଥମ ବିଜୟ। ଏହି ବିଜୟ ସହ ଦଳ ପଏଣ୍ଟ ଟେବୁଲର ୬ଷ୍ଠ ସ୍ଥାନରୁ ସିଧାସଳଖ ୩ୟ ସ୍ଥାନକୁ ଲମ୍ଫ ମାରିଛି । ୩ଟି ମ୍ୟାଚ୍‌ରୁ ଗୋଟିଏ ବିଜୟ ଓ ୨ଟି ପରାଜୟ ସହ ମୋହନବାଗାନ ୫ ପଏଣ୍ଟ ହାସଲ କରିଛି। ଅନ୍ୟପକ୍ଷରେ ବାରବାଟୀକୁ ଘରୋଇ ଭେନ୍ୟୁ କରିଥିବା ଆରୋଜ ଦଳ ଏହି ପରାଜୟ ସହ ୩ଟି ମ୍ୟାଚ୍‌ରୁ ଗୋଟିଏ ବିଜୟ, ୨ଟି ପରାଜୟ

ଆଇ-ଲିଗ୍

ବଳରେ ୩ ପଏଣ୍ଟ ପାଇ ୮ମ ସ୍ଥାନକୁ ଖସିଛି।

କଲିକତାର ପ୍ରସିଦ୍ଧ ଫୁଟ୍‌ବଲ କ୍ଲବ ମୋହନବାଗାନ ଦଳର ହଜାର ହଜାର ପ୍ରଶଂସକଙ୍କ ଉପସ୍ଥିତି ଏହି ମ୍ୟାଚ୍‌ରେ ଦେଖିବାକୁ ମିଳିଥିଲା। ଖେଳ ପ୍ରାରମ୍ଭରୁ ଶକ୍ତିଶାଳୀ ମୋହନବାଗାନ ନବାଗତ ଦଳ ଆରୋଜ ଉପରେ ଆଧିପତ୍ୟ ବିସ୍ତାର କରି ରଖିଥିଲା। ୭ମ ମିନିଟ୍‌ରେ ମୋହନବାଗାନର ଷ୍ଟାର ଖେଳାଳି ଦିପାନ୍ଦା ଡିକା ଆରୋଜ ଗୋଲପୋଷ୍ଟ ଉପରକୁ ପ୍ରଥମ ଆକ୍ରମଣ କରିଥିଲେ । ନିଶ୍ଚିତ ଗୋଲ ଭଳି ଅନୁଭବ ହେଉଥିଲେ ମଧ୍ୟ ଆରୋଜ ଗୋଲକିପର ପି. ଗିଲ ଏହାକୁ ଚମତ୍କାର ଢଙ୍ଗରେ ଅଟକାଇ ଦେଇଥିଲେ। ୩୦ତମ ମିନିଟରେ ମୋହନବାଗାନର ହେନେରି କିସେକା ଆରୋଜର ୩ ଡିଫେଣ୍ଡରଙ୍କୁ ଚକ୍‌ମା ଦେଖାଇ ବଲ୍‌କୁ କର୍ନର ଦିଗକୁ ନେଇଯାଇଥିଲେ। ସେଠାରୁ କିସେକାଙ୍କ ଶଟ୍‌କୁ ଡିକା ହେଡ୍ ମାଧ୍ୟମରେ ଆରୋଜ ଗୋଲପୋଷ୍ଟରେ ଭର୍ତ୍ତିକରି ଦଳ ପାଇଁ ପ୍ରଥମ ସଫଳତା ଆଣିଥିଲେ। ପ୍ରଥମାର୍ଦ୍ଧର ଅତିରିକ୍ତ ୪୬ତମ ମିନିଟ୍‌ରେ ମୋହନବାଗାନର ପିଣ୍ଟୁ ମାହାତା ଏକ ଶଟ୍ ମାରିଥିଲେ। ତେବେ ଆରୋଜର ଗୋଲପୋଷ୍ଟ ନିକଟରେ ଦଳର ଡିଫେଣ୍ଡର ଟି. ବୋରିଶ ଏହାକୁ ରୋକିବାକୁ ଚେଷ୍ଟା କରୁଥିବା ବେଳେ ବଲ୍‌ଟି ତାଙ୍କ ହାତରେ ବାଜିଥିଲା। ଫଳରେ ମୋହନବାଗାନ ପାଇଁ ପେନାଲ୍ଟି କିକ୍ ମିଳିଥିଲା। ଡିକା ପେନାଲ୍ଟି କିକ୍‌ରୁ ଦଳ ପାଇଁ ଦ୍ୱିତୀୟ ଗୋଲ ସ୍କୋର କରିଥିଲେ। ଦ୍ୱିତୀୟାର୍ଦ୍ଧରେ ଆରୋଜ ପାଇଁ ଅନେକ ସୁଯୋଗ ଆସିଥିଲା। କେତେକ ନିଶ୍ଚିତ ଗୋଲ୍‌କୁ ମଧ୍ୟ ଆରୋଜ ଖେଳାଳି ହାତଛଡ଼ା କରିଥିବା ଦେଖିବାକୁ ମିଳିଥିଲା । ଫଳରେ ୨-୦ ଗୋଲରେ ମୋହନବାଗାନ ବିଜୟୀ ହୋଇଥିଲା। ବରିଷ୍ଠ କ୍ରୀଡ଼ା ସଙ୍ଗଠକ ଆଶୀର୍ବାଦ ବେହେରା ଅତିଥି ଭାବେ ଯୋଗଦେଇ ଡିକାଙ୍କୁ ହିରୋ ଅଫ୍ ଦି ମ୍ୟାଚ୍ ଭାବେ ପୁରସ୍କୃତ କରିଥିଲେ।

ଗୋଲ୍ ଦେବା ପରେ ଦିପାନ୍ଦା ଡିକା (ମଝି)ଙ୍କୁ ସାଥି ଖେଳାଳିଙ୍କ ବଧେଇ।

ମିନର୍ଭାର ପ୍ରଥମ ବିଜୟ

ଆଇଜଲ, ୧୦।୧୧ (ପି.ଟି.): ଚଳିତ ହିରୋ ଆଇ-ଲିଗ୍ ଫୁଟ୍‌ବଲ ଟୁର୍ନାମେଣ୍ଟରେ ଗତଥରର ଚାମ୍ପିୟନ ମିନର୍ଭା ପଞ୍ଜାବ ଏଫ୍‌ସି ଏହାର ପ୍ରଥମ ବିଜୟ ହାସଲ କରିଛି। ଶନିବାର ଖେଳାଯାଇଥିବା ଏକ ମ୍ୟାଚରେ ଦଳ ଆଇଜଲ ଏଫସି ବିପକ୍ଷରେ ୨-୧ ଗୋଲରେ ବିଜୟ ହାସଲ କରିଛି। ସ୍ଥାନୀୟ ରାଜୀବ ଗାନ୍ଧୀ ଷ୍ଟାଡିୟମର କୃତ୍ରିମ ଟର୍ଫରେ ଖେଳାଯାଇଥିବା ଏହି ମ୍ୟାଚରେ ବିଜୟୀ ଦଳର ସେଣ୍ଟର ବ୍ୟାକ୍ ଲାନ୍‌ସିନେ ଟୋରେ ଦୁଇଟିଯାକ ଗୋଲ ସ୍କୋର କରିଛନ୍ତି। ଦୁଇ ନାଇଜେରୀୟ ଖେଳାଳି ଡୋନାଟସ୍ ଇଡାଫି ଓ ବାଲା ଅଲିହସନ ଦାହିରଙ୍କୁ ସାମିଲ କରିବା ଦ୍ୱାରା ମିନର୍ଭା ଏହାର ଗତ ଦୁଇ ମ୍ୟାଚ ତୁଳନାରେ ଉନ୍ନତ ପ୍ରଦର୍ଶନ କରିଛି।

ମାହେଶ୍ୱରୀ କଲେଜର ବାର୍ଷିକ କ୍ରୀଡା
ରାକ୍ଷୀ ବାଳିକା, ପ୍ରଭାତ ବାଳକ ବର୍ଗ ଚାମ୍ପିୟନ

ସୋନପୁର,୧୦।୧୧(ନି.ପ୍ର.) ସୋନପୁର ବ୍ଲକ ଖମ୍ବେଶରୀପାଲିସ୍ଥିତ ମା' ମାହେଶ୍ୱରୀ କଲେଜର ବାର୍ଷିକ କ୍ରୀଡା ଉଦ୍‌ଯାପିତ ହୋଇଯାଇଛି। ସ୍ଥାନୀୟ ଖେଳପଡିଆଠାରେ ଆୟୋଜିତ ୨୫ତମ ବାର୍ଷିକ କ୍ରୀଡା ସମାରୋହକୁ କଲେଜ ଅଧ୍ୟକ୍ଷ ପ୍ରହ୍ଲାଦ ମିଶ୍ର ଉଦ୍‌ଘାଟନ କରିଥିଲେ। ପ୍ରାରମ୍ଭରେ ଛାତ୍ରୀଛାତ୍ର ଖମ୍ବେଶ୍ୱରୀପାଲି ଶିବ ମନ୍ଦିରରୁ ମଶାଲ ଧରି ଶୋଭାଯାତ୍ରାରେ ଖେଳପଡିଆକୁ ଆସିଥିଲେ। କ୍ରୀଡାରେ ମୋଟ ୨୦ଟି ଇଭେଣ୍ଟରେ ୨୧୦ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ବାଳକ ବର୍ଗରେ ଦ୍ୱିତୀୟ ବର୍ଷର ଛାତ୍ର ପ୍ରଭାତ ଭୋଇ ଓ ବାଳିକା ବର୍ଗରେ ରାକ୍ଷୀ ଥପ୍ପା ଚାମ୍ପିୟନ ହୋଇଥିଲେ। କଲେଜର ଅଧ୍ୟାପକ ସୁମନ୍ତ କୁମାର ମିଶ୍ର, ନାରାୟଣ ନାୟକ, ଖେଳ ଶିକ୍ଷକ ମଦନ ମୋହନ ପୁଟେଲ, ସୁରୁବାବୁ ସେଠୀ ଓ ଅନ୍ୟମାନେ ଖେଳ ପରିଚାଳନାରେ ସହଯୋଗ କରିଥିଲେ। ଚଳିତ ମାସ ୧୯ ଓ ୨୦ ତାରିଖରେ ପାଳନ ହେବାକୁ ଥିବା କଲେଜର ରୌପ୍ୟ ଜୟନ୍ତୀ ଉତ୍ସବରେ କୃତୀ ଛାତ୍ରୀଛାତ୍ର ମାନଙ୍କୁ ପୁରସ୍କୃତ କରାଯିବ।

୧୨ଗୁ ଭାରତୀୟ ମହିଳା ହକି ଦଳର କ୍ୟାମ୍ପ
୫ ଓଡ଼ିଆଙ୍କୁ ସ୍ଥାନ

ନୂଆଦିଲ୍ଲୀ,୧୦।୧୧(ପି.ଟି.)

ବେଙ୍ଗାଲୁରୁଠାରେ ୧୨ ତାରିଖରୁ ହେବାକୁ ଥିବା ଜାତୀୟ ମହିଳା ହକି କ୍ୟାମ୍ପ ପାଇଁ ହକି ଇଣ୍ଡିଆ ପକ୍ଷରୁ ଶନିବାର ୩୩ ଜଣିଆ କୋର ଗ୍ରୁପ୍ ଘୋଷଣା କରାଯାଇଛି। ଏଥିରେ ଭାରତୀୟ ଦଳର ନିୟମିତ ୫ ଓଡ଼ିଆ ସଦସ୍ୟ ସ୍ଥାନ ପାଇଛନ୍ତି। ସେମାନେ ହେଲେ ଦୀପଗ୍ରେସ ଇକ୍କା, ସୁନୀତା ଲାକ୍ରା, ଲିଲିମା ମିଞ୍ଜ, ନମିତା ଟପ୍ପୋ ଓ ରଶ୍ମିତା ମିଞ୍ଜ। ଦଳର ମୁଖ୍ୟ କୋଚ୍ ଜୋର୍ଡ ମାରିଜନେଙ୍କ ତତ୍ତ୍ୱାବଧାନରେ କ୍ୟାମ୍ପ ଚାଲିବ। ''ଆମ କୋର ଗ୍ରୁପରେ ପ୍ରାୟ ସମାନ ଖେଳାଳି ରହିଛନ୍ତି। ଘରୋଇ ଟୁର୍ନାମେଣ୍ଟରେ ଭଲ ପ୍ରଦର୍ଶନ କରିଥିବା ଯୁବ ଖେଳାଳିଙ୍କୁ ଏହି ଗ୍ରୁପରେ ସ୍ଥାନ ମିଳିଛି। ଏମାନଙ୍କ ମଧ୍ୟରେ ୟୁଥ ଅଲିମ୍ପିକ୍ସରେ ଭାରତକୁ ପ୍ରତିନିଧିତ୍ୱ କରିଥିବା ଖେଳାଳିମାନେ ମଧ୍ୟ ସ୍ଥାନ ପାଇଛନ୍ତି। କ୍ୟାମ୍ପରେ ଭଲ ପ୍ରଦର୍ଶନ ବଳରେ ଖେଳାଳିମାନେ ଦଳରେ ସ୍ଥାନ ପାଇପାରିବେ। ଆମେ ଦଳୀୟ ଶକ୍ତିକୁ ବୃଦ୍ଧି କରିବାକୁ ଗୁରୁତ୍ୱ ଦେଉଛୁ'' ବୋଲି କୋଚ୍ ମାରିଜନେ କହିଛନ୍ତି।

କୋର ଗ୍ରୁପ

ଗୋଲକିପର: ସବିତା, ରଜନୀ ଇତିମାର୍ପୁ ଓ ସୋନାଲ ମିଞ୍ଜ।

ଡିଫେଣ୍ଡର: ଦୀପଗ୍ରେସ ଏକ୍କା, ସୁନୀତା ଲାକ୍ରା, ସୁଶୀଲା ଚାନୁ, ଫୁଖରାମବାମ, ଗୁରଜିତ କୌର, ରଶ୍ମୀ ମିଞ୍ଜ, ସୁମନ ଦେବୀ ଥୋଦାମ, ମହିମା ଚୌଧାରୀ, ନିଶା ଓ ସାଲିମା ଟେଟେ।

ମିଡ୍‌ଫିଲ୍ଡର: ନିକିପ୍ରଧାନ, ମୋନିକା, ଲିଲିମା ମିଞ୍ଜ, ନମିତା ଟପ୍ପୋ, ନେହା ଗୋୟଲ, ଉଦିତା, ଜ୍ୟୋତି, ଅନୁଜା ସିଂ, ଶ୍ୟାମ ଡିଡଗାମ, ସୋନିକା ଓ କରିସ୍ମା ଯାଦବ।

ଫରୱାର୍ଡ : ରାଣୀ, ଲାଲରେସିଆମି, ନବନୀତ କୌର, ରାଜଓ୍ୱିନ୍ଦର କୌର, ନବଜୋତ କୌର, ବନ୍ଦନା କାଟାରିୟା, ଅନୁପା ବର୍ଲା, ପ୍ରିୟଙ୍କା ୱାଙ୍କେଡେ, ରିନା ଖୋଖର ଓ ଲୀଲାବତୀ ମାଲାମାଦା।

ହକି ବିଶ୍ୱକପ୍‌ରେ ଖେଳିବ ପାକିସ୍ତାନ

ଚେନ୍ନାଇ,୧୦।୧୧

ଓଡ଼ିଶା ରାଜଧାନୀଠାରେ ହେବାକୁ ଥିବା ହକି ବିଶ୍ୱକପ୍‌ରେ ପାକିସ୍ତାନ ଦଳ ଖେଳିବା ନେଇ ଚାଲିଥିବା ଅନିଶ୍ଚିତତାର ଅନ୍ତ ଘଟିଛି। କଳିଙ୍ଗ ଷ୍ଟାଡିୟମ୍‌ଠାରେ ଚଳିତ ମାସ ୨୮ରୁ ଡିସେମ୍ବର ୧୬ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ମେଗା ଇଭେଣ୍ଟରେ ପାକିସ୍ତାନ ଦଳ ଖେଳିବ ବୋଲି ଫିଏଚ୍‌ଏଫ୍ ସମ୍ପାଦକ ତଥା ପୂର୍ବତନ ଅଧିନାୟକ ଶାହବାଜ ଅହମ୍ମଦ ଓ ଅନ୍ତର୍ଜାତୀୟ ହକି ଫେଡେରେଶନ (ଏଫ୍‌ଆଇଏଚ୍) ମୁଖ୍ୟ ନରିନ୍ଦର ବାତ୍ରା ସ୍ୱଷ୍ଟ କରିଛନ୍ତି। ''ପାକିସ୍ତାନ ଦଳ ବିଶ୍ୱକପ୍‌ରେ ଖେଳିବ ନାହିଁ ରିପୋର୍ଟ କେଉଁଠାରୁ ଆସିଲା ଜାଣିନାହିଁ। ଏ ସମ୍ପର୍କରେ ଫିଏଚ୍‌ଏଫ୍ ପକ୍ଷରୁ ମୋତେ କୌଣସି ପ୍ରକାର ସୂଚନା ଦିଆଯାଇ ନାହିଁ। ଏଫ୍‌ଆଇଏଚ୍ ନିକଟରେ ଥିବା ସୂଚନା ଅନୁଯାୟୀ ପାକିସ୍ତାନ ଦଳ ନିଶ୍ଚିତ ବିଶ୍ୱକପ୍‌ରେ ଖେଳିବ'' ବୋଲି ବାତ୍ରା କହିଛନ୍ତି। ସେହିଭଳି ଫିଏଚ୍‌ଏଫ୍ ସମ୍ପାଦକ ଶାହବାଜ କହିଛନ୍ତି, ବୋର୍ଡରେ ଆର୍ଥିକ ସମସ୍ୟା ନ ଥିବା କହୁନାହିଁ। କିନ୍ତୁ ନିକଟରେ ପ୍ରକାଶ ପାଇଥିବା ରିପୋର୍ଟକୁ ସମ୍ପୂର୍ଣ୍ଣ ଖଣ୍ଡନ କରୁଛି। ୪ ଥର ଚାମ୍ପିୟନ ଦଳ ବିଶ୍ୱକପ୍‌ରେ ଖେଳିବ ନାହିଁ। ଏହା କେମିତି ସମ୍ଭବ। ନିଶ୍ଚିତ ପାକିସ୍ତାନ ଦଳ ଭୁବନେଶ୍ୱର ଗସ୍ତ କରିବ। ସରକାରୀ କାର୍ଯ୍ୟରେ ବିଳମ୍ବ ହେବା ସାଧାରଣ କଥା। ପ୍ରଧାନମନ୍ତ୍ରୀ ଏହାକୁ ଗୁରୁତ୍ୱ ଦେଉଛନ୍ତି। ସେ ଜଣେ କିମ୍ବଦନ୍ତୀ ଖେଳାଳି ହୋଇଥିବାରୁ ଆମ ସମସ୍ୟା ଠିକ୍ ରୂପେ ବୁଝି ପାରିବେ। ଆମେ ନିଶ୍ଚିତ ଅଛୁ ପ୍ରଧାନମନ୍ତ୍ରୀ ଖୁବ ଶୀଘ୍ର ମଞ୍ଜୁରୀ ଦେବେ। ଏହାବାଦ୍ ଖେଳାଳିଙ୍କ ଭିଜା ପାଇଁ ଏକ ମାସ ପୂର୍ବରୁ ଆବେଦନ କରାଯାଇଥିବାରୁ କୌଣସି ଅସୁବିଧା ହେବ ନାହିଁ ବୋଲି ଶାହବାଜ କହିଛନ୍ତି।

ସୌଭାଗ୍ୟର ବିଷୟ: ବୀରେନ୍ଦ୍ର

ପୁଣି ଥରେ ଦଳକୁ ପ୍ରତ୍ୟାବର୍ତ୍ତନ କରିବା ମୋ ପାଇଁ କଷ୍ଟକର ଥିଲା। ତେବେ ଶେଷରେ ଏଥିରେ ସଫଳ ହୋଇଛି। ଏସିଆନ୍ ଗେମ୍ସ ଖେଳିବା ଅବସରରେ ଆହତ ହୋଇଥିଲି। ହାତରେ ଗୋଟିଏ ମାସ ସମୟ ଥିଲା। ଏହି ଗୋଟିଏ ମାସରେ ମୋତେ ଯେମିତି ହେଉ ଫିଟ୍ ହେବାର ଥିଲା। ରିହାବରେ ଥିଲି । କିଛି ଆଶଙ୍କା ମଧ୍ୟ ଥିଲା। କୋଚ୍ ଓ ଫିଜିଓଙ୍କ ସହାୟତାରେ ମୁଁ ଶେଷରେ ଫିଟ୍ ହୋଇ ଦଳକୁ ଫେରିଛି। ଶେଷରେ ମୁଁ ଏହାକୁ କରିବାରେ ସଫଳ ହୋଇଛି। ଦିଲ୍ଲୀରେ ମୁଁ ରିହାବ କରୁଥିଲି। ତେବେ ଏଥିପାଇଁ ମୋତେ ବହୁତ ସଂଘର୍ଷ କରିବାକୁ ପଡିଛି। ଏହା ମୋ ପାଇଁ ଏକ ବିଶେଷ ଉପଲବ୍ଧି ଓ ଏଥି ପାଇଁ ମୁଁ ବହୁତ ଖୁସି ଅଛି ବୋଲି ବୀରେନ୍ଦ୍ର ଗଣମାଧ୍ୟମ ସହ କଥା ହେଲାବେଳେ କହିଛନ୍ତି। ଦ୍ୱିତୀୟଥର ପାଇଁ ବିଶ୍ୱକପ୍ ଖେଳିବାକୁ ଯାଉଥିବାରୁ ଏହାକୁ ଏକ ସୌଭାଗ୍ୟ ମଣୁଛି ବୋଲି ସେ କହିଛନ୍ତି। ଆଗାମୀ ବିଶ୍ୱକପ୍ ମୋ ପାଇଁ ସ୍ମରଣୀୟ ହୋଇ ରହିବ। ଶ୍ରେଷ୍ଠ ପ୍ରଦର୍ଶନ କରିବା ଲକ୍ଷ୍ୟରେ ରହିଛି। ଏଥିରେ ସଫଳ ହେଲେ ଏହି ବିଶ୍ୱକପ୍ ମୋ ପାଇଁ ସବୁଦିନ ମନେରହିବ। ଦିଲୀପ ତିର୍କୀ ଓ ଲାଜରୁସ ବାର୍ଲାଙ୍କ ପରେ ତୃତୀୟ ଓଡ଼ିଆ ଭାବେ ବିଶ୍ୱକପ୍ ଖେଳିବା ମୋ ପାଇଁ ସୌଭାଗ୍ୟର ବିଷୟ। ଆମ ଦଳରେ ଅଭିଜ୍ଞ ତଥା ସିନିୟର ସହ ପ୍ରତିଭାସମ୍ପନ୍ନ ଜୁନିୟର ଖେଳାଳି ରହିଛନ୍ତି। ତେଣୁ ଦଳରେ ଯଥେଷ୍ଟ ସନ୍ତୁଳନ ରହିଛି। ଯଦି ବି କେତେଜଣ ସିନିୟର ଖେଳାଳି ଦଳରୁ ବାଦ୍ ପଡିଛନ୍ତି ତାହାର ପ୍ରଭାବ ପ୍ରଦର୍ଶନ ଉପରେ ପଡିବ ନାହିଁ। ଏ ନେଇ କୌଣସି ସମସ୍ୟା ରହିନାହିଁ। ଦଳର ସବୁ ଖେଳାଳି ଫିଟ୍ ଅଛନ୍ତି ଓ ଘରୋଇ ପରିବେଶ ଦମ୍ ଦେଖାଇବାକୁ ବ୍ୟଗ୍ର ଅଛନ୍ତି ବୋଲି ବୀରେନ୍ଦ୍ର କହିଛନ୍ତି। ହୋମ ଗ୍ରାଉଣ୍ଡରେ ଘରୋଇ ଦର୍ଶକଙ୍କ ସମର୍ଥନ ଆମକୁ ଭଲ ପ୍ରଦର୍ଶନ କରିବା ପାଇଁ ପ୍ରେରଣା ଦେବ। ଆଗରୁ ମୁଁ ମଧ୍ୟ ଏହି ଗ୍ରାଉଣ୍ଡରେ ବହୁତ ଖେଳିଛି। ହକି ଛଡ଼ା ଅନ୍ୟ କ୍ରୀଡ଼ାକୁ ସମର୍ଥନ କରି ଓଡ଼ିଶା ସରକାର ବେଶ୍ ସୁନାମ ଅର୍ଜନ କରିଛନ୍ତି। ଓଡ଼ିଶା ସରକାରଙ୍କ ଏହି ଭୂମିକା ଆମ ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ। ତୃଣମୂଳ ସ୍ତରରେ ହକିର ବିକାଶ ହେବା ନିହାତି ଜରୁରୀ ଓ ସରକାର ମଧ୍ୟ ଏ ନେଇ ପ୍ରୟାସ ଜାରିରଖିଛନ୍ତି।

ଘରୋଇ ପରିବେଶ ଆମ ପାଇଁ ଆଦୌ ଚାପ ସୃଷ୍ଟି କରିବ ନାହିଁ। ଡ୍ରାଗ୍ ଫ୍ଲିକ୍ ନେଇ ଆମ ଉପରେ ଚାପ ନାହିଁ। ଚାମ୍ପିୟନ ହେବା ପାଇଁ ଆମେ ଚେଷ୍ଟା କରିବୁ। ତେବେ କେଉଁ ଦଳ ଚାମ୍ପିୟନ ହେବ ସେ ନେଇ ପୂର୍ବାନୁମାନ କରିବା କଷ୍ଟକର। ସବୁ ୧୬ଟି ଦଳ ଚାମ୍ପିୟନ ହେବା ପାଇଁ ଏଠାକୁ ଆସିବେ। ତେଣୁ ଏକଥା ଚିନ୍ତା ନ କରି ଆମେ ପ୍ରତି ମ୍ୟାଚ୍‌ର ପ୍ରଦର୍ଶନ ଉପରେ ଗୁରୁତ୍ୱ ଦେବାକୁ ନିଷ୍ପତ୍ତି ନେଇଛୁ। ଜୁନିୟର ବିଶ୍ୱକପ୍ ବିଜୟୀ ଦଳର ୬ ସଦସ୍ୟ ଏହି ଦଳରେ ସାମିଲ ହେବା ଭଲ କଥା। କୋଚ୍ ହରେନ୍ଦ୍ର ସାର୍‌ଙ୍କ ସହିତ ଏମାନେ ବେଶ୍ କଷ୍ଟ କରିଛନ୍ତି ଓ ଏମାନେ ଦଳରେ ସ୍ଥାନ ପାଇବାର ହକ୍ ରଖିଛନ୍ତି। ବିଶ୍ୱକପ୍‌ରେ ଦଳର ସଫଳତାରେ ଏମାନଙ୍କର ଉଲ୍ଲେଖନୀୟ ଭୂମିକା ରହିବ। ଗତ ଦଶବର୍ଷ ହେବ ଭାରତ ପାଇଁ ଖେଳି ଆସୁଛି। ଆରମ୍ଭରୁ ଅଲିମ୍ପିକ ଓ ବିଶ୍ୱକପ୍ ଖେଳିବାର ଇଚ୍ଛା ଥିଲା ଓ ଏହା ପୂରଣ ହୋଇଛି। ବିଶ୍ୱକପ୍ ଭଳି ମେଜର ଟୁର୍ନାମେଣ୍ଟ ହୋମ ଗ୍ରାଉଣ୍ଡରେ ଖେଳିବା ମୋ ପାଇଁ ସୌଭାଗ୍ୟର ବିଷୟ। ଏହା ମୋତେ ଶ୍ରେଷ୍ଠ ପ୍ରଦର୍ଶନ କରିବାରେ ସହାୟକ ହେବ। ବିଶ୍ୱକପ ପୂର୍ବରୁ ଦଳର ସବୁ ଦ

ନ୍ୟୁଜିଲାଣ୍ଡ ବିପକ୍ଷ ଟି୨୦ ବିଶ୍ୱକପ୍ ମ୍ୟାଚ ବେଳେ ମୋ ପେଟ ମାଂସପେଶୀରେ ସମସ୍ୟା ଦେଖାଦେବାରୁ ମୁଁ ବଡ଼ ଶଟ୍ ଖେଳିବାକୁ ଚେଷ୍ଟା କରିଥିଲି ।
–ହରମନପ୍ରୀତ କୌର, ଭାରତୀୟ ମହିଳା କ୍ରିକେଟର

ଜଣେ କ୍ରିକେଟରଙ୍କ ପକ୍ଷେ ଉଭୟ ଖେଳ ଏବଂ ବ୍ୟବସାୟିକ ସ୍ୱାର୍ଥ ମଧ୍ୟରେ ସନ୍ତୁଳନ ରକ୍ଷା କରି ଆଗକୁ ବଢିବା ଗୁରୁତ୍ୱପୂର୍ଣ୍ଣ ।
–ବିରାଟ କୋହଲି, ଭାରତୀୟ କ୍ରିକେଟ ଅଧିନାୟକ

ସଂକ୍ଷେପରେ

ଜାପାନ କରାଟେ ସୋତୋକାଇ ରାଜ୍ୟ ଚାମ୍ପିୟନଶିପ୍ ଆଜି

ଭୁବନେଶ୍ୱର, ୧୦।୧୧(କ୍ରୀଡ଼ା ପ୍ରତିନିଧି): ଓକିନୱା କରାଟେ ସ୍କୁଲ ଆନୁକୂଲ୍ୟରେ ଜାପାନ କରାଟେ ସୋତୋକାଇ ରାଜ୍ୟ ଚାମ୍ପିୟନଶିପ୍ ରବିବାର ଷ୍ଟିୱାର୍ଟ ସ୍କୁଲ ପରିସରରେ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାରେ ରାଜ୍ୟର ବିଭିନ୍ନ ଜିଲାରୁ ୭୦୦ ପ୍ରତିଯୋଗୀ ଏବଂ ୧୫୦ ଅଫିସିଆଲ ଯୋଗଦେବା ସମ୍ଭାବନା ରହିଛି ବୋଲି ଜାପାନ କରାଟେ ସୋତୋକାଇ ଇଣ୍ଡିଆର ଉପସଭାପତି ସୌମ୍ୟରଞ୍ଜନ ଦାସ ପ୍ରକାଶ କରିଛନ୍ତି। ପ୍ରତିଯୋଗିତା ସକାଳ ୯ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଚାଲିବ। ବିଧାୟକ ଅତନୁ ସବ୍ୟସାଚୀ ମହାପାତ୍ର, ପ୍ରିୟଦର୍ଶୀ ମିଶ୍ର ଏବଂ ପୋଲିସ କମିଶନର ସତ୍ୟଜିତ ମହାନ୍ତି ପ୍ରତିଯୋଗିତାକୁ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି ବୋଲି ସୌମ୍ୟ ଜଣାଇଛନ୍ତି।

ଇମାମ ଉଲ ହକ ଆହତ

ଆବୁଧାବି,୧୦।୧୧: ଏଠାରେ ନ୍ୟୁଜିଲାଣ୍ଡ ବିପକ୍ଷ ଦ୍ୱିତୀୟ ଦିନିକିଆକୁ ଜିତି ପାକିସ୍ତାନ ଦଳ ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍‌କୁ ୧-୧ ବରାବରକୁ ଆଣିଛି। ମାତ୍ର ଘରୋଇ ଦଳର ଓପନର ଇମାମ ଉଲ ହକ ଏହି ମ୍ୟାଚ୍‌ରେ ଆହତ ହୋଇଛନ୍ତି। ୨୧୦ ରନ୍‌ର ବିଜୟ ଲକ୍ଷ୍ୟ ପିଛା କରୁଥିବା ପାକିସ୍ତାନ ଦଳ ବ୍ୟାଟିଂ କରୁଥିବାବେଳେ ନ୍ୟୁଜିଲାଣ୍ଡ ପେସର ଲୋକି ଫର୍ଗୁସନଙ୍କ ଏକ ବାଉନ୍ସର ଇମାମ(୧୬)ଙ୍କ ହେଲମେଟରେ ବାଜି ଥିଲା। ଏହାପରେ ସେ ଫିଲ୍ଡରେ ଅଚେତ ହୋଇଯାଇଥିଲେ। ତାଙ୍କୁ ସଙ୍ଗେସଙ୍ଗେ ମେଡିକାଲରେ ନିଆଯାଇଥିଲା। ସେଠାରେ ତାଙ୍କର ସ୍କାନ କରାଯିବା ପରେ ଆହତ ସମସ୍ୟା ଗୁରୁତର ନ ଥିବା ଜଣାପଡ଼ିଛି। ଏ ନେଇ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ପକ୍ଷରୁ ସୂଚନା ଦିଆଯାଇଛି। ସେ ଦଳରେ ଯୋଗ ଦେଇଛନ୍ତି। ଆଗାମୀ ଦୁଇ ଦିନ ପର୍ଯ୍ୟନ୍ତ ଦଳୀୟ ଫିଜିଓଙ୍କ ତତ୍ତ୍ୱାବଧାନରେ ରହିବେ।

ରାଜ୍ୟ ବିଦ୍ୟାଳୟ ମୁଷ୍ଟିଯୁଦ୍ଧ ପ୍ରତିଯୋଗିତା ଉଦ୍‌ଘାଟିତ

ଭୁବନେଶ୍ୱର, ୧୦।୧୧(ସ୍ପୋର୍ଟ୍ସ ବ୍ୟୁରୋ): ୟୁନିଟ୍-୩ସ୍ଥିତ କ୍ୟାପିଟାଲ ହାଇସ୍କୁଲଠାରେ ଶନିବାର ୬୪ତମ ରାଜ୍ୟ ବିଦ୍ୟାଳୟ ମୁଷ୍ଟିଯୁଦ୍ଧ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ରାଜ୍ୟର ବିଭିନ୍ନ ଜିଲାରୁ ୧୩୩ ପ୍ରତିଯୋଗୀ ଓ ୨୪ ଜଣ କୋଚ୍ ଅଂଶଗ୍ରହଣ କରିଛନ୍ତି। ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ବିଭୁ ପ୍ରସାଦ ଷଡ଼ଙ୍ଗୀ ଏଥିରେ ମୁଖ୍ୟଅତିଥିଭାବେ ଯୋଗ ଦେଇଥିବାବେଳେ ମୁଷ୍ଟିଯୋଦ୍ଧା ଅମରେଶ ଜେନା, ସତ୍ୟମୋହନ ସେନାପତି (ଉପନିର୍ଦ୍ଦେଶକ) ସମ୍ମାନିତ ଅତିଥିଭାବେ ଉପସ୍ଥିତ ରହିଥିଲେ। ଜିଲା ଶିକ୍ଷାଧିକାରୀ ବୃନ୍ଦାବନ ଶତପଥୀ ଏଥିରେ ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କ୍ୟାପିଟାଲ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ସୋନାମିକା ରାୟ, ସହକାରୀ କ୍ରୀଡ଼ା ନିର୍ଦ୍ଦେଶକ ପ୍ରଭାକର ମଙ୍ଗରାଜ, ସହକାରୀ ନିର୍ଦ୍ଦେଶିକା ଲକ୍ଷ୍ମୀପ୍ରିୟା ଦେଈ ଉପସ୍ଥିତ ରହିଥିଲେ।

କ୍ଲିନ୍ ସ୍ୱୀପ୍ ଲକ୍ଷ୍ୟରେ ଭାରତ

ଚେନ୍ନାଇ, ୧୦।୧୧(ପି.ଟି.)

ଭାରତ ଓ ୱେଷ୍ଟଇଣ୍ଡିଜ ମଧ୍ୟରେ ଚଳିତ ସିରିଜର ତୃତୀୟ ଟି୨୦ କ୍ରିକେଟ ମ୍ୟାଚ୍ ରବିବାର ଏଠାରେ ଅନୁଷ୍ଠିତ ହେବ। ପ୍ରଥମ ୨ଟି ମ୍ୟାଚ୍‌ରେ ବିଜୟୀ ହୋଇ ଭାରତ ସିରିଜ ଜିତିସାରିଛି। ତେଣୁ ତୃତୀୟ ଟି୨୦ ଜିତି ସିରିଜକୁ କ୍ଲିନ୍ ସ୍ୱୀପ୍ କରିବା ଲକ୍ଷ୍ୟରେ ରହିଛି ଟିମ୍ ଇଣ୍ଡିଆ।

ସିରିଜ ହାତମୁଠାକୁ ଆସିଯାଇଥିବାରୁ ରବିବାର ମ୍ୟାଚ୍‌ରେ ଭାରତର ବେଞ୍ଚ୍ ଷ୍ଟ୍ରେଙ୍ଗ ପରୀକ୍ଷା ହେବ। ଉମେଶ ଯାଦବ, ଯଶପ୍ରୀତ ବୁମ୍‌ରା ଓ କୁଲଦୀପ ଯାଦବଙ୍କୁ ବିଶ୍ରାମ ଦିଆଯାଇଥିବାରୁ ଯୁବ ଖେଳାଳିଙ୍କ ପାଇଁ ବିଶେଷ ସୁଯୋଗ ରହିବ। ଆଗକୁ ଭାରତୀୟ ଦଳର ଅଷ୍ଟ୍ରେଲିଆ ଗସ୍ତ ଥିବାରୁ ଶ୍ରେୟାସ ଆୟାର, ୱାଶିଂଟନ ସୁନ୍ଦର ଓ ଶାହାବାଜ ନଦୀମଙ୍କ ପରି ଖେଳାଳିଙ୍କ ପାଇଁ ସୁବର୍ଣ୍ଣ ସୁଯୋଗ ଆସିଛି। ସେମାନେ ଏଠାରେ ଶ୍ରେଷ୍ଠ ପ୍ରଦର୍ଶନ କରି ଜାତୀୟ ଚୟନକର୍ତ୍ତାଙ୍କୁ ପ୍ରଭାବିତ କରିପାରିବେ। ମିଡିୟମ ପେସର ସିଦ୍ଧାର୍ଥ କାଉଲଙ୍କୁ ମଧ୍ୟ ଦଳରେ ସାମିଲ କରାଯାଇଛି। ନିକଟ ଅତୀତରେ ଚେପକ୍ ପିଚ୍ ସ୍ପିନରଙ୍କୁ ସାଥି ଦେଇଥିବା ପରିଲକ୍ଷିତ ହୋଇଛି। ତେବେ ଆଗାମୀ ମ୍ୟାଚ୍‌ର ପିଚ୍ ବ୍ୟାଟ୍ସମ୍ୟାନଙ୍କୁ ସୁହାଇବ ବୋଲି ଆଶା କରାଯାଉଛି। ୱେଷ୍ଟଇଣ୍ଡିଜ ବୋଲରଙ୍କ ପ୍ରଦର୍ଶନରେ ସ୍ଥିରତା ରହିନାହିଁ। ଏହା ସତ୍ତ୍ୱେ ଭାରତୀୟ ଦଳର କେତେଜଣ ହାତଗଣତି ବ୍ୟାଟ୍ସମ୍ୟାନଙ୍କୁ ଛାଡ଼ିଦେଲେ ଅନ୍ୟମାନେ ଫାଇଦା ନେଇପାରିନାହାନ୍ତି। ଅଧିନାୟକ ରୋହିତ ଶର୍ମା ଲକ୍ଷ୍ନୌ ମ୍ୟାଚ୍‌ରେ ଚମତ୍କାର ଖେଳିଥିଲେ। ମାତ୍ର ଶିଖର ଧାୱନ, ଲୋକେଶ ରାହୁଲ ଏବଂ ରିଷଭ ପନ୍ତ ଏପର୍ଯ୍ୟନ୍ତ ଶ୍ରେଷ୍ଠ ପ୍ରଦର୍ଶନ ଦେଇପାରିନାହାନ୍ତି। ଟିମ୍ ଇଣ୍ଡିଆର ଅଷ୍ଟ୍ରେଲିଆ ଗସ୍ତ ପୂର୍ବରୁ ଏମାନେ ଚମକ ଦେଖାଇବା ଜରୁରୀ ହୋଇପଡ଼ିଛି। ନିଦାହାସ ଟ୍ରଫି ଫାଇନାଲରେ ଦୀନେଶ କାର୍ତ୍ତିକ ଭାରତ ବିଜୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ଚେପକ୍ ପିଚ୍ ତାଙ୍କ ହୋମ୍ ଗ୍ରାଉଣ୍ଡ ହୋଇଥିବାରୁ ଘରୋଇ ଦର୍ଶକଙ୍କ ସମ୍ମୁଖରେ ସେ ଆଉ ଏକ ସ୍ମରଣୀୟ ଇନିଂସ୍ ଖେଳିବେ ବୋଲି ଆଶା ରହିଛି। ବୁମ୍‌ରା ଓ କୁଲଦୀପଙ୍କ ଅନୁପସ୍ଥିତିରେ ଭୁବନେଶ୍ୱର କୁମାର ଓ ଯୁବ ବୋଲର ଖଲିଲ ଅହମ୍ମଦ ଭାରତୀୟ ଦ୍ରୁତ ବୋଲିଂ ବିଭାଗର ନେତୃତ୍ୱ ନେବେ। ସ୍ପିନ୍ ବିଭାଗର ଚ୍ୟାଲେଞ୍ଜ ସମ୍ଭାଳିବେ ଯୁଜବେନ୍ଦ୍ର ଚହଲ, କୃନାଲ ପାଣ୍ଡ୍ୟା। ସ୍ଥାନୀୟ ଖେଳାଳି ୱାଶିଂଟନ ସୁନ୍ଦର ଓ ବ୍ୟାଟ୍ସମ୍ୟାନ ଶ୍ରେୟାସ ଆୟାରଙ୍କ ଉପରେ ମଧ୍ୟ ନଜର ରହିବ।

ଭ୍ରମଣକାରୀ ୱେଷ୍ଟଇଣ୍ଡିଜ ଦଳର ବ୍ୟାଟିଂ କମ୍ବିନେଶନ ଏପର୍ଯ୍ୟନ୍ତ ଠିକ୍ ହୋଇପାରିନାହିଁ। ନିୟମିତ ଓପ୍‌ନର କ୍ରିସ୍ ଗେଲ୍‌ଓ ଇଭିନ ଲିଉିସ୍‌ଙ୍କ ଅନୁପସ୍ଥିତିରେ ଅନ୍ୟ କେହି ସ୍ଥିର ପ୍ରଦର୍ଶନ ଦେଇପାରିନାହାନ୍ତି। ଅନେକ ପରୀକ୍ଷା ନିରୀକ୍ଷା କରାଯାଇଥିଲେ ମଧ୍ୟ ସଫଳ ହୋଇନାହିଁ। ଅଧିନାୟକ କାର୍ଲୋସ ବ୍ରାଥ୍‌ୱେଟ ଏହାକୁ ସ୍ୱୀକାର କରିବା ସହ ଉପଲବ୍ଧ ଖେଳାଳିଙ୍କ ମଧ୍ୟରୁ ଶ୍ରେଷ୍ଠ କମ୍ବିନେଶନ ନେଇ ଦଳ ଶେଷ ମ୍ୟାଚ୍‌ରେ ବିଜୟ ହାସଲ ଲାଗି ଉଦ୍ୟମ କରିବ ବୋଲି ପ୍ରକାଶ କରିଛନ୍ତି। ନାମୀ ଖେଳାଳିଙ୍କ ମଧ୍ୟରେ କେରନ ପୋଲାର୍ଡ, ଡାରେନ ବ୍ରାଭୋ ଓ ଦୀନେଶ ରାମଦିନ ଏପର୍ଯ୍ୟନ୍ତ ଦକ୍ଷତା ଅନୁସାରେ ଖେଳ ଦେଖାଇ ପାରିନାହାନ୍ତି। ବୋଲରଙ୍କ ମଧ୍ୟରେ ଓଷାନେ ଥୋମାସ ନିଜ ପେସ୍ ଓ ଉଇକେଟ ହାସଲରେ ଦକ୍ଷତା ଦେଖାଇଥିଲେ ହେଁ ଅନ୍ୟ ବୋଲରମାନେ ତାଙ୍କୁ ଉପଯୁକ୍ତ ସମର୍ଥନ ଦେଇପାରିନାହାନ୍ତି। ୨୦୧୬ରେ କଲିକତାରେ ଅନୁଷ୍ଠିତ ଆଇସିସି ଟି୨୦ ବିଶ୍ୱକପ୍ ଫାଇନାଲର ଶେଷ ଓଭରରେ ଇଂଲଣ୍ଡର ବେନ୍ ଷ୍ଟୋକ୍ସଙ୍କ ବୋଲିଂରେ ୪ଟି ଛକା ମାରି ଚର୍ଚ୍ଚାରେ ରହିଥିବା ବ୍ରାଥ୍‌ୱେଟ ଆଉଥରେ ସେଭଳି ପ୍ରଦର୍ଶନ କରି ମନୋବଳ ହରାଇଥିବା ୱେଷ୍ଟଇଣ୍ଡିଜ ଶିବିରରେ ଉତ୍ସାହ ଭରିବାକୁ ଲକ୍ଷ୍ୟ ରଖିଛନ୍ତି। ସାନ୍ତ୍ୱନାମୂଳକ ବିଜୟ ସହ ସିରିଜ ଶେଷ କରିବା ଭ୍ରମଣକାରୀ ଦଳର ମୁଖ୍ୟ ଲକ୍ଷ୍ୟ।

ଶନିବାର ଅଭ୍ୟାସ ଅବସରରେ ୱେଷ୍ଟଇଣ୍ଡିଜ୍ ଦଳ।

ତୃତୀୟ ଟି୨୦ ଆଜି

- **ଭାରତୀୟ ଦଳ:** ରୋହିତ ଶର୍ମା(ଅଧିନାୟକ), ଶିଖର ଧାୱନ, ଲୋକେଶ ରାହୁଲ, ଦୀନେଶ କାର୍ତ୍ତିକ, ମନୀଷ ପାଣ୍ଡେ, ଶ୍ରେୟାସ ଆୟାର, ରିଷଭ ପନ୍ତ, କୃନାଲ ପାଣ୍ଡ୍ୟା, ୱାଶିଂଟନ ସୁନ୍ଦର, ଯୁଜବେନ୍ଦ୍ର ଚହଲ, ଭୁବନେଶ୍ୱର କୁମାର, ଖଲିଲ ଅହମ୍ମଦ, ଶାହାବାଜ ନଦୀମ, ସିଦ୍ଧାର୍ଥ କାଉଲ।
- **ୱେଷ୍ଟଇଣ୍ଡିଜ ଦଳ:** କାର୍ଲୋସ ବ୍ରାଥ୍‌ୱେଟ(ଅଧିନାୟକ), ଡାରେନ ବ୍ରାଭୋ, ସିମରନ ହେଟମେର, ଶାଇ ହୋପ୍, ଓବେଡେ ମ୍ୟାକକୟ, କେମୋ ପଲ, ଖାରି ପିଏରେ, କେରନ ପୋଲାର୍ଡ, ନିକୋଲାସ ପୁରନ, ରୋଭମାନ ପାୱେଲ, ଦୀନେଶ ରାମଦିନ, ଶେଫାନେ ରଦରଫୋର୍ଡ, ଓଷାନେ ଥୋମାସ।

ମ୍ୟାଚ ଆରମ୍ଭ: ରାତି ୭ଟା

କ୍ରିକେଟର ମୁନାଫ ପଟେଲଙ୍କ ଅବସର

ନୂଆଦିଲ୍ଲୀ,୧୦।୧୧

ଦୀର୍ଘ ୧୫ ବର୍ଷ ଧରି ପ୍ରତିଦ୍ୱନ୍ଦ୍ୱିତା ମୂଳକ କ୍ରିକେଟରେ ସକ୍ରିୟ ରହିବା ପରେ ୨୦୧୧ ବିଶ୍ୱକପ୍ ଚାମ୍ପିୟନ ଭାରତୀୟ ଦଳର ସଦସ୍ୟ ମୁନାଫ ପଟେଲ କ୍ରିକେଟରୁ ଅବସର ନେଇଛନ୍ତି। ''ମୋର କୌଣସି ପଶ୍ଚାତାପ ନାହିଁ। ମୁଁ ଯେଉଁ କ୍ରିକେଟରଙ୍କ ସହ ଖେଳିଛି, ସେମାନଙ୍କ ମଧ୍ୟରୁ ପ୍ରାୟ ଅବସର ନେଇ ସାରିଛନ୍ତି। କେବଳ ମହେନ୍ଦ୍ର ସିଂ ଧୋନୀ ଖେଳୁଛନ୍ତି। ସମସ୍ତଙ୍କ ସମୟ ଶେଷ ହୋଇଯାଇଛି। ଏଣୁ କୌଣସି ଦୁଃଖ ନାହିଁ'' ବୋଲି ମୁନାଫ କହିଛନ୍ତି। ଦୁବାଇରେ ହେବାକୁ ଥିବା ଟି୧୦ ଲିଗ୍‌ରେ ମୁନାଫ ଖେଳିବେ। କ୍ରିକେଟରୁ ଅବସର ପରେ କୋଚିଂରେ କ୍ୟାରିୟର କରିବାକୁ ଇଚ୍ଛା ପ୍ରକାଶ କରିଛନ୍ତି। ଜାତୀୟ ଦଳ ପକ୍ଷରୁ ବହୁତ ବର୍ଷ ହେଲା ଖେଳି ନ ଥିଲେ ମଧ୍ୟ ଅବସର ନିଷ୍ପତ୍ତି ନେବା ସହଜ ନ ଥିଲା। ୩୫ ବର୍ଷୀୟ କ୍ରିକେଟର ଜାତୀୟ ଦଳ ପାଇଁ ଅନ୍ତିମ ଥର ଲାଗି ୨୦୧୧ ଇଂଲଣ୍ଡ ବିପକ୍ଷରେ ଖେଳିଥିଲେ। ଏକଦା ଦେଶର ଦ୍ରୁତତମ ବୋଲର ଭାବେ ଗଣାଯାଉଥିବା ମୁନାଫ ଜାତୀୟ ଦଳ ପକ୍ଷରୁ ୧୩ ଟେଷ୍ଟ, ୭୦ ଦିନିକିଆ ଓ ୩ ଟି୨୦ ମ୍ୟାଚ୍ ଖେଳିଥିଲେ। ସେ ମୋଟ ଉପରେ ୧୨୫ ଉଇକେଟ ନେଇଛନ୍ତି। ସେ ଆଇପିଏଲରେ ମୁମ୍ବାଇ ଇଣ୍ଡିଆନ୍ସ, ରାଜସ୍ଥାନ ରୟାଲ୍ସ ଓ ଗୁଜରାଟ ଲାୟନ୍ସ ପକ୍ଷରୁ ଖେଳିଥିଲେ। ଧୋନୀଙ୍କ ନେତୃତ୍ୱାଧୀନ ବିଶ୍ୱକପ୍ ଚାମ୍ପିୟନ ଭାରତୀୟ ଦଳର ସେ ଅନ୍ୟତମ ସଦସ୍ୟ ଥିଲେ।

କେନ୍ଦ୍ରୀୟ ବିଦ୍ୟାଳୟ-୪ ଚାମ୍ପିୟନ

ଭୁବନେଶ୍ୱର, ୧୦।୧୧(ସ୍ପୋର୍ଟ୍ସ ବ୍ୟୁରୋ)

ରୋଟାରୀ କ୍ଲବ ଅଫ୍ ଭୁବନେଶ୍ୱର ସେଣ୍ଟିନିଆଲ ଏବଂ ଓଡ଼ିଶା ମହାଲେଖାକାର କାର୍ଯ୍ୟାଳୟର କାର୍ଯ୍ୟରତ ଭଲିବଲ ଖେଳାଳିଙ୍କ ସୌଜନ୍ୟରେ ସ୍ଥାନୀୟ ନିୟୁ ଏ.ଜି. କଲୋନୀ ଭଲିବଲ ଗ୍ରାଉଣ୍ଡରେ ଅନୁଷ୍ଠିତ ପ୍ରଥମ ଆନ୍ତଃ ବିଦ୍ୟାଳୟ ଭଲିବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏଥିରେ କେନ୍ଦ୍ରୀୟ ବିଦ୍ୟାଳୟ (କେ.ଭି.)-୪ ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚ୍‌ରେ କେନ୍ଦ୍ରୀୟ ବିଦ୍ୟାଳୟ-୪ ୨-୦ (୨୫-୧୯, ୨୫-୨୦) ସେଟ୍‌ରେ ସେଣ୍ଟ ଜାଭିୟର ହାଇସ୍କୁଲ (ଖଣ୍ଡଗିରି)କୁ ପରାସ୍ତ କରିଛି। ସେହିଭଳି ୩ୟ ଓ ୪ର୍ଥ ସ୍ଥାନ ପାଇଁ ଅନୁଷ୍ଠିତ ମ୍ୟାଚ୍‌ରେ ବିକାଶ ରେସିଡେନ୍ସିଆଲ ସ୍କୁଲ ୨-୦ ସେଟ୍‌ରେ ଓଡିଏମ୍ ସ୍କୁଲକୁ ହରାଇଛି। ଏଥିପୂର୍ବରୁ ଖେଳାଯାଇଥିବା ସେମିଫାଇନାଲ ମ୍ୟାଚ୍‌ରେ କେ.ଭି. ନଂ-୪ ୨-୦ ସେଟ୍‌ରେ ବିକାଶ ରେସିଡେନ୍ସିଆଲ ସ୍କୁଲକୁ ଏବଂ ସେଣ୍ଟ ଜାଭିୟର ୨-୦ ସେଟ୍‌ରେ ଓଡିଏମ୍‌କୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲେ।

ଚାମ୍ପିୟନ୍ କେନ୍ଦ୍ରୀୟ ବିଦ୍ୟାଳୟ-୪ ଦଳର ଖେଳାଳିମାନେ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

ଉଦ୍‌ଯାପନୀ ଉତ୍ସବରେ ଭୁବନେଶ୍ୱର ରୋଟାରୀ ଗଭର୍ନର ଭବାନୀ ପ୍ରସାଦ ଚୌଧୁରୀ, ଭେଟେରାନ ଫୁଟ୍‌ବଲ ଖେଳାଳି ପ୍ରଫୁଲ୍ଲ କୁମାର ମିଶ୍ର ଅତିଥିଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଚାମ୍ପିୟନ ଦଳକୁ ଟ୍ରଫି ସହ ୩ ହଜାର, ରନର୍ସଅପ୍ ଦଳକୁ ଟ୍ରଫି ସହ ଦୁଇ ହଜାର ଏବଂ ୩ୟ ସ୍ଥାନ ହାସଲ କରିଥିବା ବିକାଶ ରେସିଡେନ୍ସିଆଲ ସ୍କୁଲକୁ ମାନପତ୍ର ସହ ଏକ ହଜାର ଟଙ୍କା ପ୍ରଦାନ କରାଯାଇଥିଲା।

ଭୁବନେଶ୍ୱର ଆନ୍ତଃ ବିଦ୍ୟାଳୟ ଭଲିବଲ୍

ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଭଲିବଲ ଖେଳାଳି ରାଜେନ୍ଦ୍ର କୁମାର ତ୍ରିପାଠୀ, ସୁଦର୍ଶନ ପଟ୍ଟନାୟକ, ରମାକାନ୍ତ ମିଶ୍ର, ଏସ୍.ଏସ୍. ମହାନ୍ତି, ଚନ୍ଦ୍ରଶେଖର ପାତ୍ର, ଆଶୁତୋଷ ବର୍ମା, ଅନିଲ କୁମାର ଦାସ, ରୋଟାରୀ କ୍ଲବର ଉଭ-ଗଭର୍ନର ସୁନ୍ତ ମହାପାତ୍ର, ସଭାପତି ରୋଟାରିୟାନ ଶୁଭକାନ୍ତ ସାମନ୍ତସିଂହାର, ସାକ୍ୟସିଂ ଷଡ଼ଙ୍ଗୀ, ଆଦିତ୍ୟ ବଲ୍ଲଭ ମହାନ୍ତି, ରଞ୍ଜିତ ସାମନ୍ତରାୟ, ପ୍ରଭାତ ମହାନ୍ତି, ଶୁଭକାନ୍ତ ପାଢ଼ୀ, ଶିଶିର ମହାପାତ୍ର, ଭବାନୀ ପାଟ୍ଟଯୋଶୀ ପ୍ରମୁଖ ଉପସ୍ଥିତ ରହିଥିଲେ। ସେମିଫାଇନାଲ ଓ ଫାଇନାଲ ମ୍ୟାଚ୍‌କୁ ଅବନୀକାନ୍ତ ଗିରି, ରାଜେଶ ସାହୁ, ବୈଦ୍ୟନାଥ ଦାସ, ବିଶ୍ୱନାଥ ଦାସ, ମାନଭଞ୍ଜନ ସାହୁ, ବିରଞ୍ଚିବିଶ୍ୱାଳ ଓ ରମାକାନ୍ତ ପଟ୍ଟନାୟକ ପରିଚାଳନା କରିଥିଲେ।

କ୍ରୀଡ଼ାର ବିକାଶ ପାଇଁ ଏମ୍‌ଓୟୁ ସ୍ୱାକ୍ଷର କରିବେ ରାଜ୍ୟ ସରକାର

ଭୁବନେଶ୍ୱର, ୧୦।୧୧ (ସ୍ପୋର୍ଟ୍ସ ବ୍ୟୁରୋ)

ଓଡ଼ିଶାରେ କ୍ରୀଡ଼ାର ବିକାଶ ଏବଂ ରାଜ୍ୟର ପ୍ରତିଭାସମ୍ପନ୍ନ କ୍ରୀଡ଼ାବିତ୍‌ମାନଙ୍କୁ ସହାୟତା ଲାଗି କେତେକ ଅଗ୍ରଣୀ ଶିଳ୍ପ ସଂସ୍ଥା ଆଗଭର ହୋଇଛନ୍ତି। ଏହି ପରିପ୍ରେକ୍ଷୀରେ ସୋମବାର ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମଠାରେ ଓଡ଼ିଶା ସରକାର ଏବଂ ଏହି ଶିଳ୍ପସଂସ୍ଥାଗୁଡ଼ିକ ମଧ୍ୟରେ ବୁଝାମଣାପତ୍ର (ଏମଓୟୁ) ସ୍ୱାକ୍ଷରିତ ହେବ। ୟୁଥ୍ ସ୍ପୋର୍ଟ୍ସ ଆଥ୍‌ଲେଟିକ୍ସ ମୂଳଦୁଆ ପ୍ରତିଷ୍ଠା ଲାଗି ରିଲାଏନ୍ସ ଇଣ୍ଡଷ୍ଟ୍ରିଜ; ଫୁଟ୍‌ବଲ ଓ ସନ୍ତରଣ ପାଇଁ ଜେଏସ୍‌ଡବ୍ଲ୍ୟୁ ଗ୍ରୁପ୍; ବ୍ୟାଡ୍‌ମିଣ୍ଟନ ପାଇଁ ଡାଲମିଆ ଭାରତ ଗ୍ରୁପ୍; ଭାରୋତ୍ତୋଳନ ପାଇଁ ଆହଲୁୱାଲିଆ ଗ୍ରୁପ୍; ଶୁଟିଂ ପାଇଁ ଆଦିତ୍ୟ ବିର୍ଲା ଗ୍ରୁପ୍ ଏବଂ ହକି ପାଇଁ ଟାଟା ଗ୍ରୁପ୍ ସହିତ ବୁଝାମଣାପତ୍ର ସ୍ୱାକ୍ଷରିତ ହେବାର କାର୍ଯ୍ୟକ୍ରମ ରହିଛି। ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି କ୍ରୀଡ଼ା ସଂସ୍କୃତିର ପ୍ରସାର କ୍ଷେତ୍ରରେ ଶିଳ୍ପ ସଂସ୍ଥାଗୁଡ଼ିକ ଆଗେଇ ଆସିବା ସ୍ୱାଗତଯୋଗ୍ୟ। ମିଳିତ ଉଦ୍ୟମ ଦ୍ୱାରା ଆମେ ବିଶ୍ୱର ଅନ୍ୟତମ ଶ୍ରେଷ୍ଠ କ୍ରୀଡ଼ା ହବ୍ ପ୍ରତିଷ୍ଠା କରିପାରିବା। ଅନ୍ୟପକ୍ଷରେ ରାଜ୍ୟ କ୍ରୀଡ଼ା ମନ୍ତ୍ରୀ ଚନ୍ଦ୍ରସାରଥି ବେହେରା କହିଛନ୍ତି, ଏମ୍‌ଓୟୁ ଦ୍ୱାରା କ୍ରୀଡ଼ା ପ୍ରତି ଯୁବକମାନଙ୍କର ଆଗ୍ରହ ବୃଦ୍ଧି ପାଇବ। ସୋମବାର ଏମ୍‌ଓୟୁ ସ୍ୱାକ୍ଷରିତ ହେବା ସାଙ୍ଗକୁ ମୁଖ୍ୟମନ୍ତ୍ରୀ ଏବଂ ଇଣ୍ଟରନ୍ୟାଶନାଲ ହକି ଫେଡେରେଶନ (ଏଫ୍‌ଆଇଏଚ୍) ସଭାପତିଙ୍କ ଦ୍ୱାରା ପୁରୁଷ ହକି ବିଶ୍ୱକପ୍ ୨୦୧୮ ଟ୍ରଫି ଉନ୍ମୋଚନ ହେବ।

ଭାରତର ବିଜୟ ଅଭିଯାନ

ଗୁୟାନା, ୧୦।୧୧ (ପି.ଟି.)

ମହିଳା ଟି୨୦ ବିଶ୍ୱକପ୍‌ର ଷଷ୍ଠ ସଂସ୍କରଣ ୱେଷ୍ଟଇଣ୍ଡିଜ୍‌ରେ ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଉଦ୍‌ଘାଟନୀ ମ୍ୟାଚ୍‌ରେ ଭାରତ ଓ ନ୍ୟୁଜିଲାଣ୍ଡ ପରସ୍ପରକୁ ଭେଟିଥିଲେ। ଅଧିନାୟିକା ହରମନପ୍ରୀତ କୌର୍‌ଙ୍କ ରେକର୍ଡ ଶତକୀୟ ପାଳି ବଳରେ ଭାରତ ୩୪ ରନରେ ନ୍ୟୁଜିଲାଣ୍ଡକୁ ହରାଇ ବିଜୟ ଅଭିଯାନ ଆରମ୍ଭ କରିଛି। ଟସ୍ ଜିତି ଭାରତ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୫ ଉଇକେଟ ହରାଇ ୧୯୪ ରନ ସଂଗ୍ରହ କରିଥିଲା। ଜବାବରେ ନ୍ୟୁଜିଲାଣ୍ଡ ୨୦ ଓଭରରେ ୯ ଉଇକେଟ ହରାଇ ୧୬୦ ରନରେ ସୀମିତ ରହି ପରାଜୟ ବରଣ କରିଛି।

ଏଥିସହିତ ହରମନପ୍ରୀତ ପ୍ରଥମ ଭାରତୀୟ ମହିଳା କ୍ରିକେଟର ଭା

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୬ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ରବିବାର, ନଭେମ୍ବର ୧୧/୨୦୧୮ Sambalpur, Sunday, November 11/ 2018

ସସ୍ତାରେ ଘନ ଦଲାଲ୍ ମାଲେମାଲ୍, ଚାଷୀ ହତାଶ୍

ଜାମପାଲିର ଝନେ ଚାଷୀ ନିଜର କୁବି ବାରିରେ ଠିଆ ହେଇଛନ୍।

ସିଂଘିଯୁବା,୧୦।୧୧(ଡି.ଏନ୍.ଏ)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ୍ ଚାଷ୍ ଲାଗି ଜିଲା ଆର୍ ରାଏଜ୍‌ରେ ନାଁ କରିଛେ। ଇଠାନେ ବଛର୍‌କୁତା ରବି, ଖରିଫରେ ଧାନ୍ ଚାଷ୍ ହେବାର ସଂଗେ ଭିନେ ଭିନେ କିସ୍‌ମର ପନିପରିବା ଚାଷ୍ ହେଉଛେ। ଚଲ୍‌ତି ବଛର ବିନିକା ବ୍ଲକ୍ ଅଂଚଲ୍‌ରେ ବହୁତ୍‌ଟେ ଚାଷୀ ଫୁଲ୍‌କୁବି, ବଁଧାକୁବି ଚାଷ୍ କରିଥିବାର ଦେଖିବାକେ ମିଳିଛେ। ଦିନୁ ଦିନ୍‌କେ ଅଂଚଲର ଚାଷୀ କୁବିଚାଷ୍ କରବାକେ ମନ୍ ବଳଉଛନ୍। ସେନ୍‌ତା ଚଲ୍‌ତି ବଛର ବ୍ଲକ୍ ଅଧିନ୍ ସିଂଘିଯୁବା, ବାବୁପାଲି, ସିନ୍ଦୁରପୁର ଲେଖେଁ ପଁନ୍‌ଚେତରେ ଚାଷୀମାନେ ୨୫ ହେକ୍ଟର ଜମିରେ ବଁଧାକୁବି ଆର୍ ଫୁଲ୍‌କୁବି ଚାଷ୍ କରିଛନ୍। ଇ ବଛର ପନିପରିବା ଚାଷ୍ ଲାଗି ପାନିପାଗ୍ ବି ବତର ହେଇଛେ, ସେଥିରଲାଗି ଚାଷୀମାନକର କୁବିଚାଷ୍ ବହୁତ୍ ଭଲ୍ ହେଇଛେ। ଗୁଟେ ଗୁଟେ ଫୁଲ୍‌କୁବିର ଉଜନ୍ ଦେଢ଼ କିଲୋରୁ ଅଧିକା ହେଉଥିବାର ଦେଖିବାକେ ମିଳୁଛେ। ହେଲେ ଆସେପାସେ ଚାଷୀକର ଲାଗି ବଜାର ସୁବିଧା ନାଁଇଁନ, ଯେନ୍‌ଥିରଲାଗି ଚାଷୀ କମ୍ ଭାଉରେ ପରିବା ବିକ୍‌ବାକେ ବାଧ୍ୟ ହେଉଛନ୍। ବିନିକାର ଫିଦିନିଆଁ ହଟ୍‌ଲି, ରାମପୁର ସାପ୍‌ତାହିକ ବଜାରକେ ଛାଡିଦେଲେ ଚାଷୀକର ଲାଗି ଆର୍ ଆସେପାସେ ବଜାର ସୁବିଧା ନାଁଇଁନ। ଏହେଦେ ଇ ବଜାରମାନ୍‌କେ ଫୁଲ୍‌କୁବି କିଲୋ ୩୫/୪୦ ଟଁକା ଥିଲାବେଳେ ବଁଧାକୁବି ୧୫/୨୦ଟଁକାରେ ବିକ୍‌ରି ହେଉଛେ। ଏନ୍‌ତାଥି ଚାଷୀ ଅମଲ କରିଥିବାର ପନିପରିବାକେ ସଂରକ୍ଷିତ କରି ରଖିବାର ବି ଉପେ ନାଁଇଁନ। ଅଂଚଲ୍‌ରେ ଶୀତଳ ଭଁଡାରର ଅଭାବ ରହିଛେ, ଯେନ୍‌ଥିରଲାଗି ଚାଷୀକେ ସବୁବେଳେ ପନିପରିବା ପଚିସଢ଼ି ଯିବାର ଭଏ ଘାରୁଛେ। ସେଥିରଲାଗି ଚାଷୀ ଉପେ ଶୂଇନ୍ ହେଇ ଦଲାଲ୍‌ମାନକର ସଂଗେ ମୁଲ୍‌ତାଲ କରି ଅଲପ୍ ଦର୍‌ରେ ବାରିରୁ ପନିପରିବା ବିକିଦେଉଛନ୍। ଏନ୍‌ତାଥି ଚାଷୀ ଯେନ୍ ଲାଭ୍ ଟିକ୍‌କ ପାଏବାର କଥା ପାଇ ନାଇଁପାରବାର। ଦଲାଲ୍‌ମାନେ ଛତିଶଗଡ଼, ଆନ୍ଧ୍ରପ୍ରଦେଶରୁ ଆସି ଅଂଚଲର ଚାଷୀକରନୁ କମ୍ ଦରରେ କୁବି ଘିନି ମାଲେମାଲ ହେଉଥିଲା ବେଳେ ଚାଷୀ ହତାଶ୍ ହେଉଥିବାର ଦେଖିବାକେ ମିଳିଛେ।

ବିନିକା ଅଂଚଲରେ ପରିବାଚାଷୀ ଅଭାବି ବିକ୍‌ରିର ଶିକାର

- ବ୍ଲକ୍ ଅଂଚଲରେ ୨୫ ହେକ୍ଟର ଜମିରେ ଫୁଲ୍ ଆର୍ ବଁଧାକୁବି ଚାଷ୍ ହେଇଛେ
- ପନିପରିବା ସଂରକ୍ଷଣ ଲାଗି ଶୀତଲ୍ ଭଁଡାର୍‌ର ଅଭାବ୍‌ଟା ଚାଷୀକୁ ହତାଶ୍ କରୁଛେ

ଇମାନେ ଯାହା କହିଛନ୍...

"ଚଲ୍‌ତି ବଛର ମୁଇଁ ଏକ୍‌ରେ ଜମିରେ ଫୁଲ୍‌କୁବି ଚାଷ୍ କରି ୩୦ ହଜାର ଟଁକା ଖରଚ୍ କରିଛେଁ। ବିଭାଗ୍ ତରଫୁ ଉଖୋ କି ସାର ନାଇଁ ମିଲ୍‌ବାର, ଅମଲ ହେଇଥିବାର କୁବି ରଖିବାର ଲାଗି ଅଂଚଲରେ ଶୀତଲ ଭଁଡାର ସୁବିଧା ନାଁଇଁନ। ଯେନ୍‌ଥିରଲାଗି କୁବି ପଚିଯିବାର ଭଏରେ ୧୩ ଟଁକା ଭାଉରେ ଦଲାଲ୍‌ମାନ୍‌କୁ ବିକି ଦେଉଛୁଁ।

- ଶୁକଦେବ ଦେହୁରୀ, ଚାଷୀ, ଜାମପାଲି

"ମୁଇଁ ୬ଶହ ଡିସ୍‌ମିଲରେ କୁବି ଚାଷ୍ କରିଛେଁ, ଫସଲ ବି ଭଲ୍ ହେଇଛେ। ଗୁଟେ ଗୁଟେ ଫୁଲ୍ ଆର୍ ବଁଧାକୁବିର ଉଜନ୍ ଦେଢ଼ କିଲୋରୁ ୨ କିଲୋ ହେଇଛେ। ହେଲେ ଆସେପାସେ ବଜାର ସୁବିଧାର ଅଭାବ୍ ସଂଗେ ଶୀତଲ ଭଁଡାରଟେ ବି ନାଁଇଁନ। ଯେନ୍‌ଥିରଲାଗି ଦଲାଲ୍‌ମାନକୁ କମ୍ ଦାମ୍‌ରେ ବିକି ଦେଉଛୁଁ, ଧାର ଉଧାର ହେଲେ ସୁଝି ହେବା।

-ଧ୍ରୁବଚରଣ ମେଲ୍ଲୀ, ଚାଷୀ, ବଲାରଙ୍ଗା

"ମୁଇଁ ଏକ୍‌ରେ ଜମିରେ ଫୁଲ୍‌କୁବି ଚାଷ୍ କରିଛେଁ, ଉଖୋ ଆର୍ ସାର ବି ଯେନ୍ ହିସାବେ ଦେବାର କଥା ଦେଇଛେଁ। ହେଲେ ଖରଚ୍ ହିସାବେ ମୋର ଲାଭ୍‌ଟା ନାଇଁ ହେଲା। ଅଂଚଲ୍‌ରେ ବଜାର ବେବସ୍‌ତାର ଘୋର ଅଭାବ୍ ସଂଗେ ଶୀତଲ ଭଁଡାର୍‌ର ଅଭାବ୍‌ଟା ଚାଷୀ ସମାଜର ମୁଡ୍‌ଦୁଖାର କାରନ୍ ହେଇଛେ।

-ଠକି ଗଡୁଆ, ଚାଷୀ, ଦେଣ୍ଡୁପଦର

"ଚଲ୍‌ତି ବଛର ବିନିକା ବ୍ଲକ୍ ଆର୍ ବିଜ୍ଞାପିତ ପରିଷଦ ଅଂଚଲରେ ୩୦ ହେକ୍ଟରରେ କୁବି ଚାଷ୍ ହେଇଛେ। ଇ ବାବ୍‌ଦେ ଚାଷୀମାନ୍‌କୁ ବୈଷୟିକ ପରାମଶ୍ ବି ଦିଆଯାଇଛେ। ଭେରିଫିକେସନ ଉତାରୁ କୁବି ଚାଷୀକୁ ହେକ୍ଟର ପିଛା ୨୦ ହଜାର ଟଁକା ଲେଖେଁ ପୋର୍‌ଛାହନ୍ ଦିଆ ଯିବା। ଚାଷୀକର ସୁବିଧା ଲାଗି ତରଭାରେ ଗୁଟେ ଶୀତଲ୍ ଭଁଡାର ହେବାକେ ଯାଉଛେ।

-ହିତେଶ ବଢ଼େଇ, ଉଦ୍ୟାନ ବିଭାଗ ଅଧିକାରୀ

ଡାକ୍ତରଖାନା ଛାତରୁ ଡେଇ ରୋଗୀଙ୍କ ଆତ୍ମହତ୍ୟା ଉଦ୍ୟମ

ବରଗଡ଼ ଅଫିସ,୧୦।୧୧

ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ଶନିବାର ପୂର୍ବାହ୍ନରେ ଏକ ଅଭାବନୀୟ ଘଟଣା ଘଟିଛି । ଏଠାରେ ଚିକିତ୍ସାଧୀନ ଥିବା ଜଣେ ଯୁବକ ଡାକ୍ତରଖାନା ବହିର୍ବିଭାଗ ୨ ମହଲା ବିଶିଷ୍ଟ କୋଠା ଉପରରୁ ତଳକୁ ଡେଇଁ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି । ଫଳରେ ତାଙ୍କ ଡାହାଣ ଗୋଡ଼ ଭାଙ୍ଗିଯାଇଛି । ଆହତ ଯୁବକ ଜଣକ ଗାଇସିଲେଟ୍ ବ୍ଲକ କଁଟାବାହାଲ ଗ୍ରାମର ଭାବଗ୍ରାହୀ ବରିହା(୨୫) । ତାଙ୍କୁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି ।

ଭାବଗ୍ରାହୀ ଗତ ୬ତାରିଖରେ କୀଟନାଶକ ପିଇ ଦେଇଥିଲେ । ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ପଦ୍ମପୁର ଉପଖଣ୍ଡ ଡାକ୍ତରଖାନାକୁ ନେଇଥିଲେ । ସେଠାରେ ପ୍ରାଥମିକ ଚିକିତ୍ସା ପରେ ୭ତାରିଖରେ ଭାବଗ୍ରାହୀଙ୍କୁ ଜିଲା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା । ସେଠାରେ ସେ ଚିକିତ୍ସାଧୀନ ଥିଲେ । ପୂର୍ବାହ୍ନ ପ୍ରାୟ ସାଢ଼େ ୯ଟାରେ ଭାବଗ୍ରାହୀ ବେଡ୍‌ରୁ ଉଠି ବହିର୍ବିଭାଗର ଛାତ ଉପରକୁ ଯାଇଥିଲେ ଏବଂ ସେଠାରୁ ତଳକୁ ଡେଇଁ ପଡିଥିଲେ ।

ଝାଡ଼ଖଣ୍ଡୀ ହାତୀ ଆକ୍ରମଣରେ ବୃଦ୍ଧ ମୃତ

ମୋରଡା,୧୦।୧୧

ମୟୂରଭଞ୍ଜ ଜିଲା ମୋରଡା ବ୍ଲକ ପାରିଆକୁଲି ଗ୍ରାମର ଜଣେ ବୃଦ୍ଧ ଶନିବାର ସକାଳୁ ନିଜ ଚାଷ ଜମିକୁ ଯାଇଥିବା ବେଳେ ହାତୀ ଆକ୍ରମଣରେ ପ୍ରାଣ ହରାଇଛନ୍ତି। ଗୁରୁତର ଅବସ୍ଥାରେ ତାଙ୍କୁ ବାରିପଦା ପିଆରଏମ୍ ମେଡିକାଲରେ ଭର୍ତ୍ତି କରାଯାଇଥିଲା । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ପାରିଆକୁଲି ଗ୍ରାମର ନାରାୟଣ ଟୁଡୁ(୭୦) ।

ନାରାୟଣ ସକାଳେ ଘରଠାରୁ କିଛି ଦୂରରେ ଥିବା ନିଜ ଚାଷ ଜମିକୁ ଯାଇଥିଲେ। ସେଠାରେ ସେ ୨ ଝାଡ଼ଖଣ୍ଡୀ ହାତୀ ଆକ୍ରମଣର ଶିକାର ହୋଇଥିଲେ । ଗୁରୁତର ଅବସ୍ଥାରେ ସେ ଚାଷ ଜମିରେ ପଡି ରହିଥିବା ବେଳେ କିଛି ଦୂରରେ ଥିବା ୨ ପିଲା ଏହା ଦେଖି ଗ୍ରାମବାସୀଙ୍କୁ ଖବର ଦେଇଥିଲେ। ଗ୍ରାମବାସୀ ତୁରନ୍ତ ନାରାୟଣଙ୍କୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିଥିଲେ। ହେଲେ ଅପରାହ୍ନରେ ତାଙ୍କ ମୃତ୍ୟୁ ଘଟିଛି। ଏ ସମ୍ପର୍କରେ ମୋରଡା ରେଞ୍ଜର ଦିଲୀପ କୁମାର ବାରିକଙ୍କୁ ପଚାରିବାରୁ ଘଟଣାର ତଦନ୍ତ ହେଉଛି। ହାତୀ ଆକ୍ରମଣଜନିତ ମୃତ୍ୟୁ ହୋଇଥିଲେ ନାରାୟଣଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ କରାଯିବ ବୋଲି କହିଛନ୍ତି । ପାଚିଲା ଧାନ ଖାଇବା ଆଶାରେ ପଶ୍ଚିମବଙ୍ଗ ଦେଇ ଝାଡ଼ଖଣ୍ଡୀ ହାତୀପଲ ମୟୂରଭଞ୍ଜ ଜିଲାର ଦେଉଳି ଓ ରାସଗୋବିନ୍ଦପୁର ରେଞ୍ଜ ଦେଇ ଗାଁରେ ପଶୁଛନ୍ତି । ଏଥିଯୋଗୁ ସ୍ଥାନୀୟ ଅଞ୍ଚଳବାସୀ ଭୟଭୀତ ଅବସ୍ଥାରେ ଅଛନ୍ତି।

ତେଲେଙ୍ଗାନାରେ ସଡ଼କ ଦୁର୍ଘଟଣା, ଦାଦନ ଶ୍ରମିକ ମୃତ

ଘରକୁ ଫେରିଲେ ଅସହାୟ ପରିବାର

ଖପ୍ରାଖୋଲ,୧୦।୧୧(ଡି.ଏନ.ଏ.)

ଦାଦନ ଶ୍ରମିକ ପ୍ରବଣ ବଲାଙ୍ଗୀର ଜିଲାର ବିଭିନ୍ନ ପଞ୍ଚାୟତରେ ଚାଲିଛି ଜନସଚେତନା କାର୍ଯ୍ୟକ୍ରମ । ବିଭିନ୍ନ ବେସରକାରୀ ସଂସ୍ଥା ଏପରି ଶ୍ରମିକ ଚିହ୍ନଟ କରୁଛନ୍ତି । ଦାଦନ ରୋକିବାକୁ ବହୁ କୋଟି ଟଙ୍କା ବ୍ୟୟ କରାଯାଉଛି। ତଥାପି ଏହି ସମସ୍ୟା ଜିଲା ପ୍ରଶାସନ ପାଇଁ ମୁଣ୍ଡବ୍ୟଥାର କାରଣ ହୋଇଛି।

ପ୍ରାକୃତିକ ଦୁର୍ବିପାକ, ଭିଟା ମାଟିରେ କାମ ନ ମିଳିବା, କାମ ମିଳିଲେ ବି ଠିକ୍ ସମୟରେ ମଜୁରି ନ ମିଳିବା ଭଳି ସମସ୍ୟା ଯୋଗୁ ପ୍ରତିବର୍ଷ ହଜାର ହଜାର ପରିବାର ରାଜ୍ୟ ବାହାରକୁ ଦାଦନ ଖଟିବାକୁ ଯାଉଛନ୍ତି । ହେଲେ ସେଠାରେ ସେମାନେ ନାନା ଶୋଷଣ ଓ ନିର୍ଯାତନାର ଶିକାର ହେଉଥିବା ଅଭିଯୋଗ ସାମ୍‌ନାକୁ ଆସୁଛି । ଅନ୍ୟପକ୍ଷେ କେତେ ଜଣ ଶ୍ରମିକ ବିଭିନ୍ନ ଦୁର୍ଘଟଣାରେ ପ୍ରାଣ ହରାଉଥିବା ଜଣାପଡିଛି। ସେମିତି ଏକ ଅଭିଯୋଗ ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ରେଙ୍ଗାଲି ପଞ୍ଚାୟତ ଖୁରିପାଣି ଗାଁରୁ ଆସିଛି । ସେହି ଗାଁର ଚୈତନ୍ୟ ପୁଟାଙ୍କ ପୁଅ ସାଗର ପୁଟା(୨୬) ଗତ ମାସ ୧୫ ତାରିଖରେ ଦାଦନ ଖଟିବା ପାଇଁ ଲାଠୋରର ଜଣେ ସର୍ଦ୍ଦାରଙ୍କ ସହଯୋଗରେ ନିଜ ପରିବାର ସହ ତେଲେଙ୍ଗାନା ଯାଇଥିଲେ। ସେହି ରାଜ୍ୟର ନିଜାମାବାଦ ନିକଟ ଗୁଲାପୁଲିର ଏକ ଇଟାଭାଟିରେ କାମ କରୁଥିଲେ । ଗତ ଦୀପାବଳି ଦିନ କାମ ସାରି ସନ୍ଧ୍ୟାରେ ସଉଦା କିଣି ଅନ୍ୟ ଜଣେ ସାଙ୍ଗଙ୍କ ସହ ଫେରୁଥିବାବେଳେ ଟ୍ରକ୍ ଧକ୍କାରେ ଉଭୟେ ଆହତ ହୋଇଥିଲେ । ଘଟଣାସ୍ଥଳରେ ସାଗରଙ୍କ ମୃତ୍ୟୁ ହୋଇଥିଲା । ଇଟାଭାଟି ମାଲିକ ପୋଲିସ ସହାୟତାରେ ମୃତଦେହକୁ ନେଇ ସ୍ଥାନୀୟ ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଇବା ପରେ ଶ୍ମଶାନରେ ଶବ ସଂସ୍କାର କରାଇ ଦେଇଥିଲେ । ସାଗରଙ୍କ ସ୍ତ୍ରୀ ରୀନା(୨୨) ଏବଂ ୩ ବର୍ଷର ପୁଅ ଗାଁର ଅନ୍ୟ ଜଣେ ଶ୍ରମିକଙ୍କ ସହଯୋଗରେ ଘରକୁ ଫେରିଥିଲେ । ରୀନା ଓ ତାଙ୍କ ପୁଅ ଶୁକ୍ରବାର ସନ୍ଧ୍ୟାରେ ଗାଁରେ ପହଞ୍ଚିଲା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା । ପ୍ରତିବର୍ଷ ହଜାର ହଜାର ପରିବାର ଦାଦନ ଖଟିବାକୁ ଯାଉଥିଲେ ବି ସେମାନଙ୍କ ନାମ ପଞ୍ଜୀକରଣ ହେଉନାହିଁ । ଫଳରେ ସରକାରୀ ସୁବିଧାରୁ ବଞ୍ଚିତ ହେଉଛନ୍ତି ଦାଦନ ଶ୍ରମିକ ପରିବାର । ଏ ନେଇ ଖପ୍ରାଖୋଲ ଗୋଷ୍ଠୀ ଉନ୍ନୟନ ଅଧିକାରୀ ତରଣୀ ସୁନାଙ୍କୁ ପଚାରିବାରୁ ଦାଦନ ମୃତ୍ୟୁ ସମ୍ପର୍କରେ ଅନୁସନ୍ଧାନ କରି ସରକାରୀ ସୁବିଧା ଏବଂ ସହଯୋଗ ଯୋଗାଇଦେବେ ବୋଲି କହିଛନ୍ତି।

ମୃତ ଦାଦାନ ଶ୍ରମିକଙ୍କ ଫାଇଲ ଫଟୋ ।

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ

ଜ୍ଞାନ ଓ କିଷାନ୍‌ର ଜୟ ହିଁ ଦେଶ ଏବଂ ଜାତିର ଜୟ।

- ଲାଲ୍ ବାହାଦୁର ଶାସ୍ତ୍ରୀ

ସଂକ୍ଷେପରେ

ସମ୍ପନ୍ନ ହେଲା ଗିରି ଗୋବର୍ଦ୍ଧନ ପୂଜା

ଉଲୁଣ୍ଡା, ୧୦।୧୧(ଡି.ଏନ.ଏ.)- ଉଲୁଣ୍ଡା ବ୍ଲକ ସଦର ପଞ୍ଚାୟତର ମରାଲୋଏ ସାଲପାଲି ନିତାଇଗୌର ଆଶ୍ରମରେ ଗିରିଗୋବର୍ଦ୍ଧନ ପୂଜା, ନାମଯଜ୍ଞ ପୂର୍ଣ୍ଣାହୂତି ସହ ସମ୍ପନ୍ନ ହୋଇଛି। କଳସ ଯାତ୍ରା ତଥା ଅଧିବାସ ପୂଜା କରାଯାଇ ପୂର୍ବ ନିର୍ଦ୍ଧାରିତ ରୀତିନୀତି କ୍ରମରେ ପୂଜନୋତ୍ସବ ତଥା ଅଷ୍ଟପ୍ରହର ନାମଯଜ୍ଞ ଆରମ୍ଭ ହୋଇଥିଲା। ଆୟୋଜକ ଆଶ୍ରମର ମୁଖ୍ୟ ମଠାଧିଶଙ୍କ ତତ୍ତ୍ୱାବଧାନରେ ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ୧୬ କୀର୍ତ୍ତନ୍ୟ ମଣ୍ଡଳୀ ଯୋଗଦେଇଥିଲେ। ପରଦିନ ସକାଳୁ ନଗର କୀର୍ତନ ସହ ଦଧିଭାଣ୍ଡ ପରିକ୍ରମା ଅନୁଷ୍ଠିତ ହୋଇଥିଲା। ଯଜ୍ଞସ୍ଥଳୀରେ ନାରାୟଣ ଛନ୍ଦ ସପତ୍ନୀକ କର୍ତ୍ତା କାର୍ଯ୍ୟ ତୁଲାଇଥିଲେ। ବିପିନ ବାଘଙ୍କ ସଂଯୋଜନା କ୍ରମେ ବିଶ୍ୱମଙ୍ଗଳ କାମନା ସହ ପୂର୍ଣ୍ଣାହୂତୀ ହୋମପରେ ଉତ୍ସବ ସମ୍ପନ୍ନ ହୋଇଥିଲା।

ଦକ୍ଷତା ବିକାଶ କାର୍ଯ୍ୟକ୍ରମରେ ସାମିଲ ପାଇଁ ଆହ୍ୱାନ

ସୋନପୁର,୧୦।୧୧(ନି.ପ୍ର.)

ଜିଲା ଶିଳ୍ପ କେନ୍ଦ୍ର ସୁବର୍ଣ୍ଣପୁର ଆନୁକୂଲ୍ୟରେ ଦ୍ୱିବସୀୟ ଶିଳ୍ପ ସଚେତନତା କାର୍ଯ୍ୟକ୍ରମ ସ୍ଥାନୀୟ ମଡେଲ ଡିଗ୍ରୀ କଲେଜରେ ଅନୁଷ୍ଠିତ ହୋଇଯାଇଛି। ଜିଲା ଶିଳ୍ପକେନ୍ଦ୍ରର ସାଧାରଣ ପରିଚାଳକ ବଳରାମ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଷ୍ଟେଟ୍‌ବ୍ୟାଙ୍କ ଗ୍ରାମୀଣ ସ୍ୱରୋଜଗାର ପ୍ରତିଷ୍ଠାର ନିର୍ଦ୍ଦେଶକ ଦେବାର୍ଚ୍ଚନ ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଛାତ୍ରୀଛାତ୍ରମାନଙ୍କୁ ବିଭିନ୍ନ ସ୍ୱରୋଜଗାରର ମାଧ୍ୟମ ସହିତ ଦକ୍ଷତା ବିକାଶ କାର୍ଯ୍ୟକ୍ରମରେ ସାମିଲ ହେବାକୁ ସେ ପ୍ରବର୍ତ୍ତାଇ ଥିଲେ। ଜିଲାରେ କ୍ଷୁଦ୍ର ଶିଳ୍ପ ସ୍ଥାପନ କରାଯାଇ ଯୁବକମାନେ ସ୍ୱାବଲମ୍ବୀ ହୋଇ ପାରିବେ ଓ ସରକାରଙ୍କ ବିଭିନ୍ନ ଯୋଜନାରେ ସାମିଲ ହେବା ପାଇଁ ସାଧାରଣ ପରିଚାଳକ ବଳଭଦ୍ର ନାୟକ ଉପଦେଶ ଦେଇଥିଲେ। କଲେଜର ଭାରପ୍ରାପ୍ତ ଅଧ୍ୟକ୍ଷ ଦେବାଶିଷ ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଜିଲା ଶିଳ୍ପକେନ୍ଦ୍ରର ଶିଳ୍ପ ବିକାଶ ଅଧିକାରୀ ଦେବାଶିଷ ମିଶ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିବା ସହ ସରକାରଙ୍କ ବିଭିନ୍ନ ଯୋଜନା ଛାତ୍ରୀଛାତ୍ରଙ୍କ ସମ୍ମୁଖରେ ଉପସ୍ଥାପନା କରିଥିଲେ। ୧୩୦ରୁ ଊର୍ଦ୍ଧ ଛାତ୍ରୀଛାତ୍ର କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।

ସଚେତନତା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ବୃନ୍ଦ ।

ସକାରାତ୍ମକ ଚିନ୍ତା ପାଇଁ ସୁଶିକ୍ଷା ଆବଶ୍ୟକ

ସୋନପୁର, ୧୦।୧୧(ନି.ପ୍ର.)

ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡା ମନ୍ତ୍ରଣାଳୟ ଅଧିନ ସୁବର୍ଣ୍ଣପୁର ନେହେରୁ ଯୁବକେନ୍ଦ୍ର ପକ୍ଷରୁ ଜିଲାସ୍ତରୀୟ ତର୍କ ପ୍ରତିଯୋଗିତା ଓ ଶିକ୍ଷାର ସକାରାତ୍ମକ ଚିନ୍ତାଧାରା ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ନେହେରୁ ଯୁବକେନ୍ଦ୍ରର ଯୁବ ସଂଯୋଜକ ପ୍ରବୀର ପ୍ରଧାନଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମୁଖ୍ୟ ଅତିଥିଭାବେ କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ତଥା ବରିଷ୍ଠ ବୈଜ୍ଞାନିକ ଡ. ଜୀବନଜିତ୍ ସେନ୍ ଯୋଗଦେଇ ସଚେତନତା ଏବଂ ଶିକ୍ଷାର ସକାରାତ୍ମକ ଚିନ୍ତାଧାରା ଉପରେ ବୁଝାଇଥିଲେ। ସକାରାତ୍ମକ ଚିନ୍ତା ପାଇଁ ସୁଶିକ୍ଷା ଆବଶ୍ୟକ ବୋଲି ଡ. ସେନ ମତବ୍ୟକ୍ତ କରିଥିଲେ। ସରୋଜ କୁମାର ପାଢୀ, ମୀନକେତନ ମହାକୁର ଓ ନକୁଳ ନାଏକ ସାଧନକର୍ମୀ ଭାବେ ଯୋଗଦେଇଥିଲେ। ଦେଶ ଭକ୍ତି ଓ ରାଷ୍ଟ୍ର ନିର୍ମାଣ ଶୀର୍ଷକ ବିଷୟକୁ ନେଇ ତର୍କ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଚାରପତି ଦାୟିତ୍ୱ ନିର୍ବାହ କରିଥିଲେ ନିରଜ କୁମାର ପ୍ରଧାନ, ଦେବକିନନ୍ଦ ମିଶ୍ର, ଆନନ୍ଦ ପ୍ରଧାନ, ରାଜପାଲ ସିଂ ଓ ନକୁଳ ନାଏକ। ପ୍ରତିଯୋଗିତାରେ ବିକାଶ ପଣ୍ଡା ପ୍ରଥମ, ରେଖା ସାହୁ ଦ୍ୱିତୀୟ ଓ ପ୍ରମୋଦ ପ୍ରଧାନ ତୃତୀୟ ସ୍ଥାନ ଅଧିକାର କରିଥିଲେ। କ୍ଲବର ସଭ୍ୟା ସଭ୍ୟ ଓ କଲେଜର ଛାତ୍ରୀଛାତ୍ର ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ।

ଚାଷୀଙ୍କୁ ରୋଗପୋକ ପରିଚାଳନା ତାଲିମ

ବୀରମହାରାଜପୁର, ୧୦।୧୧(ଡି.ଏନ.ଏ.)

ବୀରମହାରାଜପୁର କୃଷି ସୂଚନା ଓ ପରାମର୍ଶ କେନ୍ଦ୍ରଠାରେ ଚାଷୀମାନଙ୍କ ସକାଶେ ସମନ୍ୱିତ ରୋଗପୋକ ପରିଚାଳନା ସଂକ୍ରାନ୍ତୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ କର୍ତ୍ତାପାଲ ସହକାରୀ କୃଷି ଅଧିକାରି ତୁଷାରକାନ୍ତ ସାହୁ, ବୀରମହାରାଜୋପୁର ସହକାରୀ କୃଷି ଅଧିକାରି କାଳିନ୍ଦି ପରିଡା ଓ ଯୁଗ୍ମ ମାନ ନିୟନ୍ତ୍ରଣ ନିରିକ୍ଷକ ସୁଶ୍ରୀ ସ୍ମିତା ପଣ୍ଡା ଧାନ ଫସଲର ବିଭିନ୍ନ ରୋଗପୋକ ଓ ତାହାର ନିୟନ୍ତ୍ରଣ, ନିରାକରଣଗତ ପରିଚାଳନା, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ କୃଷିକ୍ଷେତ୍ର ପାଇଁ ସରକାରୀ ସହାୟତା, କୀଟନାଷକର ମାନ ତଥା ରୋଗପୋକ ନିରାକରଣ ସମ୍ପର୍କରେ ତାଲିମ ଦେବା ସହ ପ୍ରଶିକ୍ଷାର୍ଥୀମାନଙ୍କର ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ। ବୀରମହାରାଜପୁର ବ୍ଲକର ବିଭିନ୍ନ ପଞ୍ଚାୟତରୁ ୫୦ଜଣ ଅଗ୍ରଣୀ ଚାଷୀ ଅଂଶଗ୍ରହଣ କରିଥିଲେ। ସହକାରୀ ବୈଷୟିକ ସହାୟକ ମିନକେତନ ମହାକୁର ଶିବିର ପରିଚାଳନା କରିଥିଲେ। ଗ୍ରାମ୍ୟ କୃଷି କର୍ମଚାରୀ ପ୍ରକାଶ ଭୋଇ, ଭରତ କୁମ୍ଭାର, ମନୋଜ କୁମାର ଅମାତ ଓ ମଧୁସୂଦନ ପଧାନଙ୍କ ସହ ବିଭାଗୀୟ କର୍ମଚାରୀ ଓ କୃଷକ ସାଥୀ ସହାୟତା କରିଥିଲେ।

ସ୍ୱୟଂ ଓକିଲାତି ସମ୍ପର୍କିତ ତାଲିମ ଶିବିର

ସୋନପୁର,୧୦।୧୧(ନି.ପ୍ର.)

ଏନଜିଓସିସି ହଲରେ ସ୍ୱୟଂ ଓକିଲାତି ସମ୍ପର୍କିତ ତାଲିମ ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛି । ସୁବର୍ଣ୍ଣପୁର ଜିଲା ଭିନ୍ନକ୍ଷମ ଓ ଅଭିଭାବକ ସଂଘ ଏବଂ ରାଷ୍ଟ୍ରୀୟ ଭିନ୍ନକ୍ଷମ ଅଭିଭାବକ ସଂଘ ପରିବାର ବାଙ୍ଗାଲୋର ସହାୟତାରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସୁବର୍ଣ୍ଣପୁର ଜିଲା ଭିନ୍ନକ୍ଷମ ଓ ଅଭିଭାବକ ସଂଘ ତଥା ପୂର୍ବାଞ୍ଚଳ ଆଞ୍ଚଳିକ କୋନର ସମ୍ପାଦକ ଗୌରୀଶ୍ୟାମ ପଣ୍ଡା ଯୋଗଦେଇ ମାନସିକ ଓ ବୌଦ୍ଧିକ ଭିନ୍ନକ୍ଷମମାନେ ଜୀବନକୌଶଳ ତଥା ଦୈନନ୍ଦିନ ଜୀବନଚର୍ଯ୍ୟା ସମ୍ପର୍କରେ ତାଲିମପ୍ରାପ୍ତ ହୋଇ କିପରି ସ୍ୱତଃସ୍ଫୁର୍ତ ଭାବେ ଆତ୍ମନିର୍ଭରଶୀଳ ହୋଇ ପାରିବେ ସେଥିପାଇଁ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିବା କହିଥିଲେ । ପରିବାର ଅନୁଷ୍ଠାନ ଦ୍ୱାରା ପ୍ରସ୍ତୁତ ହୋଇଥିବା ତାଲିମ ଖସଡା ପୁସ୍ତିକା ସମ୍ପର୍କରେ ରେଆରର ସମ୍ପାଦକ ଆଶୁତୋଷ ହୋତା ନିଜର ମତ ଦେଇ ସକ୍ରିୟ ଓ ମୂଲ୍ୟବୋଧଭିତ୍ତିକ ତାଲିମ ପାଇଁ ଏହା ଉପାଦେୟ ବୋଲି କହିଥିଲେ। କାର୍ଯ୍ୟକ୍ରମ ସଂଯୋଜକ ଅନଙ୍ଗ ନେଗୀ ପରିବାରର ଅଭ୍ୟୁଦୟ, ସ୍ୱୟଂ ଓକିଲାତି ସଂଗଠନର ଉତ୍ପତ୍ତି ତଥା ଅଭିଭାବକ ଓ ମେଣ୍ଟରମାନଙ୍କ ଭୂମିକା ଓ ତାଲିମ ପ୍ରଣାଳୀ ସମ୍ପର୍କରେ ଆଲୋଚନା କରିଥିଲେ। ନିଜସ୍ୱ ସଚେତନତା, ନୂତନତାର ପରିପ୍ରକାଶ, ଉତ୍ତମ ସମ୍ପର୍କ ଓ ଯୋଗାଯୋଗ ତଥା ସମବେଦନା ଭଳି କୌଶଳକୁ କିଭଳି ଭାବେ ୧୪ଟି ପର୍ଯ୍ୟାୟରେ ତାଲିମ ଦିଆ ଯାଇପାରିବ ସେ ସମ୍ପର୍କରେ ଉପସ୍ଥାପନ ସହ ଦଳଗତ ଆଲୋଚନା କରିଥିଲେ। ଏହି ତାଲିମ କାର୍ଯ୍ୟକ୍ରମରେ ବଲାଙ୍ଗୀର ଜିଲାର ଆଶ୍ରା, ରେଡକ୍ରସ ଭିନ୍ନକ୍ଷମ ବିଦ୍ୟାଳୟ ସଇଁନ୍ତଳା, ଏସାଶ୍ରୋ ବୌଦ୍ଧ ଓ ଶାରୀରିକ ଭିନ୍ନକ୍ଷମ ବିଦ୍ୟାଳୟ ବରଗଡର ମେଣ୍ଟର ଓ ସ୍ୱେଚ୍ଛାସେବୀମାନେ ଯୋଗ ଦେଇଥିଲେ। ସୁଦାମ ଗାଇଗରିଆ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିବା ବେଳେ ମେଣ୍ଟର ପୁଷ୍ପାଞ୍ଜଳି ବାଘ ଧନ୍ୟବାଦ ପ୍ରଦାନ କରିଥିଲେ।

ମୁଖ୍ୟ ଅତିଥି ଜଣେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି।

Odisha State Disaster Management Authority
(A Govt. of Odisha Agency)
Rajiv Bhawan, 9th Floor, Unit-5, Bhubaneswar-751015
Phone : 0674-2395398/ 2395531, Fax : 0674-2391871
Website : www.osdma.org
Quotation Call Notice No. 4755/OSDMA
Request for Proposals (RFP) are invited from the eligible firms/ companies for selection of a software development agency for re-design, development and maintenance of OSDMA web-portal. The details can be found in OSDMA website (tender section) (www.osdma.org)
24007/11/0012/1819 **Sd./- Managing Director**
No.69-F

+PILES CLINIC+
Near Budheswari Temple, ମହ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

ବିଜ୍ଞାନ ପ୍ରଦର୍ଶନୀରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଉମେଶ ମେହେରଙ୍କୁ ପୁରସ୍କୃତ କରାଯାଉଛି।

No 1 Clinic in India for Sexual Treatment
Lady Doctors are available for Ladies
For Best results Consult Physically
ସହବାସରେ ସମସ୍ୟା | ଶିଥିଳତା
ଧାତୁ ପତଳା | ଶିଘ୍ର ପତନ
ପରିସ୍ରାରେ ଧାତୁ | ସ୍ୱପ୍ନଦୋଷ
ଯୌନାଙ୍ଗରେ ଘା | ସ୍ତ୍ରୀ ରୋଗ
ଗୋପନରେ ମଦ ଛଡାନ୍ତୁ
PUSHPA CLINIC (P) LTD.
www.pushpaclinic.com
ପୁରୁଷାଙ୍ଗ ଶିଥିଳତା ଓ ଶିଘ୍ରପତନ ଦୂରକରିବା ପାଇଁ ପୁଷ୍ପାକ୍ଲିନିକ୍‌ର ଆୟୁର୍ବେଦୀୟ ଚିକିତ୍ସା ଅତୁଳନୀୟ | ସବୁଦିନ ସକାଳ ୯ଟାରୁ ରାତ୍ର ୮ଟା
A- 41, BDA Duplex Colony, Baramunda, Bhubaneswar - 3 | BALASORE 9437147000
BBSR 0674- 2354320, 9437143000, 9437138000 | ANGUL 9437146000
ସୂଚନା : ଅନୁଗୋଳ ଓ ବାଲେଶ୍ୱର ବ୍ୟତିତ ଅନ୍ୟ କୌଣସି ଜାଗାରେ ଆମର କୌଣସି ଶାଖା କ୍ଲିନିକ୍ ନାହିଁ ।

■ ବୀରମହାରାଜପୁର କଲେଜରେ ବିଜ୍ଞାନ ପ୍ରଦର୍ଶନୀ

ପ୍ରକଳ୍ପ ପ୍ରଦର୍ଶନ କଲେ ଛାତ୍ରୀଛାତ୍ର

ବୀରମହାରାଜପୁର, ୧୦।୧୧(ଡି.ଏନ୍.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର କଲେଜ ବିଜ୍ଞାନ ବିଭାଗ ଆନୁକୂଲ୍ୟରେ ଏକଦିବସୀୟ ବିଜ୍ଞାନ ପ୍ରଦର୍ଶନୀ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ପ୍ରଦର୍ଶନୀରେ ଅଞ୍ଚଳର ବିଭିନ୍ନ ସରକାରୀ ଓ ବେସରକାରୀ ହାଇସ୍କୁଲ, ଶିଶୁ ବିଦ୍ୟାମନ୍ଦିର ତଥା ହାଇସ୍କୁଲସ୍ତରୀୟ ଘରୋଇ ଶିକ୍ଷା ଅନୁଷ୍ଠାନର ପ୍ରତିଯୋଗୀମାନେ ଅଂଶଗ୍ରହଣ କରି ସ୍ୱପ୍ରସ୍ତୁତ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ବିଜ୍ଞାନ ତଥା ବୈଷୟିକ ଶିକ୍ଷା ପ୍ରତି ଛାତ୍ରୀଛାତ୍ରମାନଙ୍କ ଆଗ୍ରହ ଏବଂ ଏ ଦିଗରେ ବିଶେଷ ଜ୍ଞାନ ଆହୋରଣ ନିମନ୍ତେ ଉକ୍ତ କାର୍ଯ୍ୟକ୍ରମ ଉଦ୍ଦିଷ୍ଟ ଥିଲା। ସୁବର୍ଣ୍ଣପୁର ଜିଲା ଉଚ୍ଚଶିକ୍ଷା ପରାମର୍ଶଦାତା ଡ. ପ୍ରଫୁଲ୍ଲ କୁମାର ରଥ ବିଜ୍ଞାନ ପ୍ରଦର୍ଶନୀର ଶୁଭ ଉଦ୍‌ଘାଟନ କରିବା ସହିତ ଏହି ଉପଲକ୍ଷେ ଆୟୋଜିତ ସ୍ୱତନ୍ତ୍ର ସମାବେଶରେ ଉଦ୍‌ବୋଧନ ଦେଇଥିଲେ। କଲେଜ ଅଧ୍ୟକ୍ଷ ମୁରଲୀଧର ହୋତା ଉଦ୍‌ଘାଟନୀ ସମାରୋହରେ ପୌରୋହିତ୍ୟ କରିଥିଲେ। କାର୍ଯ୍ୟକ୍ରମର ସଂଯୋଜକ ଉଦ୍ଭିଦ ବିଜ୍ଞାନ ଅଧ୍ୟାପକ ମାଧବ ପଧାନ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଏଥିରେ ଉଦ୍ଭିଦ ବିଜ୍ଞାନ ବିଭାଗୀୟ ମୁଖ୍ୟ ସୁଦାମ ଚରଣ ସାହୁ ମଞ୍ଚାସୀନ ଥିଲେ। ଅଧ୍ୟାପିକା ରାଜଶ୍ରୀ କର, ଅଧ୍ୟାପକ ବିରଞ୍ଚି ନାରାୟଣ ମିଶ୍ର ଓ ଅଧ୍ୟାପିକା ସୀମାରାଣୀ ବେଦବାକଙ୍କୁ ନେଇ ଗଠିତ ବିଚାରକ ମଣ୍ଡଳୀ ପ୍ରଦର୍ଶିତ ପ୍ରକଳ୍ପର ମୂଲ୍ୟାୟନ କରିଥିଲେ। ପ୍ରଦର୍ଶନୀ ଶେଷରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ୩କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହିକ୍ରମରେ ଆସ୍ଥା ଆବାସିକ ଶିକ୍ଷାନୁଷ୍ଠାନର ଛାତ୍ର ଉମେଶ ମେହେର ପ୍ରଥମ, ବୀରମହାରାଜପୁର ସରସ୍ୱତୀ ବିଦ୍ୟାମନ୍ଦିରର ଛାତ୍ର ଅବିନାଶ ପୂଜାହାରୀ ଦ୍ୱିତୀୟ ଏବଂ ବୀରମହାରାଜପୁର ସରକାରୀ ହାଇସ୍କୁଲର ଛାତ୍ର ଆନନ୍ଦ ମେହେର ତୃତୀୟ ସ୍ଥାନ ଅଧିକାର କରି ଅତିଥିଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲେ। ଶେଷବର୍ଷ ବିଜ୍ଞାନ ଛାତ୍ର ସଦାଶିବ ଚାନ୍ଦଙ୍କ ସଂଯୋଜନା ଓ ଧନ୍ୟବାଦ ଅର୍ପଣ ମଧ୍ୟରେ ସମାପିତ ଉଦ୍‌ଯାପନୀ ପର୍ବରେ ବିଜ୍ଞାନ ପ୍ରଦର୍ଶନୀର ଅନ୍ୟତମ ସଂଯୋଜକ ରସାୟନ ବିଜ୍ଞାନ ଅଧ୍ୟାପକ ଜିତେନ୍ଦ୍ର କୁମାର ସାହୁଙ୍କ ସମେତ ବିଭାଗର ସମସ୍ତ ଅଧ୍ୟାପିକା,ଅଧ୍ୟାପକ ଉପସ୍ଥିତ ଥିଲେ।

ଶିଳ୍ପ ସଚେତନତା କାର୍ଯ୍ୟକ୍ରମ

ବୀରମହାରାଜପୁର, ୧୦।୧୧ (ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଶିଳ୍ପକେନ୍ଦ୍ର ଆନୁକୂଲ୍ୟରେ ଏକ ଶିଳ୍ପ ସଚେତନତା କାର୍ଯ୍ୟକ୍ରମ ବୀରମହାରାଜପୁରଠାରେ ଅନୁଷ୍ଠିତ ହୋଇଯାଇଛି । ଡିଆଇସିର ଜେନେରାଲ ମ୍ୟାନେଜର ବଳଭଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମର ଶୁଭ ଉଦ୍‌ଘାଟନ କରିଥିଲେ ସ୍ଥାନୀୟ ପଞ୍ଚାୟତ ସମିତି ଅଧ୍ୟକ୍ଷ ସନ୍ତୋଷ କୁମାର ଭୋଇ। ଏହି ଅବସରରେ ଶିଳ୍ପାୟନର ବିକାଶରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗର ଭୂମିକା ସମ୍ପର୍କିତ ଆଲୋଚନାଚକ୍ରର ଆୟୋଜନ କରାଯାଇଥିଲା। ଜିଲାରେ ଏଭଳି ଉଦ୍ୟୋଗ ସୃଷ୍ଟି କରିବା ପାଇଁ ପର୍ଯ୍ୟାପ୍ତ ସୁବିଧା ରହିଥିବାରୁ ବେକାର ଯୁବତୀଯୁବକମାନଙ୍କୁ ଏ ଦିଗରେ ମନୋନିବେଶ କରିବା ପାଇଁ ଜେନେରାଲ ମ୍ୟାନେଜର ନାୟକ ପ୍ରବର୍ତ୍ତାଇଥିଲେ। ସମ୍ମାନୀତ ଅତିଥିଭାବେ ଲିଡ ବ୍ୟାଙ୍କ ମ୍ୟାନେଜର ସରୋଜ କୁମାର ଦାସ ଯୋଗଦେଇ ଉଦ୍ୟୋଗୀମାନେ କିଭଳି ସରକାରଙ୍କ ବିଭିନ୍ନ ଯୋଜନା ମାଧ୍ୟମରେ ବ୍ୟାଙ୍କ ଋଣ ପାଇବା ସହିତ ଶିଳ୍ପାୟନର ବିକାଶରେ ସାମିଲ ହୋଇ ପାରିବେ ବୁଝାଇଥିଲେ। ଭାରତୀୟ ଷ୍ଟେଟବ୍ୟାଙ୍କ ବୀରମହାରାଜପୁର ଶାଖା ପରିଚାଳକ ବିଦ୍ୟାଧର ସାହୁ ଓ ବିପିଏସ ସ୍ୱପ୍ନା ପୂଜାରୀ ମଧ୍ୟ ଅନ୍ୟତମ ସମ୍ମାନୀତ ଅତିଥିଭାବେ ଯୋଗଦେଇ ଉଦ୍ୟୋଗୀମାନଙ୍କ ସକାଶେ ଉପଲବ୍ଧ ହେଉଥିବା ବ୍ୟାଙ୍କ ସହାୟତା ଏବଂ ଜୀବିକା ମିଶନ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ସଫଳ ଉଦ୍ୟୋଗୀ ସତ୍ୟମୋହନ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିଳ୍ପ ବିକାଶ ଅଧିକାରୀ ଦେବାଶିଷ ମିଶ୍ର ସମଗ୍ର କାର୍ଯ୍ୟକ୍ରମର ସଂଯୋଜନା ଓ ଗୋପବନ୍ଧୁ ପ୍ରଧାନ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ମୈତ୍ରୀସଦନଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶତାଧିକ ଯୁବତୀଯୁବକ ଅଂଶଗ୍ରହଣ କରିଥିଲେ ।

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

TARIFF — MORE SPACE • SAME PRICE (*GST 5% Extra)

For Single Day		For 7 Days		For 15 Days		For 30Days	
6×4	12×4	6×4	12×4	6×4	12×4	6×4	12×4
1,500.00	2,000.00	6,000.00	12,000.00	12,000.00	25,000.00	20,000.00	40,000.00

Get Instant Cash against Gold, Sell Your Gold at 100% Market Value
GOLD CASH LTD
(an ISO 9001:2015 Certified Company)
ନିଜ ବନ୍ଧକ ସୁନାକୁ ମୁକୁଲେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ ମୂଲ୍ୟରେ ନେବା ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ୍ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free: 1800-120-3430
Branches: Bhubaneswar, Cuttack, Bhadrak, Rourkela & Berhampur

ସ୍ତ୍ରୀ ଘଣ୍ଟାରେ ୧୦୦% ସମାଧାନ ଘରେ ବସି ଫୋନ ଦ୍ୱାରା
କଣ ଆପଣ ଚିନ୍ତିତ ଅଛନ୍ତି ?
ଜାଣିଲେ ନୁହେଁ ଦେଖାକଲେ କଷ୍ଟ ଦୂରହେବ !
ଆମ ଉପରେ ଆପଣଙ୍କର ଜାଣେଇ ଦେବା ଓ ଦିଶା ଦେଖାଇବା ଛଡା ଆପଣ କାମ ନହେଲେ ପଇସା ଫେରନ୍ତି ! Time - 10 am to 6 pm
ମନବାଞ୍ଛା ବିବାହ, ବ୍ୟବସାୟ, ଲୁହକ୍ଲେଶ, ବିଦ୍ୟା କରାଯା, ବିବାହରେ ବାଧା, ସନ୍ତାନୁଣୀ ଓ ଶତ୍ରୁ ମୁକ୍ତି, ରୋଗରେ ଔଷଧ ନ ଧରିବା, ବ୍ୟାରିଅରରେ ଅସଫଳତା, ବଶୀକରଣ, ମୁଠକରଣୀ, ଯାଦୁଟୋଣା, ଭୂତପ୍ରେତ ଆଦି ଜଟିଳ ଭୂ ଜଟିଳ ସମସ୍ୟାର ସମାଧାନ ।
(ସ୍ପେଶାଲିଷ୍ଟ- ବଶୀକରଣ, ମୁଠକରଣୀ ଏବଂ କଳାଯାଦୁ)
ଯଦି ଆପଣଙ୍କର ଜ୍ୟୋତିଷ ଓ ପଣ୍ଡିତଙ୍କ ଉପରୁ ଭରସା ଉଠିଯାଇଛି ତାହେଲେ ତୁରନ୍ତ ଫୋନ୍ କରନ୍ତୁ
ଯଦି ଆପଣଙ୍କର ପତି ପ୍ରେମୀ, କିମ୍ବା ପୁଅ ବଶରେ ଅଛନ୍ତି ତାହେଲେ ତୁରନ୍ତ ଫୋନ୍ କରନ୍ତୁ
ବାବା ରହେମାନ୍ ଖାନ ବଙ୍ଗାଳୀ
7065430524
9599270336

BUSINESS
ଖାଲିଥିବା ଜମି ଓ ଛାତ ଉପରେ ସିଂଘାନିୟା ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ର

ଲକ୍ଷ୍ମୀ ଚଞ୍ଚଳ। ପ୍ରାଣ, ଜୀବନ, ଶରୀର ସବୁକିଛି ଚଞ୍ଚଳ ଓ ବିନାଶଶୀଳ। ସଂସାର ରେ କେବଳ ଧର୍ମ ହିଁ ନିଶ୍ଚଳ ଓ ସ୍ଥିର।
- ଚାଣକ୍ୟ

ସଂକ୍ଷେପରେ

କାଳୀପୂଜାରେ ଜୁଗାର ଯାତ୍ରା

ବରଗଡ଼ ଅଫିସ୍,୧୦।୧୧: ବରଗଡ଼ ଜିଲା ସୋହେଲା ବ୍ଲକ ଅନ୍ତର୍ଗତ ଝର ଗ୍ରାମରେ କାଳୀପୂଜା ଅବସରରେ ଶୁକ୍ରବାର ଜୁଗାର ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏଥିରେ ସମ୍ବଲପୁର, ବୌଦ, ଛତିଶଗଡ଼, ଟିଟିଲାଗଡ଼, ବରଗଡ଼, ବମ୍ଭା, ପାଇକମାଳ, ଝାରବନ୍ଧ, ବିଜେପୁର, ଆଗଲପୁର ଆଦି ସ୍ଥାନରୁ ଶ୍ରଦ୍ଧାଳୁମାନେ ମାନସିକ ଜୁଗାର ଶୋଭାଯାତ୍ରାରେ ସାମିଲ ହୋଇଥିଲେ । ୨୧ଖଣ୍ଡି ଖଇ ଏବଂ ୧୦୦୮ ନଡ଼ିଆରେ ତିଆରି ସୁଉଚ୍ଚ ଜୁଗାର ମାଁଙ୍କଠାରେ ଭୋଗ ଲାଗିବା ମୁଖ୍ୟ ଆକର୍ଷଣ ଥିଲା । ଭାଜପା ନେତା ସୁଶାନ୍ତ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ପଣ୍ଡିତ ସିଦ୍ଧେଶ୍ୱର ସାବତ, ହିମାଂଶୁ ପଣ୍ଡା ପୂଜାକାର୍ଯ୍ୟ ତୁଲାଇଥିଲେ ।

କାଳୀପୂଜା: ଚଣ୍ଡ, ମୁଣ୍ଡ ହେଲେ ନିହତ

ଭେଡ଼େନ,୧୦।୧୧(ଡ଼ି.ଏନ.ଏ): ଭେଡ଼େନ ବ୍ଲକ ଜାଣ୍ଡୋଲଠାରେ କାଳୀପୂଜା ଅବସରରେ ଚାଲିଥିବା ମହିଷାସୁର ରାଜ କାର୍ଯ୍ୟକ୍ରମର ଶନିବାର ଥିଲା ଦ୍ୱିତୀୟ ଦିବସ । ଏହି ସନ୍ଧ୍ୟାରେ ରାଜ ଦରବାରରେ ହୋଇଥିବା ନାଟ୍ୟାଭିନୟରେ ଦେବଗଣଙ୍କ ସମ୍ମିଳିତ ଶକ୍ତି ବଳରେ ଦୁର୍ଗାଙ୍କ ଆବିର୍ଭୂତା ବାର୍ତ୍ତା ପାଇଁ ମହିଷାସୁର ତାଙ୍କ ନିକଟକୁ ଚଣ୍ଡ ଓ ମୁଣ୍ଡଙ୍କୁ କରିଛି ପ୍ରେରଣ । ମାତା ଦୁର୍ଗା ନିଜସ୍ୱ ସମର କୌଶଳରେ ବଧ କରିଛନ୍ତି ଉଭୟ ଦୈତ୍ୟଙ୍କୁ। ଏହି ଶୋକ ବାର୍ତ୍ତା ପାଇ ଦୁଃଖ ଏବଂ କ୍ରୋଧରେ ମହିଷାସୁର କରିଛନ୍ତି ଦୁର୍ଗାଙ୍କୁ ନିଜର କରିବା ପାଇଁ ଉପାୟ ଚିନ୍ତନ । ରାଜ ଦରବାରରେ ବୟନ ଶିଳ୍ପ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ ରାଜ ଅତିଥି ଭାବେ ଯୋଗ ଦେଇଥିଲେ। ଶୁକ୍ରବାର ଭାଜପା ଜିଲା ସଭାପତି ଅରୂପାନନ୍ଦ ସାହୁ, ଡ଼ି. ମୁରଲିକ୍ରାଷ୍ଣା ରାଜ ଅତିଥି ଭାବେ ଯୋଗ ଦେଇଥିଲେ ।

ଗିରିଗୋର୍ବଦ୍ଧନ ପୂଜା

ପାଇକମାଳ, ୧୦।୧୧(ଡି.ଏନ.ଏ): ପାଇକମାଳର ନୃସିଂହନାଥ ସମଲେଶ୍ୱରୀ ମନ୍ଦିର ପରିସରରେ ତିନି ଦିନ ଧରି ଚାଲିଥିବା ଗୋବର୍ଦ୍ଧନ ପୂଜା ଶୁକ୍ରବାର ଉଦଯାପିତ ହୋଇଯାଇଛି। ଏଥିରେ ଝାରବନ୍ଧ ଓ ପାଇକମାଳ ବ୍ଲକର ଯାଦବ ସମାଜର ଶତାଧିକ ମହିଳା ପୁରୁଷ ଏକତ୍ରିତ ହୋଇଥିଲେ । ବୁଧୁବାର ମହିଳାମାନେ ଜଳପୂର୍ଣ୍ଣ କଳସ ଆଣି ମନ୍ଦିର ପୀଠରେ ସ୍ଥାପନ କରିଥିଲେ। ବସନ୍ତ ଥପା ଏବଂ ତାଙ୍କ ସ୍ତ୍ରୀ କୁନ୍ତୀ ଥପା କର୍ତ୍ତା ଦାୟିତ୍ୱ ତୁଲାଇଥିଲେ । ଏହି ଅବସରରେ ସଂକ୍ରି ଓ ପଥରେଲ ଗ୍ରାମର ଦୁଇଟି ଦଳ ବାଡି ଖେଳ ଦେଖାଇଥିଲେ। ରାତ୍ରରେ ସଂକ୍ରି ଗ୍ରାମର ପାଲା ପରିବେଷଣ କରାଯାଇଥିଲା। ଶୁକ୍ରବାର ପୂର୍ଣ୍ଣାହୁତି ପରେ କମିଟି ସଭାପତି ଭିକ ବାଗଙ୍କ ଅଧକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ହରିଶ୍ଚନ୍ଦ୍ର ହଂସ ଧନ୍ୟବାଦ ଅର୍ପଣ କରିଥିଲେ ।

ସତ୍ୟସାଇ ଆଇଟି କର୍ମଶାଳା

ଜାମଟିକ୍ରା, ୧୦।୧୧ (ଡି.ଏନ.ଏ): ଅତାବିରା ସାଇ ମନ୍ଦିର ପ୍ରାଙ୍ଗଣରେ ଶନିବାର ଦିନ ଜିଲାସ୍ତରୀୟ ସତ୍ୟସାଇ ଆଇଟି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ଡ. ନିସିତ କୁମାର ମହାପାତ୍ରଙ୍କ ଅଧକ୍ଷତାରେ ଏହି କର୍ମଶାଳାରେ ରାଜ୍ୟ ଆଇଟି କାଉନସିଲର ମେମ୍ବର ବିମଳ ଧର ପ୍ରଶିକ୍ଷିକ ଭାବେ ଯୋଗଦେଇ ସୂଚନା ଓ ପ୍ରଯୁକ୍ତି ବିଦ୍ୟାର ଉପଯୋଗ ବିଷୟରେ ପ୍ରଶିକ୍ଷଣ ଦେଇଥିଲେ । ଜିଲାର ୬ଟି ସମିତିର ୧୨ଜଣ ଓ ୨୫ଟି ଭଜନ ମଣ୍ଡଳୀର ୨୫ଜଣ ଯୋଗଦାନ କରିଥିଲେ । ସୁଜାତା ପଣ୍ଡା, ଧର୍ମେନ୍ଦ୍ର ବାଗ, ନରୋତ୍ତମ ମହାନ୍ତି, ଆଲୋକ ସାହୁ, ପ୍ରକାଶ ଦାଶ, ସନ୍ତୋଷ ପାଢ଼ୀ ପ୍ରମୁଖ ଏହି କର୍ମଶାଳାରେ ସକ୍ରିୟ ଭାବେ ଅଂଶ ଗ୍ରହଣ କରିଥିଲେ । ଅତାବିରା ସତ୍ୟସାଇ ସମିତି ଏହି କର୍ମଶାଳାର ଆୟୋଜନ କରିଥିଲେ । ବରଗଡ ଜିଲାର ୧୨ ବ୍ଲକର ସତ୍ୟସାଇ ଭକ୍ତମାନେ ଯୋଗଦେଇଥିଲେ ।

ସାମାଜିକ କର୍ମୀଙ୍କ ପରଲୋକ

ଜାମଟିକ୍ରା, ୧୦।୧୧ (ଡି.ଏନ.ଏ): ଅତାବିରା ବ୍ଲକ ଜାମଟିକ୍ରା ଗ୍ରାମର ସାମାଜିକ କର୍ମୀ ପଞ୍ଚାନନ ପଧାନ (୪୮)ଙ୍କ ଗତ ଶୁକ୍ରବାର ରାତିରେ ବୁର୍ଲା ମେଡିକାଲରେ ପରଲୋକ ହୋଇଛି। ତାଙ୍କ ପରଲୋକରେ ଜାମଟିକ୍ରା ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ପୁତ୍ର ଗୋପାଳ ପଧାନ ମୁଖାଗ୍ନି ଦେଇଥିଲେ ।

ବେପରୁଆ ଗାଡ଼ି ଚାଳନାରୁ ଦୁର୍ଘଟଣା

ଏମାନେ ଯାହା କୁହନ୍ତି...

ବେପରୁଆ ଗାଡି ଚାଳନା ଯୋଗୁ ସହରରେ ଦୁର୍ଘଟଣା ବୃଦ୍ଧି ପାଉଛି। ବର୍ତ୍ତମାନ ଏହା ଏକ ପ୍ରମୁଖ ସମସ୍ୟା । ସ୍ଥାନୀୟ ପୋଲିସ ସବୁ ଅନୁଷ୍ଠାନକୁ ନେଇ ଆଲୋଚନା କରି ପଦକ୍ଷେପ ନେବା ଉଚିତ ।
-ମେଜର ଚିତ୍ତରଞ୍ଜନ ଦାଶ, ଲାୟନ୍ସ କ୍ଲବ

ରାସ୍ତାରେ ଗାଡି ଦୀର୍ଘ ସମୟ ଅଟକି ରହୁଥିବା ବେଳେ ଟ୍ରାଫିକ ଜାମ୍ ହୋଇଯାଏ । ଏହି ଭିଡ ମଧ୍ୟରେ ନାବାଳକମାନଙ୍କ ବେପରୁଆ ଚାଳନା ଯୋଗୁ ଦୁର୍ଘଟଣା ଘଟୁଛି । ସ୍ଥାନୀୟ ପୋଲିସ ପଦକ୍ଷେପ ଗ୍ରହଣ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ।
-ଇଂ. ହରିଶ କୁମାର ମିଶ୍ର, ପଦ୍ମପୁର

ଗତ ୭ ତାରିଖରେ ଭେଉଁରିଆ ଛକ ପାଖରେ ଜଣେ ନିଶାଖୋର ବାଇକ ଚାଳକ ମୋ ଗାଡିକୁ ଧକ୍କା ଦେଲା। ମୁଁ ଗୁରୁତର ହୋଇ ବର୍ତ୍ତମାନ ମଧ୍ୟ ଶଯ୍ୟାଶାୟୀ । ଏ ଦିଗରେ ପୋଲିସ ଡ୍ରାଇଭିଂ ଲାଇସେନ୍ସ ଯାଞ୍ଚକୁ କଡାକଡି କରିବା ଉଚିତ ।
-ସୁଶାନ୍ତ କୁମାର ଯୋଶୀ, ଶିକ୍ଷକ

ଟ୍ରାଫିକ ସଚେତନତା କରିବା କେବଳ ପୋଲିସର କାମ ନୁହେଁ । ଏ ଦିଗରେ ଜନସାଧାରଣଙ୍କ ସମାନ ସହଯୋଗ ଦରକାର । ବିନା ନମ୍ବର ବାଇକ, ଦ୍ରୁତ ଚାଳନା ରୋକିବା ପାଇଁ ବରିଷ୍ଠ ନାଗରିକଙ୍କ ଏକ ବୈଠକ ଖୁବଶୀଘ୍ର ଡକାଯିବ ।
-ଲକ୍ଷ୍ମୀନାରାୟଣ ପଣ୍ଡା, ଏସ୍‌ଡିପିଓ

ପଦ୍ମପୁର, ୧୦।୧୧ (ଡି.ଏନ.ଏ)

ବରଗଡ଼ ଜିଲା ପଦ୍ମପୁର ସହରର ରୂପ ଦିନକୁ ଦିନ ବଦଳିବାରେ ଲାଗିଛି । ଏହି ସହର ଦେଇ ନୂତନ ଭାବେ ବିଜୁ ଏକ୍ସପ୍ରେସ ୱେ ନିର୍ମାଣ ସାଙ୍ଗକୁ ପ୍ରଶସ୍ତ ରାସ୍ତା ଯାଇଛି । ଉତ୍ତମ ଆଲୋକ ବ୍ୟବସ୍ଥା ସହରକୁ ନୂତନ ରୂପ ଦେଇଛି । ମାତ୍ର ରାସ୍ତା ପ୍ରଶସ୍ତ ସତ୍ତ୍ୱେ ଦିନକୁ ଦିନ ଦ୍ରୁତ ବାଇକ୍ ଚାଳନା ଯୋଗୁ ଦୁର୍ଘଟଣା ବୃଦ୍ଧି ପାଇବାରେ ଲାଗିଛି । ଏଠାକାର କେତେକ ନାବାଳକ ଭିଡ ବଜାରରେ ଦ୍ରୁତଗତିରେ ଗାଡି ଚଳାଇବା ଅଭ୍ୟାସରେ ପରିଣତ ହୋଇଛି । ବେପରୁଆ ଗାଡି ଚାଳନା ଏତେ ମାତ୍ରାରେ ବୃଦ୍ଧି ପାଇଛି ଯେ, ରାସ୍ତାରେ ପାଦ ଦେଲା ମାତ୍ରକେ ବିପଦର ସାମ୍ନା କରିବା କିଛିବଡ କଥା ନୁହେଁ । ଗତ ୧ ତାରିଖରୁ ଅଦ୍ୟାବଧି ସହର ଭିତରେ ୭ରୁ ଅଧିକ ଦୁର୍ଘଟଣା ଘଟିଥିବା ସୂଚନା ମିଳିଛି । ଥାନା ଛକ ଠାରୁ ଆରମ୍ଭ କରି ଭେଉଁରିଆ ଛକ, ନେହେରୁଗଳି ଛକ, କଚେରି ଛକ ଓ ସିନେମା ହଲ ଛକ ପାଖରେ ଟ୍ରାଫିକ ସମସ୍ୟା ଉତ୍କଟ ହୋଇଛି । ସହରରେ ଗାଡି ସଂଖ୍ୟା ବୃଦ୍ଧି ସହ କମ୍ ବୟସ୍କ ପିଲାମାନେ ନିଶାଦ୍ରବ୍ୟ ସେବନ କରି ଗାଡି ଚଳାଇବା ଯୋଗୁ ଦୁର୍ଘଟଣା ଘଟୁଥିବା ଜଣାପଡିଛି । ସେହିପରି ଗୋଟିଏ ବାଇକ୍‌ରେ ତିନି ଜଣ ସବାର ହୋଇ ମଲ୍‌ଟି ଟ୍ୟୁନିଙ୍ଗ ହର୍ଣ୍ଣ ବ୍ୟବହାର କରି ଗାଡି ଚଳାଉଥିବାରୁ ଦୁର୍ଘଟଣା ସହ ଶବ୍ଦ ପ୍ରଦୂଷଣ ବୃଦ୍ଧି ପାଉଛି । ପୋଲିସ କେବଳ ହେଲମେଟ ଚେକିଂ କରି ଜରିମାନା ଆଦାୟ ନ କରି କମ୍ ବୟସ୍କ ଗାଡି ଚାଳକଙ୍କ ଡ୍ରାଇଭିଂ ଲାଇସେନ୍ସ ଚେକିଂ କଡାକଡି କରିବା ନେଇ ମତପ୍ରକାଶ ପାଇଛି । ଟ୍ରାଫିକ ସଚେତନତା କେବଳ ସ୍ଲୋଗାନରେ ସୀମିତ ରହୁଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି ।

ରବିଧାନ ଫସଲ ପାଇଁ ପହ୍ଲାଘାରି ପ୍ରସ୍ତୁତି

ଚାଷୀମାନେ ବିଲରେ ଧାନ ପହ୍ଲା ପ୍ରସ୍ତୁତି କରୁଛନ୍ତି ।

ଅତାବିରା, ୧୦।୧୧ (ଡି.ଏନ.ଏ)

ଅତାବିରା ବିଧାନସଭା ନିର୍ବାଚନ ମଣ୍ଡଳୀ ଅଧୀନ ଗୋଡଭଗା-ଡୁରୁମ ୫୪ ନମ୍ବର ରାଜ୍ୟ ରାଜପଥର ବଇପୁର ରାସ୍ତା ପାର୍ଶ୍ୱରେ ରବିଧାନ ଫସଲ ପାଇଁ ଚାଷୀମାନେ ପହ୍ଲାଘାରି ପ୍ରସ୍ତୁତି କରୁଥିବା ଦେଖିବାକୁ ମିଳିଛି । ଚାଷୀମାନେ ଖରିଫ ଧାନ ଫସଲ ଅମଳ କରୁଥିବା ବେଳେ ଅଗ୍ରଣୀ ଚାଷୀ ସମିର ଦେହୁରୀ ରବିଧାନ ଫସଲ ପାଇଁ ପହ୍ଲାଘାରି ପ୍ରସ୍ତୁତ କରି ବିହନ ବୁଣିଛନ୍ତି ।

ଜାମଟିକ୍ରାରେ ଗିରିଗୋବର୍ଦ୍ଧନ ପୂଜା

ଜାମଟିକ୍ରା, ୧୦।୧୧ (ଡି.ଏନ.ଏ)

ଅତାବିରା ବ୍ଲକ ଜାମଟିକ୍ରା ଗ୍ରାମରେ ଶୁକ୍ରବାର ଗିରିଗୋବର୍ଦ୍ଧନ ପୂଜା ପାଳିତ ହୋଇଛି। ପୂଜା ମଣ୍ଡପକୁ ଆଲୋକମାଳାରେ ସଜ୍ଜିତ କରାଯାଇଥିଲା ଏବଂ ସୁନ୍ଦର ସୁନ୍ଦର ତୋରଣ ନିର୍ମାଣ କରାଯାଇଥିଲା । ପଣ୍ଡିତ ପ୍ରଦ୍ୟୁଷ୍ନ ରଥ ପୂଜାକାର୍ଯ୍ୟ କରିଥିବା ବେଳେ ଗୌରୀ ଠାଠୀ ଓ ତାଙ୍କ ସ୍ତ୍ରୀ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ । ପ୍ରହଲ୍ଲାଦ କର୍ଣ୍ଣ, ପ୍ରମୋଦ ନାଗ, ଟିଟୁ ନାଗ, ଅକ୍ଷୟ ଡାଙ୍ଗ, ସୁନୀଲ ଦୀପ, ଅଜୟ କଠାର, ଈଶ୍ୱର ମହାକୁର ପ୍ରମୁଖ ପୂଜା ପରିଚାଳନା କରିଥିଲେ । ଶନିବାର ଭସାଣି କାର୍ଯ୍ୟକ୍ରମ ହୋଇଥିଲା । ସନ୍ଧ୍ୟାରେ ସଂକୀର୍ତ୍ତନ ଓ ରାତିରେ ଅପେରା ମଞ୍ଚସ୍ଥ ହୋଇଥିଲା । ଏଥିରେ ଆଖପାଖ ଅଞ୍ଚଳରୁ ଶତାଧିକ ଦର୍ଶକଙ୍କ ସମାବେଶ ହୋଇଥିଲା ।

ରାଜ୍ୟସ୍ତରକୁ ହକି ଖେଳାଳି ମନୋନୀତ

ସୋହେଲା,୧୦।୧୧(ଡି.ଏନ.ଏ)

ସୋହେଲା ମଧୁପୁର ଖ୍ରୀଷ୍ଟଜ୍ୟୋତି ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ ଶନିବାର ଏକ ଦିବସୀୟ ଜିଲାସ୍ତରୀୟ ବିଦ୍ୟାଳୟ ସମୂହ ୧୭ବର୍ଷରୁ କମ୍ ବର୍ଗର ହକି ପ୍ରତିଯୋଗିତା ଓ ରାଜ୍ୟସ୍ତରୀୟ ପ୍ରତିଯୋଗିତା ପାଇଁ ଖେଳାଳି ଚୟନ ଶିବିର ଅନୁଷ୍ଠିତ ହୋଇଥିଲା। ରାଜ୍ୟସ୍ତରୀୟ ପ୍ରତିଯୋଗିତା ପାଇଁ ଯୋଗ୍ୟତା ଅର୍ଜନ କରିଥିବା ଖେଳାଳି ହେଲେ ଜାଭିଆର ବାର୍ଲା, ସଚିନ ଆଣ୍ଟୋନୀ ବାର୍ଲା, ସରୋଜ ଡୁଙ୍ଗଡୁଙ୍ଗ, ରୁବେନ ଡୁଙ୍ଗଡୁଙ୍ଗ, ପାଉଲୁସ ସୁରିନ, ରତନ ବେଞ୍ଜାମିନ ଜାଡିଆ, ମନୋଜ ଲୁଗୁନ, ଜୋନେସ ଲୁଗୁନ, ଆଲୋକ କୁମାର ଜୋଜୋ, ରାଜେଶ ବାର୍ଲୁ, ବିରାଜ ଲୁଗୁନ, ମୁକୁଟ ଡାଙ୍ଗ, କିଶୋର ସୁରିନ, ସନ୍ଦୀପ କୁଜୁର, ଆର୍ଥାନ ଟିଡୁ ଓ ସଞ୍ଜୀତ ବାର୍ଲା । ପ୍ରତିଯୋଗିତା ପ୍ରାରମ୍ଭରେ ଆୟୋଜକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଅଗସ୍ତି ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଜିଲା ବିଜ୍ଞାନ ନିରୀକ୍ଷକ ମନୋଜ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତା ଉଦଘାଟନ କରିଥିଲେ । ସୋହେଲା ବିଇଓ ହେମସାଗର ମହାନନ୍ଦ, ପୂର୍ବତନ ଭାରପ୍ରାପ୍ତ ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ଗିରିଜା ପ୍ରସାଦ ନାଥ ଏବଂ ସହକାରୀ ଶାରୀରିକ ଶିକ୍ଷା ନିରୀକ୍ଷକ ପ୍ରଶାନ୍ତ କୁମାର ଭୋଇ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ଶେଷରେ ଶିକ୍ଷୟିତ୍ରୀ ଅନ୍ନପୂର୍ଣ୍ଣା ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ । ଖେଳ ଶିକ୍ଷକ ନାଗେଶ୍ୱର ଟପୋ, ଶରତ କୁମାର ଲାକ୍ରା, ବିନୟ ପ୍ରକାଶ କୁଜୁର ଓ ମୀନ କେତନ ପାଣିଗ୍ରାହୀ ଖେଳ ପରିଚାଳନା କରିଥିଲେ ।

ଫୁଟବଲ: ପତ୍ରାପାଲି ବିଜୟୀ

ଭେଡ଼େନ,୧୦।୧୧(ଡ଼ି.ଏନ.ଏ)

ଭେଡ଼େନ ବ୍ଲକ ରେମଣ୍ଡା ଖେଳ ପଡ଼ିଆରେ ଚାଲିଥିବା ଫୁଟବଲ ମହୋତ୍ସବର ଶନିବାର ଅଷ୍ଟମ ଦିବସ ମ୍ୟାଚରେ ପତ୍ରାପାଲି ଆରତି ଏକାଡ଼େମୀ ଦଳ ବିଜୟୀ ହୋଇଛି । ବିଜୟୀ ଦଳ ଜାମଟିକ୍ରାର ବୀର ବଜରଙ୍ଗ କ୍ଲବ ଏକାଦଶକୁ ୨-୦ ଗୋଲ ବ୍ୟବଧାନରେ ପରାସ୍ତ କରିଛି । ବିଜୟୀ ଦଳର ରାହୁଲ ଯୈଶ୍ୱାଲଙ୍କୁ ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କାର ପ୍ରଦାନ କରାଯାଇଥିଲା । ଉଦଯାପନୀ ଉତ୍ସବରେ ଏନଟିପିସି ଅଧିକାରୀ ଜୟନ୍ତ କୁମାର ପଣ୍ଡା ମୁଖ୍ୟଅତିଥି, କୃଷି ବିଭାଗ ନିର୍ବାହୀ ଯନ୍ତ୍ରୀ ନରେନ୍ଦ୍ର କୁମାର ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ । ରବିବାର କ୍ଷୀରାପାଲି ଏବଂ ବୁଗବୁଗା ମଧ୍ୟରେ ମ୍ୟାଚ ହେବ ବୋଲି ଆୟୋଜକଙ୍କ ସୂତ୍ରରୁ ପ୍ରକାଶ ।

ନୋଡାଲସ୍ତରୀୟ କଳା ଉତ୍ସବ ଉଦ୍‌ଯାପିତ

ନୋଡ଼ାଲସ୍ତରୀୟ କଳା ଉତ୍ସବର ଉଦଯାପନୀ ସମାରୋହରେ ମଞ୍ଚାସୀନ ଅତିଥିବୃନ୍ଦ ।

ବରଗଡ଼ ଅଫିସ୍,୧୦।୧୧

ବରଗଡ଼ ବିଜୁ ପଟ୍ଟନାୟକ ଟାଉନ ହଲରେ ଶୁକ୍ରବାର ନୋଡ଼ାଲସ୍ତରୀୟ କଳା ମହୋତ୍ସବ ଉଦ୍‌ଯାପିତ ହୋଇଛି । ଜିଲା ଶିକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜର୍ଜ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଅମୃତା ସାହୁ ଅଧ୍ୟକ୍ଷତା କରିଥିଲ। ଏଥିରେ ବରଗଡ଼ ଡିଇଓ ପ୍ରକାଶ କୁମାର ଯୋଶୀ ମୁଖ୍ୟଅତିଥି ଏବଂ ବିଜେପୁର ବିଇଓ ରାଧାକାନ୍ତ ଗଡ଼ତିଆ, ସୋହେଲା ବିଇଓ ହେମାନନ୍ଦ ମହାନନ୍ଦ, ପ୍ରଧାନଶିକ୍ଷକ ଜ୍ୟୋତିକାନ୍ତ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଜିଲା ବିଜ୍ଞାନ ନିରୀକ୍ଷକ ଡଃ ମନୋଜ କୁମାର ସାହୁ କଳା ଉତ୍ସବର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ । ଉକ୍ତ ଉତ୍ସବରେ ବରଗଡ଼, ବଲାଙ୍ଗୀର, ନୂଆପଡ଼ା, ସୋନପୁର ଏବଂ ସମ୍ବଲପୁର ଜିଲାର ବିଭିନ୍ନ ଶିକ୍ଷାନୁଷ୍ଠାନରୁ ଜିଲାସ୍ତରରୁ ଶ୍ରେଷ୍ଠ ବିବେଚିତ କୃତୀ ଛାତ୍ରୀଛାତ୍ର ଭାଗ ନେଇଥିଲେ । ଏକକ ସଙ୍ଗୀତ, ନୃତ୍ୟ, ଚିତ୍ରାଙ୍କନ, ସ୍କୁଲ ବ୍ୟାଣ୍ଡ ପ୍ରତିଯୋଗିତା ହୋଇଥିଲା । ଗାନ୍ଧୀ ବାରିକ, ଶଙ୍କର ପଟ୍ଟନାୟକ, ନେହେରୁ ବିଶି, ତୁଳାରାମ ମହାନନ୍ଦ, ନବ ମହତ୍ତମ, ରୀନା ଦାଶ, ତପସ୍ୱିନୀ ଗୁରୁ, ବୃନ୍ଦାବନ ମହାରଣା, ଅଶୋକ କୁମାର ଦାଶ, ରାଧେଶ୍ୟାମ ଭେସ୍ରା ପ୍ରମୁଖ ବିଚାରକ ରହିଥିଲେ । ଉଦ୍‌ଯାପନୀ ସମାରୋହରେ ବଲାଙ୍ଗୀର ଶିକ୍ଷା ଜିଲା ବିଜ୍ଞାନ ନିରୀକ୍ଷକ ନୀଳମଣି ପଟେଲ, ବ୍ୟଙ୍ଗକବି ମନୋରଞ୍ଜନ ସାହୁ, ଭେଡ଼େନ ବିଇଓ ମଛିନ୍ଦ୍ର ମଲ୍ଲିକ ଉପସ୍ଥିତ ଥିଲେ । ମୁଖ୍ୟଅତିଥି ଏବଂ ସମ୍ମାନିତ ଅତିଥି କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ । ଭାର୍ଗବ ନାଏକ, ନାରାୟଣ ବିଶ୍ୱାଳ, ସଦାନନ୍ଦ ଜାଲ, ବି. କେ ଦାଶ, ନିତ୍ୟାନନ୍ଦ ଦାଶ, ଭାବନା ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଡଃ ଡୋଲାମଣି ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ ।

ଜଟିଳ ହେଉଛି ଧାନ କିଣାବିକା

ବରଗଡ଼ ଅଫିସ୍,୧୦।୧୧

ବରଗଡ଼ ଜିଲାରେ ଧାନ ସଂଗ୍ରହ ପ୍ରକ୍ରିୟା ଦିନକୁ ଦିନ ଜଟିଳ ହେବାରେ ଲାଗିଛି। ମଣ୍ଡି ଖୋଲିବାର ୪ ଦିନ ପରେ ଅର୍ଥାତ୍ ଶୁକ୍ରବାର ସନ୍ଧ୍ୟାରୁ ସଂଗ୍ରହ କରାଯାଇଥିବା ଧାନ ଉଠାଣ ଆରମ୍ଭ ହୋଇଛି । ମାତ୍ର ମଣ୍ଡିକୁ ଯେଉଁ ପରିମାଣରେ ଧାନ ଆସୁଛି, ସେହି ଅନୁପାତରେ ତାହା ଉଠାଯାଉ ନ ଥିବାରୁ ଏଠାରେ ଧାନ ଉଠାଣ ପ୍ରକ୍ରିୟା ଧର୍ମକୁ ଆଖିଠାର ଭଳି ହୋଇଛି । ଇତିମଧ୍ୟରେ ଜିଲାର କେବଳ ଅତାବିରା ଆରଏମସି ଅଧୀନ ମଣ୍ଡି ଗୁଡ଼ିକରେ ୧ଲକ୍ଷ ୮ହଜାର ୩୧୪ ପ୍ୟାକେଟ୍ ଧାନ ପଡ଼ି ରହିଛି । ଏହି ଆରଏମସିର ମଣ୍ଡି ଗୁଡ଼ିକୁ ଶନିବାର ସୁଦ୍ଧା ୧ଲକ୍ଷ ୨୨ହଜାର ୮୧୧ ପ୍ୟାକେଟ୍ ଧାନ ଆସିଛି । ସେଥିରୁ ମାତ୍ର ୧୩ହଜାର ୪୯୭ ପ୍ୟାକେଟ୍ ଧାନ ଉଠିଛି । ମଣ୍ଡିରୁ ଧାନ ଉଠୁ ନ ଥିବା ଯୋଗୁ ଚାଷୀଙ୍କୁ ହଇରାଣ ହରକତ ହେବାକୁ ପଡୁଛି। କାମଧନ୍ଦା ଛାଡ଼ି ଚାଷୀମାନେ ମଣ୍ଡିକୁ ଆସି ଧାନ ଜଗୁଥିବା ଦେଖିବାକୁ ମିଳିଛି। ଧାନ କିଣାବିକା ଏଭଳି ମନ୍ଥର ଗତିରେ ଚାଲିଲେ, ଆଗକୁ ଅଭାବୀ ବିକ୍ରି ପରିସ୍ଥିତି ଉପୁଜିବା ସହିତ ଚାଷୀ ଆନ୍ଦୋଳନ ଆଶଙ୍କା ରହିଛି ।

ଚିକିତ୍ସାଧୀନ ଅଜଣା ରୋଗୀଙ୍କ ମୃତ୍ୟୁ

ବରଗଡ଼ ଅଫିସ୍,୧୦।୧୧

ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ଦୀର୍ଘ ୨ମାସ ହେଲା ଚିକିତ୍ସାଧୀନ ଅବସ୍ଥାରେ ରହିଥିବା ଜଣେ ଅସହାୟ ରୋଗୀଙ୍କ ଶନିବାର ମୃତ୍ୟୁ ହୋଇଛି । ରିପୋର୍ଟ ଲେଖାହେବା ସୁଦ୍ଧା ମୃତକଙ୍କ ପରିଚୟ ମିଳିପାରିନାହିଁ । ଗତ ଦୁଇମାସ ତଳେ ସେ ସହର ଉପକଣ୍ଠ ଡାଙ୍ଗ ଛକରେ ଅସହାୟ ଅବସ୍ଥାରେ ଥିବା ଦେଖି କିଛି ସ୍ୱେଚ୍ଛାସେବୀ ତାଙ୍କୁ ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ସେ ଜଳାତ

ସଂକ୍ଷେପରେ

ଘର ଜଳିଗଲା

ପୁରୁଣାକଟକ, ୧୦।୧୧(ଡି.ଏନ.ଏ): ହରଭଙ୍ଗା ବ୍ଲକ ମହାଲ୍ଲିକପଡା ପଞ୍ଚାୟତ ଅନ୍ତଗତ ଜାବର ଗ୍ରାମରେ ଶନିବାର ଅଗ୍ନିକାଣ୍ଡ ଘଟି ଉପେନ୍ଦ୍ର ନାୟକଙ୍କ ଗୋଟିଏ ବଖରା ଘର ଜଳି ଯାଇଛି। ଖବର ପାଇ ହରଭଙ୍ଗା ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁ ଆୟତ୍ତ କରିଥିଲେ ।

ମଦ ଜବତ, ଜଣେ ଗିରଫ

ପୁରୁଣାକଟକ, ୧୦।୧୧(ଡି.ଏନ.ଏ): ହରଭଙ୍ଗା ବ୍ଲକ ପୁରୁଣାକଟକ ଥାନା ଝାଡ୍ରାଜିଙ୍ଗ ଗ୍ରାମରେ ଅବକାରୀ ବିଭାଗ ଚଢାଉ କରି ୫ଲିଟର ଦେଶି ମଦ ଜବତ କରିବା ସହ ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ହେଲେ ସନ୍ତୋଷ କୁମାର ପ୍ରଧାନ(୩୭) । ଅବକାରୀ ବିଭାଗ ପକ୍ଷରୁ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଥିବା ଅବକାରୀ ନିରୀକ୍ଷକ ରମେଶ ଚନ୍ଦ୍ର ମହାନ୍ତି ସୂଚନା ଦେଇଛନ୍ତି ।

ଭସାଣି ଯାତ୍ରା ସହ କାଳୀପୂଜା ସମ୍ପନ୍ନ

ଜହ୍ନାପଙ୍କ, ୧୦।୧୧ (ଡି.ଏନ.ଏ): ବୌଦ୍ଧ ବ୍ଲକ ଜହ୍ନାପଙ୍କ ବସ୍‌ଷ୍ଟାଣ୍ଡରେ ଚାଲିଥିବା କାଳୀପୂଜା ଗୁରୁବାର ଭସାଣି ଯାତ୍ରା ସହ ସମ୍ପନ୍ନ ହୋଇଯାଇଛି । ବୁଧବାର କଳସ ଯାତ୍ରା ହୋଇଥିଲା। ମାଁ କାଳୀଙ୍କ ପୂଜାର୍ଚ୍ଚନା ପରେ ରାମଚରିତ ମାନସ ସୁନ୍ଦରାକାଣ୍ଡ ପରିବେଷଣ ହୋଇଥିଲା। ଏଥିରେ ମଧୁସୂଦନ ଦାସ ବ୍ୟାସ ଓ ଶେଷଦେବ ପ୍ରଧାନ ଓ ତାଙ୍କ ସ୍ତ୍ରୀ ତରଙ୍ଗିନୀ ପ୍ରଧାନ କର୍ତ୍ତା ଏବଂ କୃପାସିନ୍ଧୁ ପ୍ରଧାନ, କ୍ଷୀରାବ୍ଧି ପ୍ରଧାନ ପାରାୟଣ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ । ଏହି ଉତ୍ସବରେ ସଭାପତି ରଞ୍ଜିତ ପ୍ରଧାନ, ଉପସଭାପତି ରାଜେନ୍ଦ୍ର ପ୍ରଧାନ, ସମ୍ପାଦକ ପ୍ରକାଶ ବାରିକ, ସହ ସମ୍ପାଦକ ଅମିତ ପ୍ରଧାନ, କୋଷାଧକ୍ଷ ବିକ୍ରମ ରଣା ସହଯୋଗ କରିଥିଲେ ।

ଜାତୀୟ ନାଟ୍ୟୋତ୍ସବ, ଆଲୋଚନାଚକ୍ର ଆରମ୍ଭ

ବୌଦ୍ଧ,୧୦।୧୧.(ସ୍ୱ.ପ୍ର)

ବୌଦ୍ଧରେ ଦୁଇଦିନିଆ ଜାତୀୟ ନାଟ୍ୟୋତ୍ସବ ଓ ଆଲୋଚନାଚକ୍ର ଶନିବାର ଉଦ୍‌ଘାଟିତ ହୋଇଛି। ବୌଦ୍ଧ ଟାଉନହଲଠାରେ ସାଂସ୍କୃତିକ ଅନୁଷ୍ଠାନ ପ୍ରଣାମ ଓ ଭୁବନେଶ୍ୱର ନାଟ୍ୟଶ୍ରୀର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ରାଜ୍ୟ ଓ ରାଜ୍ୟ ବାହାରୁ ୧୨୦ରୁ ଊର୍ଦ୍ଧ୍ୱ କଳାକାର ଓ ଅନୁଷ୍ଠାନ ଯୋଗ ଦେଇଛନ୍ତି। ନୃତ୍ୟଗୁରୁ ପ୍ରଫେସର ଡଃ ମନୋଜ କୁମାର ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ଡଃ ପରମେଶ୍ୱର ମୁଣ୍ଡ, ଗୁରୁ ଡଃ ଘାସିରାମ ମିଶ୍ର, ଗୁରୁ ଚପଳା ମିଶ୍ର, ଡଃ ବିଶ୍ୱଜିତ ଦାସ, ରଶ୍ମୀରେଖା ଦାଶ, ଅବସରପ୍ରାପ୍ତ ପ୍ରାଧ୍ୟାପକ ବାସୁଦେବ ପାତ୍ର, ତୀର୍ଥାନନ୍ଦ ମହାନ୍ତି ଓ ପ୍ରକାନ୍ତ ମହାରଣା ପ୍ରମୁଖ ଅତିଥି ଭାବେ ଯୋଗଦେଇ ଆଦିମରୁ ଆଧୁନିକ ନୃତ୍ୟ ପରମ୍ପରା ଓ ବୈଶିଷ୍ଟ୍ୟ ଶୀର୍ଷକ ଉପରେ ଆଲୋଚନା କରିଥିଲେ । ଶେଷରେ ଆଲୋଚନାଚକ୍ରର ସମସ୍ତ ମତ ଓ ସାର ସଂକ୍ଷିପ୍ତ ବକ୍ତବ୍ୟରେ ନୃତ୍ୟର ଇତିବୃତ୍ତକୁ ଲିଖିତ ଭାବେ ସଂଗ୍ରହ କରାଗଲେ ଓଡ଼ିଶାରେ ଏହା ଏକ ପ୍ରାରମ୍ଭିକ ଉଦ୍ୟମ ହେବ ବୋଲି ଆଲୋଚକମାନେ ଉଲ୍ଲେଖ କରିଥିଲେ । ପ୍ରାରମ୍ଭରେ ମଞ୍ଚପୂଜା, ଗୁରୁପୂଜନ ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ବାଚସ୍ପତି ପ୍ରଦୀପ କୁମାର ଅମାତ ମୁଖ୍ୟଅତିଥି ଭାବେ ଯୋଗଦେଇ ବୌଦ୍ଧ ଜିଲାରେ ଏହି ଜାତୀୟ କାର୍ଯ୍ୟକ୍ରମ ଆୟୋଜନ କରିଥିବାରୁ ପ୍ରଶଂସା କରିବା ସହିତ କଳାକାରମାନଙ୍କୁ ଉତ୍ସାହିତ କରିଥିଲେ । ଆଲୋଚନାଚକ୍ର ପରେ ବିଭିନ୍ନ ଅଞ୍ଚଳରୁ ଆସିଥିବା କଳାକାରମାନଙ୍କ ଦ୍ୱାରା ଆକର୍ଷଣୀୟ ନୃତ୍ୟ ପରିବେଷଣ ହୋଇଥିଲା । ପ୍ରଣାମ ଅନୁଷ୍ଠାନର ସଭାପତି ସୁକାନ୍ତି ସିଂହ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ସମ୍ପାଦକ ବସନ୍ତ କୁମାର ସାହୁ ଓ ନୃତ୍ୟଗୁରୁ ପ୍ରଶାନ୍ତ କୁମାର ଭାଇନା ସହଯୋଗ କରିଥିଲେ ।

ଜାତୀୟ ନାଟ୍ୟୋତ୍ସବ ଓ ଆଲୋଚନାଚକ୍ର ଉଦ୍‌ଘାଟନୀ ଉତ୍ସବରେ ନୃତ୍ୟ ପରିବେଷଣ କରାଯାଉଛି ।

ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟିତ

ପୁରୁଣାକଟକ, ୧୦।୧୧(ଡି.ଏନ.ଏ)

ହରଭଙ୍ଗା ବ୍ଲକ ଲୁଣିବାହାଲ ଗ୍ରାମପଞ୍ଚାୟତ ଲଇଗାଁଠାରେ ଶନିବାର ୩ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ଅଙ୍ଗନ ବାଡିକେନ୍ଦ୍ରକୁ ମୁଖ୍ୟ ଅତିଥି ବିଧାୟକ ତଥା ବାଚସ୍ପତି ପ୍ରଦୀପ କୁମାର ଅମାତ ଉଦ୍‌ଘାଟନ କରିଛନ୍ତି । ଏହି ଅବସରରେ ଏକ ସଭାରେ ମୁଖ୍ୟ ଅତିଥିଙ୍କ ସମେତ ଜିଲା ପରିଷଦ ଉପାଧ୍ୟକ୍ଷ ଅଙ୍କୁର ସେଠୀ, ବ୍ଲକ ଅଧ୍ୟକ୍ଷ ବିଶ୍ୱଜିତ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ । ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଲୁଣିବାହାଲ ସରପଞ୍ଚ ବାଚସ୍ପତି ଏକ ପ୍ରକଳ୍ପର ଉଦ୍‌ଘାଟନ କରୁଛନ୍ତି । ବିଷ୍ଣୁ ଜାନୀ, ସମିତି ସଭ୍ୟ ସୁଶାନ୍ତ ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ । ପରେ ବାଚସ୍ପତି ବାଣୀଭୂଷଣପୁର ପଞ୍ଚାୟତର ବାହାଲି ଗ୍ରାମର ଏକ ନାଳ ଉପରେ ଏକ କଲଭର୍ଟ ନିର୍ମାଣ ପାଇଁ ଶିଳାନ୍ୟାସ କରିଥିଲେ ।

ସାପ ଧରାଳିଙ୍କ ଅନଶନ ଭାଙ୍ଗିଲା

ବୌଦ୍ଧ,୧୦।୧୧.(ସ୍ୱ.ପ୍ର)

ବୌଦ୍ଧ ଜିଲାରେ ସାପ ଧରାଳିମାନେ ଗତ ୨୬ ତାରିଖରୁ ୬ଦଫା ଦାବିରେ ବୌଦ୍ଧ ବନ ଖଣ୍ଡ କାର୍ଯ୍ୟାଳୟ ସମ୍ମୁଖରେ ଚଳାଇଥିବା ଆମରଣ ଅନଶନ ଶନିବାର ବନ ବିଭାଗର ପ୍ରତିଶ୍ରୁତି ପରେ ଶେଷ ହୋଇଛି। ୧୬ ଦିନ ଅନଶନ ଚଳାଇବା ପରେ ସାପ ଧରାଳିମାନଙ୍କ ସହିତ ବନଖଣ୍ଡ ଅଧିକାରୀ ଯଶୋବନ୍ତ ସେଠୀ ଆଲୋଚନା କରିଥିଲେ ଏବଂ ସେମାନଙ୍କ ପ୍ରମୁଖ ଦାବିଗୁଡିକ ପୂରଣ କରିବାକୁ ପ୍ରତିଶ୍ରୁତି ଦେଇଥିଲେ । ସୂଚନାଯୋଗ୍ୟ, ବୌଦ୍ଧ ଜିଲାରେ ୬୦ ଜଣ ସାପଧରାଳି ସ୍ନେକ ହେଲପ ଲାଇନ ସଙ୍ଗଠନ ଅଧୀନରେ କାର୍ଯ୍ୟ କରିଆସୁଛନ୍ତି ।

ମୁଖ୍ୟ ଡାକ୍ତରଖାନା ସ୍ଥାନାନ୍ତର ନେଇ ଜନମଞ୍ଚ

ବରଗଡ଼ ଅଫିସ୍,୧୦।୧୧

ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନା ସ୍ଥାନାନ୍ତର ପ୍ରସଙ୍ଗକୁ ନେଇ ଶୁକ୍ରବାର ସନ୍ଧ୍ୟାରେ ସହରରେ ଏକ ଜନମଞ୍ଚ ହୋଇଥିଲା । ଫାଇଟ୍ ଅନ୍ ରାଇଟ୍ (ଫର୍) ପକ୍ଷରୁ ଅନୁଷ୍ଠିତ ଏହି ଜନମଞ୍ଚରେ ବିଭିନ୍ନ ରାଜନୈତିକ ଦଳ, ଅନୁଷ୍ଠାନର ପ୍ରତିନିଧିମାନେ ଯୋଗଦେଇ ନିଜ ମତ ଉପସ୍ଥାପନ କରିଥିଲେ । ଭାଜପାରୁ ସୁବାଷ ଚୌହାନ, କଂଗ୍ରେସରୁ ପୂର୍ବତନ ବିଧାୟକ ସାଧୁ ନେପାକ, ବିଜେଡ଼ିରୁ ପୌରାଧ୍ୟକ୍ଷ ପ୍ରଶାନ୍ତ କୁମାର ବେହେରା, ଟାଉନ ସଭାପତି କିଶୋର ମିଶ୍ର, ବିଏସ୍‌ପିରୁ ନାରାୟଣ ଭେସ୍ରା, ଆପ୍‌ରୁ ଭବାନୀ ସାହୁ, ବିଶ୍ୱ ହିନ୍ଦୁ ପରିଷଦରୁ ନିଧୁବନ ବିହାରୀ ପ୍ରସାଦ ପଣ୍ଡା, ବଜରଙ୍ଗ ଦଳରୁ କୁନୁ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ । ଏହା ସହିତ ବସ୍ ଫ୍ରନ୍ଟିୟର, ବଙ୍ଗାଳୀ ସମାଜ, ବରିଷ୍ଠ ନାଗରିକ ସଂଘ, ଆମ୍ବେଦକର ଯୁବ ସଙ୍ଗଠନ, କୁଲିତା ସମାଜ ଆଦି ସଙ୍ଗଠନର ପ୍ରତିନିଧିମାନେ ଏଥିରେ ଭାଗ ନେଇଥିଲେ । ଜିଲା ମୁଖ୍ୟ ଡାକ୍ତରଖାନା ସ୍ଥାନାନ୍ତର ପୂର୍ବରୁ ସମ୍ପୃକ୍ତ ହସ୍‌ପିଟାଲକୁ ସିଟି ହସ୍‌ପିଟାଲ ଭାବେ ଘୋଷଣା କରିବାକୁ ଜନମଞ୍ଚରେ ମତପ୍ରକାଶ ପାଇଥିଲା । ଜନମଞ୍ଚରେ ଫର୍‌ର ସଭାପତି ଇଂ ଦେବବ୍ରତ ମିଶ୍ର ସଭାପତିତ୍ୱ କରିଥିବା ବେଳେ ସମ୍ପାଦକ ସେକ୍ ନଜିମୁଦ୍ଦିନ ଧନ୍ୟବାଦ ଅର୍ପଣ କରିଥିଲେ। ଏ ନେଇ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟଙ୍କୁ ପଚାରିବାରୁ ସେ କହିଲେ, ଜିଲାର ୧୫ଲକ୍ଷଙ୍କ ଲୋକଙ୍କ ଆବଶ୍ୟକତାକୁ ଆଖି ଆଗରେ ରଖି ନୂତନ ଜିଲା ମୁଖ୍ୟ ଡାକ୍ତରଖାନା ନିର୍ମାଣ କରାଯାଇଛି। ସେହି ଡାକ୍ତରଖାନା ପାଖରେ ଥିବା ଆହୁରି ୧୫ଏକର ଜମିକୁ ଡାକ୍ତରଖାନା ପରିସରଭୁକ୍ତ କରିବା ପ୍ରକ୍ରିୟା ଚାଲିଛି। ଏହା କାର୍ଯ୍ୟକ୍ଷମ ହେଲେ ପୁରୁଣା ଜିଲା ମୁଖ୍ୟ ଡାକ୍ତରଖାନାକୁ ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ର କରାଯିବ । ଏଥିପାଇଁ ସେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସହିତ ଆଲୋଚନା କରିସାରିଛନ୍ତି ଏବଂ ଆଲୋଚନା ଫଳପ୍ରଦ ମଧ୍ୟ ହୋଇଥିବା ବିଧାୟକ ଆଚାର୍ଯ୍ୟ କହିଛନ୍ତି ।

ଯୋଗଦେଲେ ନୂଆ ଅତିରିକ୍ତ ଜିଲାପାଳ

ବୌଦ୍ଧ,୧୦।୧୧.(ସ୍ୱ.ପ୍ର)

ବୌଦ୍ଧ ଜିଲାର ନୂତନ ଅତିରିକ୍ତ ଜିଲାପାଳ ଭାବେ ରମାକାନ୍ତ ସେଠୀ ଶୁକ୍ରବାର ତାଙ୍କ କାର୍ଯ୍ୟରେ ଯୋଗଦାନ କରିଛନ୍ତି । ପରେ ବୌଦ୍ଧ କର୍ମଚାରୀ ସଂଗ୍ରାମ ସମିତି ପକ୍ଷରୁ ସଭାପତି ରାଜଗୋପାଳ ମହାପାତ୍ରଙ୍କ ନେତୃତ୍ୱରେ କର୍ମଚାରୀମାନେ ତାଙ୍କୁ ସାକ୍ଷାତ କରି ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ ।

କରଞ୍ଜାକଟା କାଳୀପୂଜା ସମ୍ପନ୍ନ

ବୌଦ୍ଧ,୧୦।୧୧.(ସ୍ୱ.ପ୍ର)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ କରଞ୍ଜାକଟା ଗ୍ରାମରେ କାଳୀ ପୂଜା ଶୁକ୍ରବାର ଶେଷ ହୋଇଛି । କାଳୀ ପୂଜା କମିଟି ପକ୍ଷରୁ ମଙ୍ଗଳବାର ମା' କାଳୀଙ୍କ ରୀତିନୀତି ଅନୁସାରେ ପୂଜା ଆରମ୍ଭ ହୋଇଥିଲା। ପୂଜାର ଶେଷ ଦିନ ନାଟକ ପରିବେଷଣ ହୋଇଥିଲା। କମିଟି ସଦସ୍ୟ ଓ ଗ୍ରାମବାସୀଙ୍କ ସହଯୋଗରେ ଏହା ହୋଇଥିଲା। ରବିବାର ମା'ଙ୍କ ଭସାଣି ଯାତ୍ରା ଅନୁଷ୍ଠିତ ହେବ ।

OFFICE OF THE PRINCIPAL
DEOGARH COLLEGE, DEOGARH
At./Po:- Purunagarh, Dist : Deogarh, Pin : 768119 (Orissa)
Ph. : 226415 (06641), Email : principaldeo@gmail.com

QUOTATION CALL NOTICE

Sealed quotations are invited from reputed manufacturers / authorized dealers for supply of equipments / Lab. equipments / Computer system etc. The parties should submit valid GST clearance certificate, SRIN/ TIN number registration certificates alongwith quotation whichever is applicable. Details can be obtained on request from the email Id of the college **principaldeo@gmail.com** or in person during office hour **(10.00 A.M. to 4.00 P.M.).** The same can also be viewed from Deogarh district website **www.deogarh.nic.in.** Last date of submission is **15.11.2018** at **1.00 P.M.** Quotations will be opened on the same date at 2.00 P.M. The authority reserves right to cancel any or all quotations without assigning any reason thereof.

Sd./- Principal, Deogarh College, Deogarh

OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, JAJPUR

TENDER CALL NOTICE

Ref. No: 8152 **Dated: 09.11.18**

"It is for information to all the parties concerned to submit their bid for supply of DEIC Equipments & AIDS for the year 2018-2019" to the office of the CDM&PHO, Jajpur on or before 26.11.2018, 12 Noon by Speed Post, Registered Post only. For terms and conditions regarding Tender Call, please log on to the website: www.jajpur.nic.in.

The interested parties with valid documents may participate in tender process himself or with their representatives with applicable terms and conditions".

Sd./-
Chief District Medical & Public Health Officer, Jajpur

OFFICE OF THE PANCHAYAT SAMITI, KORAPUT
DIST.-KORAPUT
Notice No. 3044/18 **Dtd. 08.11.2018**
QUOTATION CALL NOTICE

Sealed Limited Quotations are invited from reputed Indian Manufacturers/ Suppliers / Agencies, their authorized dealers/ GeM registered Firms for supply of "Various Furniture Items / Office Gadgets intended for DPRC Building, Koraput". The detail information of which are made available in Koraput Dist. Website i.e. http//www.koraput.nic.in & in DRDA Website http//www.drdakoraput.org.

The date and time of receipt of Sealed quotations are from 12.11.2018 to 19.11.2018 upto 4.00 P.M. on working days only.

Sd./- Block Development Officer, Koraput

SWAMI VIVEKANAND NATIONAL INSTITUTE OF REHABILITATION TRAINING AND RESEARCH
(Ministry of Social Justice & Empowerment
Department of Empowerment of Persons with Disabilities (Divyangjan), Govt. of India)
Olatpur, PO: Bairoi, Dist: Cuttack (Odisha),
Pin: 754010, Tel. No: 0671-2805552, 2805778,
Fax: 0671-2805862, Website: www.svnirtar.nic.in,
E-mail: nirtar@nic.in & svnirtar@gmail.com

Ref. No.-AD-5/Advertisement/18-19 **Date: 09.11.2018**

E-Procurement Tender Notice

E-Tender is invited for procurement of Physiotherapy, Occupational Therapy, Hospital equipment etc/ hiring of 52 seater bus/ AMC of Computer & Accesories/ Hospital Dressing & Textile i.e. POP/Roller bandage, Cotton, POP Power etc.

Date of availability of bid: 14.11.2018
Closing date of Bid: 04.12.2018

Details can be seen from the Central Public Procurement (CPP) Portal, (http://eprocure.gov.in/eprocure/app)

Sd./-
DIRECTOR

ପଞ୍ଚାୟତ ସମିତି କାର୍ଯ୍ୟାଳୟ, କୋକସରା

ବିଜ୍ଞପ୍ତି ସଂଖ୍ୟା: ୨୬୧୦ **ତା ୦୮।୧୧।୧୮**

ଏତଦ୍ୱାରା କୋକସରା ପଞ୍ଚାୟତ ସମିତି ଅନ୍ତର୍ଗତ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଅନ୍ତର୍ଗତ ୨୦୧୭-୧୮ ଆର୍ଥିକ ବର୍ଷ ଅକ୍ଟୋବର ୨୦୧୭ରୁ ମାର୍ଚ୍ଚ ୨୦୧୮ ମଧ୍ୟରେ ସମ୍ପାଦିତ ହୋଇଥିବା ପ୍ରକଳ୍ପଗୁଡ଼ିକର ସାମାଜିକ ସମୀକ୍ଷା ବିବରଣୀ ଉପରେ ଆସନ୍ତା ତା୧୪।୧୧।୨୦୧୮ ରିଖ ଦିନ ବ୍ଲକ ଅଫିସ ପରିସର ମଧ୍ୟରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାର ବ୍ଲକସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହେବ। ଏଣୁ ଉକ୍ତ ସଭାରେ ସମ୍ପୃକ୍ତ ଗ୍ରାମ ଶାସନ ଅନ୍ତର୍ଗତ ସମସ୍ତ ସରପଞ୍ଚ, ସମସ୍ତ ସଭ୍ୟ/ସଭ୍ୟା, ସ୍ୱୟଂ ସହାୟକ ଗୋଷ୍ଠୀ, ପଞ୍ଚାୟତ କର୍ମଚାରୀ, ଗ୍ରାମ ମେଟ୍, ଜବ୍‌କାର୍ଡଧାରୀ ଶ୍ରମିକ, ତଦାରଖ କମିଟିର ସଭ୍ୟମାନେ ଏବଂ ବିଭିନ୍ନ Line Deptt. ର କର୍ମଚାରୀ ସକାଳ ୧୦.୦୦ ଘ. ମଧ୍ୟରେ ଉପସ୍ଥିତ ରହିବେ।

MGNREGA ବ୍ଲକସ୍ତରୀୟ ଜନଶୁଣାଣି ଶିବିର ୨୦୧୭-୧୮ କାର୍ଯ୍ୟସୂଚୀ

କ୍ରମିକ ସଂଖ୍ୟା	ବ୍ଲକ ଅଫିସ୍‌ର ନାମ	ସଭା ତାରିଖ	ସମୟ	ସ୍ଥାନ
୧	କୋକସରା	୧୪।୧୧।୨୦୧୮	ପୂ. ୧୦.୦୦	ବ୍ଲକ କାର୍ଯ୍ୟାଳୟ ପରିସର

ସ୍ୱା./- ଗୋଷ୍ଠୀ ଉନ୍ନୟନ ଅଧିକାରୀ
ତଥା କାର୍ଯ୍ୟକ୍ରମ ଅଧିକାରୀ, କୋକସରା

STONEMART - 2019

Applications are hereby invited from Entrepreneurs / Artisans dealing with Stone Carving Craft of the State for participation in up coming **STONEMART - 2019**, to be held from **31.01.2019** to **03.02.2019** at **Jaipur (Rajasthan).** Interested Entrepreneurs / Artisans may apply to **SIDAC** on or before **27.11.2018** giving details as follows : Name, detail address with contact numbers, type of business, product to be displayed, type of stone used, annual turnover and past experience in execution of export order (if any) etc. Only selected Entrepreneurs/Artisans will be allowed to participate in the event.

Member Secretary

State Institute for Development of Arts & Crafts
Handlooms, Textiles & Handicrafts Department, Government of Odisha
Handicrafts Complex, Gandamunda, P.O.: Khandagiri, Bhubaneswar-30
Tel./Fax No.: +91 (0) 674-2350318, 2350310
E-mail: sidacorissa@gmail.com, Website: www.sidacodisha.org.in

ODISHA LIFT IRRIGATION CORPORATION LIMITED
(A GOVT. OF ODISHA UNDERTAKING)
OFFICE OF THE EXECUTIVE ENGINEER, L. I. DIVISION, NUAPADA
"E"Mail address - eeolicnpd@gmail.com
SHORT TENDER CALL NOTICE NO .05 DATE. 08.11.2018

The Executive Engineer, L.I Division, Nuapada, on behalf of Odisha Lift Irrigation Corporation Ltd, Bhubaneswar invites PERCENTAGE RATES bids for Extention of distribution system of LIPs as per detailed in the table from eligible contractors registered with the State Govt and contractors of equivalent grade / Class registered with Central Govt. / MES / Railways for execution of works detailed in table to be eventually drawn up in PWD form F-2 on PERCENTAGERATE Contract on production of definite prove from the appropriate authority. The Bidders must submit bids of works in separate envelope for each work.

Sl. No.	Name of the Block	Package No.	Name of work	Approximate value of work	EMD(1%) to be deposited in Rs.	Cost of Tender paper in Rs. (Non-Refundable)	Class of contractors	Period of completion
1	Boden & Khariar	1	Extention of distribution system of Anlabhata–I, Sukulighata-III, Dharanimal, Chandel – IV R/L Projects	403613	4036	2000	D & Above	60 Days
2	Khariar	2	Extention of distribution system of Tukla – VI, Tukla – VII, Bahalpadar – III, Chandgiri - IV R/L Projects	417082	4171	2000	D & Above	60 Days
3	Sinapali	3	Extention of distribution system of Sinapali – III, Jogenpadar – III, Kapsi – V, Kapsi – VI, Kapsi - VII R/L Projects	374710	3747	2000	D & Above	60 Days
		4	Extention of distribution system of Hirapur, Gorla – I, Nilji – IV R/L Projects	346091	3461	2000	D & Above	60 Days
		5	Extention of distribution system of Adkighat – I, Jhakarguda – I, Jhakarguda – II, Gandabahali – IV, Ranimunda, Jamugaon – IV R/L Projects	479706	4797	2000	D & Above	60 Days
4	Nuapada	6	Extention of distribution system of Jangula – I, Jangula – II, Negipali – IV, Jhitiki – V, Jhitiki – VI R/L Projects	476644	4766	2000	D & Above	60 Days
		7	Extention of distribution system of Dianmunda – II, Dianmunda – III, Kurumunda – III R/L Projects	182149	1822	600	D & Above	60 Days
		8	Extention of distribution system of Beheradihi – IV, Bhera – I, Bhera – II, Bhaleswar – VI, Budhipali – I, Jenjera – V R/L Projects	456147	4561	2000	D & Above	60 Days

The tender paper for all the works along with terms and conditions, scope of works, technical specifications etc. can be obtained from the office of the Executive Engineer, L. I. Division, Nuapada on payment of the cost of the tender papers (Non-refundable) as per the detailed tender call notice in shape of Bank Draft drawn in favour of the Executive Engineer, Lift Irrigation Division, Nuapada to be drawn at Nuapada on any Nationalized Bank on any working day (**10.30 AM to 3.00 PM**) from **13.11.2018** to**19.11.2018**. The tender paper will be sold on receipt of written request (mentioning the name of the work) to the Executive Engineer, L.I. Division, Nuapada along with the Xerox copies of the valid license of required class GST Certificate and PAN Card. No Tender paper will be sold on the date of receipt of tender i.e. on **dt.20.11.2018**.

All Tender papers will be received by L.I. Division, Nuapada from **10.30 AM** to **3.00 P.M** on **dt.20.11.2018** and will be opened on **27.11.2018** at **3.30 PM** in the Office of the Executive Engineer, Nuapada Lift Irrigation Division, Nuapada in presence of the Tenderers or their authorized representatives if any. Tender through Post / Courier will be accepted which should reach the Division Office by date **20.11.2018** up to **3.00 PM**. The Authority will not be held responsible for any Postal / Courier delay for receipt of Tender beyond the above stipulated date and time.

The E.M.D @ 1 % of the estimated cost has to be deposited along with the Tender paper (work wise) in shape of NSC / STDR duly pledged in favour of the Executive Engineer, Lift Irrigation Division, Nuapada on any Nationalized Bank, in absence of which the Tender will summarily be rejected. The contractor who have taken works in the Division & failed to complete the same in time need not apply for new works.

The undersigned reserves the right to increase or decrease the quantity of work accept or reject any or all the tenders without assigning any reasons thereof.

Sd./- (Binod Kumar Das)
EXECUTIVE ENGINEER, L.I.DIVISION, NUAPADA

NANDANKANAN
NANDANKANAN ZOOLOGICAL PARK
SHORT QUOTATION NOTICE NO. 12 of 2018-19
Date: 10.11.2018

Sealed quotations are invited from interested reputed travel agencies/ tour operators/ vehicle owners for providing Innova Crysta passenger vehicle & eicher pro 1100 transportation vehicle or any equivalent or better Vehicles, which shall confirm to the terms and Conditions (Annexure I & II). Interested travel agencies/ tour operators/ Animals transporters may submit offers in prescribed format as in Annexure-II. The quotations along with all the mandatory enclosures should reach the undersigned on or before 3 PM of 17th November, 2018. The EOI will be opened at 4.00 PM on 17th November, 2018.

The detailed quotation call notice and the format for use in offer along with the terms and conditions of engagement of vehicle will be made available at website of Nandankanan (www.nandankanan.org) w.e.f 11.00 A.M. on 11.11.2018 onwards for information of all concerned. Interested agencies should submit their offers in person/Speed Post/ Registered Post in sealed covers superscribed 'EXPRESSION OF INTEREST FOR PROVIDING OF VEHICLE TO NANDANKANAN ZOOLOGICAL PARK' and addressed to Deputy Director, Nandankanan Zoological Park.

Sd./- Deputy Director
Nandankanan Zoological Park

GOVERNMENT OF ODISHA **No.723-A**
e-Procurement Notice
OFFICE OF THE SUPERINTENDING ENGINEER
SOUTHERN MINOR IRRIGATION CIRCLE, BERHAMPUR
Bid Identification No.: SESMIC-03/2018-19

1.	No. of Work	:	2 Nos of M.I. Division Ganjam No.I, Berhampur.
2.	Estimated Cost	:	From 142.00 Lakh to 298 Lakh.
3.	E.M.D. required	:	As per Column -4 of summary of DTCN
4.	Class of Contractor	:	As per Column -7 of summary of DTCN
5.	Period of Completion	:	11 (Eleven Calendar Months).
6.	Availability of tender online for bidding.	:	From 14.11.2018 to 05.12.2018 up to 5.00 pm
7.	Date & time of opening of Technical bid.	:	On 06.12.2018 at 12.30 pm
8.	Name and Address of the OIT	:	Superintending Engineer, Southern Minor Irrigation Circle, Berhampur, In front of De-Paul School, Engineering School Road, Berhampur-760010, Ganjam. Email: smicbam@yahoo.co.in. Details can also be seen from the Government website http://www.tendersodisha.gov.in.

32045/11/0006/1819

ତିନୋଟି ଜିନିଷକୁ ଦୀର୍ଘଦିନ ଧରି ଲୁଚାଇ ହେବନାହିଁ।
ସେଗୁଡ଼ିକ ହେଲା ସୂର୍ଯ୍ୟ, ଚନ୍ଦ୍ର ଓ ସତ୍ୟ।
- ଗୌତମ ବୁଦ୍ଧ

ସଂକ୍ଷେପରେ

ଟିଟିଲାଗଡ଼ ଜିଲା ଦାବି ଗଣଧାରଣାସ୍ଥଳରେ ଭାଜପା ନେତୃବର୍ଗ

ଟିଟିଲାଗଡ଼, ୧୦।୧୧ (ଡି.ଏନ.ଏ.)- ଟିଟିଲାଗଡ ଉପଖଣ୍ଡକୁ ଜିଲା ଦାବି ନେଇ ସ୍ଥାନୀୟ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଚାଲିଥିବା ଗଣଧାରଣାରେ ଶନିବାର ସାମିଲ ହୋଇଛନ୍ତି ଟିଟିଲାଗଡ ନିର୍ବାଚନ ମଣ୍ଡଳୀର ଭାଜପା ନେତୃବୃନ୍ଦ। ଦଳର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମହେନ୍ଦ୍ର ଠାକୁର, ଜିଲା ସାଧାରଣ ସମ୍ପାଦକ ମୁକେଶ ଜୈନ, ଟିଟିଲାଗଡ ନଗର ସଭାପତି ଚେୟାରମେନ ବାଗ, ଜିଲା ପରିଷଦ ସଭ୍ୟ ଦିଲୀପ ଖର୍ସେଲ, ସଭ୍ୟା କଳ୍ପନା ଚୌହାନ, ସରୋଜିନୀ ସାହୁ, ବିଧାନସଭା ନିର୍ବାଚନ ମଣ୍ଡଳୀ କୃଷକ ମୋର୍ଚ୍ଚା ସଂଯୋଜକ ହୃଷିକେଶ ବେହେରା, ରାଜେଶ ଅଗ୍ରୱାଲ, ଆଶିଷ ଶର୍ମା, ସବିତା ବେହେରା, ଶୈଲଶ୍ରୀ ବେହେରା ପ୍ରମୁଖ ଧାରଣାରେ ସାମିଲ ହୋଇ ଜିଲା ଦାବିକୁ ସମର୍ଥନ କରିଛନ୍ତି। ଟିଟିଲାଗଡ ଜିଲା ଗଠନ ଆନ୍ଦୋଳନକୁ ଭାଜପା ଆହୁରି ତୀବ୍ରତର କରିବା ସହ ସରକାରୀ କଳକୁ ଅଚଳ କରି ଦିଆଯିବ ବୋଲି ଭାଜପା ନେତାଏ ଚେତାବନୀ ଦେଇଛନ୍ତି। ରବିବାର ଜିଲା ଦାବି ନେଇ ଟିଟିଲାଗଡ ସହରରେ ମାନବଶୃଙ୍ଖଳ ସୃଷ୍ଟି କରିବା ନେଇ କ୍ରିୟାନୁଷ୍ଠାନ କମିଟି ନିଷ୍ପତ୍ତି ନେଇଛି। ୧୧ରେ ଉପଖଣ୍ଡ ଅନ୍ତର୍ଗତ ସମସ୍ତ ସାମ୍ବାଦିକ, ୧୨ରେ ପୂର୍ବତନ ଏମପି ଶରତ ପଟ୍ଟନାୟକ, ୧୩ରେ ଟିଟିଲାଗଡ ବିଧାୟିକା ଗୁଣ୍ଡୁନୀ ସାହୁ ଜିଲା ଦାବି ସମର୍ଥନରେ ଗଣଧାରଣାରେ ସାମିଲ ହେବେ ବୋଲି ଜଣାଯାଇଛି। ଅପରପକ୍ଷରେ ଗତ ୧ ତାରିଖଠାରୁ ଜିଲା ଦାବି ଆନ୍ଦୋଳନ ଜାରି ରହିବା ନେଇ ଟିଟିଲାଗଡ କୋର୍ଟ ସମେତ ଉପଜିଲାପାଳଙ୍କ କାର୍ଯ୍ୟାଳୟ, ତହସିଲ, ରେଜିଷ୍ଟ୍ରୀ, ଟ୍ରେଜେରି ଆଦି ଗୁରୁତ୍ୱପୂର୍ଣ୍ଣ ସରକାରୀ କାର୍ଯ୍ୟାଳୟ ବନ୍ଦ ରହିଛି।

ଝାରମୁଣ୍ଡା ଧନୁଯାତ୍ରା ପାଇଁ କଂସ ବରଣ

ଲୋଇସିଂହା,୧୦।୧୧ (ଡି.ଏନ.ଏ.)- ଲୋଇସିଂହା ବ୍ଲକ ଝାରମୁଣ୍ଡା ଗ୍ରାମର ଅଷ୍ଟମବର୍ଷ ଧନୁଯାତ୍ରା ପାଇଁ କଂସ ବରଣ ଶୁକ୍ରବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଆୟୋଜକ କମିଟି ସଦସ୍ୟ ଅନଙ୍ଗ ଗଡତ୍ୟା, ଅଭିମନ୍ୟୁ ବଗର୍ତ୍ତା ଓ ଅନ୍ୟାନ୍ୟ ସଦସ୍ୟ ଉପସ୍ଥିତ ରହି କଂସ ପେଣ୍ଡାଲରେ ଶ୍ରୀଫଳ ଓ ଫଳମୂଳ ଦେଇ ହୃଷିକେଶ ଭୋଇଙ୍କୁ ବରଣ କରିଥିଲେ। ଭୋଇ ପ୍ରସିଦ୍ଧ ବରଗଡ ଧନୁଯାତ୍ରାରେ କଂସ ଭୂମିକାରେ ଅଭିନୟ କରିଥିଲେ। ଏଥର ଝାରମୁଣ୍ଡାଠାରେ ତାଙ୍କୁ କଂସ ଭୂମିକାରେ ବରଣ କରିବା ଜଣା ପଡିବା ପରେ ଅଞ୍ଚଳବାସୀ ବେଶ ଉତ୍ସାହିତ ହୋଇ ପଡିଛନ୍ତି। ଝାରମୁଣ୍ଡା ଅଷ୍ଟମ ବର୍ଷ ଧନୁଯାତ୍ରା ଡିସେମ୍ବର ୨୪ରୁ ଆରମ୍ଭ ହୋଇ ୩୧ତାରିଖରେ ଉଦଯାପିତ ହେବ। ଧନୁଯାତ୍ରା ଅବସରରେ କମିଟି ପକ୍ଷରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମକୁ ହତାକୁ ନିଆଯାଇଥାଏ। ଏବେଠାରୁ କମିଟି ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଯାଇଥିବା କମିଟି ସୂତ୍ରରୁ ପ୍ରକାଶ।

ଜିଲା ଚିତ୍ରଗୁପ୍ତ କଲ୍ୟାଣ ସମିତି ବାର୍ଷିକ ଉତ୍ସବ

ସମାଜକୁ ସଶକ୍ତ କରିବା ଉପରେ ଗୁରୁତ୍ୱ

ବଲାଙ୍ଗୀର ଅଫିସ,୧୦।୧୧

ବଲାଙ୍ଗୀର ଜିଲା ଚିତ୍ରଗୁପ୍ତ କଲ୍ୟାଣ ସମିତି ବାର୍ଷିକ ଉତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଛି। ସଭାପତି ଅସୀମ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥିଭାବେ ଅବସରପ୍ରାପ୍ତ ଆରକ୍ଷୀ ଅଧିକାରୀ ସୁଖେନ୍ଦୁ କୁମାର ଦାସ ଓ ସମ୍ମାନିତ ଅତିଥିଭାବେ ଅଖିଳ ଭାରତ କାୟସ୍ଥ ମହାସଭାର କାର୍ଯ୍ୟକାରୀ ସଦସ୍ୟ ବିକ୍ରମାନନ୍ଦ ବହିଦାର ଯୋଗ ଦେଇଥିଲେ। ମୁଖ୍ୟଅତିଥି ଦାସ ତାଙ୍କ ବକ୍ତବ୍ୟରେ ଚିତ୍ରଗୁପ୍ତଙ୍କ ଆବିର୍ଭାବ ଓ କାୟସ୍ଥ ସମାଜର ବିଭିନ୍ନ ଦିଗ ଉପରେ ଆଲୋଚନା କରି ସାମାଜିକ ସେବା କାର୍ଯ୍ୟକ୍ରମ ଜରିଆରେ ସମାଜକୁ ସଶକ୍ତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ସଭାପତୀୟ ଅଭିଭାଷଣରେ ପଟ୍ଟନାୟକ ବହୁ ବାଧାବିଘ୍ନ ଅତିକ୍ରମ କରି ସମାଜର ବରିଷ୍ଠ ସଦସ୍ୟ ଚିତ୍ରଗୁପ୍ତ କଲ୍ୟାଣ ସମିତି ଗଠନ ଓ ଚିତ୍ରଗୁପ୍ତ ମନ୍ଦିର ପ୍ରତିଷ୍ଠା କରିଥିବାରୁ ସେମାନଙ୍କୁ କୃତଜ୍ଞତା ଦେଇଥିଲେ। ମହିଳା ଶାଖା ରକ୍ତଦାନ, ବୃକ୍ଷରୋପଣ ଓ ବସ୍ତ୍ରଦାନ ଭଳି ଗଠନମୂଳକ କାର୍ଯ୍ୟ କରିଥିବାରୁ ସେମାନଙ୍କୁ ମଧ୍ୟ କୃତଜ୍ଞତା ଜଣାଇଥିଲେ। କାର୍ଯ୍ୟକ୍ରମର ଦ୍ୱିତୀୟ ଦିବସରରେ ଚିତ୍ରଗୁପ୍ତଙ୍କ ପୂଜା ଅନୁଷ୍ଠିତ ହୋଇଥିଲା । ଶଙ୍କର ପଟ୍ଟନାୟକ ଓ ତାଙ୍କ ସ୍ତ୍ରୀ ସୁଷମା ପଟ୍ଟନାୟକ କର୍ତ୍ତା ଭାବେ ବସିଥିଲେ । ଏହି ଅବସରରେ ମହିଳା ଓ ଶିଶୁମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଶୁକ୍ରବାର ସାନ୍ଧ୍ୟ ଅଧିବେଶନ ଓ ପୁରସ୍କାର ବିତରଣୀ ଉତ୍ସବରେ ଫଟୋ ଖବରଦାତା ସୁନୀଲ କୁମାର ମହାନ୍ତିଙ୍କୁ ଉଲ୍ଲେଖନୀୟ ଅବଦାନ ପାଇଁ ଚଳିତବର୍ଷ ସ୍ୱର୍ଗତ ନବୀନ ପୃଷ୍ଟେ୍ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ପ୍ରବଚକ ସଞ୍ଜୀବ କୁମାର ମହାନ୍ତି, ସଙ୍ଗୀତଜ୍ଞ ନିରୋଦ ପଟ୍ଟନାୟକ, ପୂଜକ ସୁରେନ୍ଦ୍ର ତ୍ରିପାଠୀ ଓ ସମାଜର ବରିଷ୍ଠ ସଦସ୍ୟ ସୁଧୀର ଚନ୍ଦ୍ର ପଟ୍ଟନାୟକ ଏବଂ ନୃତ୍ୟ ନିର୍ଦ୍ଦେଶକ ଜଗନ୍ନାଥ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧନା ଜଣାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲାର ବଲାଙ୍ଗୀର, ଲୋଇସିଂହା, ଆଗଲପୁର, ଦେଓଗାଁ, ଗୁଡଭେଲା ଅଞ୍ଚଳରୁ ଶତାଧିକ କରଣ ପରିବାର ଯୋଗଦାନ କରିଥିଲେ। ଏଥିରେ ଜୟରାମ ପଟ୍ଟନାୟକ, ଦିଲୀପ ପୃଷ୍ଟେ୍, ସଂଗ୍ରାମ ବହିଦାର, ଗୌରଚନ୍ଦ୍ର ପୃଷ୍ଟେ୍, ରବିନାରାୟଣ ବହିଦାର, ଅନନ୍ତ ପଟ୍ଟନାୟକ, କାଞ୍ଚନମଣି ଦାନୀ, ସମ୍ମିତା କୁଅଁର, ମୀନାକ୍ଷୀ ପଟ୍ଟନାୟକ, ଆନନ୍ଦ ଚନ୍ଦ୍ର ପଟ୍ଟନାୟକ, ବିଶ୍ୱରଞ୍ଜନ ପୃଷ୍ଟେ୍, ସ୍ୱରୂପ କୁମାର କୁଅଁର, ନିଖିଳ ବହିଦାର, ଶାସ୍ତ୍ର ପଟ୍ଟନାୟକ, ସୁଷମା ଚୌଧୁରୀ, ନିରୋଜ କୁମାର ବକ୍ସି, ଶିଳ୍ପା ପଟ୍ଟନାୟକ, ସୁନୟନା ବକ୍ସି ଓ ଅନ୍ୟମାନେ ସକ୍ରିୟ ସହଯୋଗ କରିଥିଲେ।

ଜିଲା ଚିତ୍ରଗୁପ୍ତ କଲ୍ୟାଣ ସମିତି ବାର୍ଷିକ ଉତ୍ସବ ଉଦ୍‌ଯାପନୀ ସମାରୋହରେ ସୁନୀଲ ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଦେଶାତ୍ମବୋଧ, ରାଷ୍ଟ୍ର ଗଠନ ବକ୍ତୃତା ପ୍ରତିଯୋଗିତା

ବଲାଙ୍ଗୀର ଅଫିସ, ୧୦।୧୧

ବଲାଙ୍ଗୀର ନେହେରୁ ଯୁବ କେନ୍ଦ୍ର ଆନୁକୂଲ୍ୟରେ ଦେଶପ୍ରେମ ଓ ରାଷ୍ଟ୍ର ଗଠନ ଶୀର୍ଷକ ବକ୍ତୃତା ପ୍ରତିଯୋଗିତା ବଲାଙ୍ଗୀର ବ୍ଲକ ସଭାଗୃହରେ ଆୟୋଜିତ ହୋଇଯାଇଛି। ଏହି ବକ୍ତୃତ ପ୍ରତିଯୋଗିତାରେ ଜିଲାର ୧୮ରୁ ୨୯ବର୍ଷ ବୟସ୍କ ଯୁବତୀ, ଯୁବକ ଯୋଗଦେଇଥିଲେ। ଜିଲାର ସମସ୍ତ ବ୍ଲକରୁ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । ପ୍ରତିଯୋଗିତାରେ ଅମ୍ରିତ ଆକାଶ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ସଇଁତଲାର ସିଦ୍ଧାର୍ଥ ଶଙ୍କର ରଣା ଦ୍ୱିତୀୟ ଏବଂ ଐଶର୍ଯ୍ୟା ଦାସ ତୃତୀୟ ସ୍ଥାନ ଅଧିକାର କରିଥିଲେ । କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ରାଶି ସହ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ଏହି ପ୍ରତିଯୋଗିତାରେ ବିଚାରକ ଭାବେ ଅବସରପ୍ରାପ୍ତ ଅଧ୍ୟାପକ ରାମଶରଣ ହେତା, ଡ. ବି.ଏନ୍. ଶ୍ରୀକାନ୍ତ, ଅଶୋକ କୁମାର ମେହେର, ରସରାଜ ଅଚ୍ୟୁତ ପୁରୋହିତ, ରିଲାଏନ୍ସ ଫାଇନାନ୍ସର ସୁଶାନ୍ତ କୁମାର ଦାସ ଯୋଗଦାନ କରିଥିଲେ । ବକ୍ତୃତା ପ୍ରତିଯୋଗିତା ପରେ ସକାରତ୍ମକ ସଚେତନା ଓ ଶିକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ସାଧାନକର୍ମୀମାନେ ଯୋଗଦାନ କରି ସକାରାତ୍ମକ ଜୀବନ ଅତିବାହିତ କରି ରାଷ୍ଟ୍ର ନିର୍ମାଣରେ ନିଜକୁ ନିୟୋଜିତ କରିବା ପାଇଁ ଆହ୍ୱାନ ଦେଇଥିଲେ । କାର୍ଯ୍ୟକ୍ରମରେ ନେହେରୁ ଯୁବକେନ୍ଦ୍ର ଜିଲା ସଂଯୋଜକ ପ୍ରବୀର କୁମାର ପ୍ରଧାନ ସଭାପତିତ୍ୱ କରିଥିଲେ । କାର୍ଯ୍ୟକ୍ରମରେ ସୁବର୍ଣ୍ଣପୁର ଜିଲାର ପ୍ରୋଗ୍ରାମ ସଂଯୋଜକ ରାଜପାଲ ସିଂ ଉପସ୍ଥିତ ଥିଲେ । ନେହେରୁ ଯୁବ କେନ୍ଦ୍ର ଲେଖାପାଳ ବିପିନ ବିହାରୀ ଜେନା କାର୍ଯ୍ୟକ୍ରମ ସଂଚାଳନ କରିଥିଲେ । ଏଥିରେ ବଳିଆରସିଂ ବସ୍ତିଆ, ସୁଶୀଲ କୁମାର ସା, ଆକାଶ ପଟେଲ ଓ ସୁଶାନ୍ତ ଗହିର ଓ ଅନ୍ୟମାନେ ସହଯୋଗ କରିଥିଲେ।

ନେହେରୁ ଯୁବକେନ୍ଦ୍ର ପକ୍ଷରୁରୁ କୃତୀ ପ୍ରତିଭାଗୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

+PILES CLINIC+
Near Budheswari Temple, ମହ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

ଜଦଳିପାଲି ନବ ବିବାହିତା ହତ୍ୟା ଘଟଣା

ଅଭିଯୁକ୍ତ ସ୍ୱାମୀ ଜେଲ ଗଲେ

ଲୋଇସିଂହା
୧୦।୧୧ (ଡି.ଏନ.ଏ.)

ବଲାଙ୍ଗୀର ଜିଲା ଲୋଇସିଂହା ଥାନା କଦଳିପାଲି ଗ୍ରାମରେ ଗତ ଅକ୍ଟୋବର ୨୬ରେ ଘଟିଥିବା ନବବଧୂହତ୍ୟା ଘଟଣାରେ ଅଭିଯୁକ୍ତ ସ୍ୱାମୀ ସତ୍ୟନାରାୟଣ ପାତ୍ର ଜେଲ ଯାଇଛନ୍ତି। ଶୁକ୍ରବାର ଲୋଇସିଂହା ପୋଲିସ ତାଙ୍କୁ କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବଲାଙ୍ଗୀର ଜେଲ ହାଜତକୁ ପଠାଇ ଦିଆଯାଇଛି। ପୋଲିସ ସୂତ୍ରରୁ ପ୍ରକାଶ ଯେ, ଲୋଇସିଂହା ଥାନା ବାଦିବାହାଲ ପଞ୍ଚାୟତ ଅଧୀନ କଦଳିପାଲୀ ଗ୍ରାମର ଆଉଲ ପାତ୍ରଙ୍କ ପୁଅ ସତ୍ୟନାରାୟଣ ଗତ ଏପ୍ରିଲ ୨୦ରେ ବଲାଙ୍ଗୀର ସଦର ଥାନା ପର୍ଥଲା ଗ୍ରାମର ଘୁନ୍ଦୁ କରନଙ୍କ ଝିଅ ଶୋଭାଗିନୀଙ୍କୁ ବିବାହ କରିଥିଲେ। ଗତ ଦଶହରା ସମୟରେ ସତ୍ୟନାରାୟଣ ଶ୍ୱଶୁର ଘରକୁ ଆସିଥିଲେ। ପରେ ସ୍ତ୍ରୀଙ୍କୁ ଛାଡି କଦଳିପାଲିକୁ ଫେରିଥିଲେ । ଘରେ ପହଞ୍ଚି ସେ ଶୋଭାଗିନୀଙ୍କୁ ଫୋନ କରିଥିଲେ । କୌଣସି କାରଣରୁ ସେ ଫୋନ ରିସିଭ କରି ନ ଥିଲେ । ଅକ୍ଟୋବର ୨୦ରେ ସତ୍ୟନାରାୟଣ ପର୍ଥଲାକୁ ଯାଇ ଆଇମାଙ୍କ ଦେହ ଅସୁସ୍ଥ ଅଛି କହି ଶୋଭାଗିନୀଙ୍କୁ କଦଳିପାଲି ନେଇ ଆସିଥିଲେ । ଘରକୁ ଆଣିଲା ପରେ ଫୋନ ରିସିଭ ନ କରିବାର କାରଣ ପଚାରିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏହା ପରଠାରୁ କିଛିଦିନ ସ୍ୱାମୀସ୍ତ୍ରୀଙ୍କ ମଧ୍ୟରେ ପାଟିତୁଣ୍ଡ ଲାଗି ରହିଥିଲା। ସତ୍ୟନାରାୟଣ ତାଙ୍କ ଚରିତ୍ରକୁ ନେଇ ସନ୍ଦେହ କରିବା ପରେ ଘଟଣା ଅଧିକ ଜଟିଳ ହୋଇଥିଲା। ଅକ୍ଟୋବର ୨୫ ରାତିରେ ହଠାତ୍ ଶୋଭାଗିନୀଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହୋଇଯିବାରୁ ତାଙ୍କୁ ଲୋଇସିଂହା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ହେଲେ ଝିଅର ଆକସ୍ମିକ ମୃତ୍ୟୁକୁ ନେଇ ବାପ ଘର ଲୋକେ ସନ୍ଦେହ କରିଥିଲେ । ଶୋଭାଗିନୀଙ୍କ ବେକରେ ଦାଗ ଥିବାରୁ ହତ୍ୟା କରାଯାଇଥିବା ନେଇ ତାଙ୍କ ଭାଇ ସୁବାସ କରନ ନଭେମ୍ବର ୪ରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଲୋଇସିଂହା ଥାନା ପୋଲିସ ସତ୍ୟନାରାୟଣଙ୍କୁ ଥାନାକୁ ଆଣି ପଚରାଉଚରା ବେଳେ ଶୋଭାଗିନୀଙ୍କ ତଣ୍ଟି ଚିପି ହତ୍ୟା କରିଥିବା ସ୍ୱୀକାର କରିଥିଲେ। ଫଳରେ ଥାନାରେ ରୁଜୁ ହୋଇଥିବା ଅପମୃତ୍ୟୁ ମାମଲା ହତ୍ୟା ମାମଲା(ନଂ.୧୮୧/୧୮)ରେ ପରିବର୍ତ୍ତିତ ହୋଇଥିଲା। ଅଭିଯୁକ୍ତ ସ୍ୱାମୀଙ୍କୁ ଶୁକ୍ରବାର ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଥିବା ଆଇଆଇସି ଏଲ.ଏଲ. ବାର୍ଲା ସୂଚନା ଦେଇଛନ୍ତି।

ଅଭିଯୁକ୍ତ ସତ୍ୟନାରାୟଣ।

Odisha State Disaster Management Authority
(A Govt. of Odisha Agency)
Rajiv Bhawan, 9th Floor, Unit-5, Bhubaneswar-751015
Phone : 0674-2395398/ 2395531, Fax : 0674-2391871
Website : www.osdma.org
No.69-F
Quotation Call Notice No. 4755/OSDMA
Request for Proposals (RFP) are invited from the eligible firms/ companies for selection of a software development agency for re-design, development and maintenance of OSDMA web-portal. The details can be found in OSDMA website (tender section) (www.osdma.org)
24007/11/0012/1819
Sd./- Managing Director

No 1 Clinic in India for Sexual Treatment
Lady Doctors are available for Ladies
For Best results Consult Physically
ସହବାସରେ ସମସ୍ୟା | ଶିଥିଳତା
ଧାତୁ ପତଳା | ଶିଘ୍ର ପତନ
ପରିସ୍ରାରେ ଧାତୁ | ସ୍ୱପ୍ନଦୋଷ
ଯୌନାଙ୍ଗରେ ଘା | ସ୍ତ୍ରୀ ରୋଗ
ଗୋପନରେ ମଦ ଛଡାନ୍ତୁ
PUSHPA CLINIC (P) LTD.
www.pushpaclinic.com
ପୁରୁଷାଙ୍ଗ ଶିଥିଳତା ଓ ଶିଘ୍ରପତନ ଦୂରକରିବା ପାଇଁ ପୁଷ୍ପାକ୍ଲିନିକ୍‌ର ଆୟୁର୍ବେଦୀୟ ଚିକିତ୍ସା ଅତୁଳନୀୟ
ସବୁଦିନ ସକାଳ ୯ଟାରୁ ରାତ୍ର ୮ଟା
A- 41, BDA Duplex Colony, Baramunda, Bhubaneswar - 3 | BALASORE 9437147000
BBSR 0674- 2354320, 9437143000, 9437138000 | ANGUL 9437146000
ସୂଚନା : ଅନୁଗୋଳ ଓ ବାଲେଶ୍ୱର ବ୍ୟତିତ ଅନ୍ୟ କୌଣସି ଜାଗାରେ ଆମର କୌଣସି ଶାଖା କ୍ଲିନିକ୍ ନାହିଁ ।

୨ ପ୍ରକଳ୍ପର ଶିଳାନ୍ୟାସ କଲେ ଏମ୍‌ପି

ଦେଓଗାଁ,୧୦।୧୧ (ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଜରାସିଂହା ପଞ୍ଚାୟତ ଅନ୍ତର୍ଗତ ଜରାସିଂହାରେ ଶନିବାର ଏମ୍‌ପି କଲିକେଶ ନାରାୟଣ ସିଂଦେଓ ୨ଟି ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ଦେଓଗାଁ ବସ୍‌ଷ୍ଟାଣ୍ଡରୁ ଏକ ବାଇକ ରାଲିରେ ଆସି ପ୍ରଥମେ ଜରାସିଂହା ଯୁକ୍ତଦୁଇ କଲେଜରେ ୧କୋଟି ୪୪ ଲକ୍ଷ ଟଙ୍କା ବ୍ୟୟରେ ହେବାକୁ ଥିବା ଅନୁସୂଚିତ ଜାତିର ଛାତ୍ରମାନଙ୍କ ପାଇଁ ଶହେ ଶଯ୍ୟା ବିଶିଷ୍ଟ କୋଠାର ଶିଳାନ୍ୟାସ କରିଥିଲେ । ଏମପି ପ୍ରତିନିଧି ଉମା ଶଙ୍କର ସିଂଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ କଲେଜ ଅଧ୍ୟକ୍ଷ ବିମଳ କିଶୋର ସାହୁ ଅତିଥି ପରିଚୟ ତଥା ବିବରଣୀ ପ୍ରଦାନ କରିଥିଲେ।

ମୁଖ୍ୟ ଅତିଥି ଏମପି ସିଂଦେଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନାଗୁଡିକ ଉପରେ କହିଥିଲେ। ଖୁବ୍ କମ ଦିନ ମଧ୍ୟରେ ଅଞ୍ଚଳବାସୀଙ୍କ ମୁଖ୍ୟ ଦାବି ଦେଓଗାଁ ରେଳ ଷ୍ଟେଶନରେ ଏକ୍ସପ୍ରେସ ଟ୍ରେନ ଅଟକିବ ବୋଲି ସେ କହିଥିଲେ । ଏହି ଅବସରରେ ଜିଲା ପରିଷଦ ସଭ୍ୟ ତଥା ବିଜେଡି ବ୍ଲକ ସଭାପତି ଶୁଶୀଲ କୁମାର ଚାନ୍ଦ, ଜିଲା ପରିଷଦ ସଭ୍ୟ ଗୁରୁଦେବ ରଣା, ସ୍ଥାନୀୟ ସରପଞ୍ଚ କୁଶମଣି ମେହେର ଓ ସମିତି ସଭ୍ୟା ମମତା ପୁଟେଲ ପ୍ରମୁଖ ମଞ୍ଚସୀନ ଥିଲେ । ପରେ ସ୍ଥାନୀୟ ମିନି ଷ୍ଟାଡିୟମରେ ପ୍ରାୟ ୨୪ ଲକ୍ଷ ଟଙ୍କାରେ ନିର୍ମାଣାଧିନ ଖେଳପଡିଆ ଉନ୍ନତୀକରଣ କାର୍ଯ୍ୟର ଶିଳାନ୍ୟାସ କରିଥିଲେ ଏମପି। କାର୍ଯ୍ୟକ୍ରମରେ ଧଣ୍ଡାମାଲ ସରପଞ୍ଚ ଦୟାନିଧି ଖମାରୀ, ପୂର୍ବତନ ସରପଞ୍ଚ ଅନ୍ତର୍ଯ୍ୟାମୀ ଭୋଇ, ଶୈଲେନ୍ଦ୍ର କୁମାର ସାହୁ, ହିତେଷ କୁମାର ଦଲାଇ, ସୁନୀଲ କୁମାର ମେହେର, ଧବଳେଶ୍ୱର ନାଏକ, ବୁଦ୍ଧଦେବ ପରୁଆ ପ୍ରମୁଖ ଉପସ୍ଥିତ ଥିଲେ।

ଜରାସିଂହା କଲେଜରେ ଏମ୍‌ପି କଲିକେଶ ନାରାୟଣ ସିଂଦେଓ ଶହେଶଯ୍ୟା ବିଶିଷ୍ଟ କୋଠାର ଶିଳ୍ୟାନ୍ୟାସ କରୁଛନ୍ତି।

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

TARIFF — MORE SPACE • SAME PRICE (*GST 5% Extra)

For Single Day		For 7 Days		For 15 Days		For 30Days	
6 × 4	12 × 4	6 × 4	12 × 4	6 × 4	12 × 4	6 × 4	12 × 4
1,500.00	2,000.00	6,000.00	12,000.00	12,000.00	25,000.00	20,000.00	40,000.00

Get Instant Cash against Gold, Sell Your Gold at 100% Market Value
GOLD CASH LTD
(an ISO 9001:2015 Certified Company)
ନିଜ ବନ୍ଧକ ସୁନାକୁ ମୁକୁଲେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ ମୂଲ୍ୟରେ ନେବା ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ୍ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free: 1800-120-3430
Branches: Bhubaneswar, Cuttack, Bhadrak, Rourkela & Berhampur

୩ ଘଣ୍ଟାରେ ୧୦୦% ସମାଧାନ ଘରେ ବସି ଫୋନ ଦ୍ୱାରା
କଣ ଆପଣ ଚିନ୍ତିତ ଅଛନ୍ତି ?
କାହିଲେ ନୁହେଁ ଦେଖାଗଲେ କଷ୍ଟ ଦୂରହେବ !
ଆମ ଉପରେ ଆପଣଙ୍କର ଜାଗରେ ସବା ଓ ଦିଲ୍ଲ ଦଦଳେ ହେବେ ଘଟିବ
କାମ ନହେଲେ ପଇସା ଫେରନ୍ତି ! Time - 10 am to 6 pm
ମନବାଞ୍ଛା ବିବାହ, ବ୍ୟବସାୟ, ଗୃହକ୍ଲେଶ, ବିଭା କରାଯା, ବିବାହରେ ବାଧା, ସନ୍ତାନୀ ଓ ଶତ୍ରୁ ମୁକ୍ତି, ରୋଗରେ ଔଷଧ ନ ଧରିବା, କ୍ୟାରିୟରରେ ଅସଫଳତା, ବଶୀକରଣ.
ମୁଠକରଣୀ, ଯାଦୁଟୋଣା, ଭୂତପ୍ରେତ ଆଦି ଜଟିଳ ଭୂ ଜଟିଳ ସମସ୍ୟାର ସମାଧାନ ।
(ସ୍ୱେଶାଳିଷ

ଯେଉଁଠାରେ ଆତ୍ମବଡ଼ିମା ଶେଷ ହୋଇଯାଏ, ସେହିଠାରୁ ମହତ୍ତ୍ୱ ଆରମ୍ଭ ହୁଏ।
- ସେକ୍ସପିୟର

ସଂକ୍ଷେପରେ

ଧାନ ଖରି ଜଳିଗଲା

ସିନାପାଲି,୧୦।୧୧(ଡି.ଏନ୍.ଏ.)- ନୂଆପଡ଼ା ଜିଲା ସିନାପାଲି ବ୍ଲକ ମଖାପଦର ଗ୍ରାମପଞ୍ଚାୟତର ସିତିଲିଖଲିଆ ଗ୍ରାମର ଚାଷୀ ଇଶ୍ୱର ମେହେରଙ୍କ ୨ ଏକର ଚାଷ ଜମିର ଧାନଖରି ଖଳାରେ ରହିଥିବା ଜଳିଯାଇଛି । ପ୍ରାପ୍ତ ସୂଚନାନୁସାରେ ଇଶ୍ୱର ଧାନକାଟି ଖଳାରେ ଧାନଖରି କରି ଘରକୁ ଆସିବା ପରେ କୌଣସି କାରଣରୁ ସେଥିରେ ନିଆଁ ଲାଗିଯାଇଥିଲା। ସେ ଏ ନେଇ ଅଗ୍ନିଶମ ବିଭାଗକୁ ଖବର କରିଥିଲେ। ହେଲେ ଅଗ୍ନିଶମ ଗାଡ଼ି ଘଟଣାସ୍ଥଳରେ ପହଞ୍ଚିବା ପୂର୍ବରୁ ୮୦ ପ୍ରତିଶତ ଧାନଖରି ଜଳି ଛାର୍‌ଖାର୍ ହୋଇଯାଇଥିଲା।

ଆଜି କ'ଣ କେଉଁଠି

ନୂଆପଡା ଅଫିସ

ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଯୁବ କାର୍ଯ୍ୟକର୍ତ୍ତା ସମ୍ମିଳନୀ
ସ୍ଥାନ
ଖଡିଆଳ କଲ୍ୟାଣ ମଣ୍ଡପ
ସମୟ
ପୂର୍ବାହ୍ନ ୧୦ଟା ୧୫ମିନିଟ

ଜିଲା ଯାଦବ ସମାଜର ନୂଆଁଖାଇ ଭେଟଘାଟ
ସ୍ଥାନ
ସିନାପାଲି ବ୍ଲକ କେନ୍ଦୁମୁଣ୍ଡା ହାଇସ୍କୁଲ ଖେଳପଡିଆ
ସମୟ
ପୂର୍ବାହ୍ନ ୧୧ଟା

ସ୍ଥାୟୀ ନିଯୁକ୍ତି ଦାବିରେ ସମାବେଶ

ନୂଆପଡା ଅଫିସ,୧୦।୧୧

ଯୋଗାଣ ସହାୟକ ସଂଘ ତରଫରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଉଛି।

ମେଳି ବାନ୍ଧିଲେ ଯୋଗାଣ ସହାୟକ

- ରାଜୀବ ଗାନ୍ଧୀ ସେବା କେନ୍ଦ୍ରରେ ବୈଠକ
- ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର
- ଦାବିପୂରଣ ନ ହେଲେ ଆନ୍ଦୋଳନ

ଆଜିକୁ ପାଞ୍ଚ ବର୍ଷ ହେବ ନୂଆପଡା ଭଳି ଉପାନ୍ତ ଜିଲାର ଗ୍ରାମାଞ୍ଚଳଗୁଡିକରେ ଦିନରାତି ନିଜକୁ ଜଳାଞ୍ଜଳୀ ଦେଇ ଗରିବ ପରିଜନଙ୍କ ପେଟପାଟଣାକୁ ଅନ୍ନଯୋଗାଇ ଆସୁଥିବା ଯୋଗାଣ ସହାୟକମାନଙ୍କ ପ୍ରତି ସରକାର ନିଦାବିଷ୍ଟ ହୋଇ ରହିଛନ୍ତି। ସେମାନଙ୍କୁ ସାଧାରଣ କୁଲି ମଜୁରିଆଙ୍କଠାରୁ ମଧ୍ୟ କମ ଟଙ୍କା ଦିଆଯାଉଛି। ସ୍ଥାୟୀ କରିବାର ନା ଧରୁନାହାନ୍ତି ସରକାର। ତେଣୁ କରି ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବାକୁ ସଜବାଜ ହେଉଛି ଜିଲା ଯୋଗାଣ ସହାୟକ ସଂଘ। ସ୍ଥାନୀୟ ରାଜୀବ ଗାନ୍ଧୀ ସେବାକେନ୍ଦ୍ରରେ ମେଳି ବାନ୍ଧିଛି ସଂଘ। ଏଥିରେ ଜିଲାର ୧୩୧ଟି ଗ୍ରାମପଞ୍ଚାୟତର ଶତାଧିକ ମହିଳା ପୁରୁଷ ଯୋଗାଣ ସହାୟିକା ସହାୟକମାନେ ଏକଜୁଟ ହୋଇ ଯୋଜନା ପ୍ରସ୍ତୁତି କରିଛନ୍ତି।

ପୂର୍ବାହ୍ନ ୧୧ଟାବେଳେ ଜିଲା ସଭାପତି ହୀରାଲାଲ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ପୂର୍ବତନ ବିଧାୟକ ରାଜେନ୍ଦ୍ର ପ୍ରସାଦ ଢୋଲକିଆ ମୁଖ୍ୟ ଅତିଥି, ପୂର୍ବତନ ଜିଲା ପରିଷଦ ସଭ୍ୟ ରାମଚରଣ ସାହୁ, ନୂଆପଡା ବ୍ଲକ ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ସହସ୍ରାଂଶୁ ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏଥିରେ ଜିଲାର ବିଭିନ୍ନ ପ୍ରାନ୍ତରରେ କାର୍ଯ୍ୟରତ ଯୋଗାଣ ସହାୟକମାନେ ନିଜର ସମସ୍ୟା ସମ୍ପର୍କରେ ଅବଗତ କରିଥିଲେ। ଏହି ଅବସରରେ ଯୋଗାଣ ସହାୟକମାନଙ୍କର ପାରିଶ୍ରମିକ ୧୦ରୁ ୧୫ହଜାର ଟଙ୍କା ରଖାଯିବା, ବଣ୍ଟନରେ ବେସରକାରୀ ରିଟେଲରକୁ ଯେଭଳି ଲାଇସେନ୍ସ ପ୍ରଦାନ କରାଯାଉଛି ସେଭଳି ଯୋଗାଣ ସହାୟକମାନଙ୍କୁ ମଧ୍ୟ ପିଡିଏସ ଲାଇସେନ୍ସ ପ୍ରଦାନ କରାଯିବା, ସହାୟକଙ୍କୁ ପଞ୍ଚାୟତଗୁଡିକରୁ ଦରମା ନ ଦେଇ ଜିଲାସ୍ତରୀୟ ଯୋଗାଣ ବିଭାଗ ତରଫରୁ ଆକାଉଣ୍ଟ ଜରିଆରେ ସିଧାସଳଖ ପ୍ରଦାନ କରିବା, ସରକାର ଯେଭଳି ଅନ୍ୟାନ୍ୟ ଚାକିରୀରେ କାମ କରିବାର ୬ବର୍ଷ ପୂରି ହେଲେ ନୟମିତ କରୁଛନ୍ତି ସେଭଳି ଯୋଗାଣ ସହାୟକମାନଙ୍କୁ ମଧ୍ୟ ୬ବର୍ଷ କାର୍ଯ୍ୟ ଶେଷ ପରେ ଗ୍ରେଡ ପେ ସହିତ ୯୩ ଶହ ପେ ସ୍କେଲରେ ଦରମା ପ୍ରଦାନ, ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ ବିଭାଗ ଓଡିଶା ସରକାରଙ୍କ ନିଯୁକ୍ତି କ୍ଷେତ୍ରରେ ୫୦ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା କରିବାକୁ ଦାବି ରଖାଯାଇଛି। ଏଗୁଡିକ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା। ଏହି ଅବସରରେ ଅତିଥିଭାବେ ଯୋଗ ଦେଇଥିବା ପୂର୍ବତନ ବିଧାୟକ ତଥା ଜିଲା ବିଜେଡି ସଭାପତି ଢୋଲକିଆଙ୍କୁ ଏହି ଦାବିପତ୍ର ମୁଖ୍ୟମନ୍ତ୍ରୀ ତଥା ରାଜ୍ୟ ବିଜେଡିର ସଭାପତି ନବୀନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ଏହାକୁ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ପ୍ରେରଣ କରିବା ସହ ଏହା କାର୍ଯ୍ୟାନୁଷ୍ଠାନ କରିବାକୁ ନିବେଦନ କରିବେ ବୋଲି କହିଥିଲେ। ଅପରପକ୍ଷେ ସରକାର ରାଜ୍ୟର ଜନସାଧାରଣଙ୍କ ପାଇଁ ସ୍ୱାସ୍ଥ୍ୟ, ଶିକ୍ଷା କ୍ଷେତ୍ରରେ ବିଭିନ୍ନ ଜନହିତକାରୀ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ସେଗୁଡିକ ଉପରେ ଲୋକଙ୍କ ସଚେତନତା ଆବଶ୍ୟକତା ରହିଛି। ଏହି କାର୍ଯ୍ୟ ଯୋଗାଣ ସହାୟକମାନେ କରିପାରିବେ। ସେଥିପାଇଁ ସେମାନେ ନିଜକୁ ପଞ୍ଚାୟତଗୁଡିକର ଦୂତ ଭାବରେ ନିଜକୁ ପ୍ରସ୍ତୁତ କର କାମ କରିବାକୁ ନିବେଦନ କରିଥିଲେ। ତେବେ ଏହି ଦାବିଗୁଡିକ ଉପରେ ସଂଘ ତରଫରୁ ବିଗତ ଦିନରେ ବୈଠକ କରି ସରକାରଙ୍କୁ ଜଣାଇସାରିଛନ୍ତି। ହେଲେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇ ନ ଥିବାରୁ ସଂଘ କର୍ମକର୍ତ୍ତାମାନେ କ୍ଷୋଭ ପ୍ରକାଶ କରିଥିଲେ। ପୁଣି ଆଗାମୀ ଦିନରେ ସୁଫଳ ନ ମିଳିଲେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବେ ବୋଲି ବୃତ୍ତାନ୍ତ ନିଷ୍ପତ୍ତି ନେଇଛନ୍ତି। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ରୋହିତ କୁମାର ଜଗତ, ସଦନ ପଟେଲ, କେଦାର ନିଆଲ, ଉପେନ୍ଦ୍ର ନାଏକ, ନରେନ୍ଦ୍ର ବାଗ, ଚନ୍ଦ୍ରକାନ୍ତ ସାହୁ, ରତନଲାଲ ସହିସ, ଉଧେରାମ ଗଉଡ ପ୍ରମୁଖ ଯୋଗଦେଇଥିଲେ।

ଚାନ୍ଦା ବହିରେ ଓପେପା ଲୋଗୋ

ଖାରବେଳ ଶିକ୍ଷକ ସଂଘର ଅଭିଯୋଗ

କଳାହାଣ୍ଡି ଜିଲା

କୋକସରା, ୧୦।୧୧ (ଡି.ଏନ୍.ଏ.).

କୋକସରା ବ୍ଲକ ଶିକ୍ଷା ବିଭାଗରେ ଶିକ୍ଷକ ସଂଘ ମଧ୍ୟରେ ଶିଶୁ ଦିବସ ଉତ୍ସବ ପାଳନକୁ ନେଇ ଟଣାଓଟରା ହେବା ଘଟଣା ସାମନାକୁ ଆସିଛି। କୋକସରା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ନାମରେ ଅନ୍ୟ ଏକ ଶିକ୍ଷକ ଗୋଷ୍ଠୀ ଆସନ୍ତା ୧୪ ତାରିଖରେ ଶିଶୁ ଦିବସ ପାଳନକୁ ନେଇ ପ୍ରସ୍ତୁତି ଚଳାଇଥିବା ବେଳେ ପ୍ରାଥମିକ ଶିକ୍ଷକ ସଂଘ କୋକସରା ବ୍ଲକ ନାମରେ ସର୍ବଶିକ୍ଷା ଅଭିଯାନ ଓପେପା ଲୋଗୋ ସହିତ ଏକ ରସିଦ ବହି ଛାପି ବ୍ଲକରେ କାର୍ଯ୍ୟରତ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କଠାରୁ ଚାନ୍ଦା ଅସୁଲ କରିବା ସହ ସରକାରୀ ଲୋଗୋର ଅପବ୍ୟବହାର କରାଯାଉଥିବା ଖାରବେଳ ଶିକ୍ଷକ ସଂଘ ଅଭିଯୋଗ କରିଛି। ପ୍ରକାଶ ଥାଉକି ପୂର୍ବରୁ ଜିଲାସ୍ତରୀୟ ଗୁରୁ ଦିବସକୁ ଖାରବେଳ ନଗର ଶିକ୍ଷକ ସଂଘ ଆୟୋଜିତ କରିଥିଲା ବେଳେ ବର୍ତ୍ତମାନ ଶିଶୁ ଦିବସକୁ ଅନ୍ୟ ଏକ ଶିକ୍ଷକ ସଂଘ ପାଳନ କରିବା ପାଇଁ ପ୍ରସ୍ତୁତି ଚଳାଇଛନ୍ତି। କୋକସରା ବ୍ଲକ ଖାରବେଳ ନଗର ଶିକ୍ଷକ ସଂଘ ସଭାପତି ଲକ୍ଷ୍ମୀଧର ସେନାପତି, ସମ୍ପାଦକ ଦୁର୍ଯ୍ୟୋଧନ ବାଗ ଶିଶୁ ଦିବସ ଉତ୍ସବରେ ଖାରବେଳ ନଗର ଶିକ୍ଷକ ସଂଘର କୌଣସି ସମ୍ପୃକ୍ତି ନ ଥିବା ସ୍ପଷ୍ଟ କରିଛନ୍ତି। ଏ ନେଇ ଶୁଶୁ ଦିବସ ଉତ୍ସବ ପାଳନ କମିଟି ସଭାପତି ସତ୍ୟବାନ ପାଣିଗ୍ରାହୀଙ୍କୁ ପଚରାଯିବାରୁ କୌଣସି ଶିକ୍ଷକ କିମ୍ବା ଶିକ୍ଷୟିତ୍ରୀଙ୍କଠାରୁ ଜୋର ଜବରଦସ୍ତ ଚାନ୍ଦା ଅସୁଲ କରାଯାଉ ନାହିଁ। ଓପେପା ଲୋଗୋ ରସିଦ ବହିରେ ରହିଲେ କୌଣସି ଅସୁବିଧା ନାହିଁ ବୋଲି କହିଛନ୍ତି। କିଛି ଶିକ୍ଷକ ଏଭଳି ମିଛ ପ୍ରଚାର କରୁଛନ୍ତି ତାହା ସମ୍ପୂର୍ଣ୍ଣ ଭିତ୍ତିହୀନ ବୋଲି ସେ କହିଛନ୍ତି।

+PILES CLINIC+
Near Budheswari Temple, ମହ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

Odisha State Disaster Management Authority
(A Govt. of Odisha Agency)
OSDMA
Rajiv Bhawan, 9th Floor, Unit-5, Bhubaneswar-751015
Phone : 0674-2395398/ 2395531, Fax : 0674-2391871
Website : www.osdma.org
No.69-F
Quotation Call Notice No. 4755/OSDMA
Request for Proposals (RFP) are invited from the eligible firms/ companies for selection of a software development agency for re-design, development and maintenance of OSDMA web-portal. The details can be found in OSDMA website (tender section) (www.osdma.org)
24007/11/0012/1819
Sd./- Managing Director

ବନ୍ୟପ୍ରାଣୀଙ୍କ ଗତିବିଧି ନିରୀକ୍ଷଣ କରିବ କ୍ୟାମେରା

ନୂଆପଡା ଅଫିସ,୧୦।୧୧



ସୁନାବେଡା ଅଭୟାରଣ୍ୟ ଭିତରେ ବନ୍ୟପ୍ରାଣୀ ବିଭାଗ ତରଫରୁ କ୍ୟାମେରା ଖଞ୍ଜାଯାଉଛି।

ସୁନାବେଡ଼ା ଅଭୟାରଣ୍ୟ

- ଲାଗିଲା ଟ୍ରାଫିକ କ୍ୟାମେରା
- ଧରାପଡିଯିବେ ବନ୍ୟପ୍ରାଣୀ ଶିକାରୀ
- ୭୦ଟି କ୍ୟାମେରା ଲାଗିବ

ନୂଆପଡା ଜିଲାର ଛତିଶଗଡ ସୀମାନ୍ତରେ ଲାଗିରହିଥିବା ୬ବର୍ଗ କି.ମି ପରିବ୍ୟାପ୍ତ ଜଙ୍ଗଲ ମଧ୍ୟରେ ବନ୍ୟପ୍ରାଣୀ ଏବଂ ଶିକାରୀମାନଙ୍କ ଗତିବିଧି ଅନୁଧ୍ୟାନ କରିବା କଷ୍ଟକର। ଗୋଟିଏ ପଟେ ମାଓବାଦୀ ଏବଂ ଅନ୍ୟପଟେ ଘଞ୍ଚ ଜଙ୍ଗଲ ବନବିଭାଗ ପାଇଁ ଏକ ଚ୍ୟାଲେଞ୍ଜ ସୃଷ୍ଟି କରିଥାଏ। ତେବେ ଏହାକୁ ନିରୀକ୍ଷଣ କରିବାକୁ ବନ୍ୟପ୍ରାଣୀ ବିଭାଗ ପ୍ରଥମ କରି କ୍ୟାମେରା ଖଞ୍ଜିବା ଆରମ୍ଭ କରିଛି। ଖଡିଆଳ ବନଖଣ୍ଡ ଏବଂ ସୁନାବେଡା ଅଭୟାରଣ୍ୟ ବିଭାଗ ତରଫରୁ ମିଳିତ ଭାବେ ଏହି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ସାରା ସୁନାବେଡା ମଧ୍ୟରେ ବନ୍ୟପ୍ରାଣୀମାନଙ୍କର ମୁଖ୍ୟଆଡ୍ଡା ଗୁଡିକରେ ମୋଟ ୭୦ଟି କ୍ୟାମେରା ଖଞ୍ଜାଯିବାକୁ ପ୍ରକ୍ରିୟା ଆରମ୍ଭ ହୋଇଛି।

ସୁନାବେଡା ଅଭୟାରଣ୍ୟ କହିଲେ ଗୋଟିଏ ପଟେ ଧରମବନ୍ଧାରୁ ଆରମ୍ଭ କରି ନଙ୍ଗଲ ବୋଡ ଏବଂ ବରକୋଟରୁ ଆରମ୍ଭ କରି ଛତିଶଗଡର ଉଦନ୍ତୀ ଅଭୟାରଣ୍ୟ ପର୍ଯ୍ୟନ୍ତ ବ୍ୟାପ୍ତ ରହିଥିବା ଜଙ୍ଗଲକୁ ବୁଝାଇଥାଏ। ଆଜିକୁ ଅନ୍ୟୁନ ଦଶ ବର୍ଷ ହେବ ଏହି ଜଙ୍ଗଲ ଉପରେ ମାଓବାଦୀମାନେ ଲାଲ କରିଡର ସ୍ଥାପନ କରି ଏକପ୍ରକାର ନିଜ କବଜାରେ ରଖିଛନ୍ତି। ଏହି ଦିନଠାରୁ ଏଠାକୁ ବନବିଭାଗର କର୍ମଚାରୀମାନ ନିର୍ଭୟରେ ପରିଭ୍ରମଣ କରିପାରୁ ନ ଥିଲେ। ଫଳରେ ଏଠାରେ ଅନାୟାସରେ ଶିକାରୀମାନେ ପରିକ୍ରମା କରି ବନ୍ୟପ୍ରାଣୀଙ୍କ ଉପରେ ଲୋଳୁପ ଦୃଷ୍ଟି ରଖୁଥିଲେ। ଏହାକୁ ଦୃଷ୍ଟିରେ ରଖି ବନ୍ୟପ୍ରାଣୀଙ୍କ ଗତିବିଧି ଏବଂ ଶିକାରୀମାନଙ୍କ ଅନୁପ୍ରବେଶ ଉପରେ ଅଙ୍କୁଶ ଲଗାଇବାକୁ ବନବିଭାଗ ଉଦ୍ୟମ ଆରମ୍ଭ କରିଛି। ଖଡିଆଳ ବନଖଣ୍ଡ କାର୍ଯ୍ୟାଳୟରେ ବନଖଣ୍ଡ ଅଧିକାରୀ ଖୁସବନ୍ତ ସିଂଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ତଥା ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଭୁବନେଶ୍ୱରରୁ ପିସିସିଏଫ କାର୍ଯ୍ୟାଳୟରୁ ବିଶେଷଜ୍ଞ ଭକ୍ତଚରଣ ରଥ, ନିମାଇଁ ପଲେଇ ଯୋଗଦେଇ ଟ୍ରାଫିକ କ୍ୟାମେରା ଉପରେ ପ୍ରଶିକ୍ଷଣ ଦେଇଥିଲେ। ଏହି ଟିମ ଅଭୟାରଣ୍ୟରେ କ୍ୟାମେରା ଖଞ୍ଜାକାର୍ଯ୍ୟ ଆରମ୍ଭ କରିଛି। ଏଥିରେ ନୂଆପଡା ଅଭୟାରଣ୍ୟ ସମେତ ଖଡିଆଳ ଫରେଷ୍ଟ ଡିଭିଜନ, କଳାହାଣ୍ଡି ଜିଲାର ଉତ୍ତର ଓ ଦକ୍ଷିଣ ବନଖଣ୍ଡ, ବଲାଙ୍ଗୀର ଫରେଷ୍ଟ ଡିଭିଜନର ବନକର୍ମଚାରୀମାନେ ପ୍ରଶିକ୍ଷଣ ନେଇଛନ୍ତି। ବନଖଣ୍ଡ ଅଧିକାରୀ ଖୁସବନ୍ତ ସିଂଙ୍କ ନେତୃତ୍ୱରେ ଏକ ଟିମ ଅଭୟାରଣ୍ୟର ପାଟଦର୍ହା, ଗର୍ଜନପାନି ଭଳି ଅତି ଦୁର୍ଗମ ଅଞ୍ଚଳକୁ ଗସ୍ତକରି ବନ୍ୟପ୍ରାଣୀଙ୍କ ମୁଖ୍ୟପେଣ୍ଠ ଜାଗାମାନଙ୍କୁ କ୍ୟାମେରା ଖଞ୍ଜିଥିବା ପ୍ରକାଶ। ଏହା ଦ୍ୱାରା ବାଘ ସମେତ ଅନ୍ୟାନ୍ୟ ହିଂସ୍ର ପ୍ରାଣୀ ଏବଂ ତୃଣ ଭୋଜି ପ୍ରାଣୀଙ୍କ ଗତିବିଧି ଉପରେ ନଜର ରଖାଯାଇ ପାରିବ। ବନ୍ୟପ୍ରାଣୀ ଶିକାରୀଙ୍କ ଉପରେ ତୀକ୍ଷ୍ଣ ନଜର ରହିବ ବୋଲି ବନଖଣ୍ଡ ବିଭାଗ ସୂତ୍ରରୁ ପ୍ରକାଶ।

No 1 Clinic in India for Sexual Treatment
Lady Doctors are available for Ladies
For Best results Consult Physically
ସହବାସରେ ସମସ୍ୟା | ଶିଥିଳତା
ଧାତୁ ପତଳା | ଶିଘ୍ର ପତନ
ପରିସ୍ରାରେ ଧାତୁ | ସ୍ୱପ୍ନଦୋଷ
ଯୌନାଙ୍ଗରେ ଘା | ସ୍ତ୍ରୀ ରୋଗ
ଗୋପନରେ ମଦ ଛଡାନ୍ତୁ
PUSHPA CLINIC (P) LTD.
www.pushpaclinic.com
ପୁରୁଷାଙ୍ଗ ଶିଥିଳତା ଓ ଶିଘ୍ରପତନ ଦୂରକରିବା ପାଇଁ ପୁଷ୍ପାକ୍ଲିନିକ୍‌ର ଆୟୁର୍ବେଦୀୟ ଚିକିତ୍ସା ଅତୁଳନୀୟ
ସବୁଦିନ ସକାଳ ୯ଟାରୁ ରାତ୍ର ୮ଟା
A- 41, BDA Duplex Colony, Baramunda, Bhubaneswar - 3
BALASORE 9437147000
BBSR 0674- 2354320, 9437143000, 9437138000
ANGUL 9437146000
ସୂଚନା : ଅନୁଗୋଳ ଓ ବାଲେଶ୍ୱର ବ୍ୟତିତ ଅନ୍ୟ କୌଣସି ଜାଗାରେ ଆମର କୌଣସି ଶାଖା କ୍ଲିନିକ ନାହିଁ ।

ଖଣ୍ଡିଡଙ୍ଗରିଗୁଡା ଦାଦନ ଶ୍ରମିକଙ୍କ ବକେୟା ଟଙ୍କା ଘଟଣା

ଦାଦନ ସର୍ଦ୍ଦାର ଅଟକ

ମଣ୍ଡଲ,୧୦।୧୧(ଡି.ଏନ.ଏ)

କଳାହାଣ୍ଡି ଜିଲା କଲମପୁର ବ୍ଲକର ଖଣ୍ଡିଡଙ୍ଗରିଗୁଡା ଏବଂ ବଲାଗାଁ ଓ ଜୁନାଗଡ ବ୍ଲକ ହାବସପୁର ଗ୍ରାମର ୧୭ଜଣ ଦାଦନ ଶ୍ରମିକମାନେ ଗତ ମାସ ୮ ତାରିଖରେ ଆନ୍ଧ୍ରପ୍ରଦେଶର ମେହେବୁବ ନଗର ସ୍ଥିତ ମାର୍କେଲଠାରେ ଥିବା ଏକ ଇଟାଭାଟିରେ ବନ୍ଧା ପଡିଥିଲେ । ଏନେଇ ଧରିତ୍ରୀରେ ଏକ ଖବର ପ୍ରକାଶ ପାଇବା ପରେ ଓଡ଼ିଶା ସରକାର ଏବଂ ଆନ୍ଧ୍ର ସରକାରଙ୍କ ମିଳିତ ଉଦ୍ୟମରେ ଦାଦନ ଶ୍ରମିକମାନଙ୍କୁ ଉଦ୍ଧାର କରାଯାଇଥିଲା। ଶ୍ରମିକମାନେ ସେଠାରୁ ଆସି କଳାହାଣ୍ଡି ଜିଲା ଶ୍ରମ ଅଧିକାରୀଙ୍କ ପାଖରେ ଫେରାଦ ହୋଇଥିଲେ। ସମସ୍ତ ବିଷୟ ଜାଣିବା ପରେ ଶ୍ରମ ଅଧିକାରୀ ନେଇଥିବା ଦାଦନ ସର୍ଦ୍ଦାରଙ୍କ ନାମରେ ଏକ ମାମଲା ରୁଜୁ କରିଥିଲେ। ଅକ୍ଟୋବର ୨୨ତାରିଖରେ ଦାଦନ ଦର୍ଦ୍ଦାରଙ୍କୁ ନୋଟିସ ଜାରି କରାଯାଇଥିଲା। ଏନେଇ ହାବସପୁର ଗ୍ରାମର ଦାଦନ ସର୍ଦ୍ଦାରଙ୍କ ପାଖକୁ ଏକ ନୋଟିସ ଯିବାରୁ ସେ ଦହନାପାଲିର ଅନ୍ୟ ଜଣେ ଦାଦନ ସର୍ଦ୍ଦାରଙ୍କୁ ସମସ୍ତ ବିଷୟ ଫୋନରେ କହିବା ସହ ତାଙ୍କୁ ଡାକିଥିଲେ। ଦୁହେଁ ଖଣ୍ଡିଡଙ୍ଗରିଗୁଡାକୁ ଆସିବାରୁ ଗ୍ରାମର ଶ୍ରମିକମାନେ ତାଙ୍କୁ ଅଟକ ରଖିଥିଲେ। ପରେ ସେମାନଙ୍କୁ ବଡକୁଟୁ ଫାଣ୍ଡିରେ ଜିମା ଦେଇଥିଲେ। ସେଠାରେ ସେମାନେ ପୋଲିସ ସମ୍ମୁଖରେ ଶ୍ରମିକଙ୍କ ବକେୟା ଟଙ୍କା ବାବଦରୁ ୩୦ ହଜାର ଟଙ୍କା ଦେବା ପାଇଁ କହିଥିଲେ। ଅନ୍ୟପକ୍ଷେ ପୋଲିସ ଜଣେ ଦାଦନ ସର୍ଦ୍ଦାରଙ୍କୁ ଅଟକ ରଖି ଅଧିକ ତଦନ୍ତ ଚଳାଇଛି।

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

MORE SPACE • SAME PRICE (TARIFF) (*GST 5% Extra)

For Single Day		For 7 Days		For 15 Days		For 30Days	
6×4	12×4	6×4	12×4	6×4	12×4	6×4	12×4
1,500.00	2,000.00	6,000.00	12,000.00	12,000.00	25,000.00	20,000.00	40,000.00

Get Instant Cash against Gold, Sell Your Gold at 100% Market Value
GOLD CASH LTD
(an ISO 9001:2015 Certified Company)
ନିଜ ବନ୍ଧକ ସୁନାକୁ ମୁକୁଲେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ ମୂଲ୍ୟରେ ନେବା ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ୍ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free: 1800-120-3430
Branches: Bhubaneswar, Cuttack, Bhadrak, Rourkela & Berhampur

୩ ଘଣ୍ଟାରେ ୧୦୦% ସମାଧାନ ଘରେ ବସି ଫୋନ ଦ୍ୱାରା
ଜଣ ଆପଣ ଚିନ୍ତିତ ଅଛନ୍ତି ?
କାଢିଲେ ନୁହେଁ ଦେଖାଗଲେ କଷ୍ଟ ଦୂରହେବ !
ଆମ ଉପରେ ଆପଣଙ୍କର ଜୀବନର ସବା ଓ ବିଶ୍ୱାସ ଦେବାକୁ ଚେଷ୍ଟା କାମ ନହେଲେ ପଇସା ଫେରନ୍ତି ! Time - 10 am to 6 pm
ମନବାଞ୍ଛା ବିବାହ, ବ୍ୟବସାୟ, ଗୃହକ୍ଲେଶ, ବିଭା କରାଯା, ବିବାହରେ ବାଧା, ସନ୍ତାନୁଣୀ ଓ ଶତ୍ରୁ ମୁକ୍ତି, ରୋଗରେ ଔଷଧ ନ ଖାଇବା, କ୍ୟାରିୟରରେ ଅସଫଳତା, ବଶୀକରଣ. ମୁଠକରଣୀ, ଯାଦୁଟୋଣା, ଭୂତପ୍ରେତ ଆଦି ଜଟିଳ ଭୂ ଜଟିଳ ସମସ୍ୟାର ସମାଧାନ ।
(ସ୍ୱେଶାଳିଷ୍ଟ- ବଶୀକରଣ, ମୁଠକରଣୀ ଏବଂ କଳାଯାଦୁ)
ଯଦି ଆପଣଙ୍କର ଜ୍ୟୋତିଷ ଓ ପଣ୍ଡିତଙ୍କ ଉପରୁ ଭରସା ଉଠିଯାଇଛି ତାହେଲେ ତୁରନ୍ତ ଫୋନ୍ କରନ୍ତୁ
ଯଦି ଆପଣଙ୍କର ପତି ପ୍ରେମୀ, କିମ୍ବା ପୁଅ ବସରେ ଅଛନ୍ତି ତାହେଲେ ତୁରନ୍ତ ଫୋନ୍ କରନ୍ତୁ
ବାବା ରହେମାନ୍ ଖାନ ବଙ୍ଗାଳୀ
7065430524
9599270336

BUSINESS
ଖାଲିଥିବା ଜମି ଓ ଛାତ ଉପରେ ସିଂଘାନିୟା ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂମ୍ପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
8570062731
9996602452

BUSINESS OPPORTUNITY
ରେଜିଷ୍ଟର୍ଡ ଘରୋଇ ଫାଇନାନ୍ସ କମ୍ପାନୀରେ ନିଜର ମାର୍କସିଟ୍ ଦେଇ ମାତ୍ର ତିନି ଦିନରେ ଶିକ୍ଷାରଣ, ବ୍ୟବସାୟ ଋଣ ଏବଂ ସୁନାରଣ ନେବାର ସୁଯୋଗ ଲାଭ କରନ୍ତୁ। ଆକର୍ଷଣୀୟ ସୁଧ।
ଯୋଗାଯୋଗ:
3 Salt L

ତାଙ୍କ ନିକଟରେ ନିଜକୁ ସମର୍ପି ଦିଅ ; ତାଙ୍କରି କରୁଣାରେ ତୁମ୍ଭ ଆତ୍ମା ପ୍ରସ୍ଫୁଟିତ ହେବ। ସେ ପରମେଶ୍ୱର ଏବଂ ତୁମ୍ଭର ସ୍ୱାମୀ, ତାଙ୍କ ପ୍ରତି ତୁମର ଶ୍ରଦ୍ଧା ଦ୍ୱାରା ହିଁ ତାଙ୍କର ଦର୍ଶନ ପାଇବ। ଏହି ଭାବକୁ ଧ୍ୟାନ କଲେ ପରମ ଶାନ୍ତି ପାଇବ।
- ରାମାନୁଜ

ସଂକ୍ଷେପରେ

ଶାଗୁଆନ ବଣରୁ ମୃତଦେହ ଉଦ୍ଧାର

ଲୋଇସିଂହା,୧୦।୧୧(ଡି.ଏନ.ଏ.)- ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ରୁଗୁଡିଖାଲ ନିକଟସ୍ଥ ଶାଗୁଆନ ବଣରୁ ଜଣେ ବ୍ୟକ୍ତିଙ୍କ ମୃତଦେହ ପୋଲିସ ଶନିବାର ପୂର୍ବାହ୍ନରେ ଉଦ୍ଧାର କରିଛି । ପରେ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ବଲାଙ୍ଗୀର ଭୀମଭୋଇ ମେଡିକାଲକୁ ପଠାଇଛି । ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଛି ପୋଲିସ। ମୃତକଙ୍କ ପରିଚୟ ମିଳି ପାରିନାହିଁ। ସୂଚନା ମତେ ଲୋଇସିଂହା ଥାନାଠାରୁ ୬ କମି ଗଲେ ପଡେ ରୁଗୁଡିଖାଲ ଛକ । ଉକ୍ତ ଛକରୁ ବେନ୍ଦ୍ରାକୁ ଯାଇଥିବା ରାସ୍ତାର ବାମ ପାର୍ଶ୍ୱରେ ଶାଗୁଆନ ବଣ ରହିଛି । ଛକ ନିକଟସ୍ଥ ସରସ୍ୱତୀ ଶିଶୁ ମନ୍ଦିର ସମ୍ମୁଖରେ ଥିବା ଝାରବନ୍ଧି ରାସ୍ତାର(ଚାଲତି) ପ୍ରାୟ ୧ ଶହ ମିଟର ଦୂରରେ ଜଣେ ବ୍ୟକ୍ତିଙ୍କ ମୃତଦେହ ପଡିଥିଲା । ସେ କଳା ପ୍ୟାଣ୍ଟ ଓ ଧଳା ଟି ଶାର୍ଟ ପରିଧାନ କରିଥିଲେ। ମୃତଦେହ ଫୁଲି ଦୁର୍ଗନ୍ଧ ହେଉଥିଲା । ଶୁକ୍ରବାର ସନ୍ଧ୍ୟାରେ ଦୁର୍ଗନ୍ଧ ଆସୁଥିବା ସ୍ଥାନୀୟ ଲୋକେ କହିଛନ୍ତି । ଶନିବାର ସକାଳେ କେତେକ ଲୋକେ ଦେଖି ଲୋଇସିଂହା ପୋଲିସକୁ ଖବର ଦେଇଥିଲେ।

ଶିଶୁ ମନ୍ଦିର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା

ଲୋଇସିଂହା,୧୦।୧୧(ଡି.ଏନ.ଏ.)- ବଲାଙ୍ଗୀର ଜିଲା ଲୋଇସିଂହାସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରର ୨୦ତମ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଶନିବାର ଅନୁଷ୍ଠିତ ହୋଇଯାଇଛି। ଶିଶୁବର୍ଗରେ ସ୍ନେହାରାଣୀ ମେହେର, ରାଜୀବ ସାହୁ, ବାଳବର୍ଗରେ ପୂଜା ପଟେଲ, ସତ୍ୟନାରାୟଣ ମଲ୍ଲିକ ଓ କିଶୋର ବର୍ଗରେ ସୋହାନୀ ନାଏକ, ଚୁମକି ଭୂଏ ଓ ସୌମ୍ୟରଞ୍ଜନ ସିଂ ଚାମ୍ପିୟନ ହୋଇଛନ୍ତି। ଲୋଇସିଂହା ଷ୍ଟାଡିୟମ ଓ ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ବର୍ଷିକ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଶିଶୁ, ବାଳ ଏବଂ କିଶୋର ଏହି ୩ଟି ବର୍ଗରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ବିଦ୍ୟାଳୟର ପ୍ରଥମରୁ ଦଶମ ଶ୍ରେଣୀର ୬୩୦ଜଣ ପ୍ରତିଯୋଗୀ ୬୦ଟି ବିଭାଗରେ ଭାଗ ନେଇଥିଲେ। କିଶୋର ପଟେଲ ଏବଂ କରୁଣାକର ପଧାନ ଖେଳ ପରିଚାଳନା କରିଥିବାବେଳେ ସମସ୍ତ ଗୁରୁମାଗୁରଜୀ ପରିଚାଳନାରେ ସହଯୋଗ କରିଥିଲେ। ଉଦ୍‌ଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବରେ ପରିଚାଳନା ସମିତିର ସଦସ୍ୟ ଯୋଗଦେଇ ଚାମ୍ପିୟନ ଓ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ପ୍ରଧାନଅଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ସମାରୋହରେ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁନନ୍ଦା ତ୍ରିପାଠୀ ଅତିଥିଭାବେ ଯୋଗଦେଇ କ୍ରୀଡା ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ ।

ବଲାଙ୍ଗୀର ଲୋକ ଉତ୍ସବ ଉଦ୍‌ଘାଟିତ

ବଲାଙ୍ଗୀର ଅଫିସ, ୧୦।୧୧

ଲୋକସଂସ୍କୃତି ପ୍ରଦୂଷଣମୁକ୍ତ ହେଉ। ଭାଇଚାରା ସୃଷ୍ଟି କରୁ। ଏହାହେଲେ ଆମ ସମାଜ ସମୃଦ୍ଧ ହେବ ଓ ଆମ ଜୀବନ ସମ୍ପନ୍ନ ହେବ । ବଲାଙ୍ଗୀର ଲୋକଉତ୍ସବ ଏହି ବାର୍ତ୍ତା ବହନ କରୁଛି ବୋଲି ଉଦ୍‌ଘାଟନୀ ସନ୍ଧ୍ୟାରେ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ଏହାପରେ ସାଂସ୍କୃତିକ ବିଚିତ୍ରାରେ କୋଶଳ କଳାମଣ୍ଡଳ ପଡିଆ ରଙ୍ଗମଞ୍ଚ ଝୁଲୁକି ଉଠିଛି । ବଲାଙ୍ଗୀର ଜିଲାପାଳ ତଥା ଲୋକସବ ସମିତି ଅଧ୍ୟକ୍ଷ ଅରିନ୍ଦମ ଡାକୁଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ୧୯ତମ ବଲାଙ୍ଗୀର ଲୋକଉତ୍ସବର ଉଦ୍‌ଘାଟନୀ ସନ୍ଧ୍ୟାରେ ମୁଖ୍ୟଅତିଥିଭାବେ ପଦ୍ମଶ୍ରୀ ବିଦ୍ୟାବାଚସ୍ପତୀ ଡ. ଶ୍ରୀନିବାସ ଉଦଗାତା ଯୋଗଦେଇଥିଲେ। ସମ୍ମାନିତ ଅତିଥି ପଦ୍ମଶ୍ରୀ ଡ. ସାଧୁ ମେହେର, ପ୍ରଫେସର ଡ. ମଧୁସୁଦନ ପତି, ପୌରାଧ୍ୟକ୍ଷା ସନ୍ତୋଷିନୀ ବେହେରା, ଆରକ୍ଷୀ ଅଧୀକ୍ଷକ କେ. ଶିବା. ସୁବ୍ରମଣି, ଅତିଥି କଳାକାରଭାବେ ବରିଷ୍ଠ କଣ୍ଠଶିଳ୍ପୀ ପରମାନନ୍ଦ ମାଝି ଯୋଗ ଦେଇଥିଲେ । ଅତିଥିମାନେ ପ୍ରଥମେ ପଲ୍ଲୀଶ୍ରୀ ମେଳା ଓ ଶିଳ୍ପମେଳାକୁ ଉଦ୍‌ଘାଟନ କରିଥିଲେ । ପରେ କଣ୍ଠଶିଳ୍ପୀ ନବୀନ କୁଅଁରଙ୍କ ସଂଯୋଜନାରେ ଆମେ ତ କୋଶଲୀ ମାଟିର ଛୁଆ ଶୀର୍ଷକ ପ୍ରାରମ୍ଭିକ ସଙ୍ଗୀତ ଗାନ କରାଯାଇଥିଲା । ଏହି ଅବସରରେ ସୁଦୃଶ୍ୟ ଓ ତଥ୍ୟପୂର୍ଣ୍ଣ ଲୋକଉତ୍ସବ ସ୍ମରଣିକାକୁ ଅତିଥିମାନେ ଉନ୍ମୋଚନ କରିଥିଲେ।

ସଭାମଞ୍ଚରେ କୁଶଙ୍ଗ ବଞ୍ଜାରୀ ଗାଁର ପାରମ୍ପରିକ କରମସାନୀ ନୃତ୍ୟଶିଳ୍ପୀ, ନଚ୍‌ନିଆ ଓ ସଂକୀର୍ତ୍ତନ କଳାକାର ଗାଁର ବୁଧୁ ବନଛୋରଙ୍କୁ ଅତିଥିମାନେ ମାନପତ୍ର, ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ । ବୟସ୍କ କଳାକାର ବନଛୋରଙ୍କ ନଚନିଆ ନୃତ୍ୟ ଦର୍ଶକଙ୍କ ମନ ମୋହିଥିଲା । ସାନ୍ଧ୍ୟ ସଭାକୁ କବି ସନ୍ଦୀପ କୁମାର କୁଅଁର ସଂଯୋଜନା କରିଥିଲେ । ଜିଲା ସଂସ୍କୃତି ଅଧିକାରୀ ବିଜୟ କୁମାର ଶତପଥୀ ସ୍ୱାଗତ କରିଥିଲେ । ମୁଖ୍ୟଅତିଥି ପଦ୍ମଶ୍ରୀ ଡ. ଉଦ୍‌ଗାତା ତାଙ୍କ ବକ୍ତବ୍ୟରେ ଲୋକସଂସ୍କୃତି କିଭଳି ପ୍ରଦୂଷଣମୁକ୍ତ ରହିବ ସେଦିଗରେ ଧ୍ୟାନ ଦେବାକୁ କହିଥିଲେ। ଏହି ଅବସରରେ କୋଶଳ କଳାମଣ୍ଡଳ ପଡିଆର ଗୌରବାବହ ଇତିହାସ, କଳାସଂସ୍କୃତିର ମହାନତା ସମ୍ପର୍କରେ କହି କଳାକାରମାନଙ୍କୁ ସ୍ମରଣ କରିଥିଲେ । ସମ୍ମାନିତ ଅତିଥି ପ୍ରଫେସର ଡ. ପତି ତାଙ୍କ ବକ୍ତବ୍ୟରେ ଲୋକସଂସ୍କୃତି ପ୍ରାକୃତିକ ବିଶୁଦ୍ଧତା କିଭଳି ସମାଜରେ ସାମାଜିକ ଉତ୍ତରଣ ସହ ଆଧ୍ୟାତ୍ମିକ ଉତ୍ତରଣ ଆଣେ ତାହା କହିଥିଲେ । ଏଭଳି ମହୋତ୍ସବ କଳା ସଂସ୍କୃତି ଜରିଆରେ ଭାଇଚାର ସୃଷ୍ଟିକରି କ୍ରମବର୍ଦ୍ଧିଷ୍ଣୁ ବିଭେଦତାକୁ କମାଇବା ଉପରେ ଜୋର ଦେଇଥିଲେ । ପଦ୍ମଶ୍ରୀ ଡ. ମେହେର ତାଙ୍କ ବକ୍ତବ୍ୟରେ ତାଙ୍କ କଳାକାର ଜୀବନର ଅୟମାରମ୍ଭ କୋଶଳ କଳାମଣ୍ଡଳ ରଙ୍ଗମଞ୍ଚରୁ କହି ଲୋକସଂସ୍କୃତିକୁ କିଭଳି ବଞ୍ଚାଇ ହେବ କହିଥିଲେ । ଅତିଥି କଳାକାର ମାଝି, ସମ୍ମାନିତ ଅତିଥି ଏସପି ସୁବ୍ରମଣି, ପୌରାଧ୍ୟକ୍ଷା ବେହେରା ଲୋକଉତ୍ସବ

ବଲାଙ୍ଗୀର ଲୋକଉତ୍ସବ ସାଂସ୍କୃତିକ ଶୋଭାଯାତ୍ରାରେ ଆସାମର ବିହୁ ନୃତ୍ୟ ଦଳ ସହର ପରିକ୍ରମା କରୁଛନ୍ତି ।



ସାଂସ୍କୃତିକ ଶୋଭାଯାତ୍ରାରେ ନାଗପୁର ଏସସିଜେସିସିର ସାଂସ୍କୃତିକ ଦଳ ନୃତ୍ୟ ପରିବେଷଣ କରୁଛନ୍ତି ।

ଅତିଥିମାନେ ଲୋକଉତ୍ସବ ଉଦ୍ଘାଟନୀ ସନ୍ଧ୍ୟାରେ ସ୍ମରଣିକା ଉନ୍ମୋଚନ କରୁଛନ୍ତି ।

ଡୁଷରା କୃଷ୍ଣପ୍ରିୟା କଳା ପରିଷଦ ପକ୍ଷରୁ ଅନୁଷ୍ଠିତ ଘୁଡ଼୍‌କା ନୃତ୍ୟ ।

ବଲାଙ୍ଗୀର ସରସ୍ୱତୀ ଶିଶୁ ମନ୍ଦିର କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି ।

- **ପ୍ରଦୂଷଣମୁକ୍ତ ଲୋକ ସଂସ୍କୃତି ଭାଇଚାରା ସୃଷ୍ଟି କରୁ**
- **ସାଂସ୍କୃତିକ ଶୋଭାଯାତ୍ରାରେ ସହର ପରିକ୍ରମା**
- **ବହୁଭାଷୀ କବିତା ପାଠୋତ୍ସବ ଅନୁଷ୍ଠିତ**
- **ଆରମ୍ଭ ହେଲା ପଲ୍ଲିଶ୍ରୀ ମେଳା, ଶିଳ୍ପ ମେଳା**

ଜରିଆରେ ମନୋରଞ୍ଜନ କଥା କହିଥିଲେ । ସଭା ପରେ ସାଂସ୍କୃତିକ ବିଚିତ୍ରା କାର୍ଯ୍ୟକ୍ରମରେ ଆସାମର ବିହୁ, ଡୁଷୁରାର କୃଷ୍ଣପ୍ରିୟା କଳା ପରିଷଦ, ଏସ୍‌ସିଜେଡସି ନାଗପୁର, ବରଗଡ ଜିଲା ସଂସ୍କୃତି ପରିଷଦ, ଗଞ୍ଜାମର ରଣପ୍ପା, ପାଟଣାଗଡର ଝଙ୍କାର ମ୍ୟୁଜିକ ତଥା ସରସ୍ୱତୀ ଶିଶୁ ଜ୍ଞାନ ମନ୍ଦିର, କଦମପଡା ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । ସ୍ନେହା ପ୍ରତ୍ୟାଶା ନନ୍ଦ, ସରୋଜ ବିଶ୍ୱାଲ, ରଶ୍ମିତା ନାଗ, ସୁଶୋଭିତା ଗୁରୁ, ଅର୍ଚ୍ଚନା ପାଢୀ, ସର୍ମିଷ୍ଠା ହୋତା, ସରୋଜ ମହାକୁର, ଶ୍ରୀପଦା ଷଡଙ୍ଗୀ, ବିନ୍ଦୁଲତା ପଲେଇ, ଜ୍ୟୋତି ରଞ୍ଜନ ପାଣିଗ୍ରାହୀ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ ।

ସକାଳେ କୋଶଳ କଳା ମଣ୍ଡଳ ନୂଆ ରଙ୍ଗମଞ୍ଚରେ ପ୍ରଥମେ ମଞ୍ଚପୂଜା ଅନୁଷ୍ଠିତ ହୋଇଥିଲା। ଜିଲାପାଳ ଡାକୁଆଙ୍କ ଉପସ୍ଥିତିରେ ମଞ୍ଚପୂଜନ ଓ ପତାକା ଉତ୍ତୋଳନ ହୋଇଥିଲା । ଏଠାରେ ଅତିରିକ୍ତ ଜିଲାପାଳ ଲକ୍ଷ୍ମୀକାନ୍ତ ପ୍ୟାରେଲାଲ ପଧାନ, ଜିଲା ସଂସ୍କୃତି ଅଧିକାରୀ ଶତପଥୀ, ଜିଲା କ୍ରୀଡା ଅଧିକାରୀ ବିଜୟ କୁମାର ବଢିଆ, ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ, ପୌରାଧ୍ୟକ୍ଷା ବେହେରା, ସମାଜସେବୀ ଲଳିତ କୁମାର ନାୟକ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜୟଦେବ ପାଣିଗ୍ରାହୀ, ଶିକ୍ଷାବିତ୍ ସନାତନ ଠାକୁର, ଜୟରାମ ମିଶ୍ର, ଓ ଅନ୍ୟମାନେ ଉପସ୍ଥିତ ଥିଲେ । ଏଡିଏମ୍ ପଧାନ ପତାକା ଦେଖାଇ ସାଂସ୍କୃତିକ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ । ଅପରାହ୍ନ ୨ ଘଣ୍ଟାରେ ପୁରୁଣା ମଞ୍ଚରେ ବହୁଭାଷୀ କବିତା ଆସର ହୋଇଥିଲା । ମୁଖ୍ୟ ଅତିଥିଭାବେ ସମ୍ବଲପୁରର କବି ବିପିନ ଆଚାର୍ଯ୍ୟ ଯୋଗଦେଇଥିଲେ । ଶତାଧିକ କବି ସ୍ୱରଚିତ କବିତା ପାଠ କରିଥିଲେ । ଆନନ୍ଦ ଚନ୍ଦ୍ର ସାହୁ ମଞ୍ଚ ସଞ୍ଚାଳନ କରିଥିଲେ । ସମ୍ମାନ ସମିତି ସହଅଧ୍ୟକ୍ଷ ସନାତନ ଠାକୁର ମଞ୍ଚାସୀନ ହୋଇଥିଲେ । କାର୍ଯ୍ୟକ୍ରମକୁ ସସ୍ମିତା ମହାପାତ୍ର, ଦିଲୀପ ମିଶ୍ର, ନୀଳମଣି ସାହୁ ଓ ବନ୍ଦନା କର ସଂଯୋଜନା କରିଥିଲେ । ଏହି ଅବସରରେ ସାହିତ୍ୟିକ ରାମ ପ୍ରସାଦ ପୁରୋହିତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ରଘୁନନ୍ଦନ ସିଂ ଅତିଥି ପରିଚୟ ପ୍ରଦାନ କରିଥିଲେ ।

ସଇଁନ୍ତଳା ବ୍ଲକ ଟିକ୍ରାପଡା, ଯୁରାବନ୍ଧ, ଝିଙ୍କିଡୁଙ୍ଗୁରୀ ପଞ୍ଚାୟତ ଅଞ୍ଚଳର ଧାନକ୍ଷେତରେ ମଇଁଷି ଚରୁଛନ୍ତି।

କଳା ବିକାଶରେ ମହୋତ୍ସବ ଭୂମିକା ଗୁରୁତ୍ୱପୂର୍ଣ୍ଣ

ଦେଓଗାଁ,୧୦।୧୧ (ଡି.ଏନ.ଏ)

- **ବାରବରା ମହୋତ୍ସବ ଉଦ୍‌ଯାପିତ**
- **ଯୋଗଦେଇଥିଲେ ରାଜ୍ୟ ବାହାରର ୪ ସାଂସ୍କୃତିକ ଦଳ**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ମକୁନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ଭୀମ ଭୀମପାହାଡ ପାଦଦେଶରେ ତିନିଦିନ ଦରି ଚାଲିଥିବା ଭୀମପାହାଡ ମହୋତ୍ସବ ଶନିବାର ଉଦ୍‌ଯାପିତ ହୋଇଯାଇଛି । ମହୋତ୍ସବ କମିଟି ସଭାପତି ତଥା ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ଲକ୍ଷ୍ମଣ କୁମାର ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ସନ୍ଧ୍ୟାର ସାଂସ୍କୃତିକ ସଭାରେ ମୁଖ୍ୟ ଅତିଥିଭାବେ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ମହେଶ୍ୱର ସ୍ୱାଇଁ ଯୋଗଦେଇ ପାରମ୍ପରିକ କଳାର ବିକାଶରେ ମହୋତ୍ସବ ଅନେକ ସହାୟକ ହୋଇଥାଏ। ଏହା ଦ୍ୱାରା କଳାକାରମାନେ ନିଜ କଳାକୃତି ପ୍ରତିପାଦନ କରିବା ପାଇଁ ସୁଯୋଗ ପାଇଥାନ୍ତି ବୋଲି ସେ ମତବ୍ୟକ୍ତ କରିଥିଲେ । ସମ୍ମାନୀତ ଅତିଥିଭାବେ ଜିଲା ପରିଷଦ ସଭ୍ୟ ସୁଶୀଲ କୁମାର ଚାନ୍ଦ, ସାମାଜିକ କର୍ମୀ ପୂର୍ଣ୍ଣଚନ୍ଦ୍ର ପଣ୍ଡା, ବ୍ଲକ ଅଧ୍ୟକ୍ଷା ରୀନା ମେହେର, ସ୍ଥାନୀୟ ସରପଞ୍ଚ ବାଲେକ ପଧାନ, ଉପଧ୍ୟକ୍ଷ ରାଜୁ ବାଗ ପ୍ରମୁଖ ମଞ୍ଚାସୀନ ଥିଲେ । ଶେଷରେ କମିଟି ସମ୍ପାଦକ ମୟ ପ୍ରଧାନୀ ଧନ୍ୟବାଦ ଅର୍ପଣ କରିଥିଲେ । ମଧୂସୁଦନ ନାଏକଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦ୍‌ଯାପନୀ ସାଂସ୍କୃତିକ ସନ୍ଧ୍ୟାରେ ପୂର୍ବାଞ୍ଚଳ ସଂସ୍କୃତି କେନ୍ଦ୍ର କୋଲକାତା ଓ ସଂସ୍କୃତି ମନ୍ତ୍ରଣାଳୟ ଭାରତ ସରକାରଙ୍କ ଦ୍ୱାରା ପ୍ରାୟୋଜିତ ପଞ୍ଜାବର ଭାଙ୍ଗଡା, ଆସାମର ବିହୁ, ଝାରଖଣ୍ଡର ପାଇକା ନୃତ୍ୟ ସମେତ ମଣିପୁରର ଢୋଲ ଚଳନ ପ୍ରଦର୍ଶିତ ହୋଇଥିଲା। ଡୁଷୁରାର କୃଷ୍ଣପ୍ରିୟା କଳା ପରିଷଦ ଦ୍ୱାରା ଘୁଡୁକା ନୃତ୍ୟ, ଉପରଝର ଆଞ୍ଚଳିକ କଲେଜ ଓ ପୁଇଁତଳା ଛାତ୍ରୀ ଦଳଙ୍କ ନୃତ୍ୟ ଓ ରବିନ୍ଦ୍ର କୁମାର ସାହୁ ଓ ସାଥିଙ୍କ ଦ୍ୱାରା କଂସ ଦରବାର ଆଦି ଅନୁଷ୍ଠିତ ହୋଇଥିଲା । ଚଳିତବର୍ଷ ଏହି ମହୋତ୍ସବରେ ରାଜ୍ୟବାହାରରୁ ୪ଟି ସାଂସ୍କୃତିକ ଦଳ, ରାଜ୍ୟର ବିଭିନ୍ନ ଜିଲାରୁ ୪ଟି ଦଳ ଓ ଜିଲାସ୍ତରୀୟ ୪ଟି ଦଳ ନିଜର ପାରମ୍ପରିକ କଳା ପ୍ରଦର୍ଶନ କରିଥିଲେ । ଚଳିତବର୍ଷ ମୀନାବଜାର, ଆକାଶ ଦୋଳି, ବଲାଙ୍ଗୀରର ଓମ ପ୍ରକାଶ ସାହୁଙ୍କ ବାଲୁକା କଳାରେ ଭୀମବାବାଙ୍କ ପ୍ରତିମୂର୍ତ୍ତି, ୨୪ପ୍ରହର ନାମଯଜ୍ଞ ଆଦି ଆକର୍ଷଣର କେନ୍ଦ୍ର ପାଲଟି ଥିଲା। ମହୋତ୍ସବକୁ ପରିଚାଳନା କମିଟି ତଥା ଆଖପାଖ ୯ ଖଣ୍ଡ ଗାଁର କର୍ମକର୍ତ୍ତା ସହଯୋଗ କରିଥିଲେ ।

କ୍ଷେତରେ ମଇଁଷି ଛାଡ଼ିଲେ ଚାଷୀ

ଟିକ୍ରାପଡା,୧୦।୧୧(ଡି.ଏନ.ଏ.)

ବଲାଙ୍ଗୀର ଜିଲା ସଇଁନ୍ତଳା ବ୍ଲକ ଟିକ୍ରାପଡା, ଯୁରାବନ୍ଧ, ଝିଙ୍କିଡୁଙ୍ଗୁରୀ ପଞ୍ଚାୟତ ଅଞ୍ଚଳରେ ଆଶାନୁରୂପ ବର୍ଷା ନ ହେବା ଫଳରେ ମରୁଡି ପରିସ୍ଥିତି ସୃଷ୍ଟି ହୋଇଛି । ଧାନ କ୍ଷେତରେ ଗୋରୁ ଚରିଲେଣି । ଫଳରେ ଚାଷୀ ମହଲରେ ହତାଶା ଭାବ ଦେଖାଯାଇଛି । ଧାର କରଜ କରି ଲୋକେ ଅନେକ ଆଶା କରି ଚାଷ କରିଥିଲେ । ଗତ ଦୁଇମାସ ହେବ ବର୍ଷା ନ ହେବା ଫଳରେ ଧାନଗଛ, କପାଗଛ ସବୁ ମରିଗଲାଣି । ମାଟି ସବୁ ଫାଟି ଆଁ କଳାଣି । ଶେଷଥର ପାଇଁ ଅଗଷ୍ଟ ମାସ ୨୫ ତାରିଖରେ ବର୍ଷା ହୋଇଥିଲା । ତା'ପରଠୁ ଆଉ ବର୍ଷାର ଦେଖାନାହିଁ । ତେବେ ଏହି ତିନି ପଞ୍ଚାୟତକୁ ମରୁଡି ଘୋଷଣା କରାଯାଇ ନାହିଁ । ଏ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଉକ୍ତ ଅଞ୍ଚଳକୁ ମରୁଡି ଘୋଷଣା କରାଯିବାକୁ ସାଧାରଣରେ ଦାବି ହୋଇଛି ।

ମୁଖ୍ୟ ଅତିଥି ପିଡି ମହେଶ୍ୱର ସ୍ୱାଇଁ ନୃତ୍ୟ ପରିବେଷଣ କରିଥିବା ଛାତ୍ରୀମାନଙ୍କୁ ପୁରସ୍କୃତ କରୁଛନ୍ତି।

ମହୋତ୍ସବର ଅନ୍ତିମ ସନ୍ଧ୍ୟାରେ ଆୟୋଜିତ କଂସ ଦରବାର।

ଫଳ ପାଇବା ଆଶାରେ କାମ କରନାହିଁ,
ବିଫଳ ହୋଇଗଲେ କଷ୍ଟ ପାଇବା।
-ସନ୍ଥ ବିନୋବା

ସଂକ୍ଷେପରେ

ଗିରିଗୋବର୍ଦ୍ଧନ ପୂଜା

ପଲମ,୧୦।୧୧(ଡି.ଏନ୍.ଏ.)
କଳାହାଣ୍ଡି ଜିଲା ମ.ରାମପୁର ବ୍ଲକ ଅଧୀନ ମୁଡିଙ୍ଗ ପଞ୍ଚାୟତ ମଣ୍ଡାଦାଣ୍ଡି ଗ୍ରାମର ଶାନ୍ତିବନଠାରେ ୮ତାରିଖରୁ ୧୦ତାରିଖ ପର୍ଯ୍ୟନ୍ତ ଗିରିଗୋବର୍ଦ୍ଧନ ପୂଜା ସହ ଅର୍ଣ୍ଣକୋଟ ମହୋତ୍ସବ ପାଳିତ ହୋଇଯାଇଛି। ପୂଜା କାର୍ଯ୍ୟରେ ଯଜ୍ଞ କର୍ତ୍ତା ଭାବେ ସତ୍ୟ ବିଶି ଓ ତାଙ୍କ ସ୍ତ୍ରୀ ଅନୁପମା ବିଶି ଦାୟିତ୍ୱ ତୁଲାଇଥିଲେ। କାର୍ଯ୍ୟକ୍ରମର ଆୟୋଜକ ଭାବେ ସହଦେବ ଧଙ୍ଗଡାମାଝି, ଅମ୍ବୁଜା ବିଶି, ଲାଏବାନ ସାହୁ, ରୁପାଧର ସାହୁ, ବିଭିଷଣ ଭୋଇ, ପଦ୍ମପୁଷ୍ପ ଭୋଇ, ବରୁଣ ବଗର୍ତ୍ତୀ, ଅଲେଖ ସାହୁ, ରତ୍ନୀ ଭୋଇ, ଅଏଁଲି ସାହୁ ପ୍ରମୁଖ ରହିଥିଲେ। ପୂଜା କମିଟି ସଭାପତି ଭାବେ ସୋଭାକର ଜାନା ରହିଥିବା ବେଳେ ସମ୍ପାଦକ କିଶୋର ବିଶି ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ । ମନୋରଞ୍ଜନ ପାଇଁ ରାତ୍ରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ସେହିପରି ଅଞ୍ଚଳର ବିଭିନ୍ନ ସ୍ଥାନରେ ଗିରିଗୋବର୍ଦ୍ଧନ ପୂଜା ହୋଇଥିଲା।

ପୂର୍ବତନ ବ୍ଲକ ଅଧ୍ୟକ୍ଷଙ୍କ ପରଲୋକ

କର୍ଲାମୁଣ୍ଡା,୧୦।୧୧(ଡି.ଏନ.ଏ.)-
କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକର ପୂର୍ବତନ ବ୍ଲକ ଅଧ୍ୟକ୍ଷ ଗଜିନ୍ଦ୍ର ସାହୁଙ୍କ ୮୭ ବର୍ଷ ବୟସରେ ଶୁକ୍ରବାର ରାତିରେ ପରଲୋକ ହୋଇଯାଇଛି। ଏହି ଖବର ପ୍ରଚାରିତ ହେବା ପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସ୍ୱର୍ଗତ ସାହୁ ସାମାଜିକ ଓ ରାଜନୈତିକ କ୍ଷେତ୍ରରେ ଅଞ୍ଚଳରେ ବେଶ୍ ଖ୍ୟାତି ଅର୍ଜନ କରିଥିଲେ। ତାଙ୍କ ଉଦ୍ୟମରେ କର୍ଲାମୁଣ୍ଡା ସଦରଠାରେ ହାଇସ୍କୁଲ ପ୍ରତିଷ୍ଠା ହେବା ସହ ଅନେକ ବିକାଶ ମୂଳକ କାର୍ଯ୍ୟରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା। ସେ କର୍ଲାମୁଣ୍ଡା ପଞ୍ଚାୟତ ସମିତି ଅଧ୍ୟକ୍ଷ ଭାବେ ୧୯୬୭ ରୁ ୧୯୭୨ ପର୍ଯ୍ୟନ୍ତ ରହିଥିଲେ। ସେ ଭାଜପାର ଜଣେ ବରିଷ୍ଠ ନେତା ଥିଲେ। କଳାହାଣ୍ଡି ଜିଲାପରିଷଦ ଅଧ୍ୟକ୍ଷା ନମିତାରାଣୀ ସାହୁ, କର୍ଲା ଜିଲାପରିଷଦ ସଭ୍ୟ ତଥା ଭାଜପା ନେତା ପ୍ରଦୀପ ନାଏକ, ଶ୍ରୀକାନ୍ତ ହୋତା, ଗୋବିନ୍ଦ ସାହୁ, ସରୋଜ ସେଠ୍, ଦୟାନିଧି ସାହୁ, ଖୁସୀରାମ ସାହୁ, ବିଜେଡି ନେତା ତଥା ମ.ରାମପୁର ଜିଲାପରିଷଦ ସଭ୍ୟ ପୁଷ୍ପେନ୍ଦ୍ର ସିଂଦେଓ, ବରିଷ୍ଠ ବିଜେଡି ନେତା ଜାକିର ହୁସେନ, ଗୌର କିଶୋର ରଣା, ବ୍ଲକ ଅଧ୍ୟକ୍ଷା ଅମ୍ରିତା ସାହୁ, ସ.ମାଲପଡା ସମିତି ସଭ୍ୟ ଯଶୋବନ୍ତ ସାହୁ, ପର୍ଶୁରାମ ସାହୁ, କର୍ଲାମୁଣ୍ଡା ସରପଞ୍ଚ କୃଷ୍ଣଚନ୍ଦ୍ର ବାଗ ପ୍ରମୁଖ ଉପସ୍ଥିତ ରହି ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ। ତାଙ୍କ ମୃତ୍ୟୁ ସମୟରେ ପରିବାର ସମସ୍ତେ ଉପସ୍ଥିତ ଥିଲେ।

ଧାନ, କପାରେ ରୋଗପୋକ ଲାଗି ନଷ୍ଟ

ଭବାନୀପାଟଣା,୧୦।୧୧(ଡି.ଏନ୍.ଏ.)

ଗୋଟିଏ ପଟେ ମରୁଡିରେ ଚାଷୀକୁଳ ତଳିତଳାନ୍ତ ହେଉଥିବା ବେଳେ ବର୍ତ୍ତମାନ ଜିଲାର ସମସ୍ତ ବ୍ଲକ ଅଞ୍ଚଳରେ ରୋଗ, ପୋକ ଲାଗି ହଜାର ହଜାର ହେକ୍ଟର ଧାନ, କପା ସମେତ ଅନ୍ୟାନ୍ୟ ଫସଲ ନଷ୍ଟ ହେବାକୁ ବସିଛି। ଫଳରେ ଚାଷୀ ଚିନ୍ତାରେ ପଡିଛି। ସରକାର ଜିଲାଗୁଡିକର ସ୍ଥିତି ଦେଖି ଜିଲା ପ୍ରଶାସନକୁ ପରିସ୍ଥିତିର ମକାବିଲା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ହେଲେ ବର୍ତ୍ତମାନ ସୁଦ୍ଧା ରୋଗ ପୋକ ନିରାକରଣ ପାଇଁ କୌଣସି ସ୍ଥାୟୀ ପ୍ରତିକାର କରାଯାଇ ନ ଥିବା ଜଣାପଡିଛି। ମରୁଡି ସତ୍ତ୍ୱେ ମଧ୍ୟ ଚାଷୀ ଧାର ଉଧାର କରି ବହୁ କଷ୍ଟରେ ଜମିରେ ପାଣି ମଡାଇ ଚାଷକୁ ବଞ୍ଚାଇ ରଖିଥିଲେ । ଭାବି ଥିଲେ କିଛି ଫସଲ ହେବ, ଏବଂ ଅଭାବ ଅସୁବିଧା ଦୂର ହେବ। ବର୍ତ୍ତମାନ ଦିନ ଦିନକୁ ମାରାତ୍ମକ ଚକଡା, ପତ୍ରପୋଡା, ବ୍ଲାଷ୍ଟ, ବ୍ୟାକଟେରି ଲାଇଟ, ସିଟ୍ ଲାଇଟ୍ ଆଦି ବିଭିନ୍ନ ପ୍ରକାର ରୋଗ, ପୋକ ଜମିରୁ ଅନ୍ୟ ଜମିକୁ ମହାମାରୀ ପରି ମାଡି ଚାଲିଛି । ରୋଗ, ପୋକ ଦମନ ପାଇଁ ଚାଷୀ ଔଷଧ ଜମିରେ ସିଞ୍ଚନ କଲେ ମଧ୍ୟ କୌଣସି କାମ କରୁନାହିଁ । କୃଷି ବିଭାଗ, ଜନପ୍ରତିନିଧୀଙ୍କୁ ଗୁହାରୀ କଲେ ପ୍ରତିଶ୍ରୁତି ଛଡା କିଛି ମିଳୁ ନ ଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷେ ଚାଷୀ ବାଧ୍ୟ ହୋଇ ଧାନରେ ନିଆଁ ଲଗାଇ ଦେଉଛି ତ କେଉଁଠି ଜମିରେ ଗାଈଗୋରୁ ଚରିବା ପାଇଁ ଛାଡି ଦେଉଥିବା ଦେଖିବାକୁ ମିଳୁଛି।

କଳାହାଣ୍ଡି ଜିଲାର ୧୩ଟି ବ୍ଲକ ମଧ୍ୟରୁ ଭବାନୀପାଟଣା, ମଦନପୁର ରାମପୁର, ନର୍ଲା, କେସିଙ୍ଗା, କର୍ଲାମୁଣ୍ଡା, କୋକସରା, ଲାଞ୍ଜିଗଡ, ଥୁ.ରାମପୁର, ଜୁନାଗଡ, କଲମପୁର, ଜୟପାଟଣା, କୋକସରା, ଗୋଲାମୁଣ୍ଡା ଏବଂ ଧର୍ମଗଡ଼ ବ୍ଲକରେ ଚଳିତ ବର୍ଷ ଜୁଲାଇ ଓ ଅଗଷ୍ଟ ମାସରେ ଲଘୁଚାପ ଜନିତ ଲଗାଣ ବର୍ଷା ହୋଇଥିଲା। ଫଳରେ ଧାନ, କପା ସମେତ ଅନ୍ୟାନ୍ୟ ଫସଲ ନଷ୍ଟ ହୋଇ ଯାଇଥିଲା। ଚାଷୀ ବହୁ କଷ୍ଟରେ ପୁଣି ଚାଷ କାର୍ଯ୍ୟ କରିଥିଲେ। ହେଲେ ଚାଷୀ ସାର ଅଭାବିର ସମ୍ମୁଖୀନ ହୋଇ ଥିବାବେଳେ ବର୍ତ୍ତମାନ ଧାନ ଅମଳ ସମୟରେ ଜିଲାର ୧୩ଟି ବ୍ଲକରେ ଚକଡା, ପତ୍ରପୋଡା, ବ୍ଲାଷ୍ଟ ଆଦି ବିଭିନ୍ନ ପ୍ରକାର ପୋକ ଓ ରୋଗ ଲାଗି ହଜାର ହଜାର ହେକ୍ଟର ଜମିର ଫସଲ ନଷ୍ଟ ହେବାକୁ ବସିଛି। ବିଶେଷ କରି ଇନ୍ଦ୍ରାବତୀ ପ୍ରକଳ୍ପ ଦ୍ୱାରା ଜଳସେଚନ ସୁବିଧା ପାଉଥିବା ଧର୍ମଗଡ଼ ଉପଖଣ୍ଡର ଧର୍ମଗଡ, ଗୋଲାମୁଣ୍ଡା, କୋକସରା, ଜୟପାଟଣା, କଲମପୁର, ଜୁନାଗଡ ବ୍ଲକ ଏବଂ ଭବାନୀପାଟଣା ସବ୍‌ଡିଭିଜନର ଭବାନୀପାଟଣା, କେସିଙ୍ଗା, ଥୁ.ରାମପୁର, ନର୍ଲା, ମ.ରାମପୁର, କର୍ଲାମୁଣ୍ଡା ଏବଂ ଲାଞ୍ଜିଗଡ ବ୍ଲକର ଚଳିତ ବର୍ଷ ଖରିଫରେ ୧ ଲକ୍ଷ ୯୫ ହଜାର ୯୨୩ ହେକ୍ଟର ଧାନ ଚାଷ କରାଯାଇଥିବା ବେଳେ ୮୫ ହଜାର ୪ ଶହ ହେକ୍ଟର ଜମିରେ କପା ଚାଷ କରାଯାଇଥିଲା। ଅତ୍ୟଧିକ ବର୍ଷା ଓ ବନ୍ୟା ସତ୍ତ୍ୱେ ଧାନ ଓ କପା ଚାଷ ଭଲ ହୋଇଥିଲା। ଚାଷୀ ଆଶା କରିଥିଲେ ଦୁଇପଇସା ମିଳିବ। ବର୍ତ୍ତମାନ ଧାନ ଅମଳ ସମୟ ହୋଇଥିବା ବେଳେ ବିଭିନ୍ନ

କଳାହାଣ୍ଡି ଜିଲା
- ଚାଷୀ ମୁଣ୍ଡରେ ଚଡ଼କ
- ୧୩ ବ୍ଲକରୁ ୫ବ୍ଲକର ୧୧୭ ପଞ୍ଚାୟତ ମରୁଡ଼ି ଘୋଷଣା

ରୋଗ ଲାଗୁଥିବା ଦେଖିବାକୁ ମିଳିଛି । ଜିଲାରେ ଧାନ ଚାଷରେ ଭବାନୀପାଟଣା ସବ୍‌ଡିଭିଜନର ଭବାନୀପାଟଣା ବ୍ଲକରେ ୫୦୦ ହେକ୍ଟରୁ ଊର୍ଦ୍ଧ୍ୱ ଚକଡା ପୋକ ଲାଗିଥିବା ବେଳେ କେସିଙ୍ଗା ବ୍ଲକରେ ୪୪୩ ହେକ୍ଟର, ଥୁ.ରାମପୁର ବ୍ଲକର ୬୮ ହେକ୍ଟର, ନର୍ଲା ବ୍ଲକର ୩୦୯ ହେକ୍ଟର, ମ.ରାମୁର ବ୍ଲକର ୩୨୩ ହେକ୍ଟର, କର୍ଲାମୁମ୍ଡା ବ୍ଲକର ୨୮୪ ହେକ୍ଟର ଏବଂ ଲାଞ୍ଜିଗଡ଼ ବ୍ଲକର ୪୧୦ ହେକ୍ଟର ଧାନ ଜମିରେ ଚକଡା ପୋକ ଲାଗିଥିବା ବେଳେ ଅନ୍ୟାନ୍ୟ ପୋକ ମଧ୍ୟ ୫୦୦ ହେକ୍ଟରରୁ ଊର୍ଦ୍ଧ୍ୱ ଜମିରେ ଲାଗିଛି । ସେହିପରି ଧର୍ମଗଡ ସବଡିଭିଜନର ଧର୍ମଗଡ ବ୍ଲକର ୬୩୫ ହେକ୍ଟର କୋକସରା ବ୍ଲକର ୫୮୩ ହେକ୍ଟର, ଗୋଲାମୁଣ୍ଡା ବ୍ଲକର ୩୦୯ ହେକ୍ଟର, ଜୁନାଗଡ ବ୍ଲକର ୧୦୫୨ ହେକ୍ଟର, ଜୟପାଟଣା ବ୍ଲକର ୧୩୨୯ ହେକ୍ଟର ଏବଂ କଲମପୁର ବ୍ଲକର ୯୬୭ ହେକ୍ଟର ଧାନଜମିରେ ଚକଡା ପୋକ ମୋଟ ୭୪୦୦ ହେକ୍ଟର ଲାଗିଥିବା ବେଳେ ପ୍ରାୟ ୧୫ହଜାର ହେକ୍ଟରରୁ ଅଧିକ ଅନ୍ୟାନ୍ୟ ପୋକ ଲାଗିଥିବା ଯାହା ମୋଟ ୧୯୦ ହେକ୍ଟରରୁ ଊର୍ଦ୍ଧ୍ୱ ପତ୍ରପୋଡା, ୧୧୦ ହେକ୍ଟରରେ ବ୍ଲାଷ୍ଟ, ୭୦ ହେକ୍ଟରରେ ସିଟ୍‌ଲାଇଟ୍ ଏବଂ ୧୭୦ ହେକ୍ଟର ବ୍ୟାଗ ଟେରିଲିପ ଲାଇଟ୍ ପୋକ ଲାଗିଥିବା ବେଳେ ୨ ହଜରା ହେକ୍ଟରରୁ ଊର୍ଦ୍ଧ୍ୱ କପା ଚାଷରେ ପୋକ ଲାଗିଥିବା ଜିଲା ଉପକୃଷି ବିଭାଗ ସୂତ୍ରରୁ ଜଣାପଡିଛି।

ଜିଲା କୃଷି ଉପନିର୍ଦ୍ଦେଶକଙ୍କ ସୂତ୍ରରୁ ପ୍ରକାଶ ଯେ, ବର୍ତ୍ତମାନ ସୁଦ୍ଧା ଜଲାରେ ୧୩ଟି ବ୍ଲକରେ ୪୪୭୦ ଲିଟର ପୋକ ମାରିବା ପାଇଁ କୀଟନାଶକ ଔଷଧ ବଣ୍ଟନ କରାଯାଇଛି । କିନ୍ତୁ ଏହିସବୁ କୀଟନାଶକ ସିଞ୍ଚନ କଲେ କିଛି ଲାଭ ହେଉ ନାହିଁ ବୋଲି ଚାଷୀ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷେ ରାଜ୍ୟ ସରକାର କଳାହାଣ୍ଡି ଜିଲାର ୧୩ଟି ବ୍ଲକ ମଧ୍ୟରୁ ଧର୍ମଗଡ଼ ସବ୍‌ଡିଭିଜନର ୫ଟି ବ୍ଲକ ତଥା ଧର୍ମଗଡ, କୋକସରା, ଗୋଲାମୁଣ୍ଡା, ଜୁନାଗଡ ଏବଂ ଜୟପାଟଣା ବ୍ଲକର ୧୧୭ଟି ପଞ୍ଚାୟତର ୪୦୩ଟି ଗ୍ରାମ, ଗୋଟିଏ ବିଜ୍ଞାପିତ ପରିଷଦର ୪ଟି ୱାର୍ଡର ୭ହଜାର ୪ ଶହ ୨୫ ହେକ୍ଟର ଜମି ଯାହା ଶତକଡା ୩୩ ପ୍ରତିଶତରୁ ୫୦ ପ୍ରତିଶତ ମରୁଡି ହୋଇଛି। ସେହିପରି ଶତକଡା ୫୦ ପ୍ରତିଶତରୁ ଅଧିକ ୧ ହଜାର ୯ ଶହ ହେକ୍ଟର ଜମି ମୋଟ ୯୩୧୮ ହେକ୍ଟର ଜମିରେ ମରୁଡି ହୋଇଥିବା ଘୋଷଣା କରାଯାଇଛି । ବାକି ବ୍ଲକଗୁଡିକର କେତେ ଅଞ୍ଚଳ ମରୁଡି ହୋଇଛି ତାହା ସର୍ଭେ ଚାଲିଥିବା ଜିଲ୍ଲା କୃଷି ଉପନିର୍ଦ୍ଦେଶକ ସୂତ୍ରରୁ ପ୍ରକାଶ। ଏ ସମ୍ପର୍କରେ ଜିଲା କୃଷି ଉପନିର୍ଦ୍ଦେଶକ ପ୍ରହଲ୍ଲାଦ ସାହୁଙ୍କୁ ପଚାରିବାରୁ ସେ କହିଥିଲେ ଯେ, କଳାହାଣ୍ଡି ଜିଲାର ଅଳ୍ପ ବହୁତ ସମସ୍ତ ୧୩ଟି ବ୍ଲକରେ ରୋଗ, ପୋକ ଲାଗିଥିଲେ ମଧ୍ୟ ନିୟନ୍ତ୍ରାଧୀନ ରହିଛି। ବିଭିନ୍ନ ବ୍ଲକକୁ ପୋକ ନିରାକରଣ ପାଇଁ ସୁଲଭ ମୂଲ୍ୟରେ ଔଷଧ ଯୋଗାଇ ଦିଆଯାଉଥିବା ପ୍ରକାଶ କରିଥିଲେ।

ବୋରଗୁଡ଼ାରେ ସ୍ୱଚ୍ଛ ଓଡ଼ିଶା, ସୁସ୍ଥ ଓଡ଼ିଶା କାର୍ଯ୍ୟକ୍ରମ

ଜୁନାଗଡ,୧୦।୧୧(ଡି.ଏନ୍.ଏ)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଦୁନ୍ଦେଲମାଲ ପଞ୍ଚାୟତ ବୋରଗୁଡାଠାରେ ଶନିବାର ସ୍ୱଚ୍ଛ ଓଡିଶା, ସୁସ୍ଥ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା ଜଳ ଓ ପରିମଳ ମିଶନ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବୋରଗୁଡା ଗ୍ରାମବାସୀଙ୍କ ସହ ସ୍ଥାନୀୟ ଲୋକପ୍ରତିନିଧି, ବିଦ୍ୟାଳୟର ଛାତ୍ରୀଛାତ୍ର, ଶିକ୍ଷକ, ଅଙ୍ଗନୱାଡି କର୍ମୀ, ଆଶାକର୍ମୀ ପ୍ରମୁଖ ଭାଗ ନେଇଥିଲେ। ଏଥିରେ ପୂର୍ବତନ ଜିଲାପରିଷଦ ସଭ୍ୟ ହରେକୃଷ୍ଣ ମାଝି ଅତଥି ଭାବେ ଯୋଗଦେଇ ଗାଁକୁ ପରଷ୍କାର ଓ ପରିଚ୍ଛନ୍ନତା ରଖିବାକୁ ଲୋକଙ୍କୁ ବୁଝାଇଥିଲେ। ପରେ ଗ୍ରାମ ରାସ୍ତାର ଦୁଇକଡକୁ ସଫେଇ କରାଯାଇଥିଲା। ସେହିପରି ଏକ ଶୋଭାଯାତ୍ରା ବାହାରି ସ୍ଥାନୀୟ ଲୋକଙ୍କୁ ପରିବେଶ ସଫାସୁତୁରା ରଖିବା ସହ ପାଇଖାନା ବ୍ୟବହାର କରିବା ପାଇଁ ସଚେତନତା କରାଯାଇଥିଲା। କାର୍ଯ୍ୟକ୍ରମରେ ଦୁନ୍ଦେଲମାଲ ପଞ୍ଚାୟତ ମୋଟିଭେଟର ଦୈତାରୀ ନାଏକ ପରିଚାଳନା କରିଥିଲେ। ସେହିପରି ୱାର୍ଡମେମ୍ବର ପ୍ରଫୁଲ୍ଲ ମାଝି, ଗ୍ରାମ ଯୁବକ ସଂଘର ଶଶିଧର ଧରୁଆ, ବୈବସ୍ୱତ ମାଝି, ହରେକୃଷ୍ଣ ପଣ୍ଡା, ମତିରାମ ପଟେଲ, ଶଶିକାନ୍ତ ନାଏକ ପ୍ରମୁଖଙ୍କ ସହ ଗ୍ରାମବାସୀ ସହଯୋଗ କରିଥିଲେ।

ସ୍ୱଚ୍ଛ ଓଡିଶା,ସୁସ୍ଥ ଓଡିଶା କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଛାତ୍ରୀଛାତ୍ର।

ଶୌଚାଳୟ ସର୍ବେକ୍ଷଣ, ସଚେତନତା ପଦଯାତ୍ରା

ଭବାନୀପାଟଣା,୧୦।୧୧ (ଡି.ଏନ୍.ଏ.)

କଳାହାଣ୍ଡି ଜିଲା ସଦର ବ୍ଲକ ଭବାନୀପାଟଣା ଅଧୀନ ଥୁଆପଦର ପଞ୍ଚାୟତରେ ଆସନ୍ତା ନଭେମ୍ବର ୧୯ତାରିଖ ବିଶ୍ୱ ଶୌଚାଳୟ ଦିବସକୁ ଅଖିଆଗରେ ରଖି ୯ତାରିଖରୁ ୧୯ତାରିଖ ପର୍ଯ୍ୟନ୍ତ ଗୃହ ଓ ଶୌଚାଳୟ ସର୍ବେକ୍ଷଣ ଓ ସଚେତନତା ନିମନ୍ତେ ପଦଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସଦର ବିଡିଓ ପ୍ରଭାସଚନ୍ଦ୍ର ଦଣ୍ଡସେନାଙ୍କ ନେତୃତ୍ୱରେ ଥୁଆପଦର ପଞ୍ଚାୟତ କାର୍ଯ୍ୟାଳୟରୁ ପଦଯାତ୍ରା ବାହାରି ପ୍ରତ୍ୟେକ ଗ୍ରାମର ସମସ୍ତ ଘର ବୁଲି ଜନସାଧାରଣଙ୍କୁ ସଚେତନ କରାଯାଇଥିଲା। କାର୍ଯ୍ୟକ୍ରମରେ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ବାଲେଶ୍ୱର ନାଏକ, ସରପଞ୍ଚ ଚୁଡାମଣି ନାଏକ, ଅଙ୍ଗନୱାଡି କର୍ମୀ, ଆଶା କର୍ମୀ, ୱାର୍ଡ ମେମ୍ବର, ବିଜୁ ଯୁବବାହିନୀ ଦଳ, ସମସ୍ତ ସ୍କୁଲଶିକ୍ଷକ ଏବଂ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ।

ଶୌଚାଳୟ ସର୍ବେକ୍ଷଣ, ସଚେତନତା ଶୋଭାଯାତ୍ରାରେ ସାମିଲ ହୋଇଥିବା ଶିକ୍ଷକ, ଛାତ୍ରଛାତ୍ରୀ ଏବଂ ଅନ୍ୟମାନେ।

ଅଚ୍ୟୁତାନନ୍ଦଙ୍କୁ ଶ୍ରଦ୍ଧାଞ୍ଜଳି, ସାଧାରଣ ବୈଠକ

ଲାଞ୍ଜିଗଡ଼,୧୦।୧୧(ଡିଏନ୍ଏ)

କଳାହାଣ୍ଡି ଜଲାର ଅଗ୍ରଣୀ ସାମ୍ବାଦିକ ସଂଗଠନ ଲାଞ୍ଜିଗଡ ପ୍ରେସ୍ କ୍ଲବର ସାଧାରଣ ବୈଠକ ଶନିବାର ଲାଞ୍ଜିଗଡଠାରେ ଅନୁଷ୍ଠିତ ହୋଇଯାଇଛି। ସଭାପତି କୈଳାସ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ କ୍ଲବର ଉପସଭାପତି ବି.ତ୍ରିପତି ପାତ୍ର ଡିଡି ନ୍ୟୁଜ୍‌ର କ୍ୟାମେରାମ୍ୟାନ୍ ଅଚ୍ୟୁତାନନ୍ଦ ସାହୁଙ୍କ ବିୟୋଗରେ ଏକ ଶୋକ ପ୍ରସ୍ତାବ ଆଗତ କରିଥିଲେ । ଏହାକୁ ସମସ୍ତ ସଦସ୍ୟ ସମର୍ଥନ କରିବା ସହିତ ସ୍ୱର୍ଗତ ସାହୁଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ କ୍ଲବର ସାଧାରଣ ସମ୍ପାଦକ ସୁଶୀଲ କୁମାର ବାଗ ବୈଠକର ବିବରଣୀ ପାଠ କରିଥିବା ବେଳେ ଖବରଦାତା ଏମ୍. ଚନ୍ଦ୍ରଶେଖର ସଭା ପରିଚାଳନା କରିଥିଲେ। ଏହି ଅବସରରେ ସଂଘର ସମସ୍ତ ସଦସ୍ୟ ଖବର ସଂଗ୍ରହରେ ଦେଖାଦେଉଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିବା ସହ ସେଗୁଡିକର ମୁକାବିଲା କରିବା ପାଇଁ ନିଷ୍ପତ୍ତି ନେଇଥିଲେ । ଏଥିରେ କ୍ଲବର କୋଷାଧ୍ୟକ୍ଷ ପରେଶ କୁମାର ନାୟକ, କ୍ଷମାନିଧି ମହାକୁଡ, ଗୋପାଳଦାସ ମହାନନ୍ଦ, ପଦ୍ମନାଭ ସାହୁ ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗନେଇଥିଲେ। ଶେଷରେ କୋଷାଧ୍ୟକ୍ଷ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

ଲାଞ୍ଜିଗଡ଼ ବ୍ଲକରେ ହାତୀ ଉପଦ୍ରବ: ଫସଲ ନଷ୍ଟ

ଲାଞ୍ଜିଗଡ଼,୧୦।୧୧(ଡିଏନ୍ଏ)

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ଛତ୍ରପୁର ପଞ୍ଚାୟତ କୁଟିଙ୍ଗପଦର ଗାଁରେ ହାତୀ ଉପଦ୍ରବ ଯୋଗୁ ବ୍ୟାପକ ଫସଲ ନଷ୍ଟ ହୋଇଥିବା ଅଭିଯୋଗ ହୋଇଛି। ମିଳିଥିବା ସୂଚନା ମୁତାବକ, ସ୍ଥାନୀୟ ଜଙ୍ଗଲରେ ରହୁଥିବା ଏକ ହାତୀ ପଲ କୁଟିଙ୍ଗପଦର ଗ୍ରାମକୁ ଚାଲିଆସି ଗ୍ରାମର ନାଥ ମାଝି, ତାରା ମାଝି, ଲାଖବୁ ଲୁହରା, ଭରତ ମାଝି, ଦଶରଥ ମାଝି, ବାଲି ମାଝି, ଶ୍ୟାମ ମାଝି, ରାଜୀବ ମାଝି, ଅର୍ଜୁ ମାଝିଙ୍କ ସହ ଚମ୍ପାଦେଇପୁର ପଞ୍ଚାୟତର ନାଥ ମାଝିଙ୍କ ୩୦ ଏକରରୁ ଊର୍ଦ୍ଧ୍ୱ ଧାନ ଓ କପା ଫସଲ ନଷ୍ଟ କରିଦେଇଛି। ଏ ନେଇ ଚାଷୀମାନେ ବନାଞ୍ଚଳ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି । ସୂଚନାଯୋଗ୍ୟ ଯେ, ଲାଞ୍ଜିଗଡ଼ ବ୍ଲକର ବିଜେପୁର ପଞ୍ଚାୟତ, କଦମ୍ବଗୁଡା ପଞ୍ଚାୟତ ଅଞ୍ଚଳରେ ୩୮ଟି ହାତୀ ଥିବା ବନ ବିଭାଗ ସୂତ୍ରରୁ ଜଣାପଡିଛି। ଏନେଇ ରେଞ୍ଜର ଲକ୍ଷ୍ୟା ମହାନନ୍ଦଙ୍କୁ ପଚାରିବାରୁ ବନ ବିଭାଗ ପକ୍ଷରୁ କ୍ଷୟକ୍ଷତିର ଆକଳନ କରାଯାଇ କ୍ଷତିପୂରଣ ଯୋଗାଇ ଦିଆଯିବ ବୋଲି ପ୍ରକାଶ କରିଛନ୍ତି।

ହାତୀ ନଷ୍ଟ କରିଦେଇଥିବା ଫସଲ।

ଆମପାଣି ପୋଲିସର ଚଢ଼ାଉ, ୪ ଜୁଆଡ଼ି ଅଟକ

କୋକସରା,୧୦।୧୧(ଡି.ଏନ୍.ଏ.)

କୋକସରା ବ୍ଲକ ଆମପାଣି ଥାନା ପୋଲିସ କାଉଡୋଳା ଗ୍ରାମ ମୁଣ୍ଡରେ ଥିବା ଏକ ଘର ଉପରେ ଚଢାଉ କରି ୪ଜଣ ଜୁଆଡିଙ୍କୁ ଧରିବାରେ ସଫଳ ହୋଇଛି। ପୋଲିସ ସେମାନଙ୍କୁ ଥାନାରେ ଅଟକ ରଖି ଅଧିକ ତଦନ୍ତ ଚଳାଇଛି। ଏପରି କି ପୋଲିସ ସେମାନଙ୍କଠାରୁ ୩୩ଶହ ଟଙ୍କା ଜବତ କରିଛି। ମିଳିଥିବା ସୂଚନା ମୁତାବକ, କାଉଡୋଳା ଗ୍ରାମରେ ଜୁଆଖେଳ, ସଟ୍ଟାଖେଳ ଓ ଅବାଧ ମଦ ବିକ୍ରି ହେଉଥିବା ନେଇ ଗ୍ରାମବାସୀ ଲିଖିତ ଅଭିଯୋଗ କରିଥିଲେ। ଏନେଇ ପୋଲିସର ଏକ ଟିମ୍ କାଉଡୋଳା ଗ୍ରାମରେ ଚଢାଉ କରିଥିଲା। ଚଢାଉ ବେଳେ ପୋଲିସ ଅଧିକାରୀମାନେ ୪ ଜୁଆଡିଙ୍କୁ ଧରି ଥାନାରେ ଅଟକ ରଖିଛନ୍ତି। ଏନେଇ ଆମପାଣି ଥାନାରେ ଏକ ମାମଲା(ନଂ.୭୩/୧୮) ରୁଜୁ କରି ଥିବା ଏଏସ୍‌ଆଇ ଝଜନେଶ୍ୱର ନାଏକ ସୂଚନା ଦେଇଛନ୍ତି।

ଉଦେପୁର ବିଦ୍ୟାଳୟସ୍ତରୀୟ ବିଜ୍ଞାନ, ହସ୍ତଶିଳ୍ପ ମେଳା

ଭବାନୀପାଟଣା,୧୦।୧୧(ଡି.ଏନ.ଏ.)

ଭବାନୀପାଟଣା ସଦର ବ୍ଲକ ଅଧୀନ ଉଦେପୁରର ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ୧ମରୁ ୧୦ମ ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ନେଇ ବିଦ୍ୟାଳୟସ୍ତରୀୟ ବିଜ୍ଞାନ ଓ

ମନୁଷ୍ୟର ନିନ୍ଦିବା, ପ୍ରଶଂସା ସତ୍ୟର ମାପକାଠି ନୁହେଁ, ସେ ଦୁଇଟି ଆମକୁ ସାହାଯ୍ୟ କରେ ନିଜକୁ ପରୀକ୍ଷା କରିବା ପାଇଁ।
- ଗୁରୁ ନାନକ

ସଂକ୍ଷେପରେ

ସମ୍ପନ୍ନ ହେଲା ଗିରି ଗୋବର୍ଦ୍ଧନ ପୂଜା

ଉଲୁଣ୍ଡା, ୧୦।୧୧(ଡି.ଏନ.ଏ.)
ଉଲୁଣ୍ଡା ବ୍ଲକ ସଦର ପଞ୍ଚାୟତର ମରାଲୋଏ ସାଲପାଲି ନିତାଇଗୌର ଆଶ୍ରମରେ ପାରମ୍ପରିକ ଗିରିଗୋବର୍ଦ୍ଧନ ପୂଜା ଏବଂ ଅଷ୍ଟପ୍ରହର ନାମଯଜ୍ଞ ପୂର୍ଣ୍ଣାହୁତି ସହ ସମ୍ପନ୍ନ ହୋଇଛି। କଳସ ଯାତ୍ରା ତଥା ଅଧିବାସ ପୂଜା କରାଯାଇ ପୂର୍ବ ନିର୍ଦ୍ଧାରିତ ରୀତିନୀତି କ୍ରମରେ ପୂଜନୋତ୍ସବ ତଥା ଅଷ୍ଟପ୍ରହର ନାମଯଜ୍ଞ ଆରମ୍ଭ ହୋଇଥିଲା। ଆୟୋଜକ ଆଶ୍ରମର ମୁଖ୍ୟ ମଠାଧିଶଙ୍କ ତତ୍ତ୍ୱାବଧାନରେ ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ୧୬ କୀର୍ତ୍ତନ୍ୟ ମଣ୍ଡଳୀ ଯୋଗଦେଇଥିଲେ। ପରଦିନ ସକାଳୁ ନଗର କୀର୍ତନ ସହ ଦଧିଭାଣ୍ଡ ପରିକ୍ରମା ଅନୁଷ୍ଠିତ ହୋଇଥିଲା। ଯଜ୍ଞସ୍ଥଳୀରେ ନାରାୟଣ ଛନ୍ଦ ସପତ୍ନୀକ କର୍ତ୍ତା କାର୍ଯ୍ୟ ତୁଲାଇଥିଲେ।

ଭବାନୀପାଟଣାରେ ପନିପରିବା ଦର୍ ଆକାଶଛୁଆଁ

ଭବାନୀପାଟଣା,
୧୦।୧୧ (ଡି.ଏନ.ଏ.)

କାର୍ତ୍ତିକ ମାସ ପସ୍‌ତେ ପସ୍‌ତେ ଭବାନୀପାଟଣା ସହର ସମେତ ଆସର ପାସର ଅଂଚଳରେ ପନିପରିବା ଦର୍ ଏହେଦେ ଆକାଶଛୁଆଁ ହେଇଛେ। କାର୍ତ୍ତିକ୍ ମାସ୍‌କେ ଲୋକ୍ ଧରମ୍ ମାସ୍ ହିସାବେ ମାନ୍‌ସନ୍। ଯେନ୍‌ଥିରଲାଗି ବହୁତ୍ ଲୋକ୍ ଇ ମାସେ ଅଏଁଷା ନାଇଁ ଖାଆନ। ସେଥିରଲାଗି ମାଛ, ମାଂସ ଦୁକାନ୍‌ମାନ୍ ଖାଲି ରହୁଥିଲା ବେଲେ ହାଟ୍ ହଟ୍‌ଲିରେ ପନିପରିବା ପସ୍‌ରାମାନ୍‌କେ ଲୁକ୍‌କର ଭିଡ୍ ଦେଖିବାକେ ମିଳୁଛେ। ପନିପରିବା ଦର୍ ଆକାଶଛୁଆଁ ହେବାର ଲାଗି ଗରିବ୍, ମଝିଲି ବର୍‌ଗର ଲୋକ୍‌ମାନେ ବଜାରରୁ ପରିବା ଘିନ୍‌ଲା ବେଲେ ନାନା ସମସିଆର ସାମ୍‌ନା କରୁଛନ୍। କାର୍ତ୍ତିକ ବ୍ରତ ପାଲୁଥିବାର ହବିଷିଆଲିମାନେ ଗୁଟେ ବେଳା ଶାକାହାରୀ ଖାଏଦ୍ ଖାଏସନ୍। ଇ ଧରମ୍ ମାସେ ବଡ଼ଭାଗି ଲୋକ୍ ଅଏଁଷା ନାଇଁ ଖାଆନ୍। ଯେନ୍‌ଥିରଲାଗି ଭବାନୀପାଟଣା ସହରର ଆର୍ ଆସର ପାସର ବଜାରମାନ୍‌କେ ପନିପରିବା ଦର ବଢ଼ିଛେ। ତିତ୍‌ଲି ପର୍‌ଭାର୍‌ରେ ବର୍ଷା ଆର୍ ବଢ଼ି ଲାଗି ଭବାନୀପାଟଣା ସହର ଆର୍ ଆସର ପାସର କେତେ ଅଂଚଳରେ ପନିପରିବା ଫସଲ ଖରାପ ହେଇଯାଇଥିଲା। ଯେନ୍‌ଥିରଲାଗି ଥାନୀୟ ଅଂଚଲ୍‌ରୁ ଦରକାର ହିସାବେ ପନିପରିବା ନାଇଁ ଆଏବାର। ଜିଲା ବାହାରୁ ଭିନେ ଭିନେ କିସ୍‌ମର ପନିପରିବା ଆସୁଥିବାର ଦେଖିବାକେ ମିଳୁଛେ। ଭବାନୀପାଟଣା ସହର ସମେତ ଆସର ପାସର ଅଂଚଲ୍‌ର ବଜାରମାନ୍‌କେ କଁଚା ଲକାନୁ ମୂଲ୍ କରି ବାଇଗନ୍, ଜନ୍‌ହିଁ, କାଁକେର, ଦେଶୀଆଳୁ, ବିଟ୍, ଗାଜର, ପାତଲଘଁଟା, କଁକ୍‌ଡୋ, ଝୁନ୍‌ଗା, ଭେଁଡି, କୁବି ଲେଖେଁ ଭିନେ ଭିନେ ପନିପରିବା ଦର୍ ଆକାଶଛୁଆଁ ହେଇଛେ। ଏନ୍‌ତାଥି ୨ଶହ ଟଂକାର ହାଟ୍ କଲେ ବି ବ୍ୟାଗ୍ ନାଇଁ ପୁର୍‌ବାର। ଜିଲା ପର୍‌ଶାସନ ଆର୍ ବିଭାଗୀୟ ଉଚ କତ୍ତୁରପକ୍ଷ ଇ ଦିଗେ ଧିଆନ୍ ଦେଇ ପନିପରିବା ଦରକେ ନିୟନ୍ତରନ କରବାର ଦିଗେ ପଦକ୍ଷେପ ନେବାକେ ଭିନେ ଭିନେ ମହଲରେ ଦାବି ହେଉଛେ।

ଝନେ ମହିଳା ପନିପରିବା ବିକୁଛନ୍।

ତରବୋଡ଼ ଗ୍ରାମରେ ଗିରିଗୋବର୍ଦ୍ଧନ ପୂଜା

ତରବୋଡ଼,୧୦।୧୧(ଡି.ଏନ୍.ଏ.)

ନୂଆପଡ଼ା ଜିଲା କୋମନା ବ୍ଲକ ତରବୋଡ଼ ଗ୍ରାମପଞ୍ଚାୟତର ତରବୋଡ଼ ଗ୍ରାମ ଥାନାପଡ଼ାଠାରେ ନିର୍ମାଣାଧୀନ ଯାଦବ ଭବନ ତଥା ରାଧାକୃଷ୍ଣ ମନ୍ଦିର ପ୍ରାଙ୍ଗଣରେ ୩ ଦିନି ଧରି ଗିରିଗୋବର୍ଦ୍ଧନ ପୂଜା ଅନୁଷ୍ଠିତ ହୋଇଯାଇଛି। ଗତ ୮ ତାରିଖ ଗୁରୁବାର ଦିନ ଗ୍ରାମର ଶତାଧିକ ମହିଳା ସ୍ଥାନୀୟ ବଡ଼ବନ୍ଧରୁ କଳସ ଶୋଭାଯାତ୍ରାରେ ଯାଇ ଜଳ ସଂଗ୍ରହ କରିଥିଲେ। କଳସ ସ୍ଥାପନା ପରେ ଗିରିଗୋବର୍ଦ୍ଧନ ପୂଜା ହୋଇଥିଲା । ପୂଜାରେ ଆଠ ଆଞ୍ଚଳିକ ଯାଦବ ସମାଜ କେନ୍ଦ୍ରର ଯାଦବମାନେ ସାମିଲ୍ ହୋଇଥିଲେ। ଯାଦବମାନଙ୍କ ଦ୍ୱାରା ୩୨ ଛାନ୍ଦ ଗଉଡ଼ ବାଡ଼ି ଖେଳ ହୋଇଥିଲା। ପରେ ଗୋମାତାଙ୍କୁ ପୂଜା କରି ଖିଚଡ଼ି ଅନ୍ନ ଦିଆଯାଇଥିଲା। ଏହାକୁ ଯାଦବମାନେ ପ୍ରସାଦ ଭାବେ ଗ୍ରହଣ କରିଥିଲେ। ଆଠ ଆଞ୍ଚଳିକ ଯାଦବ ସମାଜ କମିଟିର ସଭାପତି କାର୍ତ୍ତିକ କାଣ୍ଡ ଓ ରବି ପରୁଆ, ସମ୍ପାଦକ ମକାରୁ ବେମାଲ, ଦୟା ହଂସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପୂଜକ ମାନଭଞ୍ଜନ ତ୍ରୀପାଠି ପୂଜା କାର୍ଯ୍ୟ ଓ ପୂରନଧର ଗହିର ଓ ତାଙ୍କ ଧର୍ମପତ୍ନୀ ପାରବତୀ କର୍ତ୍ତା ହୋଇଥିଲେ। ପଦୁ ଫୁଂଜି, ରହତୁ ନାଗ, ବିରଚନ ବନଛୋର, ଜଗମୋନ ବନଛୋର, ପୁନୁ ବନଛୋର, ସଙ୍କୀର୍ତ୍ତନ ଖର୍ସେଲ, ଶୁକ୍ଳଧର ନିଆଲ, ଭୋଜନ ନାଗ, ଅଜୁନ କଠାର, ଶୋଭା କଠାର, ଭୂବନେ ଅଦା, ଜଗନ୍ନାଥ ବେମାଲ ଓ ଆଠ ଆଞ୍ଚଳିକ ଯାଦବ ସମାଜ କେନ୍ଦ୍ର ତରବୋଡ଼, ଜଟଗଡ଼, ଜଡ଼ାମୁଣ୍ଡା, ଝଗ୍ରାହି, କରୁମପୁରୀ, ସମରସିଂ, ସିଆଲଟି, ମିଛାପାଲି ଆଦି ଗ୍ରାମପଞ୍ଚାୟତର ଯାଦବମାନେ ସହଯୋଗ କରିଥିଲେ।

ଆଦର୍ଶ ବିଦ୍ୟାଳୟ ବିଜ୍ଞାନ ମେଳା: ୩୧ ପ୍ରକଳ୍ପ ପ୍ରଦର୍ଶିତ

ଜୁନାଗଡ,୧୦।୧୧(ସ୍ୱ.ପ୍ର)

ସ୍ଥାନୀୟ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଶନିବାର ବିଜ୍ଞାନ ମେଳାରେ ଷଷ୍ଠରୁ ଦଶମ ଶ୍ରେଣୀ ଛାତ୍ରୀଛାତ୍ର ସାମିଲ ୨୦ଟି ବିଜ୍ଞାନ ଭିତ୍ତିକ ଓ ୧୦ଟି ଗଣିତ ଭିତ୍ତିକ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। କଳାହାଣ୍ଡିର ବିଭିନ୍ନ ଆଦର୍ଶ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଦ୍ୱାରା ଚୟନ ପ୍ରକ୍ରିୟା ଶେଷ ହୋଇଥିଲା। ବ୍ରିଡିୟାର୍ଦ୍ଧରେ ମୁଖ୍ୟଅତିଥି ଭାବରେ ଜୁନାଗଡ ତହସିଲଦାର ଉପେନ୍ଦ୍ର ଲୁହା ମୁଖ୍ୟଅତିଥି, ସମ୍ମାନୀତ ଅତିଥି ଭାବେ ଡ. ଭଗବାନ ପଣ୍ଡା, ସ୍କୁଲ ପରିଚାଳନା କମିଟି ସଭାପତି ବିନୋଦ ପାଢୀ ପ୍ରମୁଖ ମଞ୍ଚାସୀନ ଥିଲେ। ସ୍କୁଲ ପ୍ରିନ୍ସିପାଲ ଆଶିଷ କୁମାର ସା ମଞ୍ଚ ପରିଚାଳନା କରିଥିବା ବେଳେ ବିଜ୍ଞାନ ଶିକ୍ଷକ ତ୍ରିବିକ୍ରମ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ବିଜ୍ଞାନ ବିଭାଗରେ ଜୁନିୟର, ସିନିୟର ଓ ଗଣିତ ବିଭାଗର ପ୍ରତି ଶ୍ରେଷ୍ଠ ୪ଜଣ ଛାତ୍ରୀଛାତ୍ରଙ୍କୁ ଅତିଥି ଦ୍ୱାରା ପୁରସ୍କୃତ କରା ଯାଇଥିଲା।

ଆଦର୍ଶ ବିଦ୍ୟାଳୟର ଜଣେ ଛାତ୍ରୀ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

ଶିଶୁମନ୍ଦିର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

ଜୁନାଗଡ,୧୦।୧୧(ସ୍ୱ.ପ୍ର)

ଜୁନଗଡ଼ ହାଇସ୍କୁଲ ଖେଳ ପଡିଆଠାରେ ସରସ୍ୱତୀ ଶିଶୁ ମନ୍ଦିର ପ୍ରତିଭା ପ୍ରତିଭା, ବାର୍ଷିକ କ୍ରୀଡ଼ା ମହୋତ୍ସବ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ ଜୁନାଗଡ଼ ଚିକିତ୍ସା ଅଧିକାରୀ ଡା. ଭଗବାନ ପଣ୍ଡା ଉପସ୍ଥିତ ଥିଲେ। ସ୍କୁଲ ପରିଚାଳନା କମିଟି ସଭାପତି ଦୁର୍ଗା ପ୍ରସାଦ ନାଏକ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମ୍ମାନିତ ଅତିଥି ଭାବେ ପରିଚାଳନା କମିଟି ସମ୍ପାଦକ ବିନାୟକ ଯୋଷୀ, ଉପସଭାପତି ରାମ କିଶୋର ନାଏକ, ପ୍ରଧାନ ଆଚାର୍ଯ୍ୟ ଶିବରାଜ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଦୁଷ୍ମନ୍ତ ଖଡିକାର ବିବରଣି ପାଠ କରିଥିବା ବେଳେ ସନ୍ତୋଷ ସାହୁ ପରିଚୟ ପ୍ରଦାନ କରିଥିଲେ। ହେମନ୍ତ ପ୍ରଧାନୀ ସଭା ପରିଚାଳନା କରିଥିଲେ। ଶିଶୁ ବର୍ଗର ଛାତ୍ର ଚାମ୍ପିୟନ ହିମେଶ ରାଉତ, ଛାତ୍ରୀ ଚାମ୍ପିୟନ ଡଲି ବିଶ୍ୱାଳ, ବାଳ ବିଭାଗ ପାଇଁ ବାସୁଦେବ ଦଳାଇ, ସମିକ୍ଷା ପାଢୀ ଚାମ୍ପିୟନ, କିଶୋର ବିଭାଗରେ ଛାତ୍ର କଳ୍ପତରୁ ଶବର ଏବଂ ଛାତ୍ରୀ ଚିନ୍ମୟୀ ମିଶ୍ର ଚାମ୍ପିୟନ ଭାବେ ପୁରସ୍କୃତ ହୋଇଥିଲେ।

OFFICE OF THE PRINCIPAL
DEOGARH COLLEGE, DEOGARH
At./Po:- Purunagarh, Dist : Deogarh, Pin : 768119 (Orissa)
Ph. : 226415 (06641), Email : principaldeo@gmail.com

QUOTATION CALL NOTICE

Sealed quotations are invited from reputed manufacturers / authorized dealers for supply of equipments / Lab. equipments / Computer system etc. The parties should submit valid GST clearance certificate, SRIN/ TIN number registration certificates alongwith quotation whichever is applicable. Details can be obtained on request from the email Id of the college **principaldeo@gmail.com** or in person during office hour **(10.00 A.M. to 4.00 P.M.).** The same can also be viewed from Deogarh district website **www.deogarh.nic.in.** Last date of submission is **15.11.2018** at **1.00 P.M.** Quotations will be opened on the same date at 2.00 P.M. The authority reserves right to cancel any or all quotations without assigning any reason thereof.

Sd./- Principal, Deogarh College, Deogarh

OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, JAJPUR
NATIONAL HEALTH MISSION
TENDER CALL NOTICE

Ref. No: 8152 **Dated: 09.11.18**

"It is for information to all the parties concerned to submit their bid for supply of DEIC Equipments & AIDS for the year 2018-2019" to the office of the CDM&PHO, Jajpur on or before 26.11.2018, 12 Noon by Speed Post, Registered Post only. For terms and conditions regarding Tender Call, please log on to the website: www.jajpur.nic.in.

The interested parties with valid documents may participate in tender process himself or with their representatives with applicable terms and conditions".

Sd./-
Chief District Medical & Public Health Officer, Jajpur

OFFICE OF THE PANCHAYAT SAMITI, KORAPUT
DIST.-KORAPUT
Notice No. 3044/18 **Dtd. 08.11.2018**
QUOTATION CALL NOTICE

Sealed Limited Quotations are invited from reputed Indian Manufacturers/ Suppliers / Agencies, their authorized dealers/ GeM registered Firms for supply of "Various Furniture Items / Office Gadgets intended for DPRC Building, Koraput". The detail information of which are made available in Koraput Dist. Website i.e. http//www.koraput.nic.in & in DRDA Website http//www.drdakoraput.org.

The date and time of receipt of Sealed quotations are from 12.11.2018 to 19.11.2018 upto 4.00 P.M. on working days only.

Sd./- Block Development Officer, Koraput

SWAMI VIVEKANAND NATIONAL INSTITUTE OF REHABILITATION TRAINING AND RESEARCH
(Ministry of Social Justice & Empowerment Department of Empowerment of Persons with Disabilities (Divyangjan), Govt. of India)
Olatpur, PO: Bairoi, Dist: Cuttack (Odisha), Pin: 754010, Tel. No: 0671-2805552, 2805778, Fax: 0671-2805862, Website: www.svnirtar.nic.in, E-mail: nirtar@nic.in & svnirtar@gmail.com

Ref. No.-AD-5/Advertisement/18-19 **Date: 09.11.2018**

E-Procurement Tender Notice

E-Tender is invited for procurement of Physiotherapy, Occupational Therapy, Hospital equipment etc/ hiring of 52 seater bus/ AMC of Computer & Accesories/ Hospital Dressing & Textile i.e. POP/Roller bandage, Cotton, POP Power etc.

Date of availability of bid: 14.11.2018
Closing date of Bid: 04.12.2018

Details can be seen from the Central Public Procurement (CPP) Portal, (http://eprocure.gov.in/eprocure/app)

Sd./-
DIRECTOR

ପଞ୍ଚାୟତ ସମିତି କାର୍ଯ୍ୟାଳୟ, କୋକସରା

ବିଜ୍ଞପ୍ତି ସଂଖ୍ୟା: ୨୬୧୦ **ତା ୦୮।୧୧।୧୮**

ଏତଦ୍ୱାରା କୋକସରା ପଞ୍ଚାୟତ ସମିତି ଅନ୍ତର୍ଗତ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଅନ୍ତର୍ଗତ ୨୦୧୭-୧୮ ଆର୍ଥିକ ବର୍ଷ ଅକ୍ଟୋବର ୨୦୧୭ରୁ ମାର୍ଚ୍ଚ ୨୦୧୮ ମଧ୍ୟରେ ସମ୍ପାଦିତ ହୋଇଥିବା ପ୍ରକଳ୍ପଗୁଡ଼ିକର ସାମାଜିକ ସମୀକ୍ଷା ବିବରଣୀ ଉପରେ ଆସନ୍ତା ତା୧୪।୧୧।୨୦୧୮ ରିଖ ଦିନ ବ୍ଲକ ଅଫିସ ପରିସର ମଧ୍ୟରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାର ବ୍ଲକସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହେବ। ଏଣୁ ଉକ୍ତ ସଭାରେ ସମ୍ପୃକ୍ତ ଗ୍ରାମ ଶାସନ ଅନ୍ତର୍ଗତ ସମସ୍ତ ସରପଞ୍ଚ, ସମସ୍ତ ସଭ୍ୟ/ସଭ୍ୟା, ସ୍ୱୟଂ ସହାୟକ ଗୋଷ୍ଠୀ, ପଞ୍ଚାୟତ କର୍ମଚାରୀ, ଗ୍ରାମ ମେଟ୍, ଜବ୍‌କାର୍ଡଧାରୀ ଶ୍ରମିକ, ତଦାରଖ କମିଟିର ସଭ୍ୟମାନେ ଏବଂ ବିଭିନ୍ନ Line Deptt. ର କର୍ମଚାରୀ ସକାଳ ୧୦.୦୦ ଘ. ମଧ୍ୟରେ ଉପସ୍ଥିତ ରହିବେ।

MGNREGA ବ୍ଲକସ୍ତରୀୟ ଜନଶୁଣାଣି ଶିବିର ୨୦୧୭-୧୮ କାର୍ଯ୍ୟସୂଚୀ

କ୍ରମିକ ସଂଖ୍ୟା	ବ୍ଲକ ଅଫିସ୍‌ର ନାମ	ସଭା ତାରିଖ	ସମୟ	ସ୍ଥାନ
୧	କୋକସରା	୧୪।୧୧।୨୦୧୮	ପୂ. ୧୦.୦୦	ବ୍ଲକ କାର୍ଯ୍ୟାଳୟ ପରିସର

ସ୍ୱା./- ଗୋଷ୍ଠୀ ଉନ୍ନୟନ ଅଧିକାରୀ
ତଥା କାର୍ଯ୍ୟକ୍ରମ ଅଧିକାରୀ, କୋକସରା

STONEMART - 2019

Applications are hereby invited from Entrepreneurs / Artisans dealing with Stone Carving Craft of the State for participation in up coming **STONEMART - 2019**, to be held from **31.01.2019** to **03.02.2019** at **Jaipur (Rajasthan).** Interested Entrepreneurs / Artisans may apply to **SIDAC** on or before **27.11.2018** giving details as follows : Name, detail address with contact numbers, type of business, product to be displayed, type of stone used, annual turnover and past experience in execution of export order (if any) etc. Only selected Entrepreneurs/Artisans will be allowed to participate in the event.

Member Secretary

State Institute for Development of Arts & Crafts
Handlooms, Textiles & Handicrafts Department, Government of Odisha
Handicrafts Complex, Gandamunda, P.O.: Khandagiri, Bhubaneswar-30
Tel./Fax No.: +91 (0) 674-2350318, 2350310
E-mail: sidacorissa@gmail.com, Website: www.sidacodisha.org.in

ODISHA LIFT IRRIGATION CORPORATION LIMITED
(A GOVT. OF ODISHA UNDERTAKING)
OFFICE OF THE EXECUTIVE ENGINEER, L. I. DIVISION, NUAPADA
"E"Mail address - eeolicnpd@gmail.com
SHORT TENDER CALL NOTICE NO .05 DATE. 08.11.2018

The Executive Engineer, L.I Division, Nuapada, on behalf of Odisha Lift Irrigation Corporation Ltd, Bhubaneswar invites PERCENTAGE RATES bids for Extention of distribution system of LIPs as per detailed in the table from eligible contractors registered with the State Govt and contractors of equivalent grade / Class registered with Central Govt. / MES / Railways for execution of works detailed in table to be eventually drawn up in PWD form F-2 on PERCENTAGERATE Contract on production of definite prove from the appropriate authority. The Bidders must submit bids of works in separate envelope for each work.

Sl. No.	Name of the Block	Package No.	Name of work	Approximate value of work	EMD(1%) to be deposited in Rs.	Cost of Tender paper in Rs. (Non-Refundable)	Class of contractors	Period of completion
1	Boden & Khariar	1	Extention of distribution system of Anlabhata–I, Sukulighata-III, Dharanimal, Chandel – IV R/L Projects	403613	4036	2000	D & Above	60 Days
2	Khariar	2	Extention of distribution system of Tukla – VI, Tukla – VII, Bahalpadar – III, Chandgiri - IV R/L Projects	417082	4171	2000	D & Above	60 Days
3	Sinapali	3	Extention of distribution system of Sinapali – III, Jogenpadar – III, Kapsi – V, Kapsi – VI, Kapsi - VII R/L Projects	374710	3747	2000	D & Above	60 Days
		4	Extention of distribution system of Hirapur, Gorla – I, Nilji – IV R/L Projects	346091	3461	2000	D & Above	60 Days
		5	Extention of distribution system of Adkighat – I, Jhakarguda – I, Jhakarguda – II, Gandabahali – IV, Ranimunda, Jamugaon – IV R/L Projects	479706	4797	2000	D & Above	60 Days
4	Nuapada	6	Extention of distribution system of Jangula – I, Jangula – II, Negipali – IV, Jhitiki – V, Jhitiki – VI R/L Projects	476644	4766	2000	D & Above	60 Days
		7	Extention of distribution system of Dianmunda – II, Dianmunda – III, Kurumunda – III R/L Projects	182149	1822	600	D & Above	60 Days
		8	Extention of distribution system of Beheradihi – IV, Bhera – I, Bhera – II, Bhaleswar – VI, Budhipali – I, Jenjera – V R/L Projects	456147	4561	2000	D & Above	60 Days

The tender paper for all the works along with terms and conditions, scope of works, technical specifications etc. can be obtained from the office of the Executive Engineer, L. I. Division, Nuapada on payment of the cost of the tender papers (Non-refundable) as per the detailed tender call notice in shape of Bank Draft drawn in favour of the Executive Engineer, Lift Irrigation Division, Nuapada to be drawn at Nuapada on any Nationalized Bank on any working day (**10.30 AM to 3.00 PM**) from **13.11.2018** to**19.11.2018**. The tender paper will be sold on receipt of written request (mentioning the name of the work) to the Executive Engineer, L.I. Division, Nuapada along with the Xerox copies of the valid license of required class GST Certificate and PAN Card. No Tender paper will be sold on the date of receipt of tender i.e. on **dt.20.11.2018**.

All Tender papers will be received by L.I. Division, Nuapada from **10.30 AM** to **3.00 P.M** on **dt.20.11.2018** and will be opened on **27.11.2018** at **3.30 PM** in the Office of the Executive Engineer, Nuapada Lift Irrigation Division, Nuapada in presence of the Tenderers or their authorized representatives if any. Tender through Post / Courier will be accepted which should reach the Division Office by date **20.11.2018** up to **3.00 PM**. The Authority will not be held responsible for any Postal / Courier delay for receipt of Tender beyond the above stipulated date and time.

The E.M.D @ 1 % of the estimated cost has to be deposited along with the Tender paper (work wise) in shape of NSC / STDR duly pledged in favour of the Executive Engineer, Lift Irrigation Division, Nuapada on any Nationalized Bank, in absence of which the Tender will summarily be rejected. The contractor who have taken works in the Division & failed to complete the same in time need not apply for new works.

The undersigned reserves the right to increase or decrease the quantity of work accept or reject any or all the tenders without assigning any reasons thereof.

Sd./- (Binod Kumar Das)
EXECUTIVE ENGINEER, L.I.DIVISION, NUAPADA

NANDANKANAN
NANDANKANAN ZOOLOGICAL PARK
SHORT QUOTATION NOTICE NO. 12 of 2018-19
Date: 10.11.2018

Sealed quotations are invited from interested reputed travel agencies/ tour operators/ vehicle owners for providing Innova Crysta passenger vehicle & eicher pro 1100 transportation vehicle or any equivalent or better Vehicles, which shall confirm to the terms and Conditions (Annexure I & II). Interested travel agencies/ tour operators/ Animals transporters may submit offers in prescribed format as in Annexure-II. The quotations along with all the mandatory enclosures should reach the undersigned on or before 3 PM of 17th November, 2018. The EOI will be opened at 4.00 PM on 17th November, 2018.

The detailed quotation call notice and the format for use in offer along with the terms and conditions of engagement of vehicle will be made available at website of Nandankanan (www.nandankanan.org) w.e.f 11.00 A.M. on 11.11.2018 onwards for information of all concerned. Interested agencies should submit their offers in person/Speed Post/ Registered Post in sealed covers superscribed 'EXPRESSION OF INTEREST FOR PROVIDING OF VEHICLE TO NANDANKANAN ZOOLOGICAL PARK' and addressed to Deputy Director, Nandankanan Zoological Park.

Sd./- Deputy Director
Nandankanan Zoological Park

GOVERNMENT OF ODISHA **No.723-A**
e-Procurement Notice
OFFICE OF THE SUPERINTENDING ENGINEER
SOUTHERN MINOR IRRIGATION CIRCLE, BERHAMPUR
Bid Identification No.: SESMIC-03/2018-19

1.	No. of Work	:	2 Nos of M.I. Division Ganjam No.I, Berhampur.
2.	Estimated Cost	:	From 142.00 Lakh to 298 Lakh.
3.	E.M.D. required	:	As per Column -4 of summary of DTCN
4.	Class of Contractor	:	As per Column -7 of summary of DTCN
5.	Period of Completion	:	11 (Eleven Calendar Months).
6.	Availability of tender online for bidding.	:	From 14.11.2018 to 05.12.2018 up to 5.00 pm
7.	Date & time of opening of Technical bid.	:	On 06.12.2018 at 12.30 pm
8.	Name and Address of the OIT	:	Superintending Engineer, Southern Minor Irrigation Circle, Berhampur, In front of De-Paul School, Engineering School Road, Berhampur-760010, Ganjam. Email: smicbam@yahoo.co.in. Details can also be seen from the Government website http://www.tendersodisha.gov.in.

32045/11/0006/1819

ଯଦି ସାଧନାରେ ଉନ୍ନତି ଲାଭ କରିବାକୁ ଚାହଁ, ତେବେ କପଟତା ତ୍ୟାଗ କର।
- ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର

ସଂକ୍ଷେପରେ

ଛଟ୍ ଘାଟ ପରିଦର୍ଶନ କଲେ ବିଧାୟକ

ରାଉରକେଲା ଅଫିସ,୧୦।୧୧-ବିହାରର ପ୍ରମୁଖ ପର୍ବ ଛଟ ପୂଜା ନେଇ ବିଭିନ୍ନ ସ୍ତରରେ ପ୍ରସ୍ତୁତି ବୃତାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ରାଉରକେଲା ବିଧାୟକ ଦିଲୀପ ରାୟ ଏ ନେଇ ଶନିବାର ନଦୀଘାଟ ପରିଦର୍ଶନ କରିଛନ୍ତି। ଏଥିରେ ବାଲୁଘାଟ, ରୁପଟୋଲା, ତରକେରା, ପାନପୋଷ, ବଂଗାଳି ଟୋଲା ଓ ହନୁମାନ ଘାଟରେ ଶ୍ରଦ୍ଧାଳୁଙ୍କ ବିଶେଷ ଭିଡ ହେଉଥିବାରୁ ଏହାର ପ୍ରସ୍ତୁତି ନେଇ ବିଭାଗୀୟ ଅଧିକାରୀଙ୍କୁ ପଚାରି ବୁଝିଥିଲେ ରାୟ। ଘାଟ ସଫେଇ ଓ ଆଲୋକୀକରଣ ନେଇ ମଧ୍ୟ ସେ ଆଲୋଚନା କରିଥିଲେ। ମୁନିସିପାଲ କମିଶନର ରଶ୍ମିତା ପଣ୍ଡା, ଏସ୍‌ପି ଡ: ଉମାଶଙ୍କର ଦାସଙ୍କ ସହ ରାୟ ଆଲୋଚନା କରି ଆନୁଷଙ୍ଗିକ ସୁବିଧା ଉପଲବ୍ଧ କରାଇବାକୁ ଅନୁରୋଧ କରିଥିଲେ।

୨ ମାସ ପରେ ବି ଶାଖା ଅଧିକାରୀ ପଦ ଖାଲି

ରାଉରକେଲା ଅଫିସ,୧୦।୧୧-୨ ମାସ ହେବ ବାସନ୍ତୀ କଲୋନୀ ଷ୍ଟେଟ ବ୍ୟାଙ୍କ ଶାଖା ପରିଚାଳକ ପଦ ଖାଲି ପଡିଛି। ଏ ନେଇ ଖାତାଧାରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଶାଖା ପରିଚାଳକଙ୍କ ଅନୁପସ୍ଥିତି ଯୋଗୁ ବିଭିନ୍ନ କାମରେ ବାଧା ସୃଷ୍ଟି ହେଉଛି। ଏହି ବ୍ୟାଙ୍କ ଶାଖା ଉପରେ ବାସନ୍ତୀ କଲୋନୀ ଭଳି ଜନବହୁଳ ଅଞ୍ଚଳ ବାସିନ୍ଦାଙ୍କ ସମେତ ମାଲଗୋଦମ ଓ ଅନ୍ୟ କେତକ ବସ୍ତି ବାସିନ୍ଦା ନିର୍ଭର କରିଥାନ୍ତି। ପୂର୍ବରୁ ଯେଉଁ ଭଳି ନିୟମିତ ସବୁ କାର୍ଯ୍ୟ ଠିକଠାକ ଚାଲିଥିଲା ଏବେ ଏଥିରେ ବାଧା ଉପୁଜିଛି। କାମ ହେଉ ନ ଥିବାରୁ ଜାମାକାରୀ ତଥା ଗ୍ରାହକଙ୍କ ମଧ୍ୟରେ ଅସନ୍ତୋଷ ଲାଗି ରହିଛି।

କୂଅରୁ ମିଳିଲା ଯୁବକଙ୍କ ମୃତ ଦେହ

ରାଉରକେଲା ଅଫିସ,୧୦।୧୧-ଜଲଦା ଫାଣ୍ଡି ଅନ୍ତର୍ଗତ ଜଲଦା ଏ ବ୍ଲକ ଅଞ୍ଚଳରେ ଥିବା ଏକ କୂଅରୁ ଜଣେ ଯୁବକଙ୍କ ମୃତଦେହ ଶନିବାର ସକାଳୁ ଉଦ୍ଧାର କରାଯାଇଛି। ତାଙ୍କ ନାଁ କିଶୋର ଏକ୍କା(୨୬)। ସେ ଶୁକ୍ରବାରଠୁ ନିଖୋଜ ଥିଲେ। ଉଦ୍ଧାର ଯୁବକଙ୍କ ମୁହଁରେ ଶକ୍ତ ଆଘାତ ଲାଗିଥିବାରୁ ଏହାକୁ ଅନେକ ସନ୍ଦେହ ଦୃଷ୍ଟିରେ ଦେଖୁଛନ୍ତି। ତେବେ ଜଲଦା ଫାଣ୍ଡି ପୋଲିସ ଘଟଣାର ତଦନ୍ତ କରୁଛି।

ଟିମ୍ବର କଲୋନୀ ଜଗନ୍ନାଥ ମନ୍ଦିର ରୋଷଶାଳାର ଶୁଭ

ରାଉରକେଲା ଅଫିସ,୧୦।୧୧-ଟିମ୍ବର କଲୋନୀ ଜଗନ୍ନାଥ ମନ୍ଦିର ପରିସରରେ ଶନିବାର ରାଉରକେଲା ବିଧାୟକ ଦିଲୀପ ରାୟଙ୍କ କରକମଳରେ ରୋଷେଇ ଘର ନିର୍ମାଣ ଲାଗି ଶୁଭ ଦିଆଯାଇଛି। ଏଥିରେ ମନ୍ଦିର ପରିଚାଳନା କମିଟି ସଭାପତି ଶ୍ୟାମସୁନ୍ଦର ନାୟକ, ସାଧାରଣ ସମ୍ପାଦକ ଅଶୋକ ପଣ୍ଡା, ରବୀନ୍ଦ୍ର ଜେନା, ବାସନ୍ତୀ ଦାସ, ବନଲତା ଦାସ, ଭାଗୀରଥୀ ନାୟକ, ଉମେଶ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

ସେଲ୍ ଅଧ୍ୟକ୍ଷ ଅନିଲ ଚୌଧୁରୀଙ୍କ ଗସ୍ତକୁ ବିରୋଧ କରି ବିଶ୍ରା ଛକରେ ଧାରଣା ଦିଆଯାଇଛି।

ସେଲ୍ ଅଧ୍ୟକ୍ଷଙ୍କ ଗସ୍ତକୁ ବିରୋଧ କରି ଗଣଧାରଣା

ରାଉରକେଲା ଅଫିସ,୧୦।୧୧

ସେଲ୍ ଅଧ୍ୟକ୍ଷ ଅନିଲ ଚୌଧୁରୀଙ୍କ ଗସ୍ତକୁ ବିରୋଧ କରି ବିଏମଏସ ସହବନ୍ଧିତ ଇସ୍ପାତ କାରଖାନାର ସ୍ୱୀକୃତିପ୍ରାପ୍ତ ଶ୍ରମିକ ସଂଗଠନ ରାଉରକେଲା ଇସ୍ପାତ କାରଖାନା କର୍ମଚାରୀ ସଂଘ (ଆରଆଇକେକେଏସ) ପକ୍ଷରୁ ଶନିବାର ବିଶ୍ରା ଛକଠାରେ ସକାଳ ସାଢେ ୬ରୁ ସଂଧ୍ୟା ସାଢେ ୬ଟା ପର୍ଯ୍ୟନ୍ତ ବିଶାଳ ଗଣଧାରଣା ଅନୁଷ୍ଠିତ ହୋଇଥିଲା। ଏଥିରେ କାରଖାନାର ସହସ୍ରାଧିକ କର୍ମଚାରୀ ଯୋଗଦେଇ କଳା ଫିତା ବାନ୍ଧି ବିଭିନ୍ନ ସ୍ଲୋଗାନ ଲେଖାଥିବା ପ୍ଲା କାର୍ଡ ପ୍ରଦର୍ଶନ କରିଥିଲେ। ଅକ୍ଟୋବର ୨୩ରୁ ନଭେମ୍ବର ୫ ତାରିଖ ପର୍ଯ୍ୟନ୍ତ ୪ଦଫା ଦାବିରେ ଆରଆଇ କେକେଏସ ଲଗାତର ୧୨ଦିନ ବିଶ୍ରା ଛକରେ ବିକ୍ଷୋଭ ପ୍ରଦର୍ଶନ କରିଥିଲା। ଏଥିରେ ୪ ଦଫା ଦାବି ପୂରଣ ନେଇ ୟୁନିୟନ ସେଲ ତଥା ସରକାରଙ୍କ ମନୋଭାବକୁ ତୀବ୍ର ସମାଲୋଚନା କରିଥିଲା। ଏନଜେସିଏସ ବୈଠକ ଡାକି ତୁରନ୍ତ ଆଲୋଚନା ଆରମ୍ଭ କରିବା, ସ୍ୱାକ୍ଷରିତ ହୋଇଥିବା ପେନସନ ଲାଗୁ କରିବା, ଡିପ୍ଲୋମାଧାରୀଙ୍କୁ ଜୁନିୟର ଇଂଜିନିୟର ମାନ୍ୟତା ପ୍ରଦାନ କରିବା, ଠିକା ଶ୍ରମିକଙ୍କୁ କେନ୍ଦ୍ରୀୟ ହାରରେ ମଜୁରି ପ୍ରଦାନ କରିବା ନେଇ ୟୁନିୟନ ଦାବି କରିଥିଲା। ଏହାର ଠିକ୍ ୫ ଦିନ ପରେ ସେଲ ଅଧ୍ୟକ୍ଷଙ୍କ ଗସ୍ତକୁ ସମାନ ଢଙ୍ଗରେ ବିରୋଧ କରିଛି ବିଏମଏସ। ଏହାକୁ ନଜରରେ ରଖି କର୍ତ୍ତୃପକ୍ଷ ଆସନ୍ତା ୧୯ରେ ଏନଜେସିଏସ ଅନ୍ତର୍ଭୁକ୍ତ ଉତ୍ପାଦନ ଓ ଉତ୍ପାଦକତା ସଂପର୍କିତ ଏକ ବୈଠକ ଡକାଇଛନ୍ତି। ଏଥିରେ ବିଏମଏସକୁ ଆମନ୍ତ୍ରିତ କରାଯାଇଥିଲେ ହେଁ ଏହାକୁ ପ୍ରତ୍ୟାଖ୍ୟାନ କରାଯାଇଛି। ଯେ ପର୍ଯ୍ୟନ୍ତ ଦରମା ପୁନଃ ନିର୍ଦ୍ଧାରଣ ନେଇ ଏନଜେସିଏସ ବୈଠକ ଡକା ନ ଯାଇଛି ସେ ଯାଏ ୟୁନିୟନ ତାହାର ନିଷ୍ପତ୍ତିରେ ଅଟଳ ରହିବ ବୋଲି ଆରଆଇକେକେଏସର ସାଧାରଣ ସଂପାଦକ ହିମାଂଶୁ ବଳ ଏକ ବିବୃତିରେ ପ୍ରକାଶ କରିଛନ୍ତି। ଏହ ଗଣଧାରଣାକୁ ଅନେକ ବିରୋଧୀ ସମର୍ଥନ କରିବାରୁ ସେ ସନ୍ତୋଷ ପ୍ରକାଶ କରିଛନ୍ତି। ଆବଶ୍ୟକ ସ୍ଥଳେ ମିଳିତ ଆନ୍ଦୋଳନରେ ସାମିଲ ହେବାକୁ ୟୁନିୟନ ପଛଘୁଞ୍ଚା ଦେବନି ବୋଲି ବଳ ପ୍ରକାଶ କରିଛନ୍ତି। ଏହି ଗଣଧାରଣାରେ ସର୍ବଭାରତୀୟ ଷ୍ଟିଲ ଫେଡେରେସନ ସାଧାରଣ ସଂପାଦକ ରାଜେନ୍ଦ୍ର ମହାନ୍ତ, ଆରଆଇକେକେଏସ ସଭାପତି ବିବେକାନନ୍ଦ ମହାନ୍ତ, ବିକାଶ ହାଲଦାର, ଜ୍ଞାନେଶ ପଣ୍ଡା, ପ୍ରଭାତ ବେହେରା, ରୀତାରାଣି ସ୍ୱାଇଁ, ମଞ୍ଜୁଆ ଗୋସ୍ୱାମୀ, ଉମାକାନ୍ତ ସାମଲ, ମଙ୍ଗଳ ବଡାଇକ, ରାମଚନ୍ଦ୍ର ହାଁସଦା, ସରୋଜ ପ୍ରଧାନ, ଆଶିଷ ଦାସ, ସତ୍ୟାନନ୍ଦ ଦାସ, ରାଜେଶ ଦାସ, ସୁବାସ ପାଢୀ, ସରୋଜ ପଣ୍ଡା, ଅଜିତ ପୃଷ୍ଟି, ତ୍ରୈଲୋକ୍ୟ ବେହେରା, ପ୍ରଶାନ୍ତ ତିର୍କୀ, ଅକ୍ଷୟ ଧଳ, ଅଜୟ ବାରିକ, ନିରାକାର ସାହୁ ଓ ଶୁକ୍ରୁ ତନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

ଆର୍‌ଏସ୍‌ପି ପ୍ଲେଟ ପ୍ଲାଣ୍ଟରେ ହିଟ୍ ଟ୍ରିଟମେଣ୍ଟ ଲାଇନର ଉଦ୍‌ଘାଟନ କରୁଛନ୍ତି ସେଲ୍ ଅଧ୍ୟକ୍ଷ।

ସେଲ୍ ଅଧ୍ୟକ୍ଷଙ୍କ ପ୍ରଥମ ଦୁଇ ଦିନିଆ ରାଉରକେଲା ଗସ୍ତ

ରାଉରକେଲା ଅଫିସ,୧୦।୧୧

ସେଲ୍ ଅଧ୍ୟକ୍ଷ ଭାବେ ଅନିଲ ଚୌଧୁରୀ ପଦ ଭାର ଗ୍ରହଣ କରିବା ପରେ ପ୍ରଥମ କରି ଶନିବାର ଦୁଇ ଦିନିଆ ରାଉରକେଲା ଗସ୍ତରେ ଆସିଛନ୍ତି। ତାଙ୍କ ସହ କାର୍ମିକ ବିଭାଗ ନିର୍ଦ୍ଦେଶକ ଅତୁଲ ଶ୍ରୀବାସ୍ତବ, ବୈଷୟିକ ନିର୍ଦ୍ଦେଶକ ହରିନନ୍ଦ ରାୟ ପ୍ରମୁଖ ଆସିଛନ୍ତି। ଅଧ୍ୟକ୍ଷ ଚୌଧୁରୀ ବିମାନ ବନ୍ଦର ଠାରେ ପହଞ୍ଚିବା ପରେ ଆରଏସପି ସିଇଓ ଅଶ୍ୱିନୀ କୁମାରଙ୍କ ସମେତ ଅନ୍ୟବରିଷ୍ଠ ଅଧିକାରୀ ତାଙ୍କୁ ଭବ୍ୟ ସ୍ୱାଗତ ଜଣାଇ ଥିଲେ। ପରେ ସେ ରାଉରକେଲା ଇସ୍ପାତ କାରଖାନା ପରିଦର୍ଶନରେ ଆସି ନବୀକୃତ ବ୍ଲାଷ୍ଟ ଫର୍ନେସ-୧ ପରିଦର୍ଶନ କରିଥିଲେ। ସ୍ପେଶାଲ ପ୍ଲେଟ ପ୍ଲାଣ୍ଟ ବୁଲିବା ସହ ଅତିରିକ୍ତ ହିଟ ଟ୍ରିଟମେଣ୍ଟ ଲାଇନର ଉଦ୍‌ଘାଟନ କରିଥିଲେ। ମୋଟ ୧୫୫ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ନୂତନ ସୁବିଧା ଏସପିପିର ହିଟ ଟ୍ରିଟମେଣ୍ଟ ବ୍ୟବସ୍ଥାରେ ଉନ୍ନତି ଆଣିବ। ବିଭିନ୍ନ ପରିମାପର ଆବଶ୍ୟକତା ମୁତାବକ ପ୍ରତିରକ୍ଷା ଗ୍ରେଡ ଭଳି ସ୍ୱତନ୍ତ୍ର ଷ୍ଟିଲ ନିର୍ମାଣ ଦିଗରେ କାରଖାନାକୁ ଏହା ସହାୟତା କରିବ ବୋଲି କୁହାଯାଇଛି। ଏଥିସହ ଅଧ୍ୟକ୍ଷ ଚୌଧୁରୀ ହଟ ଷ୍ଟ୍ରିପ ମିଲ ଓ ପ୍ଲେଟ ମିଲ ବୁଲି ଦେଖିଥିଲେ। ଅପରାହ୍ନରେ ସେ ଗୋପବନ୍ଧୁ ପ୍ରେକ୍ଷାଳୟଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ୫ଶହ କର୍ମଚାରୀଙ୍କୁ ସମ୍ବୋଧିତ କରିଥିଲେ। ଏହା ପରେ ସିଇଓଙ୍କ ସମ୍ମିଳନୀ କକ୍ଷରେ କାରଖାନାର ବରିଷ୍ଠ ଅଧିକାରୀଙ୍କ ବୈଠକରେ ସାମିଲ ହୋଇଥିଲେ।

ଦଣ୍ଡିଆପାଲିରେ କୁସ୍ତି ପ୍ରତିଯୋଗିତା

୫ରୁ ୫୦ ବର୍ଷ ବୟସ ପର୍ଯ୍ୟନ୍ତ ପ୍ରତିଯୋଗୀ ସାମିଲ ହେଲେ

ରାଉରକେଲା ଅଫିସ,୧୦।୧୧

ଅରିଜିନାଲ ପାୱାର କ୍ଲବ ପକ୍ଷରୁ ବେଦବ୍ୟାସ ଅନ୍ତର୍ଗତ ଦାଣ୍ଡିଆପାଲିଠାରେ ଏକ କୁସ୍ତି ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଏସଆଇ ସ୍ପୋର୍ଟସ ଫିଟନେସ ଏକାଡେମି ଓ ସୁପର ୨୦ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ଓଡିଶା ଓ ଝାଡ଼ଖଣ୍ଡର ମଲ୍ଲ ଯୋଦ୍ଧା ଯୋଗ ଦେଇଥିଲେ। ଏଥିରେ ୫ ବର୍ଷରୁ ନେଇ ୫୦ ବର୍ଷ ବୟସ ପର୍ଯ୍ୟନ୍ତ ପ୍ରତିଯୋଗୀ ଭାଗ ନେଇଥିଲା। ପ୍ରତିଯୋଗିତାରେ କେତେକ ମହିଳା ଭାଗ ନେବା ଆୟୋଜକ ଓ ଦର୍ଶକଙ୍କୁ ଉତ୍ସାହିତ କରିଥିଲା। ଏହି କୁସ୍ତି ପ୍ରତିଯୋଗିତାକୁ ରାଉରକେଲା ମୁନିସିପାଲିଟିର ପୂର୍ବତନ ଅଧ୍ୟକ୍ଷ କାଳନ୍ଦି ବଡଜେନା ଉଦ୍‌ଘାଟନ କରିଥିଲେ। ଏଥିରେ ସୁନ୍ଦରଗଡ ରେସଲିଙ୍ଗ ଡେଭଲପମେଣ୍ଟ ଆସୋସିଏସନ କର୍ମକର୍ତ୍ତା ନୁରା ନାୟକ, ସାମାଜିକ କର୍ମୀ ମାନସ ମହାନ୍ତି ଓ ପ୍ରିୟଙ୍କା ସିଂ ପ୍ରମୁଖ ଯୋଗ ଦେଇଥିଲେ। ପ୍ରତିଯୋଗିତାକୁ ଝାଡ଼ଖଣ୍ଡରୁ ଆସିଥିବା ରେଫରି ସଞ୍ଜୀବ ଝା ପରିଚାଳନା କରିଥିବା ବେଳେ ତାଙ୍କୁ ମୋନିକା ସିଂ, ରାମପ୍ରସାଦ ଯାଦବ ସହଯୋଗ କରିଥିଲେ। ଏଥିରେ ଅରିଜିନାଲ ପାୱାର କ୍ଲବ ଅଧ୍ୟକ୍ଷ ଓପି ସିଂ, ସିଦ୍ଧାର୍ଥ ଲୋହାନୀ, ରମେଶ ରାୟ, ମୋନୁ ଗୁପ୍ତା, ପଓନ କୁନ୍ଦ୍ରା, କମଲ ଅଗ୍ରୱାଲ, ଚନ୍ଦନ ଗୁପ୍ତା, ଶିବଶଂକର ଶର୍ମା, ଜଗବୀର ସିଂ ପ୍ରମୁଖ ଗୁରୁ ଦାୟିତ୍ୱ ନିର୍ବାହ କରିଥିଲେ। ଏହି ଅବସରରେ କୃତୀ ବିଜେତାଙ୍କୁ ମଞ୍ଚାସୀନ ଅତିଥି ପୁରସ୍କାର ବିତରଣ କରିଥିଲେ। ଏହି କୁସ୍ତି ପ୍ରତିଯୋଗିତାକୁ ଦେଖିବାକୁ ସ୍ଥାନୀୟ ଅଞ୍ଚଳ ବାସିନ୍ଦାଙ୍କ ମଧ୍ୟରେ ପ୍ରବଳ ଆଗ୍ରହ ପରିଲକ୍ଷିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଦୀଦାର ସିଂ, ସୌରଭ ମିତଲ, ଗୋପାଲ ଅଗ୍ରୱାଲ, ବଂଟି ସିଂ, ରାକେଶ ସିଂ, ରୂପନାରାୟଣ ସିଂ, ଭାଗୀରଥି ସିଂ, ସନ୍ତୋଷ ସିଂ ପ୍ରମୁଖ ଉପସ୍ଥିତ ଥିଲେ। ଆଗାମି ଦିନରେ ଏହି ବାହୁ କୁସ୍ତି ପ୍ରତିଯୋଗିତାକୁ ଲୋକପ୍ରିୟ କରାଇବାକୁ ସମସ୍ତ ଉଦ୍ୟମ ଜାରି ରହିବ ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି।

+PILES CLINIC+
Near Budheswari Temple, ମହ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

Odisha State Disaster Management Authority
(A Govt. of Odisha Agency)
Rajiv Bhawan, 9th Floor, Unit-5, Bhubaneswar-751015
Phone : 0674-2395398/ 2395531, Fax : 0674-2391871
Website : www.osdma.org
No.69-F
Quotation Call Notice No. 4755/OSDMA
Request for Proposals (RFP) are invited from the eligible firms/ companies for selection of a software development agency for re-design, development and maintenance of OSDMA web-portal. The details can be found in OSDMA website (tender section) (www.osdma.org)
24007/11/0012/1819
Sd./- Managing Director

No 1 Clinic in India for Sexual Treatment
Lady Doctors are available for Ladies
For Best results Consult Physically
ସହବାସରେ ସମସ୍ୟା | ଶିଥିଳତା
ଧାତୁ ପତଳା | ଶିଘ୍ର ପତନ
ପରିସ୍ରାରେ ଧାତୁ | ସ୍ୱପ୍ନଦୋଷ
ଯୌନାଙ୍ଗରେ ଘା | ସ୍ତ୍ରୀ ରୋଗ
ଗୋପନରେ ମଦ ଛଡାନ୍ତୁ
PUSHPA CLINIC (P) LTD.
www.pushpaclinic.com
ପୁରୁଷାଙ୍ଗ ଶିଥିଳତା ଓ ଶିଘ୍ରପତନ ଦୂରକରିବା ପାଇଁ ପୁଷ୍ପାକ୍ଲିନିକ୍‌ର ଆୟୁର୍ବେଦୀୟ ଚିକିତ୍ସା ଅତୁଳନୀୟ | ସବୁଦିନ ସକାଳ ୯ଟାରୁ ରାତ୍ର ୮ଟା
A- 41, BDA Duplex Colony, Baramunda, Bhubaneswar - 3 | BALASORE 9437147000
BBSR 0674- 2354320, 9437143000, 9437138000 | ANGUL 9437146000
ସୂଚନା : ଅନୁଗୋଳ ଓ ବାଲେଶ୍ୱର ବ୍ୟତିତ ଅନ୍ୟ କୌଣସି ଜାଗାରେ ଆମର କୌଣସି ଶାଖା କ୍ଲିନିକ୍ ନାହିଁ ।

ହନୁମାନ ବାଟିକାରେ ନୂଆ ପଞ୍ଜିକା ଲୋକାର୍ପିତ

ରାଉରକେଲା ଅଫିସ,୧୦।୧୧

ପଶ୍ଚିମ ଓଡିଶାର ପ୍ରମୁଖ ଧାର୍ମିକ ପର୍ଯ୍ୟଟନ ସ୍ଥଳ ହନୁମାନ ବାଟିକା । ଏଠାରେ ଶନିବାର ମୁଖ୍ୟ ଅତିଥି ରୂପେ ଯୋଗଦେଇ ହନୁମାନ ବାଟିକା ପଞ୍ଜିକାକୁ ରାଉରକେଲା ବିଧାୟକ ଦିଲୀପ ରାୟ ଉନ୍ମୋଚନ କରିଛନ୍ତି। ଦୀର୍ଘ ଦିନ ଧରି ଏପରି ଏକ ପଞ୍ଜିକା ପ୍ରକାଶନ ନିମନ୍ତେ ଶ୍ରଦ୍ଧାଳୁ ଦାବି କରି ଆସୁଥିଲେ। ବାଟିକା ପରିସରରେ ଆନନ୍ଦ ବଜାର ଖୋଲାଯିବା ସହ ହବିଷିଆଳିଙ୍କ ନିମନ୍ତେ ମାଗଣା ରହଣି ଓ ଖାଦ୍ୟ ବ୍ୟବସ୍ଥା ପରେ ପଞ୍ଜିକାର ଆବଶ୍ୟକତା ଅନୁଭବ ହୋଇଥିଲା। ଏହାକୁ ଦୃଷ୍ଟିରେ ରଖାଯାଇ ପ୍ରସ୍ତୁତ ପଞ୍ଜିକାକୁ ଲୋକାର୍ପଣ କରାଯାଇଛି। ଏଥିରେ ବିଭିନ୍ନ ପର୍ବ ପର୍ବାଣି ସହ ବିବାହ, ବ୍ରତ, ଗୃହ ପ୍ରବେଶ ଆଦି ତଥ୍ୟ ସମ୍ବଳିତ ପୂଜା ବିଧି ସ୍ଥାନିତ ହୋଇଛି। ଚଳିତ ବର୍ଷ ଏହା ବିନା ମୂଲ୍ୟରେ ଉପଲବ୍ଧ ହେଉଥିବାରୁ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି। ହରିହର ରାଉତରାୟଙ୍କ ଦ୍ୱାରା ବ୍ୟବସ୍ଥିତ ଏହି କାର୍ଯ୍ୟକ୍ରମରେ ରମେଶ ବଳ, ଶୁଭ ପଟ୍ଟନାୟକ, ରଂଜିତ ନାୟକ, ନିରାକାର ଲେଙ୍କା, ବସନ୍ତ ପ୍ରଧାନ, ବୁଲୁ ମହାନ୍ତି, ବେନି ସିଂ, ଧୀର ଦାସ, ବରୁଣ ମାଝି, ମାଣିକ, ଚୌଧୁରୀ, ଦୌଲତ ଅଗ୍ରୱାଲ, ସୁରେଶ ଜିନ୍ଦଲ, ବବଲୁ ଗୋଏଲ, ପ୍ରିନ୍ସ ଦାସ, ଜେଣ୍ଟଲ ପରିଡା, ଅବିନାଶ ଜେନା, ଇରଶାଦ ଖାଁ, ରସିଦ ଆସଲମ, ସବିତା ଖାତୁନ, ଆକବର ଖାଁ, ନୀଲୁ ଦାସ ଓ ଅକ୍ଷୟ ପରିଡା ପ୍ରମୁଖ ଉପସ୍ଥିତ ଥିଲେ।



ହନୁମାନ ବାଟିକା ପଞ୍ଜିକାକୁ ବିଧାୟକ ଦିଲୀପ ରାୟ ଉନ୍ମୋଚନ କରୁଛନ୍ତି ।

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

MORE SPACE • SAME PRICE
TARIFF | For Single Day 6×4 1,500.00, 12×4 2,000.00 | For 7 Days 6×4 6,000.00, 12×4 12,000.00 | For 15 Days 6×4 12,000.00, 12×4 25,000.00 | For 30Days 6×4 20,000.00, 12×4 40,000.00 | *GST 5% Extra

Get Instant Cash against Gold, Sell Your Gold at 100% Market Value
GOLD CASH LTD
(an ISO 9001:2015 Certified Company)
ନିଜ ବନ୍ଧକ ସୁନାକୁ ମୁକୁଲେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ ମୂଲ୍ୟରେ ନେବା ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ୍ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free: 1800-120-3430
Branches: Bhubaneswar, Cuttack, Bhadrak, Rourkela & Berhampur

ସ୍ତ୍ରୀ ଘଣ୍ଟାରେ ୧୦୦% ସମାଧାନ ଘରେ ବସି ଫୋନ ଦ୍ୱାରା
କଣ ଆପଣ ଚିନ୍ତିତ ଅଛନ୍ତି ?
କାହିଲେ ନୁହେଁ ଦେଖାଙ୍କଲେ କଷ୍ଟ ଦୂରହେବ !
ଆମ ଉପରେ ଆପଣଙ୍କର ବିଶ୍ୱାସ ଦେଖି ଓ ଦିଲ୍ଲୀ ବଦଳରେ ଦେଖେ ପାଇବେ
କାମ ନହେଲେ ପଇସା ଫେରସ୍ତ ! Time - 10 am to 6 pm
ମନବାଞ୍ଛା ବିବାହ, ବ୍ୟବସାୟ, ଗୃହକ୍ଲେଶ, କିଆ କରାୟା, ବିବାହରେ ବାଧା, ସନ୍ତାନୁଣୀ ଓ ଶତ୍ରୁ ମୁକ୍ତି, ଲୋଭରେ ଔଷଧ ନ ଧରିବା, କ୍ୟାରିୟରରେ ଅସଫଳତା, ବଶୀକରଣ. ମୁଠକରଣୀ, ଯାଦୁଟୋଣା, ଭୂତପ୍ରେତ ଆଦି ଜଟିଳ ଭୂ ଜଟିଳ ସମସ୍ୟାର ସମାଧାନ ।
(ସ୍ପେଶାଲିଷ୍ଟ- ବଶୀକରଣ, ମୁଠକରଣୀ ଏବଂ ଜଳାଯାଦୁ)
ଯଦି ଆପଣଙ୍କର ଜ୍ୟୋତିଷ ଓ ପଣ୍ଡିତଙ୍କ ଉପରୁ ଭରସା ଉଠିଯାଇଛି ତାହେଲେ ତୁରନ୍ତ ଫୋନ୍ କରନ୍ତୁ
ଯଦି ଆପଣଙ୍କର ପତି ପ୍ରେମୀ, କିମ୍ବା ପୁଅ ବସରେ ଅଛନ୍ତି ତାହେଲେ ତୁରନ୍ତ ଫୋନ୍ କରନ୍ତୁ
ବାବା ରହେମାନ୍ ଖାନ ବଙ୍ଗାଳୀ
7065430524
9599270336

BUSINESS
ଖାଲିଥିବା ଜମି ଓ ଛାତ ଉପରେ ସିଂଘାନିୟା ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂମ୍ପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
8570062731
9996602452

BUSINESS OPPORTUNITY
ରେଜିଷ୍ଟର୍ଡ ଘରୋଇ ଫାଇନାନ୍ସ କମ୍ପାନୀରେ ନିଜର ମାର୍କସିଟ୍ ଦେଇ ମାତ୍ର ତିନି ଦିନରେ ଶିକ୍ଷାରଣ, ବ୍ୟବସାୟ ଋଣ ଏବଂ ସୁନାରଣ ନେବାର ସୁଯୋଗ ଲାଭ କରନ୍ତୁ। ଆକର୍ଷଣୀୟ ସୁଧ।
ଯୋଗାଯୋଗ:
3 Salt Lake, Sector-5, KOLKATA-700091
9874247647

କେମିତି ମଦ ଛାଡ଼ିବେ
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ।
ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
ବାଲେଶ୍ୱର: ପ୍ରତିମାସ ୧ ଓ ୧୫, ହୋଟେଲ ଜଳିଙ୍କ, ଷ୍ଟେଶନ ଗୋଲେଇ। ଭଦ୍ରକ: ୨ ଓ ୧୬, ହୋଟେଲ୍ ବ୍ଲୁଭାଇନ୍, ରାଉଘାଟ ଛକ। ଯାଜପୁର: ୩ ଓ ୧୭, ହୋଟେଲ ଭାମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ପାଢପୁର ରୋଡ୍। କଟକ: ୪ ଓ ୧୮, ହୋଟେଲ୍ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। ଭୁବନେଶ୍ୱର: ୫ ଓ ୧୯ ହୋଟେଲ ଡ୍ରାଇଭେଣ୍ଟ (ଲକ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୨୩୮, ଅଶୋକ ନଗର, ୟୁନିଟ୍-II। ପୁରୀ: ୬ ଓ ୨୦, ହୋଟେଲ ପ



ଆମକୁ ପାପ କାର୍ଯ୍ୟ କରିବାରେ ଯିଏ ବାଧା ଦିଏ, ସେ ପ୍ରକୃତରେ ବନ୍ଧୁ।

- ଶଙ୍କରାଚାର୍ଯ୍ୟ

ସଂକ୍ଷେପରେ

ହୀରାଖଣ୍ଡ ବିଦ୍ୟୁତ୍ କର୍ମଚାରୀ ସଂଘର ବୈଠକ

ଝାରସୁଗୁଡା ଅଫିସ,୧୦।୧୧- ହୀରାଖଣ୍ଡ ବିଦ୍ୟୁତ କର୍ମଚାରୀ ସଂଘର ଝାରସୁଗୁଡା ଡିଭିଜନ ତରଫରୁ ଏକ ସାଧରଣ ବୈଠକ ହୋଇଯାଇଛି। ଏହି ବୈଠକରେ ବିଶେଷକରି ଆଉଟସୋର୍ସିଂ କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି, ବିଦ୍ୟୁତ ବିଭାଗରେ ଘରୋଇ କରଣକୁ ବନ୍ଦ କରିବା ଏବଂ ନଭେମ୍ବର ୨୬ରେ ଭୁବନେଶ୍ୱରରେ ହେବାକୁ ଥିବା ଧର୍ମଘଟ ବିଷୟରେ ଆଲୋଚନା କରାଯାଇଥିଲା। ଏହି ବୈଠକରେ ଲଳିତ କୁମାର ପଟ୍ଟନାୟକ ଅଧକ୍ଷତା କରିଥିବା ବେଳେ ସଂଘର ସମ୍ପାଦକ ପ୍ରଣୟ କୁମାର ନାୟକ, ବିରଞ୍ଚି ସାହୁ, ତାପସ ନାଥ, ହିମାଂଶୁ ଶେଖର ମିଶ୍ର, ରଞ୍ଜିତ ମିଶ୍ର, ସୁନିଲ ସିଂ, ରିତେଶ କୁମାର ପଟେଲ, ସୁରେନ୍ଦ୍ର ସାହୁ, ପୂର୍ଣ୍ଣଚନ୍ଦ୍ର ପ୍ରଧାନ ସମେତ ଝାରସୁଗୁଡା ଏବଂ ବ୍ରଜରାଜନଗର ଡିଭିଜନର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

ଲଇକେରାରେ କୋଶଳ ଜନଜାଗରଣ ଯାତ୍ରା

ଲଇକେରା,୧୦।୧୧(ଡି.ଏନ.ଏ.)- ଝାରସୁଗୁଡା ଜିଲା ଲଇକେରାଠାରେ କୋଶଳ ଜନଜାଗରଣ ଯାତ୍ରା ଶନିବାର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ କୋଶଳ ଜାଗରଣ ଯାତ୍ରାର ଏକ ରାଲି ସୁରେନ୍ଦ୍ର ସାହୁ, କୈଳାଶ ଚନ୍ଦ୍ର ବେହେରା, ସୁଜିତ ମେହେରଙ୍କ ନେତୃତ୍ୱରେ ଗାଁ ପରିକ୍ରମା କରିଥିଲା। ଏହି ଯାତ୍ରା ଝାରସୁଗୁଡାରୁ ବାହାରି ରଘୁନାଥପାଲି, କୋଲାବିରା, ପୋଖରାସାହେ, ବଡବାହାଲ, ଝୀଲାପାଲି ପରେ ଲଇକେରା ପହଞ୍ଚିଥିଲା। ବୁନ୍ଦେ ଧୁରୁଆ, ରବି ବେହେରା, ସୁଜିତ କୁମାର ମେହେର ସ୍ୱାଗତ କରିଥିଲେ । ଜାଗରଣ ରାଲିରେ ୧୧ଟି ଜିଲାରୁ ଯୁବ କର୍ମକର୍ତ୍ତାଙ୍କ ସମେତ ଆକାଶ ଗଣ୍ଡା, ପ୍ରିତମ ଖଣ୍ଡା, ସିପୁନ ଖମାରୀ, ରାଜ କୁମାର ପଣ୍ଡା, ମାୟାରାମ ବାର୍ଲା, ଜନ୍ମେଜୟ ଖଣ୍ଡିତ ପ୍ରମୁଖ ସାମିଲ ଥିଲେ ।

ପାୱାର ଟିଲରରେ ଶ୍ରମିକଙ୍କ ହାତ କଟିଲା

ବ୍ରଜରାଜନଗର, ୧୦।୧୧ (ଡି.ଏନ.ଏ)- ସ୍ଥାନୀୟ ରେମଜା ଗ୍ରାମରେ ଶନିବାର ଅପରାହ୍ନ ୫ଟାରେ ଜଣେ ଶ୍ରମିକଙ୍କ ହାତ କଟି ଯାଇଛି । ତାଙ୍କ ନାମ ଶୁକ୍ରୁ । ସେ ଗ୍ରାମ ପାଖ ବିଲରେ ଚାଷ କାମ କରୁଥିଲେ। ହଠାତ ପାୱାର ଟିଲର ଓଲଟି ତାଙ୍କ ଉପରେ ପଡିଯାଇଥିଲା । ଘଟଣା ସ୍ଥଳରେ ତାଙ୍କର ହାତ କଟି ଯାଇଥିଲା। ତୁରନ୍ତ ତାକୁ ଡାକ୍ତରଖାନାକୁ ନିଆଯାଇଛି ।

ବିଜେଡିର ଜନସମ୍ପର୍କ ପଦଯାତ୍ରା

ବ୍ରଜରାଜନଗର, ୧୦।୧୧ (ଡି.ଏନ.ଏ.)- ସ୍ଥାନୀୟ ରାମଗଡଠାରେ ବିଜୁ ଜନତା ଦଳ ତରଫରୁ ଜନ ସମ୍ପର୍କ ପଦଯାତ୍ରା କରାଯାଇଥିଲା । ରାମଗଡ ଛକରୁ ପଦଯାତ୍ରା ବାହାରି ରାମଗଡସ୍ଥିତ ଅଙ୍ଗନୱାଡି କେନ୍ଦ୍ରଠାରେ ଏକ ସାଧାରଣ ସଭା କରାଯାଇଥିଲା । ପୂର୍ବତନ ବିଧାୟକ ଅନୁପ ସାଏ ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିବା ବେଳେ ପୌରାଧକ୍ଷ ନନ୍ଦକିଶୋର ଅଗ୍ରୱାଲ, ବିଜେଡି ସଭାପତି ଜୟନ୍ତ ଦୀକ୍ଷିତ ସମ୍ମାନୀତ ଭାବରେ ଯୋଗ ଦେଇଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କର ଜନ କଲ୍ୟାଣକାରୀ ବିଷୟରେ ଉପସ୍ଥିତ ଜନତାଙ୍କୁ ଅବଗତ କରାଇବା ସହିତ ପ୍ରୋଜେକ୍ଟର ମାଧ୍ୟମରେ ଦେଖାଇଥିଲେ।

■ ଛତିଶଗଡ଼ ନିର୍ବାଚନ

ଝାରସୁଗୁଡ଼ା ସୀମାନ୍ତରେ ହାଇ ଆଲର୍ଟ

ଝାରସୁଗୁଡା ଅଫିସ,୧୦।୧୧

■୩ ସ୍ଥାନରେ କଡା ଯାଞ୍ଚ

■ଜଳଭଣ୍ଡାର ଟାପୁରୁ ବିପୁଳ ନିଶାଦ୍ରବ୍ୟ ଜବତ

ଛତିଶଗଡ ବିଧାନସଭା ନିର୍ବାଚନ ପାଇଁ ଓଡ଼ିଶାର ସୀମାନ୍ତ ଜିଲାରେ ହାଇଆଲର୍ଟ ଜାରି ହୋଇଛି। ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶକ୍ରମେ ଛତିଶଗଡ ସୀମାନ୍ତରେ ଥିବା ଓଡ଼ିଶାର ୮ଟି ଜିଲାରେ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି। ଏପରିକି ନିର୍ବାଚନ ସମୟରେ ସୀମା ସିଲ୍ କରିବା ନେଇ ଓଡ଼ିଶାର ସମୀନ୍ତ ଜିଲା ଏବଂ ଏହାକୁ ଲାଗି ରହିଥିବା ଛତିଶଗଡର ବିଭିନ୍ନ ଜିଲାର ଜିଲାପାଳଙ୍କ ମଧ୍ୟରେ ଆଲୋଚନା ହୋଇଛି। ନିର୍ବାଚନକୁ ପ୍ରଭାବିତ କରିବାରେ ସହାୟକ ସାମଗ୍ରୀ ଯଥା ମଦ, ଗଞ୍ଜେଇ ଭଳି ନିଶାଦ୍ରବ୍ୟ, କଳାଟଙ୍କା, ଗୁଳିଗୋଳା, ଗୁଣ୍ଡା, ମାଫିଆଙ୍କ ଯାତାୟତ ଏବଂ ପରିବହନ ଉପରେ କଟକଣା ଲଗାଯାଇଛି। ସେଥିପାଇଁ ସୀମାନ୍ତ ପୋଲିସ ଷ୍ଟେଶନଗୁଡିକୁ ଏସ୍‌ପିଙ୍କ କାର୍ଯ୍ୟାଳୟରୁ ନିର୍ଦ୍ଦେଶାବଳୀ ଜାରି ହୋଇଛି। ଛତିଶଗଡ ସୀମାନ୍ତରେ ଥିବା ଓଡ଼ିଶାର ୮ଟି ଜିଲା ମଧ୍ୟରୁ ଝାରସୁଗୁଡା ଅନ୍ୟତମ। ଏହା ପଡୋଶୀ ଛତିଶଗଡର ରାୟଗଡ ଜିଲାକୁ ସଂଯୋଗ କରୁଛି। ସେଥିପାଇଁ ସୀମାନ୍ତରେ ୩ଟି ସ୍ଥାନରେ ବ୍ୟାପକ ଯାଞ୍ଚ କରାଯାଉଛି।

ନଭେମ୍ବର ମାସରେ ୯୦ ଆସନ ବିଶିଷ୍ଟ ଛତିଶଗଡ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ। ୧୮ଟି ଆସନ ପାଇଁ ପ୍ରଥମ ପର୍ଯ୍ୟାୟ ଭୋଟ ଗ୍ରହଣ ନଭେମ୍ବର ୧୨ ତାରିଖରେ ହେବାକୁ ଥିବା ବେଳେ ଅବଶିଷ୍ଟ ୭୨ଟି ଆସନ ପାଇଁ ନଭେମ୍ବର ୨୦ ତାରିଖରେ ଭୋଟଗ୍ରହଣ ହେବ। ଭୋଟବେଳେ ରାଜନୈତିକ ଦଳଗୁଡିକ ମଦ, ଟଙ୍କା ଏବଂ ଭୟଭୀତ କରାଇ ଭୋଟରଙ୍କୁ ପ୍ରଭାବିତ କରିବାର ଆଶଙ୍କା ରହୁଛି। ତେଣୁ ନିର୍ବାଚନ କମିଶନ ଭୋଟଗ୍ରହଣ ସମୟରେ ଆନ୍ତଃରାଜ୍ୟ ପ୍ରବେଶ ପଥଗୁଡିକରେ କଡା ଯାଞ୍ଚ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଓଡ଼ିଶାର ଝାରସୁଗୁଡା, ସୁନ୍ଦରଗଡ, ବରଗଡ, ନୂଆପଡା, କଳାହାଣ୍ଡି, କୋରାପୁଟ, ନବରଙ୍ଗପୁର ଏବଂ ମାଲକାନଗିରି ଜିଲା ଦେଇ ଛତିଶଗଡକୁ ଯାତାୟତ କରୁଥିବା ଗାଡି ମୋଟର ଏବଂ ବ୍ୟକ୍ତିବିଶେଷଙ୍କୁ ତନ୍ନ ତନ୍ନ ଯାଞ୍ଚ କରିବା ପାଇଁ ନିର୍ଦ୍ଦେଶ ରହିଛି। ସେହିକ୍ରମରେ ଓଡ଼ିଶା ଏବଂ ଛତିଶଗଡର ସୀମାନ୍ତ ଜିଲାର ଜିଲାପାଳ ଏବଂ ଏସ୍‌ପିମାନେ ଆଲୋଚନା କରି କଡା ପଦକ୍ଷେପ ଗ୍ରହଣ କରୁଛନ୍ତି।

କନକତୋରାଠାରେ ପୋଲିସର କଡା ଯାଞ୍ଚ।

ସେଥିପାଇଁ ଓଡ଼ିଶାର ଝାରସୁଗୁଡା ଏବଂ ଛତିଶଗଡର ରାୟଗଡ ଜିଲାକୁ ସଂଯୋଗ କରୁଥିବା କନକତୋରା, ଲରାଛକ ଏବଂ ହୀରାକୁଦ ଜଳଭଣ୍ଡାର ପଛୁଆପାଣିରେ ଛତିଶଗଡକୁ ଯାତାୟତ ଉପରେ କଡା ନଜର ରଖାଯାଇଛି ବୋଲି ଏସ୍‌ପି ଅଶ୍ୱିନୀ କୁମାର ମହାନ୍ତି କହିଛନ୍ତି।

ଏହି ସ୍ଥାନଗୁଡିକରେ ସୀମାନ୍ତ ଥାନା କର୍ମଚାରୀ ଜଗିରହି ଯାଞ୍ଚ କରୁଛନ୍ତି। ଦ୍ୱିତୀୟ ପର୍ଯ୍ୟାୟ ଭୋଟଗ୍ରହଣ ନଭେମ୍ବର ୨୦ ତାରିଖରେ ପଡୋଶୀ ରାୟଗଡ ଜିଲାରେ ହେବ। ଏହି ସମୟରେ ସୀମା ସିଲ୍ କରାଯିବା ସହ ପାଖାପାଖି ଅଞ୍ଚଳରେ ମଦ କାରବାର ସମ୍ପୂର୍ଣ୍ଣ ବନ୍ଦ ରଖିବାକୁ ନିଷ୍ପତ୍ତି ହୋଇଛି ବୋଲି ଝାରସୁଗୁଡା ଜିଲାପାଳ ବିଭୂତି ଭୂଷଣ ପଟ୍ଟନାୟକ କହିଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ହୀରାକୁଦ ଜଳଭଣ୍ଡାର ଭିତରେ ରହିଥିବା ଟାପୁଗୁଡିକରେ ଦେଶୀମଦ ରନ୍ଧାଯାଇ ଛତିଶଗଡ ଚାଲାଣ କରାଯାଉଛି। ଶନିବାର ଝାରସୁଗୁଡା ଏବଂ ସମ୍ବଲପୁର ଅବକାରୀ ବିଭାଗ ମିଳିତ ଭାବେ ଚଢାଉ କରି ୧୬ ହଜାର କିଲୋ ମହୁଲ ପୋଚ୍ ଏବଂ ୨୦୦ ଲିଟର ଦେଶୀମଦ ଜବତ କରିଛନ୍ତି। ଜଳଭଣ୍ଡାରର ଏକ ଟାପୁ ଭିତରୁ ଜବତ ହୋଇଥିବା ବେଳେ ଚାଲାଣକାରୀ ଫେରାର ହୋଇଯାଇଛନ୍ତି। ଆଗକୁ ନିର୍ବାଚନ ରହିଥିବାରୁ ଛତିଶଗଡ ମାଫିଆମାନେ ଝାରସୁଗୁଡାରୁ ମଦ ଏବଂ ଟଙ୍କା ଚାଲାଣ କରି ନିର୍ବାଚନ ପ୍ରଭାବିତ କରିବାର ଆଶଙ୍କା ରହିଛି। ତେଣୁ ଏହିଭଳି କାର୍ଯ୍ୟକଳାପ ପ୍ରତି କଡା ନଜର ରଖାଯାଇଛି ବୋଲି ଝାରସୁଗୁଡା ଅବକାରୀ ସୁପରିଣ୍ଟେଣ୍ଡେଣ୍ଟ ନାରାୟଣ ମେହେର କହିଛନ୍ତି।

ଆନ୍ତଃ କ୍ଷେତ୍ରୀୟ ଖେଳ ପ୍ରତିଯୋଗିତା ଉଦ୍‌ଯାପିତ

ବ୍ରଜରାଜନଗର, ୧୦।୧୧ (ଡି.ଏନ.ଏ)

ସ୍ଥାନୀୟ ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ମହାନଦୀ କୋଲ ଫିଲଡର ଇବ୍ ଭ୍ୟାଲି ଏରିଆ ଦ୍ୱାରା ଆନ୍ତଃ କ୍ଷେତ୍ରୀୟ ଖେଳ ପ୍ରତିଯୋଗିତା କରାଯାଇଛି । କାର୍ଯ୍ୟକ୍ରମକୁ ଲଜକୁରା ପ୍ରୋଜେକ୍ଟ ଆୟୋଜନ କରିଥିଲା । ମୋଟ ୩ଟି ଦଳ ଲଜକୁରା, ସମଲେଶ୍ୱରୀ ଓ ଜିଏମ କାର୍ଯ୍ୟାଳୟ ଅଂଶ ଗ୍ରହଣ କରିଥିଲେ । ମୋଟ ୩୦ଟି ଇଭେଣ୍ଟରୁ ପୁରୁଷ ପ୍ରତିଯୋଗୀ ୭୦ ଓ ମହିଳା ପ୍ରତିଯୋଗୀ ୨୮ ଅଂଶ ଗ୍ରହଣ କରି କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ । ପୁରୁଷ ବିଭାଗରେ ସୁନୀଲ ନାଏକ ଓ ମହିଳା ବିଭାଗରେ ପୁଷ୍ପାଞ୍ଜଳି ସାଏ ଚାମ୍ପିୟନ ହୋଇଥିବା ବେଳେ ଦଳଗତ ଭାବରେ ଇବଭ୍ୟାଲି ଚାମ୍ପିୟନ ଓ ସମଲେଶ୍ୱରୀ ରନର୍ସ ଅପ୍ ହୋଇଥିଲା । ଇବଭ୍ୟାଲି କ୍ଷେତ୍ର ପ୍ରବନ୍ଧକ ମଧୁସୂଦନ ଶର୍ମା ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ । ଏପିଏମ ଆରଏଲ କଟିକ, ସୋମେନ ଘୋଷ ଅତିଥି ଭାବରେ ଯୋଗଦେଇ ପ୍ରତିଯୋଗୀମାନଙ୍କୁ ସମ୍ମାନିତ କରିଥିଲେ। ପର୍ସନାଲ ମ୍ୟାନେଜର ରୂପାଲି ଇପସିତା ଦାସ ମଞ୍ଚ ପରିଚାଳନା କରିଥିଲେ ।

ବାଲିଯୋରୀ ଘନଶ୍ୟାମ ହେମଲତା ବିଦ୍ୟାମନ୍ଦିରରେ ଅତିଥିମାନେ ପ୍ରଦର୍ଶନୀକୁ ବୁଲି ଦେଖୁଛନ୍ତି।

■ ଜିଏଚ୍‌ଭିଏମ୍‌ର ବାର୍ଷିକ ପ୍ରଦର୍ଶନୀ

୪୦୦ରୁ ଅଧିକ ପ୍ରକଳ୍ପ ସ୍ଥାନିତ

ଝାରସୁଗୁଡା ଅଫିସ,୧୦।୧୧

ଝାରସୁଗୁଡା ବାଲିଯୋରୀସ୍ଥିତ ଘନଶ୍ୟାମ ହେମଲତା ବିଦ୍ୟା ମନ୍ଦିର(ଜିଏଚ୍‌ଭିଏମ୍)ରେ ଶନିବାର ବାର୍ଷିକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଜ୍ଞାନ ଭିତ୍ତିକ ୮୦ଟି ପ୍ରକଳ୍ପ, ସାମାଜିକ ବିଜ୍ଞାନରେ ୨୬ଟି ପ୍ରକଳ୍ପ, ଗଣିତରେ ୨୨ଟି, ପରିବେଶ ବିଜ୍ଞାନରେ ୪୭ଟି, କମ୍ପ୍ୟୁଟରରେ ୮ଟି, ବାଣିଜ୍ୟରେ ୭ଟି ସମେତ ମୋଟ ୪୦୦ରୁ ଅଧିକ ପ୍ରକଳ୍ପ ସ୍ଥାନ ପାଇଥିଲା। ମୁଖ୍ୟ ଅତିଥି ଭାବେ ଏଲ.ଏନ୍ କଲେଜର ଅଧକ୍ଷ ଡ. ଚିରବ୍ରତ ଦତ୍ତ, ମୁଖ୍ୟବକ୍ତା ଇଂ. ହରିଶଚନ୍ଦ୍ର ଗୁପ୍ତା, ସ୍କୁଲ ଅଧକ୍ଷା ସଂଯୁକ୍ତା ଦାଶ ପ୍ରମୁଖଙ୍କୁ ସ୍କୁଲ ହେଡ ବୟ ଗୌତମ ଝା ଓ ହେଡ ଗର୍ଲ ଜିଆ ରାୟ ବିଶେଷ ପ୍ରକଳ୍ପ 'ଏକ୍ସପ୍ଲୋର ଦ ୱାଲ୍ଡ ବିୟଣ୍ଡ ଦ ଟେକ୍ଟ' ପ୍ରକଳ୍ପ ବିଷୟରେ ବୁଝାଇଥିଲେ। ବିଚାରକ ଭାବେ ବିଭିନ୍ନ ବିଭାଗ ପାଇଁ ଦେବେନ୍ଦ୍ର ପଟେଲ, ବୃତାମଣୀ ନାଏକ, ନରେନ୍ଦ୍ର ପଣ୍ଡା, ମନ୍ଦାକିନୀ ଶତପଥୀ, ମୀନା ସୋନୀ, ନନ୍ଦ କିଶୋର, କେଦାର ନାଏକ, ବିନୋଦ ବିହାରୀ ରଥ, ବିରେନ୍ଦ୍ର ସିଂ, ଚୀରଞ୍ଜିବୀ ବକ୍ସି, ନବୀନ ଅଗ୍ରୱାଲ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କ ପ୍ରକଳ୍ପକୁ ମୂଲ୍ୟାୟନ କରିଥିଲେ। ଏହି ପ୍ରଦର୍ଶନୀ ମାଧ୍ୟମରେ ଛାତ୍ରୀଛାତ୍ର ନିଜର ଭାବନା, ସୃଜନାତ୍ମକ ଓ ବୌଦ୍ଧିକ ଚିନ୍ତାଧାରାକୁ ପ୍ରକାଶ କରିଥିବା ଅତିଥିମାନେ କହିଥିଲେ।

ବିଭିନ୍ନ ସ୍ଥାନରେ ଅବକାରୀ ଚଢାଉ

ଲଖନପୁର,୧୦।୧୧(ଡି.ଏନ୍.ଏ.)

ଛତିଶଗଡ ବିଧାନସଭା ନିର୍ବାଚନକୁ ଦୃଷ୍ଟିରେ ରଖି ଓଡିଶା ସୀମାନ୍ତ ଲଖନପୁର ବ୍ଲକ୍ ୧୯ଖଣ୍ଡ ମୌଜା ଅଞ୍ଚଳରେ ଶନିବାର ଅବକାରୀ ବିଭାଗ ତରଫରୁ ବିଭିନ୍ନ ସ୍ଥାନରେ ଚଢାଉ କରାଯାଇଛି । ବାଦିମାଲ ଓ ବଡଧରା ଗ୍ରାମ ନିକଟରୁ ୧୬ କୁଇଣ୍ଟାଲ ମହୁଲ ପୋଚ ନଷ୍ଟ କରାଯିବା ସହିତ ୧୨୦ଲିଟର ମହୁଲମଦ ଓ ମଦରନ୍ଧା ସରଞ୍ଜାମ ଜବତ କରାଯାଇଛି। ଏହି ଚଢାଉରେ ସମ୍ବଲପୁର, ଝାରସୁଗୁଡା ଓ ବେଲପାହାଡ ଅବକାରୀ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ । ଏତେ ବଡଧରଣର ଚଢାଉ ହୋଇଥିବାବେଳେ ଅବକାରୀ ବିଭାଗ କିନ୍ତୁ କାହାରିକୁ ଧରିବାରେ ସଫଳ ହୋଇନାହିଁ । ଏଣୁ ଅବକାରୀ ବିଭାଗର କାର୍ଯ୍ୟଦକ୍ଷତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

ଶିଶୁମନ୍ଦିରରେ ମାତୃ କର୍ମଶାଳା

ଲଖନପୁର,୧୦।୧୧(ଡି.ଏନ୍.ଏ.)

ବନ୍ଧବାହାଲ ଜଗନ୍ନାଥ ନଗର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଶନିବାର ଶିଶୁ ବାଟିକା ପ୍ରମୁଖ ସୀମାଞ୍ଚଳ ଜେନାଙ୍କ ଅଧକ୍ଷତାରେ ଏକ ମାତୃକର୍ମଶାଳା ଅନୁଷ୍ଠିତ ହୋଇଛି। ୫୨ଜଣ ଅଭିଭାବିକାମାନଙ୍କୁ ନେଇ ମାତୃ କର୍ମଶାଳା କରାଯାଇଥିଲା। ଶିକ୍ଷୟତ୍ରୀ ପ୍ରଜ୍ଞାପରମିତା ଦାସ, ବବିତା କିଷାନ, ରୋଜାଲିନୀ ହୋତା, ମୀନତି ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ। ଏହି ଅବସରରେ କଣ୍ଢେଇନାଚ କରାଯାଇଥିଲା। ଗୀତାରାଣି ମେହେର ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ପରିଚାଳନା ସମିତି ସମ୍ପାଦକ ଯୋଗେଶ ପ୍ରଧାନ, ପ୍ରଧାନ ଶିକ୍ଷକ ଜୟକୃଷ୍ଣ ପଟେଲ, ଗୀତାରାଣି ମେହେର, ସୁମିତ୍ରା ଦାସ, ମମତାରାଣି ମେହେର, ଯଶୋବନ୍ତ ପାଲ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।

ମରୁଡ଼ି ପରିସ୍ଥିତି ଅନୁଧ୍ୟାନ କଲେ କିର୍ମିରା ତହସିଲଦାର

କିର୍ମିରା, ୧୦।୧୧ (ଡି.ଏନ.ଏ.)

ଝାରସୁଗୁଡା ଜିଲାରେ ମରୁଡି ବିକଟ ପରିସ୍ଥିତିରେ ପହଞ୍ଚିଛି । ଏଥିରେ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛି କିର୍ମିରା ବ୍ଲକ । ବ୍ଲକର ଅର୍ଡା, କିର୍ମିରା, ବନ୍ଧପାଲି, ନକ୍ସାପାଲି, ଗୌଡପାନପାଲି, ଭୀମଯୋର, ସୁଲାହି, ଝାରମୁଣ୍ଡା ଆଦି ପଞ୍ଚାୟତରେ ମରୁଡିର କରାଳ ଛାୟା ଦେଖିବାରୁ ମିଳିଛି । ଏଠାରେ ଧାନ ଚାଷ ୮୦ ପ୍ରତିଶତ ମରୁଡି ସମ୍ମୁଖିନ ହୋଇଥିବା ବେଳେ ତୈଳବୀଜ ଚାଷ ରାଶି, ସୋରିଷ ୧୦୦ ପ୍ରତିଶତ ମରୁଡି ହୋଇଛି । ପ୍ରାରମ୍ଭିକ କ୍ରପ କଟିଙ୍ଗ ରିପୋର୍ଟ ପରେ ସରକାର ମରୁଡି ଘୋଷଣା କରିବା ସହ ସହାୟତା ପ୍ରଦାନ ପାଇଁ ପ୍ରତିଶ୍ରୁତି ଦେଇଛନ୍ତି । ତେବେ ଯେଉଁ ସହାୟତା ଘୋଷଣା ହୋଇଛି ତାହା ଚାଷୀଙ୍କ ଚାଷ ଖର୍ଚ୍ଚ ପାଇଁ ସମୁଦ୍ରକୁ ସଙ୍ଗେ ପାଣି ସଦୃଶ । ଚାଷୀଙ୍କ ସଂପୂର୍ଣ୍ଣ ମରୁଡି ଅଭିଯୋଗ ପାଇଁ ତହସିଲଦାର ରବୀନ୍ଦ୍ର କୁମାର ପଟେଲ କିର୍ମିରା ବ୍ଲକର ବିଭିନ୍ନ ଅଞ୍ଚଳ ପରିଦର୍ଶନ କରିଥିଲେ । ଚାଷୀଙ୍କ କ୍ଷେତ ପରିଦର୍ଶନ କରିବା ସହ ଚାଷୀଙ୍କ ଅଭିଯୋଗ ମଧ୍ୟ ଶୁଣିଥିଲେ । କିର୍ମିରା ବ୍ଲକରେ ମରୁଡି ପରିସ୍ଥିତି ସଂଗୀନ ଥିବା ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି । ତହସିଲଦାରଙ୍କ ସହିତ ଏଏଓ ଦୀପ୍ତିମୟୀ ମଲ୍ଲିକ, ଆରଆଇ ଶ୍ରୀମାରାଣୀ ନାଏକ, ଭିତଏଡବୁ ସୁରଭି ପଟେଲ, କୃଷକ ସାଥି ବିରପଥ କୁଆ, ପ୍ରମୋଦ କୁମାର ସାହୁ, ଚାଷୀ ସୁନୀଲ ପଟେଲ, ହରେନ୍ଦ୍ର ଜଗତ, ନେତ୍ରାନନ୍ଦ ନାଏକ, ପୂର୍ଣ୍ଣଚନ୍ଦ୍ର ଅମାତ, ଦ୍ୱିତୀୟା ଚାନ୍ଦ ନାଏକ, ରୋହିତ ବେହେରା, ସନ୍ଦୀପ ପଟେଲ, ସୁଧୀର ନାଏକ ଲୋକେ ବେହେରା ସାମିଲ ଥିଲେ ।

ପ୍ରଶାସନିକ ଅଧିକାରୀମାନେ କ୍ଷେତ ପରିଦର୍ଶନ କରୁଛନ୍ତି।

■ ରାଜପୁରରେ ଚାଷୀ ସମାବେଶ

ଚାଷୀଙ୍କ ପାଇଁ ଲଢ଼ି ନ ପାରିଲେ ବିଧାୟକ ଇସ୍ତଫା ଦିଅ

ଝାରସୁଗୁଡା ଅଫିସ,୧୦।୧୧

ବର୍ଷା ଅଭାବରୁ ଝାରସୁଗୁଡା ଜିଲାରେ ମରୁଡି ପରିସ୍ଥିତି ସୃଷ୍ଟି ହୋଇଛି। ହେଲେ ରାଜ୍ୟ ସରକାର ମରୁଡି ପ୍ରଭାବିତଙ୍କ ପାଇଁ ଯେଉଁ କ୍ଷତିପୂରଣ ଘୋଷଣା କରିଛନ୍ତି ତାହା ଚାଷୀର କ୍ଷତି ଭରଣା କରିପାରିବ ନାହିଁ। ସ୍ଥାନୀୟ ବିଧାୟକମାନେ ରାଜ୍ୟ ସରକାରଙ୍କ ନିକଟକୁ ଯାଇ ଚାଷୀଙ୍କୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ କରିବା ପାଇଁ ଦାବି କରନ୍ତୁ। ଯଦି ଚାଷୀଙ୍କ ପାଇଁ ବିଧାୟକମାନେ ଲଢିପାରିବେ ନାହିଁ ତେବେ ଇସ୍ତଫା ଦିଅନ୍ତୁ ବୋଲି ଚାଷୀ ନେତା ଦିଲୀପ ବଢେଇ କହିଛନ୍ତି। ଶନିବାର ଝାରସୁଗୁଡା ବ୍ଲକ୍ ରାଜପୁରଠାରେ ଏକ ଚାଷୀ ସମାବେଶ ହୋଇଥିଲା। ଏଥିରେ ଯୋଗଦେଇ ଚାଷୀ ନେତା ବଢେଇ ପ୍ରଶାସନିକ ସ୍ତରରେ ହେଉଥିବା କ୍ରପ କଟିଂକୁ ନେଇ ଅଷନ୍ତୋଷ ବ୍ୟକ୍ତ କରିଥିଲେ। ସାଟେଲାଇଟ୍ ମାଧ୍ୟମରେ କ୍ରପକଟିଂ ପାଇଁ ଜମି ଚିହ୍ନଟ ପ୍ରକ୍ରିୟାକୁ ବିରୋଧ କରି କହିଲେ, କ୍ରପକଟିଂ ପାଇଁ ସ୍ଥାନୀୟ ଚାଷୀଙ୍କ ସହ ଆଲୋଚନା କରାଯାଇ ଜମି ଚିହ୍ନଟ କରାଯାଉ। ନ ଚେତ୍ ଚାଷୀ ଫସଲବୀମା ପାଇବାରୁ ବଞ୍ଚିତ ହେବେ। ସେହିପରି ନ କଲି ଚାଷୀ ଦ୍ୱାରା ଧାନ ବିକ୍ରି, ମିଲ ମାଲିକଙ୍କ ଦ୍ୱାରା କଟନି ଏବଂ ଏଥିରେ ଯୋଗାଣ ବିଭାଗର ସାଲିସକୁ ବିରୋଧ କରିବାକୁ ଆହ୍ୱାନ ଦିଆଯାଇଥିଲା। ଡିଏମ୍‌ଏଫ ଟଙ୍କାକୁ ନେତାମାନେ ନିଜ ପକେଟ୍ ଗରମ କରିବାକୁ ବ୍ୟବହାର କରୁଛନ୍ତି। ନେତାମାନେ ନିଜର ଠିକାଦାରଙ୍କୁ ପୋଷିବାକୁ ଏହି ପାଣ୍ଠିର ଦୁରୁପଯୋଗ କରୁଥିବା ବେଳେ ପ୍ରଶାସନ ସେମାନଙ୍କୁ ସହାୟତା ଦେଉଛି। ତେଣୁ ଏହି ପାଣ୍ଠିରୁ ଚାଷଜମି ପାଇଁ ଜଳସେଚନ ବ୍ୟବସ୍ଥା କରାଯିବାକୁ ଦାବି ହୋଇଛି। ଅନ୍ୟତମ ଚାଷୀ ନେତା ଲିଙ୍ଗରାଜ ନାଏକ, ତରଣୀ ସାହୁ ପ୍ରମୁଖ ହକ୍ ହସଲ ଦିଗରେ ଚାଷୀମାନେ ସଙ୍ଗଠିତ ହୋଇ ଲଢିବାକୁ ଆହ୍ୱାନ ଦେଇଥିଲେ। ସମାବେଶରେ ରାଜପୁର ସରପଞ୍ଚ ଜତିନ ଦେଓ, ଲିଙ୍ଗରାଜ ସାହୁ, ମନୋଜ ପାଟଯୋଶୀ, ରାହାସ ବିହାରୀ ଭୋଇ, ବିମ୍ବାଧର ବଢେଇ

ଜ୍ଞାନ ଓ କିଷାନ୍‌ର ଜୟ ହିଁ ଦେଶ ଏବଂ ଜାତିର ଜୟ।

- ଲାଲ୍ ବାହାଦୁର ଶାସ୍ତ୍ରୀ

ସଂକ୍ଷେପରେ

ରେଳଧାରଣାରୁ ଅଜଣା ଯୁବକଙ୍କ ମୃତଦେହ ଉଦ୍ଧାର

ରାଜଗାଙ୍ଗପୁର, ୧୦।୧୧ (ଡି.ଏନ.ଏ)- ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ରେଳୱେ ପୋଲିସ ଅଧିନ ସୋନାଖଣ୍ଡି ରେଳଷ୍ଟେସନ ନିକଟରେ ଶନିବାର ଜଣେ ଅଜଣା ବ୍ୟକ୍ତିଙ୍କ ମୃତଦେହ ପଡିଥିବା ଦେଖିବାକୁ ମିଳିଛି। ଖବରପାଇ ରେଳୱେ ପୋଲିସ ମାଇଲ ଖୁଣ୍ଟ ୪୫୦/୨୮ ନିକଟରୁ ଉକ୍ତ ମୃତଦେହକୁ ଜବତ କରି ରାଉରକେଲା ସରକାରୀ ଡାକ୍ତରଖାନାରେ ବ୍ୟବଚ୍ଛେଦ ପରେ ମର୍ଗ ହାଉସରେ ରଖିଛି। ଯୁବକଙ୍କ ଡାହାଣ ଗୋଡ ଓ ଡାହାଣ ହାତ ଭାଙ୍ଗି ଯାଇଥିବାବେଳେ ମୁଣ୍ଡର ପଛପଟେ ଗଭୀର କ୍ଷତ ହୋଇଛି। ଯୁବକ ଜଣକ କୌଣସି ଟ୍ରେନରୁ ଖସିପଡିଥିବା ସନ୍ଦେହ କରାଯାଇଥିବା ରାଜଗାଙ୍ଗପୁର ଜିଆରପି ଏଏସଆଇ ଅନନ୍ତ ଖଣ୍ଡୱାଲ ପ୍ରକାଶ କରିଛନ୍ତି। ଉକ୍ତ ଯୁବକଙ୍କ ବୟସ ୩୦ ବର୍ଷ ହେବ ବୋଲି କହିବା ସାଙ୍ଗକୁ ମୃତଦେହ ଚାରିଦିନ ପର୍ଯ୍ୟନ୍ତ ମର୍ଗ ହାଉସରେ ଚିହ୍ନଟ ପାଇଁ ରଖାଯିବ ବୋଲି ଖଣ୍ଡୱାଲ କହିଛନ୍ତି।

ଅଜଣା ବ୍ୟକ୍ତିଙ୍କ ମୃତଦେହ ଜବତ

କୁଆଁରମୁଣ୍ଡା, ୧୦।୧୧(ଡି.ଏନ.ଏ.)- ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ ରିଉଁ ନିକଟସ୍ଥ କୋଏଲ ନଦୀରୁ ଶନିବାର ଜଣେ ଅଜଣା ବ୍ୟକ୍ତିଙ୍କ ମୃତଦେହକୁ ପୋଲିସ ଜବତ କରିଛି। ଏ ନେଇ ଏକ ଅପମୃତ୍ୟୁ ମାମଲା (ନଂ.୪୨/୨୦୧୮) ରୁଜୁ କରି ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ କୁଆଁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲା। ମାତ୍ର ସ୍ୱାସ୍ଥ୍ୟକେନ୍ଦ୍ରରେ ଅସହଯୋଗ ଯୋଗୁ ପୋଲିସକୁ ହଟହଟା ହେବାକୁ ପଡିଥିଲା। ମୃତଦେହ ବ୍ୟବଚ୍ଛେଦ ହୋଇପାରି ନ ଥିବା ଫାଣ୍ଡି ଅଧିକାରୀ ମନୋଜ ନାଏକ ସୂଚନା ଦେଇଛନ୍ତି।

ଶିକ୍ଷୟିତ୍ରୀ, ଶିକ୍ଷକମାନେ ବଡ଼ଗାଁ ଥାନା ଅଧିକାରୀଙ୍କୁ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ପଚାରି ବୁଝୁଛନ୍ତି।

ଟ୍ରେନିଂ ନାଁରେ ୩୫ ଲକ୍ଷ ଠକେଇ

■ ଜିଲାପାଳ, ଏସ୍‌ପିଙ୍କୁ ଜଣାଇବା ସତ୍ତ୍ୱେ ପଦକ୍ଷେପ ଶୂନ

ବଡ଼ଗାଁ, ୧୦।୧୧ (ଡି.ଏନ.ଏ)

ଶିକ୍ଷା ଅଧିକାରୀଙ୍କଠାରୁ ବେସରକାରୀ କର୍ତ୍ତୃପକ୍ଷ ସ୍କୁଲ ଖୋଲିବାକୁ ଅନୁମତି ପାଇଲା ପରେ ସୁନ୍ଦରଗଡ ଜିଲାର ୧୦ଟି ଗ୍ରାମରେ ସେଣ୍ଟ୍ରାଲ ମଡେଲ ସ୍କୁଲ (ସିଏମଏସ) ଖୋଲି ଶହେରୁ ଊର୍ଦ୍ଧ୍ୱ ବେକାର ଯୁବତୀଯୁବକଙ୍କୁ ନିଯୁକ୍ତି ଦେଲା ପରେ ୧୧ମାସ ଦରମା ନ ଦେଇ ଓ ଚାକିରୀ ସ୍ଥାୟୀ କରିବାକୁ ଆବଶ୍ୟକ ସିଟି, ବିଇଡି ଟ୍ରେନିଂ କରାଇଦେବାକୁ କହି ଖୋର୍ଦ୍ଧା ଜିଲା ମେଣ୍ଢାଶାଳ ଗ୍ରାମର ଧରଣୀଧର ମହାପାତ୍ର ୩୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହଡପ କରି ଫେରାର ହୋଇଯାଇଛନ୍ତି। ଶୋଷଣ ଓ ଠକେଇର ଶିକାର ଶିକ୍ଷୟିତ୍ରୀ, ଶିକ୍ଷକମାନେ ଏ ସମ୍ପର୍କରେ ଗତ ମାସ ୨୫ ତାରିଖ ଜିଲାପାଳ ଓ ୨୬ ତାରିଖ ଏସପିଙ୍କୁ ଲିଖିତ ଜଣାଇବା ସହିତ ବଡ଼ଗାଁ ବିଇଓ, ବିଡିଓ, ବଡ଼ଗାଁ ଥାନା, ଜିଲା ଶିକ୍ଷା ଅଧିକାରୀ ଏବଂ ସୁନ୍ଦରଗଡ଼ ଶ୍ରମ ଅଧିକାରୀଙ୍କୁ ଜଣାଇଥିଲେ। ଆଶ୍ଚର୍ଯ୍ୟର କଥା ୧୫ ଦିନ ବିତିଯାଇଥିଲେ ମଧ୍ୟ ପଦକ୍ଷେପ ଶୂନ। ଫଳରେ ବେକାର ଯୁବତୀ ଯୁବକମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ଶନିବାର ସୁନ୍ଦରଗଡ ଜିଲା ବଡଗାଁ ବ୍ଲକ ଅନ୍ତର୍ଗତ ଜରଙ୍ଗଲୋଇ ଗ୍ରାମରେ ଥିବା ସିଏମ୍‌ଏସ୍‌ର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ବଡ଼ଗାଁ ଥାନା ଅଧିକାରୀ ଲକ୍ଷ୍ମୀକାନ୍ତ ପ୍ରଧାନଙ୍କୁ ସାକ୍ଷାତ କରି କାର୍ଯ୍ୟାନୁଷ୍ଠାନରେ କାହିଁକି ବିଳମ୍ବ କରାଯାଉଛି ପଚାରିବା ପରେ ସେ ତଦନ୍ତ କରିବେ ଓ ଏସ୍‌ଡିପିଓଙ୍କୁ ପଚାରିବୁଝି କେସ କରିବେ କହିଛନ୍ତି। ଏଠାରେ ସୂଚନାଯୋଗ୍ୟ ଯେ, ସିଏମ୍‌ଏସ୍ ଖୋଲିଥିବା ସମ୍ପୃକ୍ତ ବ୍ୟକ୍ତି ଯେଉଁ ଇନଷ୍ଟିଚ୍ୟୁଟରେ ଟ୍ରେନିଂ କରାଇବି କହି ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ଫର୍ମ ଦେଇ ଟଙ୍କା ଅସୁଲ କରିଥିଲେ ସେପରି ଇନଷ୍ଟିଚ୍ୟୁଟ ନ ଥିବା ଜାଣିବା ପରେ ଓ ୧୧ ମାସର ଦରମା ଦାବିକରି ସିଏମ୍‌ଏସ୍‌ର ସ୍କୁଲ ପରିଚାଳକ ମହାପାତ୍ରଙ୍କୁ ଘେରାଉ କରିଥିଲେ। ସେଠାରେ ସେ ଦରମା ଦେବାକୁ କହି ପୋଲିସ ଉପସ୍ଥିତିରେ ଲେଖିଦେଲା ପରେ ଫେରାର୍ ହୋଇଯାଇଛନ୍ତି । ମହାପାତ୍ରଙ୍କ ସହିତ ସୁନ୍ଦରଗଡ ଓ ଝାରବେଡାର ୨ଜଣ ଯୁବତୀ ସମ୍ପୃକ୍ତ ଥିବା ଶନିବାର ଥାନାରେ ଅଭିଯୋଗ କରାଯାଇଛି। ତେବେ ବେକାର ଯୁବତୀଯୁବକମାନଙ୍କୁ ଚାକିରୀ ଦେଇପାରୁ ନ ଥିବା ସରକାର ଶିକ୍ଷା ନାଁରେ ଠକେଇ କରୁଥିବା ବ୍ୟକ୍ତିଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି କାହିଁକି ପ୍ରଶ୍ନ ଉଠୁଥିଲାବେଳେ ବିଭାଗୀୟ ଅଧିକାରୀମାନଙ୍କ ଶୂନ ପଦକ୍ଷେପ ନାନାଦି ସନ୍ଦେହ ଉତ୍ପନ୍ନ କରୁଛି। ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର କର୍ମକର୍ତ୍ତା ସ୍କୁଲ କମିଟିରେ ଥିବାରୁ ଘଟଣାକୁ ଚାପି ଦେବାକୁ ଉଦ୍ୟମ ହେଉଥିବା ଅଭିଯୋଗ ହେଉଛି। ପୋଲିସ ଏବଂ ପ୍ରଶାସନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବାରୁ ସରକାର ଠକଙ୍କୁ ପ୍ରୋତ୍ସାହିତ କଲାଭଳି ହୋଇଥିବା ଓ ଚିଟଫଣ୍ଡ ଠକେଇରେ ବିରୋଧି ଯେପରି ସରକାରଙ୍କୁ ଦୋଷାରୋପ କରିଥିଲେ ଆଗାମୀ ନିର୍ବାଚନରେ ଏଠାରେ ଏହା ମଧ୍ୟ ଏକ ପ୍ରସଙ୍ଗ ହେବ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ଆଲୋଚନା ହେଉଛି।

ଆଇନସେବା ପ୍ରାଧିକରଣ ପକ୍ଷରୁ ଜାତୀୟ ଆଇନ୍ ଦିବସ ପାଳିତ

ସୁନ୍ଦରଗଡ଼,୧୦।୧୧ (ଡି.ଏନ୍.ଏ)

ଜିଲା ଆଇନ୍‌ସେବା ପ୍ରାଧିକରଣ ଆନୁକୂଲ୍ୟରେ ଶଙ୍କରାସ୍ଥିତ ଜିଲା ଶିକ୍ଷା ଓ ଶିକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନ ଠାରେ ଜିଲାସ୍ତରୀୟ ଜାତୀୟଆଇନ୍ ଦିବସ ପାଳିତ ହୋଇଯାଇଛି। ଜିଲା ଆଇନସେବା ପ୍ରାଧିକରଣର ଅଧ୍ୟକ୍ଷ ମାନସ କୁମାର ବାରିକଙ୍କ ତତ୍ତ୍ୱାବଧାନରେ ଏହି ଅବସରରେ ଆୟୋଜିତ ସଚେତନତା ଶିବିରରେ ଅତିରିକ୍ତ ଜିଲା ଜଜ୍ ଦୋଳଗୋବିନ୍ଦ ବାରିକ, ମୁଖ୍ୟ ବିଚାରପତି ଲକ୍ଷ୍ମୀନାରାୟଣ ରାୟଚୌଧୁରୀ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଆଇନ୍ ବିଷୟରେ ସଚେତନ କରିଥିଲେ। ଜିଲା ଆଇନ୍ ସେବା ପ୍ରାଧିକରଣର ସଚିବ ମିନାକ୍ଷୀ ପ୍ରିୟଦର୍ଶିନୀ ଉପସ୍ଥିତ ରହି ଏହି ଦିବସ ପାଳନର ଉଦ୍ଦେଶ୍ୟ ଓ ଆଇନ୍ କିପରି ଘରେ ଘରେ ପହଞ୍ଚି ଲୋକଙ୍କୁ ସଚେତନ କରୁଛି ସେ ସମ୍ପର୍କରେ ଆଲୋକପାତ କରିଥିଲେ। ଜିଲା ଦୌରାଜଜ୍ ମାନସ ରଞ୍ଜନ ବାରିକ, ଆଇନରେ କଣକଣ ସୁବିଧା ରହିଛି ଓ ସମସ୍ତଙ୍କ ପାଇଁ ଆଇନ ସମାନ ବୋଲି ମତବ୍ୟକ୍ତ କରି ଅନଗ୍ରସର ଅଞ୍ଚଳ ଓ ଲୋକଙ୍କ ନିକଟରେ କିପରି ମାଗଣା ଆଇନସେବା ପହଞ୍ଚି ପାରିବ ସେ ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀ ଏହି ଶିବିରରେ ଉପସ୍ଥିତ ଥିଲେ। ଏହି ସଭାରେ ଏକ ସଚେତନତା ଶୋଭାଯାତ୍ରା ଆୟୋଜିତ ହୋଇଥିଲା।

ଅବକାରୀ ବିଭାଗର ଚଢ଼ାଉ: ୨ ଗିରଫ

ଲହୁଣୀପଡା, ୧୦।୧୧ (ଡି.ଏନ.ଏ)

ସୁନ୍ଦରଗଡ ଜିଲା ଲହୁଣୀପଡା ଅବକାରୀ ବିଭାଗ ଶନିବାର କୁର୍ଡା ପଞ୍ଚାୟତ ଅମାତପାଲି ଗ୍ରାମରେ ଚଢ଼ାଉ କରିଥିଲେ। ଅମାତପାଲି ଗ୍ରାମର ଦିପନ କୁମାର ଦଲେଇ ଓ ହେମଲତା ପାତ୍ରଙ୍କ ଘରୁ ଦେଶୀ ମହୁଲି ମଦ ଓ ମଦ ପ୍ରସ୍ତୁତ ସାମଗ୍ରୀ ଜବତ କରିବା ସହିତ ଉଭୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଏହି ଚଢ଼ାଉରେ ଅବକାରୀ ସବ୍‌ଇନ୍ସପେକ୍ଟର ସୁରେଶ ଚନ୍ଦ୍ର ତାଣ୍ଡି, ଏଏସଆଇ ତନୁ କିଶୋର ପାତ୍ର, ଘନଶ୍ୟାମ ମାହାନ୍ତ, ହେମମଞ୍ଜରୀ ବିଶ୍ୱାଳ ପ୍ରମୁଖ ସାମିଲ ଥିଲେ।

ଜବତ ମଦ ପ୍ରସ୍ତୁତ ସାମଗ୍ରୀ ସହ ଅବକାରୀ କର୍ମଚାରୀ ଓ ଅଭିଯୁକ୍ତ।

ସଦ୍‌ଭାବନା ଶୋଭାଯାତ୍ରା ଲହୁଣୀପଡା ମୁଖ୍ୟ ବଜାର ପରିକ୍ରମା କରୁଛି।

ସଦ୍‌ଭାବନା ସମ୍ମିଳନୀରେ ଉପସ୍ଥିତ ଜନସାଧାରଣ।

ସଦ୍‌ଭାବନା ସମ୍ମିଳନୀ, ଆତ୍ମଜ୍ଞାନ ମହାଯଜ୍ଞ

ଲହୁଣୀପଡା, ୧୦।୧୧ (ଡି.ଏନ.ଏ)

ଲହୁଣୀପଡା ବ୍ଲକ ପଡିଆରେ ଶୁକ୍ରବାର ମାନବ ଉତ୍‌ଥାନ ସେବା ସମିତି ପକ୍ଷରୁ ସଦ୍‌ଭାବନା ସମ୍ମିଳନୀ ଓ ଆତ୍ମଜ୍ଞାନ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଆତ୍ମଜ୍ଞାନ ଯଜ୍ଞ ପୂର୍ବରୁ ଏକ ସଦ୍‌ଭାବନା ଶୋଭାଯାତ୍ରା ବ୍ଲକ ପଡିଆରୁ ବାହାରି ଲହୁଣୀପଡା ମୁଖ୍ୟ ବଜାର ପରିକ୍ରମା କରିବା ପରେ ମଞ୍ଚରେ ପହଞ୍ଚିଥିଲେ। ସେଠାରେ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ମହେଶ ପତି, ଅଜୟ ମହାକୁଳ, ଅର୍ଜୁନ ପାତ୍ରଙ୍କ ତତ୍ତ୍ୱାବଧାନରେ ହୋଇଥିଲା। ଶୁଦ୍ଧଶବ୍ଦ ବାରକ, ରାମଚନ୍ଦ୍ର ଲୁହୁରା, ଅନିତା ପାତ୍ର, ବାଣିଶ୍ରୀ ବିଦ୍ୟା ରୂପା ବାରିକ ପ୍ରମୁଖ ଭଜନ ପରିବେଷଣ କରିଥିଲେ। ବୁଦ୍ଧଦେବ ଗୌତଙ୍କ ସଂଯୋଜନାରେ ସଦ୍‌ଭାବନା ସମ୍ମିଳନୀ ଓ ଆତ୍ମଜ୍ଞାନ ଯଜ୍ଞ ଅନୁଷ୍ଠିତ ହୋଇଥିଲା । ଲହୁଣୀପଡା ଅଞ୍ଚଳର ମାନ୍ୟଗଣ୍ୟ ବ୍ୟକ୍ତିମାନେ ମାହାତ୍ମା ଓ ବାଇଜୀମାନଙ୍କୁ ପୁଷ୍ପାମାଲ୍ୟ ଦେଇ ସ୍ୱାଗତ କରିଥିଲେ । ସେମାନେ ସତପାଲ ମହାରାଜ ପ୍ରତିଛବିରେ ପୁଷ୍ପମାଲ୍ୟ ଓ ପ୍ରଦୀପ ପ୍ରଜ୍ଜଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ରାଉରକେଲା ଓ ବଣେଇର ମାନବ ଉତ୍‌ଥାନ ସେବା ସମିତି ଆଶ୍ରମରୁ ଆସିଥିବା ମହାତ୍ମା ପ୍ରିୟମ୍ବଦା ବାଇଜୀ, ମହାତ୍ମା ସ୍ୱପ୍ନିକା ବାଇଜୀ, ମହାତ୍ମା ଦିବାକରା ନନ୍ଦ ଜୀ, ଆତ୍ମଦର୍ଶୀ ନନ୍ଦ ଜୀ, ପ୍ରେମୀ କୌବଲ୍ୟ ରଣା, ଯୋଗେନ୍ଦ୍ର ମାହାନ୍ତ ପ୍ରମୁଖ ଆଧ୍ୟାତ୍ମିକ ପୌରାଣିକ କଥାବସ୍ତୁର ଉଦାହରଣ ଦେଇ ପ୍ରବଚନ ଦେଇଥିଲେ। ଏହି ଆଧ୍ୟାତ୍ମିକ ସଦ୍‌ଭାବନା ସମ୍ମିଳନୀରେ ରାଉରକେଲା, ବୀରମିତ୍ରପୁର, କୋଇଡା, ବଣେଇ ସମେତ ଲହୁଣୀପଡା ବ୍ଲକର ବିଭିନ୍ନ ଗ୍ରାମକୁ ଶ୍ରଦ୍ଧାଳୁମାନେ ବହୁ ସଂଖ୍ୟାରେ ଉପସ୍ଥିତ ଥିଲେ। ଦୈତାରୀ ମାହାନ୍ତ, ଚରଣ ବେହେରା, ଠୁରୁ କିଷାନ, ନନ୍ଦ କିଶୋର ମାହାନ୍ତ, ଦୋଳାନନ୍ଦ ବେହେରା, ଝାଡେଶ୍ୱର ବେହେରା, ଲକ୍ଷ୍ମଣ ତନ୍ତୀ ପ୍ରମୁଖଙ୍କ ସହଯୋଗରେ ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

କୋଏଲ୍ ନଦୀରେ ବୁଡ଼ି ଛାତ୍ର ମୃତ

ବିଶ୍ରା,୧୦।୧୧(ଡି.ଏନ୍.ଏ.)

ବିଶ୍ରା ଥାନା ଅନ୍ତର୍ଗତ ତେତେଲକେଲା କୋଏଲ ନଦୀ ଘାଟରେ ଶନିବାର ନଦୀରେ ବୁଡ଼ି ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ରାଉରକେଲା ସେକ୍ଟର ୮ରେ ରହୁଥିବା ରାହୁଲ ପାତ୍ର। ରାହୁଲ ଓ ଅନ୍ୟ ୨ସାଙ୍ଗ ତେତେଲକେଲା ଘାଟକୁ ଯାଇଥିଲେ। ସେଠାରେ ଗାଧୋଉଥିବାବେଳେ ରାହୁଲ ଭାସି ଯାଇଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚି ତାଙ୍କ ମୃତଦେହ ଉଦ୍ଧାର କରିଥିଲେ।

କେନ୍ଦୁପଡାରେ ମା' ଧନଲକ୍ଷ୍ମୀ ପୂଜନୋତ୍ସବ

ସୁନ୍ଦରଗଡ଼, ୧୦।୧୧ (ଡି.ଏନ୍.ଏ)

ସୁନ୍ଦରଗଡ଼ ସହର ୱାର୍ଡ ନଂ. ୧୩ସ୍ଥିତ କେନ୍ଦୁପଡାରେ ମା' ଧନଲକ୍ଷ୍ମୀଙ୍କ ପୂଜନୋତ୍ସବ ସମାରୋହରେ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଶୁକ୍ରବାର ସନ୍ଧ୍ୟାରେ ପୂଜା କମିଟି ପକ୍ଷରୁ ଅନୁଷ୍ଠିତ ସାଂସ୍କୃତିକ ସମାରୋହରେ ସଦର ବିଧାୟକ ଯୋଗେଶ କୁମାର ସିଂ, ନଗରପାଳ ବେଣୁଧର ତାଣ୍ଡିଆ, ଉପନଗରପାଳ ରଞ୍ଜନା ପଣ୍ଡା, କାଉନସିଲର ପଞ୍ଚା ବାର୍ଲା, ସଦର ବ୍ଲକ ଉପାଧ୍ୟକ୍ଷ ଅଶ୍ୱିନୀ ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପୂଜା କମିଟିର ସଭାପତି ଦୀପକ ଉର୍ମାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭା କାର୍ଯ୍ୟକୁ ମନୋଜ ଚୌଧୂରୀ ପରିଚାଳନା କରିଥିଲେ। କମିଟିର ସମ୍ପାଦକ ସଞ୍ଜୟ ସିଂ ବିବରଣୀ ପାଠ କରିଥିଲେ। ଉପସଭାପତି ମନୋଜ ନାଏକ ଧନ୍ୟବାଦ ଦେଇଥିଲେ।

ନଗରପାଳ ବେଣୁଧର ତାଣ୍ଡିଆ ଉଦ୍‌ବୋଧନ ଦେଉଛନ୍ତି।

ବୋଲେରୋ ଧକ୍କାରେ ବାଇକ୍ ଆରୋହୀ ମୃତ, ଜଣେ ଗୁରୁତର

ସୁନ୍ଦରଗଡ଼, ୧୦।୧୧ (ଡି.ଏନ୍.ଏ)

ରାଉରକେଲା – ସମ୍ବଲପୁର ବିଜୁ ଏକ୍ସପ୍ରେସ୍ ୱେର ସୁନ୍ଦରଗଡ ଉପକଣ୍ଠସ୍ଥ ରସରାଜପୁର ନିକଟରେ ଶନିବାର ସନ୍ଧ୍ୟା ପ୍ରାୟ ୭ଟାରେ ଅଜଣା ବୋଲେରୋ ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତ ବାଇକ ଆରୋହୀ ଜଣକ ହେଲେ ଖତକୁରବାହାଲର ମହମ୍ମଦ ଶାହାରୁଲ (୩୫)। ତାଙ୍କ ସହ ବାଇକ୍‌ରେ ଥିବା ମହମ୍ମଦ ଗୁଲୁଙ୍କୁ ଗୁରୁତର ଆହତ ଅବସ୍ଥାରେ ସୁନ୍ଦରଗଡ ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

ଧାନ ଗଦା ଜଳିଗଲା

ବାଲିଶଙ୍କରା, ୧୦।୧୧ (ଡି.ଏନ.ଏ)

ବାଲିଶଙ୍କରା ବ୍ଲକର କୁରାଇ ପଞ୍ଚାୟତର ଗୈକନପାଲି ଗ୍ରାମରେ ଶନିବାର ଧାନଗଦା ଜଳିଯାଇଛି। କୌଣସି ଦୁର୍ବୃତ୍ତ ଦିନବେଳା ନିଆଁ ଲଗାଇଦେବାରୁ ଦେଢ଼ ଏକର ଜମିର ବିଲରୁ ଧାନ କାଟି ଖଳାରେ ଗଦା କରାଯାଇଥିବାବେଳେ ପୋଡି ପାଉଁଶ ହୋଇଯାଇଛି। ଧାନ ଗଦାର ମାଲିକ ହେଉଛନ୍ତି ଗୈକନପାଲିର ଧନୁଞ୍ଜୟ ସିଂ। ଧାନ ଗଦାରେ ନିଆଁ ଲାଗି ପ୍ରବଳ ଧୁଆଁ ବାହାରୁଥିବାରୁ ଗ୍ରାମବାସୀ ଅଗ୍ନିଶମ ବାହିନୀକୁ ଫୋନ କରିଥିଲେ। ସେମାନେ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିଥିଲେ।

କରଣସମାଜ ପକ୍ଷରୁ ଚିତ୍ରଗୁପ୍ତ ପୂଜା, ବନ୍ଧୁ ମିଳନ

ସୁନ୍ଦରଗଡ଼, ୧୦।୧୧ (ଡି.ଏନ୍.ଏ)

ସୁନ୍ଦରଗଡ କରଣ ସମାଜ ପକ୍ଷରୁ ଚିତ୍ରଗୁପ୍ତଙ୍କ ପୂଜନୋତ୍ସବ ଓ ବାର୍ଷିକ ବନ୍ଧୁମିଳନ ଶନିବାର ସ୍ଥାନୀୟ ରାମଜୀ ମନ୍ଦିରପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଶୁକ୍ରବାର ଚିତ୍ରଗୁପ୍ତଙ୍କ ବିଧିମୁତାବକ ପୂଜାର୍ଚ୍ଚନା ଆରମ୍ଭ ହେବା ପରେ ଶନିବାର ବାର୍ଷିକ ସାଧାରଣ ସଭା ଓ ବନ୍ଧୁମିଳନ ଅନୁଷ୍ଠିତ ହୋଇଥିଲା। କରଣ ସମାଜର ସଭାପତି ଅମୀୟ ପୃଷ୍ଠେଠଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ କରଣ ସମାଜର ବରିଷ୍ଠ କାର୍ଯ୍ୟକର୍ତ୍ତା ଅରୁଣ ପୃଷ୍ଠେଠ, ନିହାର ଦାସ, ଗୁଣନିଧି ମହାନ୍ତି, ଅଶ୍ୱିନୀ ପଟ୍ଟନାୟକ, ଆଡଭୋକେଟ ପ୍ରଦୀପ ମହାନ୍ତି, ଦୁର୍ଗା ପଟ୍ଟନାୟକ, ପ୍ରଦୀପ ବହିଦାର, ଅତୁଲ୍ୟ ପୃଷ୍ଠେଠ, ନିରଞ୍ଜନ ମହାନ୍ତି, ସତ୍ୟନାରାୟଣ ପଟ୍ଟନାୟକ, ଗିରିଶ ପଟ୍ଟନାୟକ, ପ୍ରଦ୍ୟୁତ୍ ସାହାଣୀ, ପ୍ରମୋଦ ବହିଦାର, ପ୍ରତାପ ମହାନ୍ତି, ଅନୁପ ପୃଷ୍ଠେଠ ପ୍ରମୁଖ ଯୋଗଦେଇ କରଣ ସମାଜର ସାମାଜିକ ଐତିହ୍ୟ, ପରମ୍ପରା ସମ୍ପର୍କରେ ଆଲୋକପାତ କରିଥିଲେ। ସମାଜର ସାମାଜିକ ଓ ଅର୍ଥନୈତିକ ବିକାଶକୁ ସୁଦୃଢ କରିବା ଦିଗରେ ସଙ୍ଗଠିତ ଭାବେ ମିଳିତ ଉଦ୍ୟମ ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ପାଦକ ସୁଦାମ ପୃଷ୍ଠେଠ ବାର୍ଷିକ ବିବରଣୀ ପାଠ କରିଥିଲେ। ଗୋପାଳ ପୃଷ୍ଠେଠଙ୍କ ଦ୍ୱାରା ଏହି ଅବସରରେ ହାସ୍ୟ ରସାତ୍ମକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଅମୀୟ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସୁନ୍ଦରଗଡର ୧୬୦ରୁ ଊର୍ଦ୍ଧ୍ୱ କରଣ ପରିବାର ଯୋଗଦେଇଥିଲେ।

କରଣ ସମାଜର ବାର୍ଷିକ ବନ୍ଧୁମିଳନରେ ଉପସ୍ଥିତ କର୍ମକର୍ତ୍ତା, ସଦସ୍ୟ।

ସତ୍ୟ, ନିଷ୍ଠା, ଦୟା, କ୍ଷମା ସଂସାରରେ ସାର ଜିନିଷ ଅଟେ। ଏହା ଆଚରଣ କରୁ ନ ଥିବା ବ୍ୟକ୍ତିର ଜନ୍ମ ବିଫଳ। ଏଥିରେ ସନ୍ଦେହ ନାହିଁ।
-ଶ୍ରୀ ଅଭିରାମ ପରମହଂସ

ସଂକ୍ଷେପରେ

ଜଗନ୍ନାଥ ମନ୍ଦିରରେ ପହଞ୍ଚିଲା ରଥ ଚକ

ରାଉରକେଲା ଅଫିସ,୧୦।୧୧-ଚଳିତ ବର୍ଷ ପୁରୀରୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ ଚକରୁ ଗୋଟିଏ ଚକ ଆଣା ଯାଇଛି ଫର୍ଟିଲାଇଜର ଟାଉନସିପଠାରେ ଥିବା ଜଗନ୍ନାଥ ମନ୍ଦିରକୁ। ଏହା ଶୁକ୍ରବାର ସନ୍ଧ୍ୟାରେ ୧୪୩ ନଂ ଜାତୀୟ ରାଜପଥ ଜଲଦା ନିକଟ ରଙ୍ଗିଲା ଛକରେ ପହଞ୍ଚିବା ପରେ ସେଠାରେ ରୁଣ୍ଡ ହୋଇଥିବା ଭକ୍ତ ହରିବୋଲ ହୁଳହୁଳି ଦେଇ ସ୍ୱାଗତ କରିଥିଲେ। ପରେ ଏକ ଭବ୍ୟ ଶୋଭାଯାତ୍ରାରେ ବିଭିନ୍ନ ଅନୁଷ୍ଠାନ କର୍ମକର୍ତ୍ତା ଏହାକୁ ମନ୍ଦିରକୁ ପାଛୋଟି ନେଇଥିଲେ। ଭଜନ କୀର୍ତ୍ତନ, ଶଙ୍ଖ ବାଦ୍ୟରେ ଶ୍ରଦ୍ଧାଳୁ ରଥଚକ ଶୋଭାଯାତ୍ରାକୁ ସ୍ୱାଗତ କରିଥିଲେ। ଏକ ବିରାଟ ଶୋଭାଯାତ୍ରାରେ ରଥ ଚକ ଜଗନ୍ନାଥ ମନ୍ଦିରରେ ରାତି ୯ଟାରେ ପହଞ୍ଚି ଥିଲା। ହୁଳହୁଳି, ଘଣ୍ଟ, ଶଙ୍ଖ ଓ ମୃଦଙ୍ଗରେ କମ୍ପି ଉଠିଥିଲା ମନ୍ଦିର ପରିସର। ପୂଜାପାଠ ସଂପନ୍ନ କରାଯାଇ ନନ୍ଦିଘୋଷ ରଥ ଚକକୁ ମନ୍ଦିର ବାହାର ପାର୍ଶ୍ୱ ମଣ୍ଡପରେ ରଖାଯାଇଥିଲା। କାର୍ତ୍ତିକ ଶେଷ ପର୍ଯ୍ୟନ୍ତ ଏହାକୁ ଦର୍ଶନାର୍ଥୀଙ୍କ ସୁବିଧା ନିମନ୍ତେ ବାହାରେ ରଖାଯିବ। ନିର୍ମାଣାଧୀନ ସ୍ୱତନ୍ତ୍ର କୋଠରୀ କାର୍ଯ୍ୟ ଶେଷ ହେବା ପରେ ଚକ ସ୍ଥାନାନ୍ତର କରାଯିବ ବୋଲି ପରିଚାଳନା କମିଟି ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

ନିଶାମୁକ୍ତ ଆନ୍ଦୋଳନ ଶୋଭାଯାତ୍ରାରେ ଲୋକେ ଯାଉଛନ୍ତି।

■ ଗାଈଡେଗା ଗ୍ରାମରେ ସ୍ୱୟଂସହାୟକ ଗୋଷ୍ଠୀର ମଦ ବିକ୍ରିକୁ ବିରୋଧ

ମହିଳାମାନଙ୍କ ଆନ୍ଦୋଳନ ଜୋର୍ ଧରିଲା

ବାଲିଶଙ୍କରା, ୧୦।୧୧ (ଡି.ଏନ.ଏ)

ବାଲିଶଙ୍କରା ବ୍ଲକର ତିଲଡେଗା ପଞ୍ଚାୟତ ଗାଈଡେଗା ଗ୍ରାମରେ ମଦ ବିରୋଧୀ ଆନ୍ଦୋଳନ ତେଜୁଛି। ପର୍ଶୁରାମ ପଟେଲ ଏବଂ ଧ୍ରୁବଚରଣ କାଲୋଙ୍କ ନେତୃତ୍ୱରେ ଶନିବାର ଗ୍ରାମର ୧୮ଟି ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଏକତ୍ରିତ ହୋଇଥିଲେ। ସଭା ମାଧ୍ୟମରେ ସମସ୍ତ ଗ୍ରାମର ମହିଳା ପୁରୁଷମାନଙ୍କୁ ସୂଚନା ଦେଇଥିଲେ କି ଗ୍ରାମରେ ବଡରୁ ଛୋଟ ପିଲା ମଦରେ ଲିପ୍ତ ରହୁଥିବାରୁ ବିଭିନ୍ନ ଚୋରି ହେବା ସହିତ ଗଣ୍ଡଗୋଳ ମାରପିଟ ଛିନତାଇ ଘଟୁଛି। ଗୃହ ମାନଙ୍କରେ ବିଶୃଙ୍ଖଳା ହେଉଛି। ଏହାକୁ ଆଖି ଆଗରେ ରଖି ଗ୍ରାମରେ ମଦ ବିକ୍ରିରୁ ମାଫିଆମାନଙ୍କୁ ନିବୃତ୍ତ ରହିବା ପାଇଁ ଅନୁରୋଧ କରିଥିଲେ। ଏହା ପରେ ସ୍ୱୟଂ ସହାୟକ ମହିଳା ଗ୍ରୁପର ନେତ୍ରୀ ଗୁରୁବାରୀ ଭିଡ଼ିଆ, ପ୍ରେମଶିଳା ଭିଡ଼ିଆ, ସନ୍ତୋଷିନୀ କାଲୋ, ସରସ୍ୱତୀ ସେଠ, ଗୀତା ରଣା, ପଦ୍ମିନୀ ଭିଡ଼ିଆଙ୍କ ନେତୃତ୍ୱରେ ଜାଗୃତି, ବିଶ୍ୱଦିପାଳି, ମା' ସନ୍ତୋଷିନୀ, ଧରଣୀ, ମା' ସମଲେଶ୍ୱରୀ, ତାରିଣୀ, ମା'ଦୁର୍ଗା, ମା' ମଙ୍ଗଳା, ଶିବାନୀ, ଲକ୍ଷ୍ମୀ, ବୃନ୍ଦାବତୀ, ଶିବାନୀ ଗ୍ରୁପର ସଦସ୍ୟ ଏବଂ ଗ୍ରାମର ସମସ୍ତ ମହିଳା, ପୁରୁଷ ମିଶି ବିଭିନ୍ନ ନାରାବାଜି ଦେଇ ଗ୍ରାମ ପରିକ୍ରମା କରିଥିଲେ। ଶେଷରେ ଗ୍ରାମର ଦେବ ମଣ୍ଡପରେ ଶପଥପାଠ ଗ୍ରହଣ କରିଥିଲେ। ଏହା ପରେ ସଭା କରି ନିଶା ନିବାରଣ ବାବଦରେ ବକ୍ତବ୍ୟ ଦେଇଥିଲେ । ସ୍ଥାନୀୟ ସରପଞ୍ଚ ତରଣୀ ଭୋଇ, ପର୍ଶୁରାମ ପଟେଲ, ଧ୍ରୁବଚରଣ କାଲୋ, ପଦ୍ମିନୀ ଭିଡ଼ିଆ, ରଜତ କୁମାର ରଣା ଯୋଗଦେଇ ନିଜ ବକ୍ତବ୍ୟ ରଖିଥିଲେ। ଯଦି ଆଜିଠାରୁ ଆମ୍ଭ ଗ୍ରାମରେ ମଦ ବିକ୍ରି ବନ୍ଦ ଲାଗି ସରକାର ତୁରନ୍ତ ପଦକ୍ଷେପ ନ ନିଅନ୍ତି ତା'ହେଲେ ଆସନ୍ତା ୨୦୧୯ ନିର୍ବାଚନରେ ଗ୍ରାମର ଭୋଟର ଉଚିତ ଜବାବ ଦେବେ ବୋଲି ସ୍ୱୟଂ ସହାୟିକା ମହିଳାମାନେ ମତ ରଖିଛନ୍ତି।

ମାସ୍କଟ ଓଲିକୁ ସବ୍‌ଡେଗାଠାରେ ସମ୍ବର୍ଦ୍ଧନା

ସୁନ୍ଦରଗଡ଼/ ସବ୍‌ଡେଗା, ୧୦।୧୧ (ଡି.ଏନ୍.ଏ)

ଭୁବନେଶ୍ୱରରେ ହେବାକୁ ଥିବା ହକି ବିଶ୍ୱକପ୍ ୨୦୧୮ ପୁରୁଷ ବିଭାଗର ପ୍ରଚାର ପାଇଁ ଶନିବାର ମାସ୍କଟ ଓଲି ଓ ବିଶ୍ୱକପ୍ ଟ୍ରଫି ମଡେଲକୁ ସବ୍‌ଡେଗାଠାରେ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ସବ୍‌ଡେଗା ବସଷ୍ଟାଣ୍ଡଛକରେ ବ୍ଲକ ପ୍ରଶାସନ ପକ୍ଷରୁ ଅତିରିକ୍ତ ବିଡିଓ ସଚ୍ଚିଦାନନ୍ଦ ପଟେଲ, ସହକାରୀ ଯନ୍ତ୍ରୀ ଜେ.ପିଟର ତିର୍କୀ, ଜିଲା କ୍ରୀଡା ଅଧିକାରୀ ତେଜକୁମାର ଖେସ୍ ଉପସ୍ଥିତ ରହି ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଥିଲେ। ସେଠାରୁ ବାହାରି ଥିବା ଶୋଭାଯାତ୍ରାକୁ ବ୍ଲକ ଅଧ୍ୟକ୍ଷ ମନୋଜ ବରୁଆ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ଶୋଭାଯାତ୍ରା ବସଷ୍ଟାଣ୍ଡରୁ ବାହାରି ଗାଇବିରା ହାଇସ୍କୁଲ ପଡିଆରେ ପହଞ୍ଚିଥିଲା। ସେଠାରେ ହାଇସ୍କୁଲ ପ୍ରଧାନଶିକ୍ଷକ ରେମିସ୍ ଟେଟେ ଛାତ୍ରୀ ଛାତ୍ରଙ୍କ ସହ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଏହି କାର୍ଯ୍ୟକ୍ରମକୁ ବିଭିନ୍ନ ସଙ୍ଗଠନ, ବିଭିନ୍ନ ସ୍କୁଲ କଲେଜ ଛାତ୍ରୀଛାତ୍ର, ବରିଷ୍ଠ ନାଗରିକ ଏବଂ ସବଡେଗା ବ୍ଲକ ବିଜେଡି ସଭାପତି ମନୋଜ ପଟେଲ,ବାଲିଶଙ୍କରା ବ୍ଲକର ପୂର୍ବତନ ଅଧ୍ୟକ୍ଷା କୁଞ୍ଜଲତା ଭିଡ଼ିଆ, ସୁଦାମ ଭୋଇ, ସୁଶୀଲ ପୁରୋହିତ, ମୂର୍ତ୍ତନା ଆଲମ୍ ଓ ବିଜୁ ଯୁବ ବାହିନୀର ସୁରଜ ରଣ୍ଜା, ସାନ୍ୟା ତୁଙ୍ଗତୁଙ୍ଗ ପ୍ରମୁଖ ମଧ୍ୟ ଉପସ୍ଥିତ ରହି ସ୍ୱାଗତ ଜଣାଇଁଥିଲେ।

ମାସ୍କଟ ଓଲିକୁ ସବ୍‌ଡେଗାଠାରେ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଉଛି।

ସ୍କୁଲ ଛାତ୍ରୀଛାତ୍ରଙ୍କ ଦ୍ୱାରା ତାଲୁକ ଆଇନ ସେବା ରାଲି

ବଡଗାଁ, ୧୦।୧୧ (ଡି.ଏନ.ଏ)

ସୁନ୍ଦରଗଡ ଜିଲା ବଡଗାଁରେ ଶନିବାର ରାଜଗାଙ୍ଗପୁର କୋର୍ଟର ତାଲୁକ ଆଇନ ସେବା ପ୍ରାଧିକରଣ ପକ୍ଷରୁ ସ୍କୁଲ ଛାତ୍ରୀଛାତ୍ରଙ୍କ ଦ୍ୱାରା ଆଇନସେବା ସଚେତନତା ରାଲି ହୋଇଥିଲା। ରାଜଗାଙ୍ଗପୁର କୋର୍ଟର ତାଲୁକ ଆଇନସେବା ଅଧକ୍ଷ ତଥା ସିନିୟର ସିଭିଲ ଜଜ ସିଦ୍ଧାର୍ଥ ସାହୁଙ୍କ ତତ୍ତ୍ୱାବଧାନରେ ବଡଗାଁ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଆଇନ ସଚେତନତାର ବାର୍ତ୍ତା ଲେଖାଥିବା ବ୍ୟାନର ଧରି ଗ୍ରାମ ପରିକ୍ରମା କରିଥିଲେ। ଏଥିରେ ରାଜଗାଙ୍ଗପୁର କୋର୍ଟର ନାଜିର ପ୍ରଫୁଲ୍ଲ ନାଏକ, ତାଲୁକ ଆଇନସେବା ପରିଚାଳନା ସହକାରୀ ଅଂଶୁମାନ ମିଶ୍ରଙ୍କ ସହିତ ସ୍କୁଲର ପ୍ରଧାନ ଶିକ୍ଷକ ସତ୍ୟପ୍ରିୟ ପଟେଲ, ଶିକ୍ଷକ ଜନସନ ଖାଖା, ପ୍ରଭାତ ଦ୍ୱାରୀ, ଶିକ୍ଷୟିତ୍ରୀ ସୁଲୋଚନା ବେହେରା, ଶିକ୍ଷକ ଦଶରାଜ କିଷାନ ଯୋଗଦେଇଥିଲେ।

ଡକାୟତି ଯୋଜନାବେଳେ ଧରାପଡ଼ିଲେ ୪ ଯୁବକ, ମାରଣାସ୍ତ୍ର ଜବତ

ସୁନ୍ଦରଗଡ଼, ୧୦।୧୧ (ଡି.ଏନ୍.ଏ)– ଶୁକ୍ରବାର ବିଳମ୍ବିତ ରାତିରେ ସୁନ୍ଦରଗଡ ଆଦର୍ଶନଗରରେ ଡ଼କାୟତି ଯୋଜନା କରୁଥିବାବେଳେ ୪ଜଣ ଯୁବକ ପୋଲିସ ହାତରେ ଧରାପଡିଛନ୍ତି। ପୋଲିସ ସେମାନଙ୍କ ନିକଟରୁ ଗୋଟିଏ ଭୁଜାଲି, ୪ଟି ମୁଖା, ଲଙ୍କାଗୁଣ୍ଡ ପ୍ୟାକେଟ ଆଦି ଜବତ କରିଛି। ଗିରଫ ଯୁବକମାନେ ହେଲେ ସ୍ଥାନୀୟ ରିଜେଣ୍ଟ ମାର୍କେଟ ଏମ୍.ଡି ମଜିଦ୍ ମଲ୍ଲିକ, ରିଜୁୟାନ ଖାନ୍, ପତ୍ରାପଡାର ଉଜୀର ହୁସେନ୍ ଓ ମଦନ କୁମାର ଯାଦବ ବୋଲି ପୋଲିସ ପ୍ରକାଶ କରିଛି। ପୋଲିସ ସେମାନଙ୍କୁ ରାତିରେ ଥାନାକୁ ଆଣି ପଚରାଉଚରାବେଳେ ସେମାନେ ଡକାୟତି ପାଇଁ ଯୋଜନା କରୁଥିବା ପୋଲିସ ଆଗରେ କହିଛନ୍ତି। ଶନିବାର ସକାଳେ ସେମାନଙ୍କ ବିରୋଧରେ ପୋଲିସ ମାମଲା (ନଂ.୨୪୫/୧୮) ରୁଜୁ କରି କୋର୍ଟ ଚାଲାଣ କରିଛି ।

OFFICE OF THE PANCHAYAT SAMITI, KORAPUT
DIST.-KORAPUT
Notice No. 3044/18 **Dtd. 08.11.2018**
QUOTATION CALL NOTICE
Sealed Limited Quotations are invited from reputed Indian Manufacturers/ Suppliers / Agencies, their authorized dealers/ GeM registered Firms for supply of "Various Furniture Items / Office Gadgets intended for DPRC Building, Koraput". The detail information of which are made available in Koraput Dist. Website i.e. http//www.koraput.nic.in & in DRDA Website http//www.drdakoraput.org.
The date and time of receipt of Sealed quotations are from 12.11.2018 to 19.11.2018 upto 4.00 P.M. on working days only.
Sd./- Block Development Officer, Koraput

SWAMI VIVEKANAND NATIONAL INSTITUTE OF REHABILITATION TRAINING AND RESEARCH
(Ministry of Social Justice & Empowerment
Department of Empowerment of Persons with Disabilities (Divyangjan), Govt. of India)
Olatpur, PO: Bairoi, Dist: Cuttack (Odisha),
Pin: 754010, Tel. No: 0671-2805552, 2805778,
Fax: 0671-2805862, Website: www.svnirtar.nic.in,
E-mail: nirtar@nic.in & svnirtar@gmail.com
Ref. No.-AD-5/Advertisement/18-19 **Date: 09.11.2018**
E-Procurement Tender Notice
E-Tender is invited for procurement of Physiotherapy, Occupational Therapy, Hospital equipment etc/ hiring of 52 seater bus/ AMC of Computer & Accesories/ Hospital Dressing & Textile i.e. POP/Roller bandage, Cotton, POP Power etc.
Date of availability of bid: 14.11.2018
Closing date of Bid: 04.12.2018
Details can be seen from the Central Public Procurement (CPP) Portal, (http://eprocure.gov.in/eprocure/app)
Sd./-
DIRECTOR

OFFICE OF THE PRINCIPAL
DEOGARH COLLEGE, DEOGARH
At./Po:- Purunagarh, Dist : Deogarh, Pin : 768119 (Orissa)
Ph. : 226415 (06641), Email : principaldeo@gmail.com
QUOTATION CALL NOTICE
Sealed quotations are invited from reputed manufacturers / authorized dealers for supply of equipments / Lab. equipments / Computer system etc. The parties should submit valid GST clearance certificate, SRIN/ TIN number registration certificates alongwith quotation whichever is applicable. Details can be obtained on request from the email Id of the college **principaldeo@gmail.com** or in person during office hour **(10.00 A.M. to 4.00 P.M.).** The same can also be viewed from Deogarh district website **www.deogarh.nic.in.** Last date of submission is **15.11.2018** at **1.00 P.M.** Quotations will be opened on the same date at 2.00 P.M. The authority reserves right to cancel any or all quotations without assigning any reason thereof.
Sd./- Principal, Deogarh College, Deogarh

OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, JAJPUR
TENDER CALL NOTICE
Ref. No: 8152 **Dated: 09.11.18**
"It is for information to all the parties concerned to submit their bid for supply of DEIC Equipments & AIDS for the year 2018-2019" to the office of the CDM&PHO, Jajpur on or before 26.11.2018, 12 Noon by Speed Post, Registered Post only. For terms and conditions regarding Tender Call, please log on to the website: www.jajpur.nic.in.
The interested parties with valid documents may participate in tender process himself or with their representatives with applicable terms and conditions".
Sd./-
Chief District Medical & Public Health Officer, Jajpur

ପଞ୍ଚାୟତ ସମିତି କାର୍ଯ୍ୟାଳୟ, କୋକସରା
ବିଜ୍ଞପ୍ତି ସଂଖ୍ୟା: ୨୬୧୦ **ତା ୦୮।୧୧।୧୮**
ଏତଦ୍ୱାରା କୋକସରା ପଞ୍ଚାୟତ ସମିତି ଅନ୍ତର୍ଗତ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଅନ୍ତର୍ଗତ ୨୦୧୭-୧୮ ଆର୍ଥିକ ବର୍ଷ ଅକ୍ଟୋବର ୨୦୧୭ରୁ ମାର୍ଚ୍ଚ ୨୦୧୮ ମଧ୍ୟରେ ସମ୍ପାଦିତ ହୋଇଥିବା ପ୍ରକଳ୍ପଗୁଡ଼ିକର ସାମାଜିକ ସମୀକ୍ଷା ବିବରଣୀ ଉପରେ ଆସନ୍ତା ତା୧୪।୧୧।୨୦୧୮ ରିଖ ଦିନ ବ୍ଲକ ଅଫିସ ପରିସର ମଧ୍ୟରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାର ବ୍ଲକସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହେବ। ଏଣୁ ଉକ୍ତ ସଭାରେ ସମ୍ପୃକ୍ତ ଗ୍ରାମ ଶାସନ ଅନ୍ତର୍ଗତ ସମସ୍ତ ସରପଞ୍ଚ, ସମସ୍ତ ସଭ୍ୟ/ସଭ୍ୟା, ସ୍ୱୟଂ ସହାୟକ ଗୋଷ୍ଠୀ, ପଞ୍ଚାୟତ କର୍ମଚାରୀ, ଗ୍ରାମ ମେଟ୍, ଜବ୍‌କାର୍ଡଧାରୀ ଶ୍ରମିକ, ତଦାରଖ କମିଟିର ସଭ୍ୟମାନେ ଏବଂ ବିଭିନ୍ନ Line Deptt. ର କର୍ମଚାରୀ ସକାଳ ୧୦.୦୦ ଘ. ମଧ୍ୟରେ ଉପସ୍ଥିତ ରହିବେ।
MGNREGA ବ୍ଲକସ୍ତରୀୟ ଜନଶୁଣାଣି ଶିବିର ୨୦୧୭-୧୮ କାର୍ଯ୍ୟସୂଚୀ

କ୍ରମିକ ସଂଖ୍ୟା	ବ୍ଲକ ଅଫିସ୍‌ର ନାମ	ସଭା ତାରିଖ	ସମୟ	ସ୍ଥାନ
୧	କୋକସରା	୧୪।୧୧।୨୦୧୮	ପୂ. ୧୦.୦୦	ବ୍ଲକ କାର୍ଯ୍ୟାଳୟ ପରିସର

ସ୍ୱା./- ଗୋଷ୍ଠୀ ଉନ୍ନୟନ ଅଧିକାରୀ
ତଥା କାର୍ଯ୍ୟକ୍ରମ ଅଧିକାରୀ, କୋକସରା

STONEMART - 2019
Applications are hereby invited from Entrepreneurs / Artisans dealing with Stone Carving Craft of the State for participation in up coming **STONEMART - 2019**, to be held from **31.01.2019** to **03.02.2019** at **Jaipur (Rajasthan).** Interested Entrepreneurs / Artisans may apply to **SIDAC** on or before **27.11.2018** giving details as follows : Name, detail address with contact numbers, type of business, product to be displayed, type of stone used, annual turnover and past experience in execution of export order (if any) etc. Only selected Entrepreneurs/Artisans will be allowed to participate in the event.
Member Secretary
State Institute for Development of Arts & Crafts
Handlooms, Textiles & Handicrafts Department, Government of Odisha
Handicrafts Complex, Gandamunda, P.O.: Khandagiri, Bhubaneswar-30
Tel./Fax No.: +91 (0) 674-2350318, 2350310
E-mail: sidacorissa@gmail.com, Website: www.sidacodisha.org.in

ODISHA LIFT IRRIGATION CORPORATION LIMITED
(A GOVT. OF ODISHA UNDERTAKING)
OFFICE OF THE EXECUTIVE ENGINEER, L. I. DIVISION, NUAPADA
"E"Mail address - eeolicnpd@gmail.com
SHORT TENDER CALL NOTICE NO .05 DATE. 08.11.2018
The Executive Engineer, L.I Division, Nuapada, on behalf of Odisha Lift Irrigation Corporation Ltd, Bhubaneswar invites PERCENTAGE RATES bids for Extention of distribution system of LIPs as per detailed in the table from eligible contractors registered with the State Govt and contractors of equivalent grade / Class registered with Central Govt. / MES / Railways for execution of works detailed in table to be eventually drawn up in PWD form F-2 on PERCENTAGERATE Contract on production of definite prove from the appropriate authority. The Bidders must submit bids of works in separate envelope for each work.

Sl. No.	Name of the Block	Package No.	Name of work	Approximate value of work	EMD(1%) to be deposited in Rs.	Cost of Tender paper in Rs. (Non-Refundable)	Class of contractors	Period of completion
1	Boden & Khariar	1	Extention of distribution system of Anlabhata–I, Sukulighata-III, Dharanimal, Chandel – IV R/L Projects	403613	4036	2000	D & Above	60 Days
2	Khariar	2	Extention of distribution system of Tukla – VI, Tukla – VII, Bahalpadar – III, Chandgiri - IV R/L Projects	417082	4171	2000	D & Above	60 Days
3	Sinapali	3	Extention of distribution system of Sinapali – III, Jogenpadar – III, Kapsi – V, Kapsi – VI, Kapsi - VII R/L Projects	374710	3747	2000	D & Above	60 Days
		4	Extention of distribution system of Hirapur, Gorla – I, Nilji – IV R/L Projects	346091	3461	2000	D & Above	60 Days
		5	Extention of distribution system of Adkighat – I, Jhakarguda – I, Jhakarguda – II, Gandabahali – IV, Ranimunda, Jamugaon – IV R/L Projects	479706	4797	2000	D & Above	60 Days
4	Nuapada	6	Extention of distribution system of Jangula – I, Jangula – II, Negipali – IV, Jhitiki – V, Jhitiki – VI R/L Projects	476644	4766	2000	D & Above	60 Days
		7	Extention of distribution system of Dianmunda – II, Dianmunda – III, Kurumunda – III R/L Projects	182149	1822	600	D & Above	60 Days
		8	Extention of distribution system of Beheradihi – IV, Bhera – I, Bhera – II, Bhaleswar – VI, Budhipali – I, Jenjera – V R/L Projects	456147	4561	2000	D & Above	60 Days

The tender paper for all the works along with terms and conditions, scope of works, technical specifications etc. can be obtained from the office of the Executive Engineer, L. I. Division, Nuapada on payment of the cost of the tender papers (Non-refundable) as per the detailed tender call notice in shape of Bank Draft drawn in favour of the Executive Engineer, Lift Irrigation Division, Nuapada to be drawn at Nuapada on any Nationalized Bank on any working day (**10.30 AM to 3.00 PM**) from **13.11.2018** to**19.11.2018**. The tender paper will be sold on receipt of written request (mentioning the name of the work) to the Executive Engineer, L.I. Division, Nuapada along with the Xerox copies of the valid license of required class GST Certificate and PAN Card. No Tender paper will be sold on the date of receipt of tender i.e. on **dt.20.11.2018**.
All Tender papers will be received by L.I. Division, Nuapada from **10.30 AM** to **3.00 P.M** on **dt.20.11.2018** and will be opened on **27.11.2018** at **3.30 PM** in the Office of the Executive Engineer, Nuapada Lift Irrigation Division, Nuapada in presence of the Tenderers or their authorized representatives if any. Tender through Post / Courier will be accepted which should reach the Division Office by date **20.11.2018** up to **3.00 PM**. The Authority will not be held responsible for any Postal / Courier delay for receipt of Tender beyond the above stipulated date and time.
The E.M.D @ 1 % of the estimated cost has to be deposited along with the Tender paper (work wise) in shape of NSC / STDR duly pledged in favour of the Executive Engineer, Lift Irrigation Division, Nuapada on any Nationalized Bank, in absence of which the Tender will summarily be rejected. The contractor who have taken works in the Division & failed to complete the same in time need not apply for new works.
The undersigned reserves the right to increase or decrease the quantity of work accept or reject any or all the tenders without assigning any reasons thereof.
Sd./- (Binod Kumar Das)
EXECUTIVE ENGINEER, L.I.DIVISION, NUAPADA

NANDANKANAN
NANDANKANAN ZOOLOGICAL PARK
SHORT QUOTATION NOTICE NO. 12 of 2018-19
Date: 10.11.2018
Sealed quotations are invited from interested reputed travel agencies/ tour operators/ vehicle owners for providing Innova Crysta passenger vehicle & eicher pro 1100 transportation vehicle or any equivalent or better Vehicles, which shall confirm to the terms and Conditions (Annexure I & II). Interested travel agencies/ tour operators/ Animals transporters may submit offers in prescribed format as in Annexure-II. The quotations along with all the mandatory enclosures should reach the undersigned on or before 3 PM of 17th November, 2018. The EOI will be opened at 4.00 PM on 17th November, 2018.
The detailed quotation call notice and the format for use in offer along with the terms and conditions of engagement of vehicle will be made available at website of Nandankanan (www.nandankanan.org) w.e.f 11.00 A.M. on 11.11.2018 onwards for information of all concerned. Interested agencies should submit their offers in person/Speed Post/ Registered Post in sealed covers superscribed 'EXPRESSION OF INTEREST FOR PROVIDING OF VEHICLE TO NANDANKANAN ZOOLOGICAL PARK' and addressed to Deputy Director, Nandankanan Zoological Park.
Sd./- Deputy Director
Nandankanan Zoological Park

GOVERNMENT OF ODISHA **No.723-A**
e-Procurement Notice
OFFICE OF THE SUPERINTENDING ENGINEER
SOUTHERN MINOR IRRIGATION CIRCLE, BERHAMPUR
Bid Identification No.: SESMIC-03/2018-19

1.	No. of Work	:	2 Nos of M.I. Division Ganjam No.I, Berhampur.
2.	Estimated Cost	:	From 142.00 Lakh to 298 Lakh.
3.	E.M.D. required	:	As per Column -4 of summary of DTCN
4.	Class of Contractor	:	As per Column -7 of summary of DTCN
5.	Period of Completion	:	11 (Eleven Calendar Months).
6.	Availability of tender online for bidding.	:	From 14.11.2018 to 05.12.2018 up to 5.00 pm
7.	Date & time of opening of Technical bid.	:	On 06.12.2018 at 12.30 pm
8.	Name and Address of the OIT	:	Superintending Engineer, Southern Minor Irrigation Circle, Berhampur, In front of De-Paul School, Engineering School Road, Berhampur-760010, Ganjam. Email: smicbam@yahoo.co.in. Details can also be seen from the Government website http://www.tendersodisha.gov.in.

32045/11/0006/1819